



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-292 ♦BHUBANESWAR ♦THURSDAY ♦18 APRIL 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୯୨ ♦ଭୁବନେଶ୍ୱର ♦ଗୁରୁବାର ♦୧୮ ଏପ୍ରିଲ୍ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦


# ୭୫ ବର୍ଷରେ ରେକର୍ଡ ବର୍ଷା; ୟୁଏଇ ଉବୁଟୁବୁ



**୫୦୦ ବିମାନ ଗତିପଥ ପରିବର୍ତ୍ତନ**

**୨୮ ଭାରତୀୟ ବିମାନ ଉଡ଼ାଣ ବାତିଲ**

■ ଦୁବାଇ, ୧୭।୪ (ଏଜେନ୍ସି): ମିଳିତ ଆରବ ଆମିରାତ୍‌ରେ ଗତ ଦୁଇ ଦିନ ଧରି ଲାଗି ରହିଥିବା ବର୍ଷା ଏଠକାର ସବୁ ରେକର୍ଡ ଭାଙ୍ଗିଛି। ଲଗାଣ ବର୍ଷାକୁ ନେଇ ୟୁଏଇରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏହା ଦେଶର ପାଣିପାଗ ଇତିହାସରେ ବିରଳ ଘଟଣା ବୋଲି କୁହାଯାଇଛି। ଲଗାଣ ବର୍ଷା ଯୋଗୁଁ ବହୁ ସହର ଜଳମଗ୍ନ ହେବା ସହିତ ରାସ୍ତାଘାଟ ଏବଂ ବିମାନ ବନ୍ଦରରେ ପାଣି ଭର୍ତ୍ତି ହୋଇଛି। ଏହାକୁ ଦୃଷ୍ଟିରେ ରଖି ୟୁଏଇ ସରକାର ସବୁ ଶିକ୍ଷାନୁଷ୍ଠାନ ଏବଂ କେତେକ ସରକାରୀ କାର୍ଯ୍ୟାଳୟ ବନ୍ଦ ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ଦୁବାଇ ସମେତ ଅନ୍ୟ କେତେକ ବିମାନ ବନ୍ଦର ଜଳମଗ୍ନ ହୋଇପଡ଼ିଥିବାରୁ ଏଠାକୁ ଯାତ୍ରା କରିବାକୁ ଥିବା ୫୦୦ରୁ ଅଧିକ ବିମାନର ଗତିପଥ ପରିବର୍ତ୍ତନ କିମ୍ବା ବାତିଲ୍ କରାଯାଇଛି। ବାତିଲ ହୋଇଥିବା ବିମାନ ମଧ୍ୟରେ ଭାରତର ବିଭିନ୍ନ ସହରରୁ ୟୁଏଇ ଯିବାକୁ ଥିବା ୧୫ଟି ବିମାନ ରହିଛି। ସେହିପରି ୟୁଏଇରୁ ଭାରତକୁ ଆସିବାକୁ ଥିବା ୧୩ଟି ବିମାନ ବାତିଲ କରାଯାଇଛି ବୋଲି ଭାରତୀୟ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ କହିଛନ୍ତି। ଦୁବାଇର ପ୍ରମୁଖ ବିମାନ କମ୍ପାନୀ ଏମିରେଟ୍ସ ଏୟାରଲାଇନ୍ସ କହିଛି ଯେ, ଖରାପ ପାଗକୁ ଦୃଷ୍ଟିରେ ରଖି ଯାତ୍ରୀମାନଙ୍କ ପାଇଁ ସମସ୍ତ ଚେକ୍ ଇନ୍ ବନ୍ଦ କରାଯାଇଛି।

## ବିଜେଡିର ପଞ୍ଚମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା: ୯ରୁ ୬ ମହିଳା

# କଣ୍ଟାବାଞ୍ଜିରୁ ଲଢ଼ିବେ ନବୀନ



**ଦେବଗଡ଼ରୁ ଅରୁନ୍ଧତୀ, ଜୟପୁରରୁ ଇନ୍ଦିରା, ପଦ୍ମପୁରରୁ ବର୍ଷା**

**ବଦଳିଲା ରୋହିତ ପୂଜାରୀ ଓ ପ୍ରସନ୍ନ ଆଚାର୍ଯ୍ୟଙ୍କ ଆସନ**

■ ଭୁବନେଶ୍ୱର, ୧୭।୪ (ସମିସ): ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ବିଧାନସଭା ପାଇଁ ପଞ୍ଚମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ଘୋଷିତ ୯ ପ୍ରାର୍ଥୀଙ୍କ ମଧ୍ୟରେ ୬ ଜଣ ମହିଳା ଥିବାବେଳେ ନିଜେ ନବୀନ ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜି ଆସନରୁ ପ୍ରାର୍ଥୀ ହୋଇଛନ୍ତି। ହିଞ୍ଜିଳି ସହିତ ଦ୍ୱିତୀୟ ଆସନ ଭାବେ ନବୀନ ପଟ୍ଟନାୟକ କଣ୍ଟାବାଞ୍ଜିରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଘୋଷିତ ୯ ଆସନ ମଧ୍ୟରୁ ୩ ଜଣ ବିଧାୟକଙ୍କ ଟିକଟ କାଟିଛି ଦଳ। ନିମାପଡା ବିଧାୟକ ସମୀର ରଞ୍ଜନ ଦାସ, କୁଚିଣ୍ଡାର କିଶୋର ନାୟକ ଓ ଚିତ୍ରୋକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କ ସ୍ଥାନରେ ଅନ୍ୟ ଆଶାୟୀଙ୍କୁ ସୁଯୋଗ ଦେଇଛି। ଅନୁଗୋଳ ବିଧାୟକ ତଥା ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂଙ୍କ ସ୍ଥାନରେ ତାଙ୍କ ପତ୍ନୀ ସଂଯୁକ୍ତା ସିଂହ ବିଜେଡିର ପ୍ରାର୍ଥୀ ହୋଇଛନ୍ତି। ଅନୁରୂପ ଭାବରେ ଜୟପୁରରୁ ପୂର୍ବତନ ମନ୍ତ୍ରୀ ରବି ନନ୍ଦଙ୍କ ପତ୍ନୀ ଇନ୍ଦିରା ନନ୍ଦ, ଚିତ୍ରକୋଣ୍ଡାରୁ ଲକ୍ଷ୍ମୀପ୍ରିୟା ନାୟକ, ସାନଖେମୁଣ୍ଡିରୁ ପୂର୍ବତନ ବିଧାୟିକା ରାଣୀ ନନ୍ଦିନୀ ଦେବୀଙ୍କ ଝିଅ ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ପଦ୍ମପୁରରୁ ବର୍ଷା ସିଂ ବରିହା, କୁଚିଣ୍ଡାରୁ ରାଜେନ୍ଦ୍ର ଛତ୍ରିଆଙ୍କୁ ଦଳ ପ୍ରାର୍ଥୀ କରିଛି।

ଅନ୍ୟପକ୍ଷରେ ଗତକାଲି ବିଜେଡିରେ ଯୋଗ ଦେଇଥିବା ସମ୍ବଲପୁର ବିଜେପି ସାଂସଦ ନୀତେଶ ଗଙ୍ଗଦେବଙ୍କ ପତ୍ନୀ ତଥା ରାଣୀ ଅରୁନ୍ଧତୀ କୁମାରୀ ଦେବୀଙ୍କୁ ଦେବଗଡ଼ ଆସନ ନିମନ୍ତେ ପ୍ରାର୍ଥୀ କରାଯାଇଛି। ନିମାପଡ଼ାରେ ଦିଲ୍ଲୀପ କୁମାର ନାୟକଙ୍କୁ ଦଳ ପ୍ରାର୍ଥୀ ଘୋଷଣା କରିଛି। ଆଜିର ୯ ଆସନକୁ ମିଶାଇ ଦଳ ଏଯାବତ୍ ୧୨୬ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଅପରପକ୍ଷେ ବିଜେଡି ଦୁଇଟି ବିଧାନସଭା ଆସନରେ ପ୍ରାର୍ଥୀ ଅଦଳବଦଳ କରିଛି। ପୂର୍ବରୁ ସମ୍ବଲପୁର ଆସନରୁ ଟିକଟ ପାଇଥିବା ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ରେଢ଼ାଖୋଲ ଓ ରେଢ଼ାଖୋଲର ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀଙ୍କୁ ସମ୍ବଲପୁରରୁ ପ୍ରାର୍ଥୀ କରାଯାଇଛି ।

## ୨୮ ମହିଳାଙ୍କୁ ବିଧାନସଭା ଟିକଟ

**ଲୋକସଭାରେ ୩୩% ମହିଳା ପ୍ରାର୍ଥୀ**

■ ଭୁବନେଶ୍ୱର,୧୭।୪(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ପଞ୍ଚମ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ପଞ୍ଚମ ପର୍ଯ୍ୟାୟରେ ୯ ଆସନ ନିମନ୍ତେ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବା ବେଳେ ଏଥିରେ ସ୍ଥାନ ପାଇଛନ୍ତି ୬ ଜଣ ମହିଳା। ମହିଳା ସଶକ୍ତିକରଣ କେବଳ କଥାରେ ନୁହେଁ; ଏହାକୁ ମୁଖ୍ୟମନ୍ତ୍ରୀ ଆଉଥରେ ପ୍ରମାଣିତ କରିଛନ୍ତି। ବିଜେଡି ପକ୍ଷରୁ ଏଯାବତ୍ ଘୋଷିତ ୧୨୬ ଜଣିଆ ପ୍ରାର୍ଥୀ ବିଧାନସଭା ପ୍ରାର୍ଥୀ ତାଲିକାରେ ୨୮ ଜଣ ମହିଳାଙ୍କୁ ଟିକଟ ଦିଆଯାଇଛି। ମହିଳା ଆଗକୁ ବଢ଼ିବେ, ଆତ୍ମନିର୍ଭର ହେବେ, ରାଜ୍ୟ ବିକାଶର ସାରଥୀ ହେବେ। ଉପରୋକ୍ତ ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ନିଜର ପ୍ରତିଟି କାର୍ଯ୍ୟକ୍ରମ, ଯୋଜନା ଜାରି ରଖିଛନ୍ତି। ଗତ ୨୦୧୯ ଲୋକସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ୩୩ ପ୍ରତିଶତ ମହିଳାଙ୍କୁ ଟିକଟ ଦେଇ ଉଦାହରଣ ସୃଷ୍ଟି କରିଥିଲେ। ଚଳିତଥର ▶ପୃଷ୍ଠା-୧୧

**ଲୋକସଭା ନିର୍ବାଚନ**

## ପ୍ରଥମ ପର୍ଯ୍ୟାୟର ୧୦୨ ଆସନରେ ପ୍ରଚାର ଶେଷ

# ଆସନ୍ତାକାଲି ମତଦାନ

■ ନୂଆଦିଲ୍ଲୀ, ୧୭।୪(ଏଜେନ୍ସି): ଲୋକସଭା ନିର୍ବାଚନ-୨୦୨୪ର ପ୍ରଥମ ପର୍ଯ୍ୟାୟରେ ୨୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୦୨ ନିର୍ବାଚନମଣ୍ଡଳୀରେ ଆସନ୍ତା ୧୯ରେ ମତଦାନ ହେବାକୁ ଯାଉଛି। ଆଜି ଥିଲା ସେହି ୧୦୨ ଆସନରେ ପ୍ରଚାରର ଶେଷ ଦିବସ। ପ୍ରଥମ ପର୍ଯ୍ୟାୟରେ ସିକ୍କିମ ଓ ଅରୁଣାଚଳ ପ୍ରଦେଶର ବିଧାନସଭା ପାଇଁ ମଧ୍ୟ ମତଦାନ ହେବ। ଏହି ପର୍ଯ୍ୟାୟରେ ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମତଦାନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେଉଥିବା ବେଳେ ୧୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ତାହା ଆଂଶିକ ସରିବ। ଉତ୍ତରପ୍ରଦେଶର ୮ଟି, ଆସାମ, ଉତ୍ତରାଖଣ୍ଡର ୫ଟି ଲେଖାଏଁ, ବିହାରର ୪ଟି, ଆଣ୍ଡାମାନ ନିକୋବର, ଛତିଶଗଡ଼, ଜମ୍ମୁ-କାଶ୍ମୀର, ଲାକ୍ଷାଦ୍ୱୀପ, ମିଜୋରାମ, ନାଗାଲାଣ୍ଡ, ପୁଡୁଚେରୀ ଏବଂ ତ୍ରିପୁରାର ଗୋଟିଏ ଲେଖାଏଁ, ମଧ୍ୟପ୍ରଦେଶର ୬, ▶ପୃଷ୍ଠା-୧୧

## ଓଡ଼ିଶାରେ ଆଜିଠୁ ନାମାଙ୍କନ

**୪ ଲୋକସଭା, ୨୮ ବିଧାନସଭା ଆସନ ପାଇଁ ମେ ୧୩ରେ ପ୍ରଥମ ପର୍ଯ୍ୟାୟ ମତଦାନ**

■ ଭୁବନେଶ୍ୱର, ୧୭।୪ (ସମିସ): ସାଧାରଣ ନିର୍ବାଚନ ୨୦୨୪ର ତୃତୀୟ ଚରଣ ଅର୍ଥାତ୍ ଆସନ୍ତା ମେ ୧୩ ତାରିଖରେ ଓଡ଼ିଶାରେ ଆରମ୍ଭ ହେବ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ। ଏହି ପର୍ଯ୍ୟାୟରେ ମୋଟ ୪ଟି ଲୋକସଭା ଏବଂ ୨୮ଟି ବିଧାନସଭା ଆସନରେ ଭୋଟର ନିଜ ପ୍ରତିନିଧି ବାଛିବାକୁ ଯାଉଛନ୍ତି। ଏଥିପାଇଁ ଆସନ୍ତାକାଲିଠାରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ନିର୍ବାଚନ କମିସନ ଧାର୍ଯ୍ୟ କରିଥିବା ସମୟସୀମା ଅନୁଯାୟୀ, ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଆସନ୍ତାକାଲି ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇବ। ଏହାସହ ଆସନ୍ତାକାଲିଠାରୁ ବିଧିବଦ୍ଧ ଭାବେ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେବ। ସେହିପରି ଆସନ୍ତା ୨୫ ତାରିଖ ▶ପୃଷ୍ଠା-୧୧

# ଆଜିଠୁ ୫ଦିନ 'ଖରା କର୍ଫ୍ୟୁ'



**ସବୁଠୁ ତତଲା ତାଳଚେର @ ୪୩.୨**

**୩୦ ସହରରେ ୪୦ ଡିଗ୍ରୀ ଛୁଇଁଲା ତାତି**

**୪୧° ଉପରେ ଦ୍ୱୈତନଗରୀ ତାପମାତ୍ରା**

■ ଭୁବନେଶ୍ୱର, ୧୭।୪ (ସମିସ): ରାଜ୍ୟରେ ଅସମ୍ଭାଳ ତାତି ଜାରି ରହିଛି। ଅଗ୍ନିବର୍ଷୀ ଖରାରେ ସମଗ୍ର ରାଜ୍ୟବାସୀ ହନ୍ତସନ୍ତ ହେଉଛନ୍ତି। ସକାଳ ୮ଟାରୁ ଆରମ୍ଭ ହୋଇଯାଉଛି ଖରାର କର୍ଫ୍ୟୁ। ଦିନ ୧୧ରୁ ତାପମାତ୍ରା ୪୦ ଡିଗ୍ରୀ ଡେଉଁଛି। ବୁଧବାର ରାଜ୍ୟର ୩୦ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ପହଞ୍ଚିଛି। ୪୩.୨ଡିଗ୍ରୀ ସହ ତାଳଚେର ରାଜ୍ୟର ଉତ୍ତପ୍ତ ସହର ପାଲଟିଥିବା ବେଳେ ଏକାଧିକ ସହରରେ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିଛି। ନୂଆପଡ଼ାରେ ତାପମାତ୍ରା ୪୩ ଡିଗ୍ରୀ, ପାରଳାଖେମୁଣ୍ଡି ୪୨.୮, ବୌଦ୍ଧ ୪୨.୮, ଅନୁଗୁଳ ୪୨.୭, ନୟାଗଡ଼ ୪୨.୭, ବାରିପଦା: ୪୨.୬, ଟିଟିଲାଗଡ଼: ୪୨.୫, ଭବାନୀପାଟଣା ୪୨ ଓ ମାଲକାନଗିରିରେ ତାପମାତ୍ରା ୪୨ ଡିଗ୍ରୀ ରହିଛି। ଚଳିତବର୍ଷ ପ୍ରଥମଥର ପାଇଁ ଦ୍ୱୈତନଗରୀ କଟକ-ଭୁବନେଶ୍ୱର ୪୧ ଡିଗ୍ରୀ ▶ପୃଷ୍ଠା-୧୧

## ୩ ଦିନ ସ୍କୁଲ୍ ଛୁଟି ଘୋଷଣା

■ ଭୁବନେଶ୍ୱର, ୧୭।୪ (ସମିସ): ରାଜ୍ୟରେ ବଢ଼ୁଥିବା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ବିଦ୍ୟାଳୟକୁ ୩ ଦିନ ବନ୍ଦ ଘୋଷଣା କରାଯାଇଛି। ଆସନ୍ତାକାଲି ଅର୍ଥାତ ଗୁରୁବାର ଠାରୁ ଶନିବାର ପର୍ଯ୍ୟନ୍ତ ବିଦ୍ୟାଳୟ ବନ୍ଦ ରହିବ। ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ରାଜ୍ୟରେ ସକାଳୁଆ ପାଠପଢ଼ା କରାଯାଇଛି। ସକାଳ ୭ଟାରୁ ୧୧.୩୦ ପର୍ଯ୍ୟନ୍ତ ପାଠପଢ଼ା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାରେ ଖରାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନେ ମଧ୍ୟ ଏହି ସମୟରେ ପରିବର୍ତ୍ତନ କରିପାରିବେ ବୋଲି କୁହାଯାଇଛି। ତେବେ ଏହି ସମୟରେ ଶିକ୍ଷକମାନେ ନାମଲେଖା, ଟିସି ପ୍ରଦାନ, ଅଫିସ କାର୍ଯ୍ୟ କରିବେ ବୋଲି ସୂଚନା ମିଳିଛି ।

# 'ନବୀନ ଓଡ଼ିଶା'ର ମନ୍ତ୍ର 'ପ୍ରତିଟି ଜୀବନ ମୂଲ୍ୟବାନ'

**କୋଭିଡ୍ ପରିଚାଳନା ସଫଳତାକୁ ସ୍ମରଣ କଲେ '୫-ଟି' ଅଧ୍ୟକ୍ଷ**



**ଦେଶର ୨୨ ରାଜ୍ୟକୁ ଅମ୍ଳଜାନ ଯୋଗାଇ ଥିଲା ଓଡ଼ିଶା**

**ଓଡ଼ିଶାର ମୃତ୍ୟୁହାର ସମଗ୍ର ଦେଶରେ ଥିଲା ସର୍ବନିମ୍ନ**

**ନବୀନଙ୍କ '୫-ଟି' ଉପରେ ରାଜ୍ୟବାସୀଙ୍କ ପ୍ରଗାଢ଼ ବିଶ୍ୱାସ**

■ ଭୁବନେଶ୍ୱର, ୧୭।୪ (ସମିସ): ପ୍ରତିଟି ଜୀବନ ମୂଲ୍ୟବାନ। ଏହି ନୀତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ରାଜ୍ୟ ପ୍ରଶାସନକୁ ପରିଚାଳିତ କରି ଆସିଛନ୍ତି। ଏହାର ସୁଫଳ ଏବେ ତୃଣମୂଳସ୍ତରରେ ବେଶ୍ ପରିଲକ୍ଷିତ ହେଉଛି। ରାଜ୍ୟରେ ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟସେବାର ଅଭୂତପୂର୍ବ ରୂପାନ୍ତରଣ ଆସିଥିବା ବେଳେ ଓଡ଼ିଶା କୋଭିଡ ପରି ମହାମାରୀର ସଫଳ ମୁକାବିଲା କରିପାରିଛି। ଆଜି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏ ସଂକ୍ରାନ୍ତରେ ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମରେ ଏକ ଭିଡିଓ ପୋଷ୍ଟ କରିବା ସହ ରାଜ୍ୟ ସରକାରଙ୍କ ସଫଳ କୋଭିଡ ପରିଚାଳନା ଓ ସାରା ଦେଶକୁ ଅମ୍ଳଜାନ ଯୋଗାଇବାର କାହାଣୀର ଅବତାରଣା କରିଛନ୍ତି । ଶ୍ରୀ ପାଣ୍ଡିଆନଙ୍କ ଏହି ପୋଷ୍ଟକୁ ରାଜ୍ୟର କୋଲ ଅନୁକେଣର ବହୁ ଜନସାଧାରଣ ପସନ୍ଦ ମଧ୍ୟ କରିଛନ୍ତି।

'୫-ଟି' ଅଧ୍ୟକ୍ଷ କହିଛନ୍ତି ଯେ ଆମେ ସବୁବେଳେ ପରିବର୍ତ୍ତନ କଥା କହୁଥିଲୁ। ବିଶେଷକରି ସ୍ୱାସ୍ଥ୍ୟକ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ଆମେ କାମ କରିଥିଲୁ। କୋଭିଡ ମହାମାରୀ ସମୟରେ ଆମେ ୨୨ ରାଜ୍ୟକୁ ଅମ୍ଳଜାନ ପଠାଇ ପାରିଥିଲୁ। ଏହାସହ ଓଡ଼ିଶା ପରି ରାଜ୍ୟ କୋଭିଡ ମହାମାରୀରେ ଓଡ଼ିଶାର ମୃତ୍ୟୁହାର ଦେଶରେ ସବୁଠାରୁ କମ ଥିଲା। ଏହାହିଁ ▶ପୃଷ୍ଠା-୧୧




୫୦୦ ବର୍ଷର ଇତିହାସରେ ପ୍ରଥମ

# ରାମଲାଲାଙ୍କ ମନ୍ଦିରରେ ରାମ ନବମୀ

ଅଯୋଧ୍ୟା,୧୭।୪(ଏଜେନ୍ସି)



## ସୂର୍ଯ୍ୟାଭିଷେକ ପରେ ଝଲସିଲା ସୂର୍ଯ୍ୟ ତିଳକ

ପ୍ରାୟ ତିନି ମାସର ବ୍ୟବଧାନ ପରେ ରାମ ନଗରୀ ଅଯୋଧ୍ୟା ଆଉ ଏକ ଇତିହାସ ରଚିଛି । ଗତ ଜାନୁଆରୀ ୨୨ ତାରିଖରେ ଏଠାରେ ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ କେବଳ ଭାରତ ନୁହେଁ ,ବରଂ ସାରା ବିଶ୍ୱରେ ରାମ ଶ୍ରଦ୍ଧାଳୁଙ୍କ ମଧ୍ୟ ନୂତନ ଉନ୍ମାଦନା ଆଣିଥିଲା । ଏହାର ପ୍ରାୟ ତିନି ମାସ ପରେ ବୁଧବାର ପ୍ରଥମଥର ପାଇଁ ରାମଲଲାଙ୍କ ମନ୍ଦିରରେ ଉତ୍ସାହ, ଉଦ୍ଦୀପନା ସହ ରାମ ନବମୀ ଉତ୍ସବ ପାଳନ ମଧ୍ୟ ଐତିହାସିକ ପାଲଟିଛି । କାରଣ ରାମଲାଲାଙ୍କ ଉପସ୍ଥିତିରେ ରାମ ନବମୀ ପାଳନ ଭାରତର ୫୦୦ ବର୍ଷର ଇତିହାସରେ ପ୍ରଥମ ଘଟଣା ହୋଇଛି । କେବଳ ସେତିକି ନୁହେଁ, ରାମ ନବମୀ ଅବସରରେ ରାମଲାଲାଙ୍କ ସୂର୍ଯ୍ୟାଭିଷେକ ପରେ ମଥାରେ ସୂର୍ଯ୍ୟ ତିଳକ ଝଲସିବା ମଧ୍ୟ ରାମଭକ୍ତମାନଙ୍କ ମଧ୍ୟରେ ଅଫୁରନ୍ତ ଶିହରଣ ଭରିଦେଇଛି । ଭାରତର ଆସ୍ଥା ଏବଂ ବିଶ୍ୱାସର ପ୍ରତୀକ ପ୍ରଭୁ ରାମଙ୍କ ଜନ୍ମ ଉତ୍ସବ ପ୍ରତି ବର୍ଷ ସାରା ଦେଶରେ ଉତ୍ସାହ ଉଦ୍ଦୀପନା ସହିତ ପାଳିତ ହୋଇଥାଏ । ଚଳିତ ବର୍ଷ ମଧ୍ୟ ଦେଶର ବିଭିନ୍ନ ଭାଗରେ ନାନାଦି କାର୍ଯ୍ୟକ୍ରମ ସହ ଏହି ଉତ୍ସବ ପାଳିତ ହୋଇଛି । କିନ୍ତୁ ଅଯୋଧ୍ୟାରେ ରାମଲଲାଙ୍କ ମନ୍ଦିରରେ ଏହି ଉତ୍ସବ ପାଳନ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଏକ ନୂଆ ଅନୁଭୂତି ଆଣିଛି । ବିଶେଷକରି ସୂର୍ଯ୍ୟାଭିଷେକ ପରେ ଗର୍ଭଗୃହରେ ରାମଲଲାଙ୍କ ଦିବ୍ୟ ଦର୍ଶନର ଅନୁଭୂତି ଶ୍ରଦ୍ଧାଳୁମାନଙ୍କୁ ବିମୋହିତ କରିଦେଇଥିବା ଭକ୍ତମଣ୍ଡଳୀ ବର୍ଣ୍ଣନା କରିଛନ୍ତି । ଏହି ସମୟରେ ମନ୍ଦିର ଭିତରେ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳିଥିବା ଅନେକ କହିଛନ୍ତି । ।ବିଶ୍ୱାସ ଏବଂ ବିଜ୍ଞାନର ସମ୍ମେଳନରେ ରାମଲଲାଙ୍କ ଏହି ସୂର୍ଯ୍ୟାଭିଷେକ ସମୟରେ ଶ୍ରୀବିଗ୍ରହଙ୍କ ମସ୍ତକରେ ଶୋଭିତ ହୀରା ଓ ମାଣିକ୍ୟ ଖଚିତ ସ୍ୱର୍ଣ୍ଣ ତିଳକ ପ୍ରାୟ ୪ ମିନିଟି ପର୍ଯ୍ୟନ୍ତ ତେଜିୟାନ ସୂର୍ଯ୍ୟ ଭଳି ଝଲସିଥିଲା । ୫୦୦ ବର୍ଷ ଇତିହାସରେ ପ୍ରଥମ ଥର ପାଇଁ ଶ୍ରୀ ରାମଙ୍କ ଏହି ସୂର୍ଯ୍ୟାଭିଷେକ ନୀତି ଅଲୌକିକ ବୋଲି କୁହାଯାଇଛି । ରାମଲାଲାଙ୍କ ସୂର୍ଯ୍ୟ ତିଳକ ପରେ ସମଗ୍ର ମନ୍ଦିର ପରିସର ରାମ ଧ୍ୱନୀରେ ଉତ୍ସବ ମୁଖର ହୋଇ ଉଠିଥିଲା । ସୂର୍ଯ୍ୟ ତିଳକର ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ସୂର୍ଯ୍ୟାଭିଷେକ ବ୍ୟତୀତ ରାମ ନବମୀରେ ରାମଲଲାଙ୍କ ବିଶେଷ ପୂଜାର୍ଚ୍ଚନା ବିଧି ମଧ୍ୟ ପାଳିତ ହୋଇଛି । ଦ୍ୱିପ୍ରହର ସମୟରେ ରାମଲାଲାଙ୍କ ସୂର୍ଯ୍ୟ ତିଳକ ଅନୁଷ୍ଠିତ ହେବା ପରେ ଭଗବାନ ଶ୍ରୀରାମଙ୍କର ବିଶେଷ ଉପାସନା ଏବଂ ଆଳତି କରାଯାଇଥିଲା । ରାମଲଲାଙ୍କ ଏହି ବିଶେଷ ପୂଜାର୍ଚ୍ଚନା ଦେଖିବା ପାଇଁ ଅଯୋଧ୍ୟାରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ଜମିଛି ।

ଟାଇମ୍ ମାଗାଜିନ୍‌ର ଶହେ ପ୍ରଭାବଶାଳୀ ତାଲିକା

# ଆଲିଆ, ସତ୍ୟ ନାଦେଲା, ଅଜୟ ବଙ୍ଗା ସାମିଲ

ନୂଆଦିଲ୍ଲୀ, ୧୭।୪ (ଏଜେନ୍ସି)





ଟାଇମ ମାଗାଜିନ ଚଳିତ ବର୍ଷ ପାଇଁ ବିଶ୍ୱର ସବୁଠାରୁ ଶହେ ପ୍ରଭାବଶାଳୀ ଲୋକଙ୍କ ତାଲିକା ଜାରି କରିଛି । ଏହି ତାଲିକାରେ ବିଶ୍ୱ ବ୍ୟାଙ୍କ ଅଧ୍ୟକ୍ଷ ଅଜୟ ବଙ୍ଗା, ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟ, ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଦେଲା, ଅଲମ୍ପିକ ବିଜେତା ସାକ୍ଷୀ ମଲିକ, ଅଭିନେତା ଦେବ ପଟେଲ, ଆମେରିକା ଶକ୍ତି ବିଭାଗର ଋଣ କାର୍ଯ୍ୟକ୍ରମର ନିର୍ଦ୍ଦେଶକ ଜିଗର ଶାହ, ଭୂତତ୍ତ୍ୱ ବିଜ୍ଞାନର ପ୍ରଫେସର ତଥା ୟେଲ ବିଶ୍ୱବିଦ୍ୟାଳୟର ଭୌତିକ ବିଜ୍ଞାନ ପ୍ରଫେସର ପ୍ରିୟମ୍ବଦା ନଟରାଜନ ଏବଂ ଭାରତୀୟ ବଂଶୋଦ୍ଭବ ରେଷ୍ଟୋରାଁ ମାଲିକାଣୀ ଅସ୍‌ମା ଖାନ ସାମିଲ ଅଛନ୍ତି । ମାଗାଜିନ ପକ୍ଷରୁ କୁହାଯାଇଛି ଯେ ବାଙ୍ଗା ଏକ ବଡ଼ କମ୍ପାନୀର ନେତୃତ୍ୱ ନେବା ପରେ ବିଶ୍ୱ ବ୍ୟାଙ୍କକୁ ଆସିଛନ୍ତି । ସେ ବ୍ୟାଙ୍କ ସହିତ ଯୋଡ଼ି ହୋଇ ନ ଥିବା ଲକ୍ଷ ଲକ୍ଷ ଲୋକଙ୍କୁ ଡିଜିଟାଲ ଅର୍ଥବ୍ୟବସ୍ଥା ସହ ସାମିଲ କରିଛନ୍ତି । ବିଶ୍ୱ ବ୍ୟାଙ୍କର ଗରିବ ମୁକ୍ତ ବିଶ୍ୱ ଗଠନରେ ସେ ନୂଆ ଦୃଷ୍ଟିକୋଣ ରଖିଥିଲେ । ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ସେ କାର୍ଯ୍ୟ କରି ଚାଲିଛନ୍ତି ।

# ପଶ୍ଚିମବଙ୍ଗ ରାଜ୍ୟପାଳଙ୍କୁ ଇସିଙ୍କ ଚେତାବନୀ

ନୂଆଦିଲ୍ଲୀ, ୧୭।୪ (ଏଜେନ୍ସି): ପଶ୍ଚିମବଙ୍ଗ ରାଜ୍ୟପାଳ ସିଭି ଆନନ୍ଦ ବୋଷଙ୍କୁ ନିର୍ବାଚନ କମିଶନ (ଇସି) ବୁଧବାର ଚେତାବନୀ ଦେଇଛନ୍ତି । ୧୮ ଏବଂ ୧୯ ତାରିଖରେ ପ୍ରସ୍ତାବିତ ପୂର୍ବ ପଶ୍ଚିମବଙ୍ଗର କୁଚ ବେହାର ଗସ୍ତକୁ ବାତିଲ କରିବାକୁ ପରାମର୍ଶ ଦେଇଛନ୍ତି । ଏହି ଗସ୍ତ ଦ୍ୱାରା ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ ହେଉଛି ବୋଲି କହିଛନ୍ତି । ଇସିଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶରେ କୁହାଯାଇଛି ଯେ ୧୯ ତାରିଖରେ ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବାକୁ ଯାଉଛି । ଏଥିଯୋଗୁଁ ଆଜି ସନ୍ଧ୍ୟାରୁ ନିର୍ବାଚନ ପ୍ରଚାର ଶେଷ ହୋଇ ୪୮ ଘଣ୍ଟାର ନିରବତା ଅବଧି ଆରମ୍ଭ ହୋଇଛି । ତେଣୁ ଏହି ସମୟରେ ଉକ୍ତ ନିର୍ବାଚନୀ କ୍ଷେତ୍ରର ଭୋଟର ହୋଇ ନ ଥିବା ଭିଆଇପି, ନେତା ଏବଂ ରାଜନୈତିକ କର୍ମଚାରୀଙ୍କୁ ଗସ୍ତରୁ ଦୂରେଇ ରହିବା ପାଇଁ ପରାମର୍ଶ ଦିଆଯାଇଛି । କେବଳ ମୁକ୍ତ ଏବଂ ଅବାଧ ନିର୍ବାଚନ ନୁହେଁ, ବରଂ ସୁରକ୍ଷାବାହିନୀଙ୍କୁ ଅଧିକ ଚାପ ନ ଦେବା ପାଇଁ ଏହି ପଦକ୍ଷେପ ନିଆଯାଇଛି ।

● ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଡିଏମ୍‌କେର ଫେରାଦ

## ପ୍ରାର୍ଥୀ ଓ ନେତାଙ୍କ ଫୋନ୍ ଟ୍ୟାପିଙ୍ଗ୍ ହେଉଛି

ଚେନ୍ନାଇ, ୧୭ ।୪(ଏଜେନ୍ସି): ତାମିଲନାଡୁର ଶାସକ ଦଳ ଡିଏମକେ ଗତକାଲି ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ପତ୍ର ଲେଖି ଅଭିଯୋଗ କରିଛି ଯେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି), ସିବିଆଇ, ଆୟକର ବିଭାଗ ଭଳି କେନ୍ଦ୍ରୀୟ ଯାଞ୍ଚ୍ ଏଜେନ୍ସିଗୁଡ଼ିକ ବେଆଇନ ସଫ୍ଟୱେର୍ ବ୍ୟବହାର କରି ଡିଏମକେର ପ୍ରାର୍ଥୀ, ନେତା, ସେମାନଙ୍କ ଆତ୍ମୀୟସ୍ୱଜନ ଓ ପାଖଲୋକମାନଙ୍କ ଫୋନ୍ ଟ୍ୟାପ୍ କରୁଛନ୍ତି । ଏହା ଦ୍ୱାରା ସମସ୍ତ ପ୍ରାର୍ଥୀଙ୍କୁ ସମାନ ସୁବିଧାସୁଯୋଗ(ଲେଭେଲ୍ ପ୍ଲେଇଂ ଫିଲ୍ଡ) ଯୋଗାଇଦେଇ ନିରପେକ୍ଷ, ଅବାଧ ଓ ମୁକ୍ତ ନିର୍ବାଚନ କରାଇବା ପାଇଁ ଜାତୀୟ ନିର୍ବାଚନ କମିଶନଙ୍କ ଲକ୍ଷ୍ୟରେ ବାଧା ପହଞ୍ଚୁଛି । କେନ୍ଦ୍ରୀୟ ଯାଞ୍ଚ୍ ଏଜେନ୍ସିଗୁଡ଼ିକ ରାଜନୈତିକ ବିରୋଧୀଙ୍କ ମୋବାଇଲ ଫୋନ୍ ଓ ଅନ୍ୟ ଡିଭାଇସରେ ବାର୍ତ୍ତାଳାପ ଓ ପତ୍ର ପ୍ରେରଣ ଉପରେ ପେଗାସସ୍ ଭଳି ସଫ୍ଟୱେର ଉପଯୋଗ କରି ଗୋଇନ୍ଦାଗିରି କରୁଥିବା ବିଷୟକୁ ଅଣଦେଖା କରାଯାଇପାରିବ ନାହିଁ । ତେଣୁ ଏ ସମ୍ପର୍କରେ ତଦନ୍ତ ପାଇଁ ଜାତୀୟ ନିର୍ବାଚନ କମିଶନ ତୁରନ୍ତ ଆଦେଶ ଜାରି କରନ୍ତୁ ବୋଲି ଡିଏମକେ ଦାବି କରିଛି ।

● ଜେଲ୍‌ରୁ ସରକାର ଚଳାଇବାକୁ ଦାବି

## କେଜ୍ରିୱାଲଙ୍କ ପାଇଁ ହାଇକୋର୍ଟରେ ପିଆଇଏଲ୍

ନୂଆଦିଲ୍ଲୀ, ୧୭।୪ (ଏଜେନ୍ସି): ଦିଲ୍ଲୀ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ) ଦାଏର କରାଯାଇଛି । ଆବେଦନକାରୀ ଶ୍ରୀକାନ୍ତ ପ୍ରସାଦ ଏଥିରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ତିହାର ଜେଲ୍‌ରୁ ସରକାର ଚଳାଇବାକୁ ଅନୁମତି ଦେବା ପାଇଁ ଦାବି କରିଛନ୍ତି । କ୍ୟାବିନେଟ ମନ୍ତ୍ରୀ, ବିଧାୟକଙ୍କ ସହ ଭିଡିଓ କନଫରେନ୍ସ କରିବାକୁ ଅନୁମତି ମାଗିଛନ୍ତି । ଦିଲ୍ଲୀରେ ଉତ୍ତମ ପ୍ରଶାସନିକ ବ୍ୟବସ୍ଥା କରିବାକୁ ଜେଲ୍ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଛି ।

● ଶମ୍ଭୁ ସୀମାରେ ରେଲଧାରଣା ଜାମ୍‌କଲେ ଚାଷୀ

## ବ୍ୟାରିକେଡ୍ ଭାଙ୍ଗି ପୁଲିସ ସହ ସଂଘର୍ଷ



ଅମ୍ବାଲା, ୧୭।୪ (ଏଜେନ୍ସି): ପଞ୍ଜାବ-ହରିୟାଣାର ଶମ୍ଭୁ ସୀମାରେ ଆନ୍ଦୋଳନରତ ଚାଷୀ ବୁଧବାର ରେଳ ଷ୍ଟେସନରେ ରେଳଧାରଣା ଜାମ୍ କରିଥିଲେ । ଦ୍ୱିପହର ୧୨ଟାରୁ ସୀମା ନିକଟରେ ଥିବା ରେଳ ଟ୍ରାକ୍‌ରେ ବସି ରହିଥିଲେ । ଏହି ସମୟରେ ପୁଲିସ ମଧ୍ୟ ଚାଷୀଙ୍କୁ ଅଟକାଇବାକୁ ପ୍ରୟାସ କରିଥିଲା । ଏହାକୁ ନେଇ ପୁଲିସ ଏବଂ ଚାଷୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା । ଏହା ସତ୍ତ୍ୱେ ଚାଷୀ ବ୍ୟାରିକେଡ ଭାଙ୍ଗି ଦେଇ ଟ୍ରାକ୍‌ରେ ବସି ଯାଇଥିଲେ । ଯୁବ ନେତା ନବଦୀପ ସିଂହ ଜଲବେଡ଼ା ସମେତ ୩ ଚାଷୀଙ୍କ ମୁକ୍ତି ଦାବିରେ ଏହି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ପଞ୍ଜାବ ଏବଂ ହରିୟାଣା ସରକାର ଏହି ଚାଷୀଙ୍କୁ ମୁକ୍ତ କରିବାକୁ ପ୍ରତିଶ୍ରୁତି ଦେଇ ପାଳନ କରି ନ ଥିଲେ । ଚାଷୀଙ୍କ ପ୍ରଦର୍ଶନ ଯୋଗୁଁ ୩୪ ଟ୍ରେନ୍ ପ୍ରଭାବିତ ହୋଇଛି । ୧୧ ଟ୍ରେନକୁ ବାତିଲ କରିଦିଆଯାଇଛି ।

ଛତିଶଗଡ଼ ମାଓ ଏନକାଉଣ୍ଟର ଘଟଣା

# ମୃତକଙ୍କ ମଧ୍ୟରେ ୧୫ ମହିଳା ମାଓବାଦୀ

ନୂଆଦିଲ୍ଲୀ,୧୭।୪(ଏଜେନ୍ସି)



ଛତିଶଗଡ଼ର କାଙ୍କେର ଜିଲ୍ଲାରେ ଗତକାଲି ମାଓ ଏନକାଉଣ୍ଟରରେ ମାଓନେତା ଶଙ୍କର ରାଓଙ୍କ ସମେତ ୨୯ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ସେମାନଙ୍କ ମଧ୍ୟରେ ୧୫ ଜଣ ମହିଳା କ୍ୟାଡର ମାଓବାଦୀ ରହିଥିବା ବୁଧବାର ସ୍ପଷ୍ଟ ହୋଇଛି । ଗତକାଲିର ଘଟଣା ସମ୍ପର୍କରେ ବୁଧବାର ବସ୍ତର ରେଞ୍ଜ ଆଇଜି ସୁନ୍ଦରରାଜ ପି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲା ବେଳେ ସମସ୍ତ ମୃତ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି ବୋଲି କହିଛନ୍ତି । ସେମାନଙ୍କ ମଧ୍ୟରେ କେବଳ ମହିଳା କ୍ୟାଡର ମାଓବାଦୀ ୧୫ ଏବଂ ୧୪ ପୁରୁଷ ରହିଛନ୍ତି ବୋଲି ଆଇଜି କହିଛନ୍ତି । ସମସ୍ତ ମୃତକଙ୍କ ଶବବ୍ୟବଚ୍ଛେଦ କରାଯାଉଥିବା ବେଳେ ସେମାନଙ୍କ ଠାରୁ ଜବତ ହୋଇଥିବା ବିପୁଳ ସଂଖ୍ୟାର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରର ମଧ୍ୟ ଯାଞ୍ଚ କରାଯାଉଛି ବୋଲି ସେ କହିଛନ୍ତି ।

### ୨୯ ମାଓବାଦୀଙ୍କ ମୃତ୍ୟୁ ଉପରେ କଂଗ୍ରେସର ସନ୍ଦେହ

ଛତିଶଗଡ଼ କାଙ୍କେରରେ ପୁଲିସ ସହ ସଂଘର୍ଷରେ ମଙ୍ଗଳବାର ୨୯ ମାଓବାଦୀ ନିପାତ ହୋଇଥିଲେ । ଏହାକୁ ରାଜ୍ୟର ବଡ଼ ମାଓବାଦୀ ଏନକାଉଣ୍ଟର କୁହାଯାଉଛି । ତେବେ କଂଗ୍ରେସ ଏହା ଉପରେ ସନ୍ଦେହ ପ୍ରକଟ କରି ତଦନ୍ତ ଦାବି କରିଛି । ଦଳର ପ୍ରବକ୍ତା ସୁପ୍ରିୟା ଶ୍ରୀନେତ କହିଛନ୍ତି ଯେ ଯେଉଁ ଲୋକ ସହିଦ ହୋଇଛନ୍ତି ଏବଂ ଆହତ ସୁରକ୍ଷାକର୍ମୀଙ୍କ ପ୍ରତି କଂଗ୍ରେସ ସମବେଦନା ପ୍ରକାଶ କରୁଛି । ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ କହିଛନ୍ତି ଯେ ବିଜେପି ସରକାର ଆସିବା ପରେ ଜାଲ୍ ସଂଘର୍ଷ ବଢ଼ିଛି । ତେବେ ବିବାଦ ବଢ଼ିବା ପରେ ଏନ୍‌କାଉଣ୍ଟରପୂର୍ବରୁ ସେ ଏହି ମନ୍ତବ୍ୟ ଦେଇଥିବା କହିଥିଲେ । ଅନ୍ୟପକ୍ଷରେ ବିଜେପି କଂଗ୍ରେସର ମନ୍ତବ୍ୟକୁ ଦୁର୍ଭାଗ୍ୟଜନକ କହିଛି । ଗୃହମନ୍ତ୍ରୀ ବିଜୟ ଶର୍ମା ୨ ଆହତ ଯବାନଙ୍କୁ ଭେଟିଥିବା କହିଛନ୍ତି । ଉଭୟଙ୍କୁ ଗୁଳଇ ବାଜିଛି । ଏହା କ'ଣ ମିଛ ବୋଲି ସେ କଂଗ୍ରେସକୁ ପଚାରିଛନ୍ତି । ମୃତ ମାଓବାଦୀଙ୍କଠାରୁ ଏସଏଲଆର, ଏକେ-୪୭, ଇନ୍‌ସାସ ୩୦୩ ଭଳି ବନ୍ଧୁକ ମିଳିଛି ।

## ଜେଏମ୍‌ଏମ୍‌ର ୩ ନେତା ଗିରଫ

ରାଞ୍ଚି, ୧୭।୪ (ଏଜେନ୍ସି): ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ)ର ନେତା ଅନ୍ତୁ ତିର୍କୀଙ୍କ ସହିତ ତିନି ଜଣଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ଗିରଫ କରିଛି । ଜମି ଦୁର୍ନୀତି ମାମଲାରେ ଏଜେନ୍ସି ମଙ୍ଗଳବାର ଏହି ଲୋକଙ୍କ ଠିକଣାରେ ଚଢ଼ଉ କରିଥିଲା । ଏହି ମାମଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ମଧ୍ୟ ନ୍ୟାୟିକ ହେପାଜତରେ ଅଛନ୍ତି । କେନ୍ଦ୍ରୀୟ ଏଜେନ୍ସି ଗିରଫ ବ୍ୟକ୍ତିଙ୍କ ଠିକଣାରୁ ଜମି କାଗଜପତ୍ର ସହିତ ଅନ୍ୟ ପ୍ରମାଣ ଜବତ କରିଛି ।

## ମ୍ୟାଁମାର୍ ଜେଲ୍‌ରୁ ମୁକୁଳିଲେ ସୁକି



ନାପିଡୋ, ୧୭।୪ (ଏଜେନ୍ସି): ମ୍ୟାଁମାର୍ ସେନା ଗଣତନ୍ତ୍ର ସମର୍ଥକ ତଥା ନୋବେଲ ଶାନ୍ତି ପୁରସ୍କାର ବିଜେତା ଆଙ୍ଗ ସାନ ସୁକି ଏବଂ ପୂର୍ବତନ ରାଷ୍ଟ୍ରପତି ୱିନ୍ ମିଣ୍ଟଙ୍କୁ ଜେଲ୍‌ରୁ ବାହାର କରିଛି । ଏବେ ଉଭୟଙ୍କୁ ଗୃହବନ୍ଦୀ କରି ରଖାଯାଇଛି । ଦେଶରେ ପ୍ରବଳ ଗରମ ଏବଂ ଗ୍ରୀଷ୍ମପ୍ରବାହ ଯୋଗୁଁ ଉଭୟ ନେତାଙ୍କୁ ଜେଲ୍‌ରୁ ବାହାର କରିବାକୁ ନିଷ୍ପତ୍ତି ନିଆଯାଇଥିଲା ବୋଲି ସେନା ପକ୍ଷରୁ କୁହାଯାଇଛି । ତେବେ ଉଭୟଙ୍କୁ କେଉଁଠାରେ ରଖାଯାଇଛି ତାହାର ସୂଚନା ଦେଇନାହାନ୍ତି । ଅନ୍ୟପକ୍ଷରେ ସୁକିଙ୍କ ଓକିଲ କହିଛନ୍ତି ଯେ ତାଙ୍କୁ କାହା ସହ ଭେଟିବାକୁ ଦିଆଯାଉନାହିଁ । ସେ ଅସୁସ୍ଥ ଅଛନ୍ତି ଏବଂ କିଛି ଖାଇପାରୁନାହାନ୍ତି । ସୂଚନାଯୋଗ୍ୟ ଯେ ୩ ବର୍ଷ ତଳେ ୨୦୨୧ ଫେବୃଆରୀ ୧ରେ ସେନା କ୍ଷମତା ଦଖଲ କରି ଷ୍ଟେଟ କାଉନସିଲର ସୁକି ଏବଂ ମିଣ୍ଟଙ୍କ ସମେତ ଅନେକ ନେତାଙ୍କୁ ଗିରଫ କରିଥିଲା ।

## କେସିଆରଙ୍କୁ ଇସି ନୋଟିସ୍

ନୂଆଦିଲ୍ଲୀ, ୧୭।୪ (ଏଜେନ୍ସି): ଭାରତର ନିର୍ବାଚନ କମିଶନ (ଇସିଆଇ) ବୁଧବାର ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଆରଏସ ନେତା କେ ଚନ୍ଦ୍ରଶେଖର ରାଓ (କେସିଆର)ଙ୍କୁ ନୋଟିସ୍ ଜାରି କରିଛନ୍ତି । ଗତ ୫ ତାରିଖରେ ସାମ୍ବାଦିକ ସମ୍ମିଳନୀ କରି କଂଗ୍ରେସ ଉପରେ କେସିଆର ଦେଇଥିବା ଖରାପ ଏବଂ ଅପମାନଜନକ ମନ୍ତବ୍ୟକୁ ନେଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏ ନେଇ ଗତ ୬ ତାରିଖରେ ତେଲଙ୍ଗାନା କଂଗ୍ରେସ କମିଟିର ଉପାଧ୍ୟକ୍ଷ ଇସିଙ୍କ ନିକଟରେ ଅଭିଯୋଗ କରିଥିଲେ । ଇସି ଅନୁଧ୍ୟାନ କରିଛନ୍ତି ଯେ ଅନେକ ପରାମର୍ଶ ସତ୍ତ୍ୱେ କେସିଆର ଆଚରଣ ବିଧି ଉଲ୍ଲଙ୍ଘନ କରିଥିଲେ । ଯଦି ସେ ଠିକ୍ ସମୟରେ ଏହି ନୋଟିସର ଜବାବ ନ ଦିଅନ୍ତି ତେବେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି ।

ପାକିସ୍ତାନରେ ଭାରତ ବିରୋଧୀ ଆତଙ୍କବାଦୀଙ୍କ ନିପାତ ପ୍ରସଙ୍ଗ

# ମୁଣ୍ଡ ପୁରାଇବନି କହିଲା ଆମେରିକା

ନୂଆଦିଲ୍ଲୀ,୧୭।୪(ଏଜେନ୍ସି)



ପାକିସ୍ତାନରେ ଅଜଣା ଶକ୍ତି ଦ୍ୱାରା ଭାରତ ବିରୋଧୀ ଆତଙ୍କବାଦୀଙ୍କୁ ନିପାତ କରାଯିବା ଘଟଣା ଦିନକୁ ଦିନ ବଢ଼ି ଚାଲିଥିଲା ବେଳେ ଏହାକୁ ସହଜରେ ହଜମ କରିପାରୁନି । ବରଂ ଏଭଳି ଘଟଣାକୁ ନେଇ ପାକିସ୍ତାନ ସେନା ଏବଂ ଆଇଏସଆଇର ନିଦ ହଜିଯାଇଛି । କେବଳ ସେତିକି ନୁହେଁ, ଭାରତ ବିରୋଧୀ ଶକ୍ତିଙ୍କୁ ସେମାନଙ୍କ ଘରେ ପଶି ମରାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହା ଖୋଲାଖୋଲି ଭାବେ ମନ୍ତବ୍ୟ ଦେବା ପାକିସ୍ତାନ ପାଇଁ ନିଆଁରେ ଘିଅ ଢାଳିବା ଭଳି ହୋଇଛି । ତେବେ ଏହି ଘଟଣା ପଛରେ ଭାରତର ପ୍ରଚ୍ଛଦ ହାତ ରହିଛି ଏବଂ ଭାରତୀୟ ଗୁଇନ୍ଦା ସଂସ୍ଥା 'ର' ପ୍ରରୋଚନାରେ ପାକିସ୍ତାନରେ ଏଭଳି ନରସଂହାର ଚାଲିଛି ବୋଲି ପାକିସ୍ତାନ ଅଭିଯୋଗ ଆଣି ଆମେରିକାର ଦ୍ୱାରସ୍ଥ ହୋଇଥିଲା ବେଳେ ଆମେରିକା ଏହି ପ୍ରସଙ୍ଗରୁ ନିଜକୁ ଦୂରେଇ ଦେଇଛି । କେବଳ ପାକିସ୍ତାନ ନୁହେଁ, ଆମେରିକା ଏବଂ କାନାଡାରେ ମଧ୍ୟ ଭାରତ ଏଭଳି କାର୍ଯ୍ୟ ଚଳାଇଛି ବୋଲି ପାକିସ୍ତାନ ଅଭିଯୋଗ କରିଛି । ଏହିକ୍ରମରେ ଆମେରିକାରେ ଖଲିସ୍ତାନୀ ସମର୍ଥକ ଗୁରୁପତୱନ୍ତ ପନ୍ନୁକୁ ଭାରତ ନିପାତ କରିବା ଉଦ୍ୟମ ଏହାର ଜ୍ୱଳନ୍ତ ପ୍ରମାଣ ବୋଲି ପାକିସ୍ତାନ କହିବା ସହିତ ଆମେରିକା ଭାରତ ବିରୋଧରେ କାହିଁକି କଟକଣା ଜାରି କରୁନାହିଁ ବୋଲି ପ୍ରଶ୍ନ କରିଛି । କିନ୍ତୁ ଆମେରିକା ଏହି ପ୍ରଶ୍ନକୁ ସମ୍ପୂର୍ଣ୍ଣ ଏଡାଇ ଯିବା ସହିତ ଆମେରିକା ଯାହା ଉପରେ ଆର୍ଥିକ କଟକଣା ଜାରି କରେ ସେ ସମ୍ପର୍କରେ ଖୋଲାଖୋଲି ଆଲୋଚନା କରେ ନାହିଁ ବୋଲି ଏହାର ବୈଦେଶିକ ବ୍ୟାପାର ବିଭାଗୀୟ ପ୍ରବକ୍ତା ମାଥ୍ୟୁ ମିଲର ସ୍ପଷ୍ଟ କରିଛନ୍ତି । ପାକିସ୍ତାନରେ ଅଜଣା ଲୋକଙ୍କ ଦ୍ୱାରା ଆତଙ୍କବାଦୀଙ୍କୁ ହତ୍ୟା କରାଯାଉଥିବା ଘଟଣାରେ ଉଭୟ ଦେଶ ଆପୋଷ ଆଲୋଚନା କରି ସମାଧାନ କରିବା ଉଚିତ ବୋଲି ମିଲର କହିଛନ୍ତି ।

ଜାତିସଂଘ ରିପୋର୍ଟ

# ଭାରତର ଜନସଂଖ୍ୟା ୧୪୪ କୋଟି

ନ୍ୟୁୟର୍କ, ୧୭।୪ (ଏଜେନ୍ସି)



■ ୭୭ ବର୍ଷରେ ଦ୍ୱିଗୁଣିତ

■ ୧୪ ବର୍ଷରୁ କମ୍ ବୟସର ସଂଖ୍ୟା ୩୫ କୋଟି

■ ପ୍ରସବବେଳେ ଦିନକୁ ୮୦୦ ମହିଳାଙ୍କ ମୃତ୍ୟୁ

ଭାରତର ଜନସଂଖ୍ୟା ଗତ ୭୭ ବର୍ଷରେ ଦ୍ୱିଗୁଣିତ ହୋଇଛି । ଏବେ ଜନସଂଖ୍ୟା ୧୪୪.୧୭ କୋଟିରେ ପହଞ୍ଚି ଯାଇଛି । ମିଳିତ ଜାତିସଂଘ (ୟୁଏନ୍)ର ସ୍ୱାସ୍ଥ୍ୟ ଏଜେନ୍ସି ୟୁନାଇଟେଡ ନେସନ୍ସ ପପୁଲେସନ ଫଣ୍ଡ (ୟୁଏନଏଫ୍‌ପିଏ)ର ନୂଆ ରିପୋର୍ଟରେ ଏହି ଦାବି କରାଯାଇଛି । ରିପୋର୍ଟ ଅନୁଯାୟୀ ଭାରତର ମୋଟ ଜନସଂଖ୍ୟାର ୨୪ ପ୍ରତିଶତ ୦-୧୪ ବର୍ଷର ଲୋକ ସାମିଲ ଅଛନ୍ତି । ଅର୍ଥାତ୍ ଏମାନଙ୍କ ସଂଖ୍ୟା ପ୍ରାୟ ୩୫ କୋଟି ରହିଛି । ସେହିପରି ୧୫-୬୪ ବର୍ଷୀୟ ସଂଖ୍ୟା ସର୍ବାଧିକ ୬୮ ପ୍ରତିଶତ ରହିଛି । ପୁରୁଷଙ୍କ ହାରାହାରି ବୟସ ୭୧ ଏବଂ ମହିଳାଙ୍କ ୭୪ ବର୍ଷ ରହିଛି । ସୂଚନାଯୋଗ୍ୟ ଯେ ଭାରତ ଚଳିତ ବର୍ଷ ପ୍ରାରମ୍ଭରେ ଜନସଂଖ୍ୟାରେ ଚୀନ୍‌କୁ ପଛରେ ପକାଇ ଦେଇଥିଲା । ୧୪୨.୫ କୋଟି ଜନସଂଖ୍ୟା ସହିତ ବିଶ୍ୱର ଜନବହୁଳ ରାଷ୍ଟ୍ର ହୋଇଥିଲା । ଏହା ପୂର୍ବରୁ ୨୦୧୧ ଜନଗଣନାରେ ଭାରତର ଜନସଂଖ୍ୟା ୧୨୧ କୋଟି ରେକର୍ଡ କରାଯାଇଥିଲା । ଏବେ ୟୁଏନଏଫପିଏ ରିପୋର୍ଟରେ ଭାରତର ଜନସଂଖ୍ୟା ୧୪୪.୧୭ କୋଟି ଏବଂ ଚୀନ୍‌ର ୧୪୨.୫ କୋଟି ଥିବା କୁହାଯାଇଛି ।

ରିପୋର୍ଟ ଅନୁଯାୟୀ ୨୦୦୬-୨୩ ମଧ୍ୟରେ ଭାରତରେ ୨୩ ପ୍ରତିଶତ ବାଲ୍ୟ ବିବାହ ହୋଇଥିଲା । ଏଥିରେ ଯୁବକ ଏବଂ ଯୁବତୀଙ୍କ ବୟସ ଯଥାକ୍ରମେ ୨୧ ଏବଂ ୧୮ରୁ କମ୍ ଥିଲା । ଏହା ସହିତ ପ୍ରସବ ସମୟରେ ହେଉଥିବା ମୃତ୍ୟୁସଂଖ୍ୟା ହ୍ରାସ ପାଇଛି । ଯୌନ କ୍ରିୟା ଏବଂ ପ୍ରଜନନ କ୍ଷମତାରେ ଭାରତ ଗତ ୩୦ ବର୍ଷରେ ସବୁଠାରୁ ଭଲ ପ୍ରଦର୍ଶନ କରିଛି । ଏଥିଯୋଗୁଁ ପ୍ରସବକାଳୀନ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଛି । ବିଶ୍ୱରେ ହେଉଥିବା ଏଭଳି ମୃତ୍ୟୁରେ ଭାରତର ଯୋଗଦାନ ୮ ପ୍ରତିଶତ ରହିଛି । ଅନ୍ୟପକ୍ଷରେ ରିପୋର୍ଟରେ ବିଶ୍ୱସ୍ତରରେ ମହିଳାଙ୍କ ଯୌନ ସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରାଯାଇଛି । ଲକ୍ଷ ଲକ୍ଷ ମହିଳା ଏବଂ ଯୁବତୀ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ରହୁଥିବା କୁହାଯାଇଛି । ୨୦୧୬ ପରେ ଦିନକୁ ପ୍ରସବ ସମୟରେ ୮୦୦ ମହିଳାଙ୍କ ମୃତ୍ୟୁ ହେଉଛି । ଏବେ ବି ଏକ ଚତୁର୍ଥାଂଶ ମହିଳା ନିଜ ପାର୍ଟନରଙ୍କ ସହ ଯୌନ ସମ୍ବନ୍ଧ ରଖିବାକୁ ମନା କରିପାରୁନାହାନ୍ତି । ୧୦ ଜଣରୁ ଜଣେ ମହିଳା ଗର୍ଭନିରୋଧକ ଉପାୟ ବିଷୟରେ ନିଜେ ନିଷ୍ପତ୍ତି ନେଇପାରୁନାହାନ୍ତି । ସେହିପରି ଦିବ୍ୟାଙ୍ଗ ମହିଳାଙ୍କ ପ୍ରତି ଯୌନ ହିଂସା ୧୦ ଗୁଣ ବୃଦ୍ଧି ପାଇଛି ବୋଲି କୁହାଯାଇଛି ।

# ଟ୍ରେଲର୍ ଭିତରେ ପଶିଗଲା କାର୍; ୧୦ ମୃତ

ନୂଆଦିଲ୍ଲୀ,୧୭।୪(ଏଜେନ୍ସି)



ଗୁଜୁରାଟର ଅହମ୍ମଦାବାଦ-ବଦୋଦରା ଏକ୍ସପ୍ରେସୱେରେ ବୁଧବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୦ ଜଣଙ୍କ ମୃତ୍ୟୁ ହୋଇଛି । ଏକ ମାରୁତି ଆର୍ଟିଗା ଏସୟୁଭିରେ କିଛି ଲୋକ ବଡୋଦରାରୁ ଅହମ୍ମଦାବାଦ ଅଭିମୁଖେ ଯାତ୍ରା କରୁଥିଲା ବେଳେ ନଡ଼ିୟାଦ ନିକଟରେ ଗାଡିଟି ଭୟାବହ ଦୁର୍ଘଟଣାର ଶିକାର ହୋଇଥିଲା । ଦ୍ରୁତ ଗତିରେ ଯାଉଥିବା ଏହି ଗାଡି ଏକ ଟ୍ରେଲର ପଛକୁ ଧକ୍କା ଦେଇ ଭିତରକୁ ପଶିଯାଇଥିଲା । ଏହି ଘଟଣାରେ ଦୁର୍ଘଟଣାସ୍ଥଳରେ ୮ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ଅନ୍ୟ ଗୁରୁତର ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତେବେ ଚିକିତ୍ସିତ ଅବସ୍ଥାରେ ଆଉ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି । ଦୁର୍ଘଟଣା ପରେ କାରଟି ଟ୍ରେଲର ପଛରେ ସମ୍ପୂର୍ଣ୍ଣ ଭାବେ ଚାପି ହୋଇଯିବାରୁ ଏଥିରେ ବସିଥିବା କୌଣସି ଯାତ୍ରୀ ବାହାରକୁ ବାହାରି ପାରି ନଥିବା ପୁଲିସ କହିଛି । ପୁଲିସ ଘଟଣାର ଯାଞ୍ଚ କରିବା ସହିତ ମୃତକମାନଙ୍କ ସମ୍ପର୍କୀୟଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରୁଛି ।

# ମହାପ୍ରଭୁଙ୍କ ରଥଯାତ୍ରା ପାଇଁ କଟକରେ ରଥ କାଠ ଚିରଟ



**କଟକ, ୧୭।୪(ସମିସ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା ଆସନ୍ତା ଜୁଲାଇ ୭ରେ ଅନୁଷ୍ଠିତ ହେବ। ସେହିପରି ଆସନ୍ତା ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହେବ ରଥ ନିର୍ମାଣ କାମ। ରଥ ନିର୍ମାଣ ପାଇଁ ବୁଧବାର ତଥା ପବିତ୍ର ଶ୍ରୀରାମ ନବମୀରେ ରଥକାଠ ଚିରଟ ଅନୁକୂଳ ହୋଇଛି। ଖପୁରିଆସ୍ଥିତ ସରକାରୀ କରତକଳରେ ରଥ କାଠ ଚିରଟ ଆରମ୍ଭ ହୋଇଛି। ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରୁ ଅପରାହ୍ନରେ ରଥ କାଠ କଟକକୁ ଆସିଥିଲା। ନୀତି ପ୍ରଶାସକ ଜିତେନ୍ଦ୍ର ଦାସ, ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବୀନ୍ଦ୍ରନାଥ ଭୋଇ, ବରିଷ୍ଠ ତତ୍ତ୍ୱବଧାରକ ସୁଦର୍ଶନ ମେକାପ, ଭାରପ୍ରାପ୍ତ ଅଧିକାରୀ ରବୀନ୍ଦ୍ରନାଥ ଦାସ, କର୍ମଚାରୀ ବେଣୁଧର ମହାରଣା ପ୍ରମୁଖ ଆଜ୍ଞାମାଳ ଓ ରଥ କାଠ ସହ ଆସିଥିଲେ। ରୀତିନୀତି ଅନୁସାରେ, ପୂଜାର୍ଚ୍ଚନା କରାଯାଇ ତିନୋଟି ଧଉରା କାଠ ପ୍ରଥମେ ଚିରଟ ହୋଇଥିଲା। ତେବେ ଗତବର୍ଷରୁ ପ୍ରାୟ ୨୦୦ ରଥକାଠ ବଳକା ଥିବା ବେଳେ ଚଳିତବର୍ଷ ୪୫୦ ଖଣ୍ଡ କାଠ ଅଣାଯାଇଛି। ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥ ନିର୍ମାଣ ପାଇଁ ମୋଟ ୮୧୨ ଖଣ୍ଡ କାଠର ଆବଶ୍ୟକ। ଫାଶି, ଶିମିଳ, ଅଶନ, ଧଉରା, ରାଇ, ମଇ ଭଳି କାଠ ଆଦି କାଠ ଚିରଟ ହୋଇ ରଥଖଳାକୁ ଅକ୍ଷୟ ତୃତୀୟା ପୂର୍ବରୁ ପହଞ୍ଚିବ।

# ବିରୋଧୀଙ୍କ ପାଇଁ ଅବୋଧ 'ନବୀନ' ରଣନୀତି



- କଣ୍ଟାବାଞ୍ଜିରୁ ପ୍ରାର୍ଥିତ୍ୱକୁ ନେଇ କଂଗ୍ରେସ-ବିଜେପିରେ ଅସ୍ୱସ୍ତି
- ୪ ଲୋକସଭା ଓ ୨୮ ବିଧାନସଭାରେ ବଦଳିଗଲା ଗଣିତ
- ବିରୋଧୀଙ୍କ ହାତ ଖାଲି କରିବ ନବୀନ-ପ୍ରଣବ ଯୁଗଳବନ୍ଦୀ

**ଭୁବନେଶ୍ୱର,୧୭ ।୪(ସମିସ):** ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜି ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଘୋଷଣା କରି ବିରୋଧୀଙ୍କୁ ହତବମ୍ବ କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ରାଜନୀତିରେ ବିରୋଧୀଙ୍କଠାରୁ ସର୍ବଦା ଦୁଇପାଦ ଆଗରେ ରହୁଥିବା ଓ ଦୂର ଭବିଷ୍ୟତକୁ ଦୃଷ୍ଟିରେ ରଖି ପଦକ୍ଷେପ ଗ୍ରହଣ କରୁଥିବା ନବୀନଙ୍କ ଏହି ନିଷ୍ପତ୍ତି ଉଭୟ କଂଗ୍ରେସ ଓ ବିଜେପି ପାଇଁ ଅତ୍ୟନ୍ତ ଅସ୍ୱସ୍ତିକର ମନେ ହୋଇଛି। ପଶ୍ଚିମ ଓଡ଼ିଶାକୁ ନିଜର ଗଡ଼ ମନେକରି ବିଜେପି ଆଗାମୀ ନିର୍ବାଚନରେ ବିଜୟ ରଣନୀତି ପ୍ରସ୍ତୁତ କରୁଥିବାବେଳେ ନବୀନଙ୍କ ଏହି ଘୋଷଣା ସେମାନଙ୍କ ସବୁ ଗଣିତକୁ ଓଲଟପାଲଟ କରି ଦେଇଛି। ଅନୁରୂପ ଭାବରେ ବଲାଙ୍ଗିର, କଳାହାଣ୍ଡି, ନୂଆପଡ଼ା, ନବରଙ୍ଗପୁରରେ କଂଗ୍ରେସ ଦେଖୁଥିବା ସଫଳତାର ସ୍ୱପ୍ନ ମଧ୍ୟ ଅଧାରୁ ତୁଟି ଯାଇଛି। କଣ୍ଟାବାଞ୍ଜିରୁ ନବୀନଙ୍କ ପ୍ରାର୍ଥିତ୍ୱ ପଶ୍ଚିମ ଓଡ଼ିଶାର ୪ ଲୋକସଭା ଓ ୨୮ ବିଧାନସଭା ଆସନରେ ବିରୋଧୀଙ୍କ ହିସାବକିତାବକୁ ଗଡ଼ବଡ଼ କରି ଦେଇଛି।

ପୂର୍ବରୁ ମୁଖ୍ୟମନ୍ତ୍ରୀ ନିଜର ପାରମ୍ପରିକ ହିଞ୍ଜିଳି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଘୋଷଣା କରିଛନ୍ତି; ଆଜି ଘୋଷିତ ପ୍ରାର୍ଥୀ ତାଲିକାରେ ସେ ହିଞ୍ଜିଳି ସହ ପଶ୍ଚିମ ଓଡ଼ିଶାର କଣ୍ଟାବାଞ୍ଜିରୁ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି କହିଛନ୍ତି। ଏହା ହିଁ ବିରୋଧୀଙ୍କ ପାଇଁ ଅଡୁଆ ହୋଇଛି। ଗତ ନିର୍ବାଚନରେ ପଶ୍ଚିମ ଓଡ଼ିଶାର ୫ ଲୋକସଭା କ୍ଷେତ୍ରରେ ବିଜେପି ବିଜୟୀ ହୋଇଥିଲା। କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସମ୍ବଲପୁର ଓ ସୁନ୍ଦରଗଡ଼ ଲୋକସଭା କ୍ଷେତ୍ର ଅଧୀନସ୍ଥ ବିଧାନସଭା ଆସନରେ ବିଜେଡି ଭଲ ସଫଳତା ପାଇଥିଲେ ହେଁ ବିଜେପି ପ୍ରାର୍ଥୀମାନେ ସଂସଦକୁ ନିର୍ବାଚିତ ହୋଇଥିଲେ। ମାତ୍ର ଆଗାମୀ ନିର୍ବାଚନରେ ବିରୋଧୀଙ୍କୁ କୌଣସି ସୁଯୋଗ ଦେବାକୁ ବିଜେଡି ଚାହୁଁ ନାହିଁ। ସମ୍ବଲପୁର ଲୋକସଭା ଆସନରୁ ଦଳର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନିର୍ବାଚନ ଲଢ଼ିବେ। ସେହିପରି ବଲାଙ୍ଗିର ଲୋକସଭା ଆସନ ଅନ୍ତର୍ଗତ କଣ୍ଟାବାଞ୍ଜି ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ନିଜେ ନବୀନ। ଫଳରେ ବଲାଙ୍ଗୀର ଲୋକସଭା ଆସନ ସହ ଏହାର ସୀମାକୁ ଲାଗିଥିବା କଳାହାଣ୍ଡି, ନିକଟବର୍ତ୍ତୀ ନବରଙ୍ଗପୁର, ବରଗଡ଼ ଲୋକସଭା ଆସନ ଓ ଏହା ଅନ୍ତର୍ଗତ ବିଧାନସଭା ଆସନଗୁଡ଼ିକ ଦଳୀୟ ପ୍ରାର୍ଥୀଙ୍କ ବିଜୟ ସହଜ ହୋଇ ପାରିବ ବୋଲି ରାଜନୈତିକ ସମୀକ୍ଷକମାନେ ମନେ କରୁଛନ୍ତି।

ବଲାଙ୍ଗୀର ଲୋକସଭା କ୍ଷେତ୍ର ଅଧିନରେ ୭ଟି ନିର୍ବାଚନ ମଣ୍ଡଳୀ ରହିଛି। ଗତ ସାଧାରଣ ନିର୍ବାଚନରେ ୭ ବିଧାନସଭା ଆସନରୁ ବିଜେଡି ୪ଟିରେ ବିଜୟୀ ହୋଇଥିଲା।

ବଲାଙ୍ଗୀର ଓ କଣ୍ଟାବାଞ୍ଜି ଆସନ ଦୁଇଟି କଂଗ୍ରେସକୁ ଏବଂ ଲୋଇସିଂହା ଆସନ ବିଜେପିକୁ ଯାଇଥିଲା। ମାତ୍ର ନବୀନ କଣ୍ଟାବାଞ୍ଜିରୁ ପ୍ରତିଦ୍ୱନ୍ଦ୍ୱିତା କରିବା ପରେ ୪ଟି ଲୋକସଭା ଆସନର ରାଜନୈତିକ ଚିତ୍ର ବଦଳିଯିବା ସମ୍ଭାବନା ସୃଷ୍ଟି ହୋଇଛି। ବଲାଙ୍ଗିର ଜିଲ୍ଲାକୁ ଲାଗି କଳାହାଣ୍ଡି, ବୌଦ୍ଧ, ସୋନପୁର, ନୂଆପଡ଼ା ଓ ବରଗଡ଼ ପରି ଜିଲ୍ଲା ରହିଛି। ନବୀନଙ୍କ କଣ୍ଟାବାଞ୍ଜି ପ୍ରାର୍ଥୀତ୍ୱ ବଲାଙ୍ଗୀର, ବରଗଡ଼, କଳାହାଣ୍ଡି ଓ କନ୍ଧମାଳ ଲୋକସଭା ଆସନ ଉପରେ ସିଧାସଳଖ ପ୍ରଭାବ ପକାଇବ। ଏହାସହ ଏହି ୪ ଲୋକସଭା ଅନ୍ତର୍ଗତ ୨୮ ବିଧାନସଭା ଆସନରେ ବିଜେଡି ସଂଗଠନକୁ ଅଧିକ ବଳ ମିଳିବ। କଣ୍ଟାବାଞ୍ଜିରୁ ଟିଟିଲାଗଡ଼ର ଦୂରତା ମାତ୍ର ୩୧ କିଲୋମିଟର, ସେହିପରି ପାଟଣାଗଡ଼ ୩୫, ବଲାଙ୍ଗିର ୬୪, ଭବାନୀପାଟଣା ୬୯କିଲୋମିଟର ଦୂରରେ ଅବସ୍ଥିତ। କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ୧୫୦ କିଲୋମିଟର ଦୂରତା ମଧ୍ୟରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଅଧିକାଂଶ ଲୋକସଭା କ୍ଷେତ୍ରର ଦୁଇ ତୃତୀୟାଂଶ ବିଧାନସଭା ଅଞ୍ଚଳ ଅବସ୍ଥିତ। ତେଣୁ ନବୀନ କ'ଣ ପାଇଁ ପଶ୍ଚିମ ଓଡ଼ିଶାର କଣ୍ଟାବାଞ୍ଜି ପରି ସହରରୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ନିଷ୍ପତ୍ତି ନେଇଛନ୍ତି ତାହା ସମ୍ଭବତଃ ରାଜନୈତିକ ସମୀକ୍ଷକମାନଙ୍କୁ ଅବୁଝା ହୋଇ ନାହିଁ।

ସମଗ୍ର ରାଜ୍ୟର ସମତୁଲ ବିକାଶ ପାଇଁ ନବୀନଙ୍କ ରଣନୀତିର ଏହା ଏକ ଅଂଶ ବୋଲି ମଧ୍ୟ ମନେ କରାଯାଉଛି। ଗତ ବିଧାନସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ହିଞ୍ଜିଳି ସହ ବରଗଡ଼ ଜିଲ୍ଲାର ବିଜେପୁର ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ପାଞ୍ଚ ବର୍ଷ ତଳର ବିଜେପୁର ଓ ଆଜିର ବିଜେପୁର ମଧ୍ୟରେ ଆକାଶପାତାଳ ପାର୍ଥକ୍ୟ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ ଆଦି କ୍ଷେତ୍ରରେ ବିଜେପୁର ଏବେ ମଡ଼େଲ ପାଲଟିଛି। ଏହି କ୍ରମରେ ପଶ୍ଚିମ ଓଡ଼ିଶାର ବିକାଶ ପ୍ରକ୍ରିୟାକୁ ଆଗେଇ ନେବାପାଇଁ ମୁଖ୍ୟମନ୍ତ୍ରୀ ଏଥର କଣ୍ଟାବାଞ୍ଜିରୁ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଉପରୋକ୍ତ ନିଷ୍ପତ୍ତି ଦ୍ୱାରା ପଶ୍ଚିମ ଓଡ଼ିଶାବାସୀ ବେଶ୍ ଲାଭାନ୍ୱିତ ହେବାକୁ ଯାଉଛନ୍ତି। କେବଳ କଣ୍ଟାବାଞ୍ଜି କିମ୍ବା ବଲାଙ୍ଗୀର ନୁହେଁ, ନବୀନଙ୍କ ପ୍ରାର୍ଥୀତ୍ୱ ପୂରା ପଶ୍ଚିମ ଓଡ଼ିଶାର ବିକାଶ ପ୍ରକ୍ରିୟା ପାଇଁ ଲାଭ ଦାୟକ ହେବ ବୋଲି ଆଶା କରାଯାଉଛି।

# ରାଜ୍ୟରେ ମହିଳା ନେତୃତ୍ୱଙ୍କୁ ଧମକ ଦେଉଛି ବିଜେପି

## ନିର୍ବାଚନ କମିସନଙ୍କ ନାଁ' ନେଇ ଦିଆଯାଉଛି ଧମକ



**ଭୁବନେଶ୍ୱର,୧୭ ।୪(ସମିସ):** ରାଜ୍ୟରେ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ମିଶନ ଶକ୍ତି, ଆଶା ଏବଂ ଅଙ୍ଗନୱାଡି ମହିଳାମାନଙ୍କୁ ଲଗାତାର ରାଜ୍ୟ ବିଜେପିର ସଦସ୍ୟ, ପାର୍ଥୀ ଏହାର ନେତୃବୃନ୍ଦ ଧମକଚମକ ଦେଉଛନ୍ତି। ଏପରିକି କିଛି ସ୍ଥାନରେ ନିର୍ବାଚନ କମିସନଙ୍କ ନାଁ'ରେ ମହିଳା ନେତୃତ୍ୱଙ୍କୁ ଧମଚମକ ଦିଆଯାଉଛି। ରାଜ୍ୟ ବିଜେପିର ଏଭଳି କାର୍ଯ୍ୟକଳାପକୁ ବିଜେଡି ପକ୍ଷରୁ ନିନ୍ଦା କରିବା ସହ କମିସନ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ଦାବି କରାଯାଇଛି। ବୁଧବାର ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ନିର୍ବାଚନ କମିସନଙ୍କ କାର୍ଯ୍ୟାଳୟକୁ ଯାଇ ଅଧିକାରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ମିଶନ ଶକ୍ତି ମହିଳାମାନେ ମହିଳା ଶସକ୍ତୀକରଣ କ୍ଷେତ୍ରରେ ତୃଣମୂଳସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱ ନେଇଛନ୍ତି। ଅଙ୍ଗନୱାଡି ଏବଂ ରାଜ୍ୟରେ ସ୍ୱାସ୍ଥ୍ୟ, ଶିକ୍ଷା, ପୋଷଣ, ମହିଳା ଏବଂ ଶିଶୁ ବିକାଶ ଏବଂ ସଶକ୍ତୀକରଣ କ୍ଷେତ୍ରରେ ଆଶାକର୍ମୀ ଏବଂ ଅଙ୍ଗନୱାଡି ମାନଙ୍କ ଅବଦାନ ଅତୁଳନୀୟ। ଏହାସତ୍ତ୍ୱେ ରାଜ୍ୟ ବିଜେପି ନେତୃତ୍ୱ ନିର୍ବାଚନ ସମୟରେ ସେମାନଙ୍କୁ ନିୟମିତ ଧମକ ଚମକ ଦେଉଛନ୍ତି। ଏପରିକି ନିର୍ବାଚନ କମିସନଙ୍କ ନାଁ' ନେଇ ଧମକଚମକ ଦେଉଛନ୍ତି। ଯଦି ନିର୍ବାଚନ କାର୍ଯ୍ୟରେ ଏହି ମହିଳାକର୍ମୀମାନେ ବିଜେପିକୁ ସମର୍ଥନ ନ କରନ୍ତି ତେବେ ନିର୍ବାଚନ କମିସନଙ୍କୁ କହି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଜେପି ପକ୍ଷରୁ ଧମକ ଦିଆଯାଉଛି।

ରାଜ୍ୟରେ ମହିଳାମାନଙ୍କ ନେତୃତ୍ୱଙ୍କୁ ସୁରକ୍ଷା ଯୋଗାଇଦେବା ନିର୍ବାଚନା କମିସନଙ୍କ ପ୍ରାଥମିକ ଦାୟିତ୍ୱ। ଏହି ମାମଲାରେ କମିସନ ହସ୍ତକ୍ଷେପ କରିବା ସହ ମହିଳାମାନଙ୍କୁ ସୁରକ୍ଷା ଯୋଗଇବାର ପଦକ୍ଷେପ ନ ନେଲେ ରାଜ୍ୟରେ ଅବାଧ ଏବଂ ମୁକ୍ତ ନିର୍ବାଚନ ଅସମ୍ଭବ। ଏଣୁ ଏହି ମାମଲାରେ ନିର୍ବାଚନ କମିସନ ହସ୍ତକ୍ଷେପ କରିବାକୁ ବିଜେଡି ପକ୍ଷରୁ ଦାବି କରିବା ସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ବିଜେଡି ପ୍ରତିନିଧିମଣ୍ଡଳୀରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ସ୍ୱୟମ୍‌ପ୍ରକାଶ ମହାପାତ୍ର, ତୁମ୍ବନାଥ ପଣ୍ଡା, ମିହିର ରାୟ, ଇପ୍ସିତା ସାହୁ, ପ୍ରିୟବ୍ରତ ମାଝୀ, ମଧୁସ୍ମିତା ନାୟକ ପ୍ରମୁଖ ସାମିଲ୍ ଥିଲେ।

# ଶୋଭାଯାତ୍ରାରୁ ପ୍ରଶାନ୍ତଙ୍କୁ ତଣ୍ଟିଆମାରି ତଡ଼ିଦେଲେ ଯୁବଗୋଷ୍ଠୀ

**ଖୋର୍ଦ୍ଧା/ଟାଙ୍ଗୀ, ୧୭।୪(ସମିସ):** ଗତ ୬ଦିନ ତଳେ ଟାଙ୍ଗୀ ଛଣଗିରିରେ ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଆକ୍ରମଣ କରି ବିବାଦରେ ଫସିଥିବା ଚିଲିକା ବିଧାୟକ ତଥା ତଡ଼ାଖିଆ ବିଜେପି ନେତା ପ୍ରଶାନ୍ତ ଜଗଦ୍ଦେବ ଆଜି ପୁଣି ଟାଙ୍ଗୀରେ ହଟହଟା ହୋଇଛନ୍ତି। ବାରମ୍ବାର ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମରେ ଧସେଇ ପଶି ଲୋକଙ୍କୁ ଆକ୍ରମଣ କରି ବିବାଦରେ ରହିଛନ୍ତି ଶ୍ରୀ ଜଗଦ୍ଦେବ। ଶ୍ରୀରାମ ନବମୀ ଉପଲକ୍ଷେ ଗାଁ ଗାଁରେ

- ଜନବିରୋଧୀ ନେତାଙ୍କୁ ଗ୍ରହଣ କରୁନାହାନ୍ତି ଜନତା
- ତଡ଼ାଖିଆ ଜଗଦ୍ଦେବଙ୍କ ଦାଦାଗିରି ଛଡ଼ାଇଲେ ସ୍ଥାନୀୟ ଲୋକେ



ଉତ୍ସବ ପାଳନ ହେଉଥିବାବେଳେ ଏହି ଅବସରରେ ଆଜି ଟାଙ୍ଗୀ, ଚାନ୍ଦପୁର, କନ୍ଧନୟାଗଡ଼ ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଟାଙ୍ଗୀ କଲେଜ ଛକରେ ଜବରଦସ୍ତ ଶୋଭାଯାତ୍ରାରେ ବିଧାୟକ ଶ୍ରୀ ଜଗଦ୍ଦେବ ଓ ତାଙ୍କ ସହଯୋଗୀ ପଶିଥିବାବେଳେ ଏହାକୁ ସୁରକ୍ଷା ମଞ୍ଚର ସଦସ୍ୟମାନେ ବିରୋଧ କରିଥିଲେ। ଯୁବଗୋଷ୍ଠୀ ଓ ବିଧାୟକଙ୍କ ଗୋଷ୍ଠୀ ମଧ୍ୟରେ କିଛି ସମୟ ପାଇଁ ଠେଲାପେଲା ହୋଇଥିଲା। ବିଧାୟକ କ୍ଷମା ପ୍ରାର୍ଥନା କରିବାକୁ ଯୁବକମାନେ ଅଡ଼ି ବସିଥିଲେ। ଶେଷରେ ଭୟଭୀତ ହୋଇ ବିଧାୟକ ଶ୍ରୀ ଜଗଦ୍ଦେବ କ୍ଷମା ପ୍ରାର୍ଥନା କରିବା ସହ ସେଠାରୁ ପୁଲିସ ଉପସ୍ଥିତିରେ ସେ ମୁକୁଳିଥିବା ଜଣାଯାଇଛି।

ପ୍ରକାଶ ଥାଉକି, ଟାଙ୍ଗୀ, ଚାନ୍ଦପୁର, କନ୍ଧନୟାଗଡ଼ ସଂସ୍କୃତି ସୁରକ୍ଷା ମଞ୍ଚର ଶତାଧିକ ଯୁବକ ରାମନବମୀ ଯୋଗୁ ଜୟ ଶ୍ରୀରାମ ଧ୍ୱନି ଦେଇ କନ୍ଧନୟାଗଡ଼ ହନୁମାନମନ୍ଦିର ପରିସରରୁ ଟାଙ୍ଗୀ ଅଭିମୁଖେ ଶୋଭାଯାତ୍ରାରେ ଆସୁଥିଲେ। ଟାଙ୍ଗୀ କଲେଜ ଛକ ନିକଟରେ ଶୋଭାଯାତ୍ରାକୁ ଅଟକାଇ ସେଠାରେ ଜବରଦସ୍ତ ସାମିଲ ହୋଇଥିଲେ ଶ୍ରୀ ଜଗଦ୍ଦେବ ଓ ତାଙ୍କ ସମର୍ଥକ। ଏହାକୁ ମଞ୍ଚର କର୍ମକର୍ତ୍ତାମାନେ ବିରୋଧ କରିଥିଲେ। ଏହା କୌଣସି ରାଜନୈତିକ ଦଳୀୟ ଶୋଭାଯାତ୍ରା ନୁହେଁ ବରଂ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରା ବୋଲି କହି ବିରୋଧ କରିଥିଲେ। ମାତ୍ର ସାମିଲ ହେବାକୁ ଜିଦ୍ କରି ବିଧାୟକ ସମର୍ଥକଙ୍କ ସହ ପଶିଥିଲେ। ଫଳରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଏପରିକି କାର୍ଯ୍ୟରତ ପୁଲିସ ଅଧିକାରୀଙ୍କୁ ମଧ୍ୟ ଶ୍ରୀ ଜଗଦ୍ଦେବ ତାଗିଦ କରୁଥିବା ଭିଡିଓ ଭାଇରାଲ୍ ହେଉଛି। ବିଧାୟକ ଶ୍ରୀ ଜଗଦ୍ଦେବ ଓ ପୂର୍ବତନ ଜିଲ୍ଲା ସଭାପତି ନିକୁଞ୍ଜ ପଟ୍ଟନାୟକଙ୍କୁ ଯୁବକମାନେ ଠେଲାପେଲା କରି ଶୋଭାଯାତ୍ରାରୁ ବାହାର କରିଥିବା ମଞ୍ଚର ସଦସ୍ୟମାନେ ପ୍ରକାଶ କରିଛନ୍ତି। ଶୋଭାଯାତ୍ରା ବନ୍ଦ କରି ମଞ୍ଚର ସଦସ୍ୟମାନେ ବିଧାୟକ ଶ୍ରୀ ଜଗଦ୍ଦେବ ଭୁଲ ମାଗନ୍ତୁ ବୋଲି ଦାବି କରିଥିଲେ। ପରେ ପୁଲିସ ଉପସ୍ଥିତିରେ ବିଧାୟକ ଭୁଲ ମାଗିବା ସହ ଘଟଣାସ୍ଥଳରୁ ପୁଲିସ ସହାୟତାରେ ଟାଙ୍ଗୀର ଜଣେ ସରପଞ୍ଚଙ୍କ ଘରେ ଆଶ୍ରୟ ନେଇଥିବା ଚର୍ଚ୍ଚା ହେଉଛି। ତେବେ ଜନବିରୋଧୀ ବିଧାୟକ ଶ୍ରୀ ଜଗଦ୍ଦେବଙ୍କ ଏଭଳି ବାରମ୍ବାର ଜନତାଙ୍କୁ ଆକ୍ରମଣ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

## ଲଳିତଙ୍କ ପ୍ରାର୍ଥିତ୍ୱ ପରେ ରାଜନଗରରେ ବିଦ୍ରୋହ

# ୫ କୋଟି ନେଇ ମନମୋହନ ଟିକଟ ବିକିଥିବା ଅଭିଯୋଗ

**ରାଜନଗର, ୧୭।୪(ସମିସ):** ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେପି ପକ୍ଷରୁ ଯୁବନେତା ଲଳିତ କୁମାର ବେହେରାଙ୍କ ନାଁ ଘୋଷଣା ପରେ ରାଜନଗରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗତକାଲି ସୋସିଆଲ ମିଡିଆରେ ଅତି କଟୁ ଶବ୍ଦରେ ବିଜେପି ରାଜ୍ୟ ସଭାପତିଙ୍କୁ ସମାଲୋଚନା କରାଯାଇଥିବା ବେଳେ ଆଜି

## ବିଜେପି ପ୍ରାର୍ଥୀଙ୍କ କୁଶପୁତ୍ତଳିକା ଦାହକଲେ ଦଳୀୟ କର୍ମୀ

ବିଜେପି କର୍ମୀମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଶତାଧିକ ବିଜେପି କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ ସହ ବିଜେପି ପ୍ରାର୍ଥୀ ଲଳିତ ବେହେରାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ରାଜ୍ୟ ସଭାପତି ମନମୋହନ ସାମଲ ରାଜନଗର ବିଜେପି କର୍ମକର୍ତ୍ତାଙ୍କୁ ଚିହ୍ନି ନଥିବାବେଳେ ଲଳିତଙ୍କ ଠାରୁ ୫କୋଟି ଟଙ୍କାନେଇ ଟିକଟ ବିକ୍ରି କରିଛନ୍ତି ବୋଲି କର୍ମୀମାନେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଗତକାଲି ବିଜେପି



ପକ୍ଷରୁ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଯୁବନେତା ଲଳିତ କୁମାର ବେହେରାଙ୍କ ନାଁ ଘୋଷଣା କରିଥିଲା। ଲଳିତଙ୍କ ନାଁ ଘୋଷଣା ପରେ ରାଜନଗର ନିର୍ବାଚନମଣ୍ଡଳୀରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଆଜି ଅପରାହ୍ନରେ ଶତାଧିକ ବିଜେପି କର୍ମୀ ତ୍ରିନାଥବଜାର ଠାରୁ ଶୋଭାଯାତ୍ରାରେ ଆସି ରାଜନଗର ହଂସୁଆ ସେତୁ ନିକଟରେ ବିକ୍ଷୋଭ ପ୍ରଦର୍ଶନ ସହ ରାଜ୍ୟ ସଭାପତି ମନମୋହନ ସାମଲ ହାଏ ହାଏ, ଲଳିତ ବେହେରା ମୁର୍ଦ୍ଦାବାଦ ନାରା ଦେଇ ଲଳିତଙ୍କ କୁଶ ପୁତଳିକା ଦାହ କରିଥିଲେ। ଲଳିତ ଜଣେ ମଦ ମାଫିଆ, ତାଙ୍କ ଟିକଟ ତୁରନ୍ତ କଟାଯାଉ। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହିତ ତାଙ୍କର ବ୍ୟବସାୟିକ ସମ୍ପର୍କ ରହିଛି। ତେଣୁ ମନମୋହନ ଲଳିତଙ୍କ ଠାରୁ ୫ କୋଟି ଟଙ୍କା ନେଇ ରାଜନଗର ବିଜେପି ଟିକଟ ବିକି ଦେଇଛନ୍ତି ବୋଲି କର୍ମୀମାନେ ସିଧା ସଳଖ ଅଭିଯୋଗ କରିଥିଲେ। ତୁରନ୍ତ ଲଳିତଙ୍କ ଟିକେଟ କାଟି ରାଜନଗରରେ ସଂଗଠନ କରିଥିବା ଅଜୟ କୁମାର ବେହେରାଙ୍କୁ ଦିଆଯାଉ। ନଚେତ୍ ଲଳିତଙ୍କୁ ରାଜନଗରରେ ପୁରାଇ ଦିଆଯିବନାହିଁ। ରାଜନଗରରେ ଆଜି ସୃଷ୍ଟି ହୋଇଥିବା ନିଆଁ ରାଜଧାନୀ ଯାଏ ଯିବ। ଏଥିପାଇଁ ରାଜ୍ୟ ସଭାପତି ଦାୟୀ ରହିବେ, ରାଜ୍ୟ ସଭାପତି ଜାଣିଶୁଣି ସଂଗଠନକୁ ନଷ୍ଟ କରିବା ସହ ବିରୋଧି ଦଳକୁ ୱାକ୍‌ଓଭର ଦେଉଛନ୍ତି ବୋଲି ବିଜେପି କର୍ମୀମାନେ କହିଛନ୍ତି। ୧୭ନଂ ଜୋନ ଉପସଭାପତି ଚନ୍ଦନ କୁମାର ଦାସ, ୩୧ନଂ ଜୋନ ସଭାପତି ସସ୍ମିତା ପାତ୍ର, ଯୁବନେତା ଚନ୍ଦନ କୁମାର ସ୍ୱାଇଁ, ବିଭୂ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏହି ଶୋଭାଯାତ୍ରା ଓ ବିକ୍ଷୋଭରେ ସାମିଲ ହୋଇଥିଲେ। ଟିକଟ ପରିବର୍ତ୍ତନ ହେବା ଯାଏଁ ଏ ବିକ୍ଷୋଭ ଜାରି ରହିବ ବୋଲି କର୍ମୀମାନେ ସିଧା ସଳଖ କହିଛନ୍ତି।

## କଟକ ବଡ଼ ମେଡିକାଲ

# ପୁଣି ଏକ କାଡାଭରିକ କିଡନୀ ପ୍ରତିରୋପଣ

**କଟକ,୧୭।୪(ସମିସ):** ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ କ୍ରମାନ୍ୱୟ ଭାବେ କିଡନୀ ପ୍ରତିରୋପଣ ସଫଳତାର ସହ କରାଯାଉଛି। ବୁଧବାର ସନ୍ଧ୍ୟାରେ ପୁଣି ଥରେ କାଡାଭରିକ ପ୍ରକ୍ରିୟାରେ ତିଗିରିଆ ଅଞ୍ଚଳର ଜଣେ ୪୨ବର୍ଷୀୟ ଯୁବକ ରାଜୀବ ଦାସଙ୍କ ଶରୀରରେ ଗୋଟିଏ କିଡନୀ ପ୍ରତିରୋପିତ ହୋଇଛି। ୟୁରୋଲୋଜି ବିଭାଗୀୟ ମୁଖ୍ୟ ପରେ ସୋଟୋ ଦଳ ପ୍ରତିରୋପଣ ନିମନ୍ତେ ପଦକ୍ଷେପ ନେଇଥିଲା। ସଂଯୁକ୍ତାଙ୍କ ଶରୀରରୁ ୨ଟି ଯାକ କିଡନୀ ଏବଂ ଲିଭର କଢ଼ାଯାଇଥିଲା। ଗୋଟିଏ କିଡନୀ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ରଖାଯାଇଥିଲା। ଲିଭରକୁ ହାଇଦ୍ରାବାଦର ଏଆଇଜି ହସ୍ପିଟାଲକୁ ନିଆଯାଇଥିଲା। ଅନ୍ୟ ଏକ କିଡନୀ ଗ୍ରୀନ କରିଡରରେ ବଡ ମେଡିକାଲ ଅଣାଯାଇଥିଲା। ଗତ



ଡାକ୍ତର ସମୀର ସ୍ୱାଇଁ, ନେଫ୍ରୋଲୋଜି ବିଭାଗୀୟ ମୁଖ୍ୟ ଡାକ୍ତର ଅରୁଣା ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଏହି ପ୍ରତିରୋପଣ କରିଛନ୍ତି। ଡାକ୍ତର ସଞ୍ଜୟ ଚୌଧୁରୀ, ଡାକ୍ତର ରାଜେଶ ରାଉତରାୟ ପ୍ରମୁଖ ଏହି ଡାକ୍ତରୀ ଦଳରେ ସାମିଲ ଥିଲେ। ମିଳିଥିବା ସୂଚନା ମୁତାବକ, ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ୫୦ବର୍ଷୀୟ ମହିଳା ସଂଯୁକ୍ତା ପାତ୍ର ଚିକିତ୍ସିତ ହେଉଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିଲା। ବୁଧବାର ଡାକ୍ତରମାନେ ସଂଯୁକ୍ତାଙ୍କୁ ବ୍ରେନଡେଡ ଘୋଷଣା କରିଥିଲେ। ତାଙ୍କ ପରିବାର ଲୋକେ ଅଙ୍ଗଦାନ ପାଇଁ ସମ୍ମତି ଜଣାଇବା ଦୁଇବର୍ଷ ହେବ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଏସ୍‌ସିବିରେ ଚିକିତ୍ସିତ ହେଉଥିଲେ ତିଗିରିଆର ରାଜୀବ। ନେଫ୍ରୋଲୋଜି ବିଭାଗରେ ତାଙ୍କର ଡାଏଲିସିସ କରାଯାଉଥିଲା। ପ୍ରତିରୋପଣ ନିମନ୍ତେ ପ୍ରସ୍ତୁତ ତାଲିକାରେ ରାଜୀବଙ୍କ ନାମ ରହିଥିଲା। ତେବେ ବିଭିନ୍ନ ପରୀକ୍ଷାନିରୀକ୍ଷା ପରେ ସଂଯୁକ୍ତାଙ୍କ କିଡନୀ ରାଜୀବଙ୍କ ସହ ମେଳ ଖାଇବ ବୋଲି ଜଣାପଡ଼ିଥିଲା। ଯୁଦ୍ଧକାଳୀନ ଭିତିରେ ଏସ୍‌ସିବି ୟୁରୋଲୋଜି ବିଭାଗୀୟ ମୁଖ୍ୟ ଡାକ୍ତର ସ୍ୱାଇଁଙ୍କ ନେତୃତ୍ୱରେ ପ୍ରତିରୋପଣ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ପ୍ରତିରୋପଣ ଆରମ୍ଭ କରାଯାଇଥିଲା।

## ଲୋକକଥା



କଥାରେ ଭଳିକି ଭୋଟ ଦେବେକି
ବିକାଶକୁ ଦେଇ ଆଢ଼େଇ,
ଦଅର ତାତିରେ ଟକମକ ଫୁଟେ
ଭୋଟରଙ୍କ ହାଣ୍ଡି-କଢ଼େଇ !
'ଆଚ୍ଛାଦିନ' ମନେ ପଡ଼ଇ,
ସତ-ମିଛର ଏ ଲାଗିଅଛି ପରା
ଚବିଶି ଭୋଅଟ ଲଢ଼େଇ !!

# ଧରାପଡ଼ିଲା ୧୮ ଲକ୍ଷ ନକଲି ଜମି

- ଖେଳ ପଡିଆ, ବିଦ୍ୟାଳୟ, ପୋଖରୀକୁ ଦର୍ଶାଯାଇଥିଲା ଚାଷ ଜମି
- କାମ ଦେଲା ସାଟେଲାଇଟ୍ ସର୍ଭେ

**ଭୁବନେଶ୍ୱର,୧୭ ।୪(ସମିସ):** ବିଭାଗୀୟ କାର୍ଯ୍ୟରେ ରାଜ୍ୟ ସରକାରଙ୍କ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗର ପ୍ରୟାସ ଆର୍ଥିକ ଅନିୟମିତତା ରୋକିବାରେ ସହାୟକ ହୋଇଛି। ଯୋଗାଣ ବିଭାଗରେ ଏହାର ସଦ୍ୟ ଉଦାହରଣ ଦେଖିବାକୁ ମିଳିଛି। ସର୍ବନିମ୍ନ ସହାୟକ ମୂଲ୍ୟରେ ଖରିଫ ଧାନ ବିକ୍ରୟ ପାଇଁ ପଞ୍ଜିକୃତ ହୋଇଥିବା ରାଜ୍ୟର ପ୍ରାୟ ୧୮ ଲକ୍ଷ ନକଲି ଜମିକୁ ବିଭାଗ ଚିହ୍ନଟ କରିଛି। ବିଭିନ୍ନ ଜିଲ୍ଲାରେ ଧାନ ବିକ୍ରୟ ପାଇଁ ପୋଖରୀ, ନଦୀ, ଖେଳ ପଡିଆ, ମନ୍ଦିର, ସ୍କୁଲ ଓ କୋଠାଘର ଥିବା ଜମିକୁ ଚାଷଜମି ଦର୍ଶାଯାଇ ପଞ୍ଜିକୃତ କରାଯାଇଥିବା ନେଇ ସ୍ପଷ୍ଟ ହୋଇଛି। ଏହା ଜଣାପଡିବା ପରେ ସମ୍ପୃକ୍ତ ପଞ୍ଜିକରଣ ଏବଂ ଜାରି ହୋଇଥିବା ଟୋକନ୍ ବାତିଲ କରାଯାଇଛି।

ଗତ ମାସ ଶେଷ ସୁଦ୍ଧା ଧାନ ସଂଗ୍ରହ ହେବାର ଥିଲା। ତେବେ ଏହା ପୂର୍ବରୁ କିଛି ଜିଲ୍ଲାରେ ନକଲି ଜମି ପଞ୍ଜିକୃତ ହୋଇଥିବା ନେଇ କ୍ଷେତ୍ର ସ୍ତରୀୟ ଅଧିକାରୀମାନେ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଏହାକୁ ନେଇ ବିଭାଗ ପକ୍ଷରୁ ଆଭ୍ୟନ୍ତରୀଣ ତଦନ୍ତ କରାଯିବାରୁ ପ୍ରାୟ ୨୦ ଲକ୍ଷରୁ ଅଧିକ ନକଲି ଜମି ପଞ୍ଜିକୃତ ହୋଇଥିବା ଜଣାପଡିଥିଲା। ଆଉ ଏକ ପାଦ ଆଗକୁ ଯାଇ ଓଡ଼ିଶା ସ୍ପେସ୍ ଆପ୍ଲିକେସନ୍ ସେଣ୍ଟର (ଓର୍‌ସାକ୍) ଜରିଆରେ ନକଲି ଜମି ଚିହ୍ନଟ ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ସାଟେଲାଇନ୍ ଅବା ଉପଗ୍ରହ ସର୍ଭେରୁ ସ୍ପଷ୍ଟ ହୋଇଥିଲା ଯେ ୧୭.୯୩ ଲକ୍ଷ ଜମି ବେଆଇନ୍ ଭାବେ ପଞ୍ଜିକୃତ ହୋଇଛି। ଗୁରୁତ୍ୱପୂର୍ଣ୍ଣ ହେଉଛି ଚଞ୍ଚକତା କରି ଗୋଚର ଜମି, ଜଙ୍ଗଲ ଜମି, ବଣବୁଦା, ଅଣ ଚାଷ ଜମିକୁ ଚାଷଜମି ବୋଲି ଦର୍ଶାଯାଇ ଥିଲା। ଅନେକ ପରିବାରରେ ଏକାଧିକ ଲୋକ ଗୋଟିଏ ଜମିକୁ ନିଜ ଜମି ବୋଲି ଦର୍ଶାଇ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିବା ଜଣାପଡିଥିଲା। ଏପରିକି ଅନ୍ୟ ଲୋକର ଜମିକୁ ମଧ୍ୟ କିଛି ଲୋକ ନିଜ ଜମି ବୋଲି ଦର୍ଶାଇବାକୁ ପଛାଇ ନାହାନ୍ତି। ଏହା ଜଣାପଡିବା ପରେ ସମ୍ପୃକ୍ତ ଜମି ମାଲିକ ଏବଂ ପଞ୍ଜିକୃତ ନମ୍ବରକୁ କଳା ତାଲିକାଭୁକ୍ତ କରାଯିବା ସହିତ ଜାରି ହୋଇଥିବା ଟୋକନ୍ ବାତିଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଧାନ କିଣା ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ରଖିବା ପାଇଁ ଯୋଗାଣ ବିଭାଗ ଉଦ୍ୟମ ଜାରି ରଖିଥିବା ବେଳେ ନକଲି ଜମି ଚିହ୍ନଟ ପାଇଁ ଗତ କିଛି ବର୍ଷ ହେଲା ସାଟେଲାଇଟ୍‌ର ସହାୟତା ନିଆଯାଉଛି। ସମୟକ୍ରମେ ଏହି ସାଟେଲାଇନ୍ ସର୍ଭେ ବ୍ୟବସ୍ଥାର ଦକ୍ଷତା ବୃଦ୍ଧି କରାଯାଇଛି। ପରିଣାମ ସ୍ୱରୂପ ଗୋଟିଏ ପରେ ଗୋଟିଏ ନକଲି ଜମି ଚିହ୍ନଟ ହେଉଛି।

## ବିଜେଡିର ୫ମ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ତାଲିକା


ନବୀନ ପଟ୍ଟନାୟକ
କଣ୍ଟାବାଞ୍ଜି


ସଂଯୁକ୍ତା ସିଂହ
ଅନୁଗୁଳ


ଦିଲୀପ ନାୟକ
ନିମାପଡ଼ା


ସୁଲକ୍ଷଣା ଗୀତାଞ୍ଜଳି ଦେବୀ
ସାନଖେମୁଣ୍ଡି


ଇନ୍ଦିରା ନନ୍ଦ
ଜୟପୁର


ଲକ୍ଷ୍ମୀପ୍ରିୟା ନାୟକ
ଚିତ୍ରକୋଣ୍ଡା


ବର୍ଷା ସିଂ ବରିହା
ପଦ୍ମପୁର


ରାଜେନ୍ଦ୍ର ଛତ୍ରିଆ
କୁଚିଣ୍ଡା


ଅରୁନ୍ଧତୀ ଦେବୀ
ଦେବଗଡ଼

### ବିଧାନସଭା ପ୍ରାର୍ଥୀ ପରିବର୍ତ୍ତନ


ପ୍ରସନ୍ନ ଆଚାର୍ଯ୍ୟ
ରେଢ଼ାଖୋଲ


ରୋହିତ ପୂଜାରୀ
ସମ୍ବଲପୁର

ଢେଙ୍କାନାଳ ଲୋକସଭା ଆସନ

# ରୁଦ୍ରଙ୍କ ପଥରେ ସସ୍ମିତା କଣ୍ଟା; ସୁବିଧା ସ୍ଥିତିରେ ଅବିନାଶ

**ଅନୁଗୋଳ, ୧୭।୪(ସମିସ):** କ୍ରମାଗତ ନିର୍ବାଚନ ପରାଜୟରେ ରେକର୍ଡ଼ କରିଥିବା ବିଜେପି ପ୍ରାର୍ଥୀ ରୁଦ୍ରନାରାୟଣ ପାଣିଙ୍କ ବିଜୟ ପଥରେ କଣ୍ଟା ହୋଇଛନ୍ତି କଂଗ୍ରେସର ସସ୍ମିତା। ପୂର୍ବରୁ ଏହି ଆସନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କୁହାଯାଉଥିଲେ ହେଁ ଏବେ ନିର୍ବାଚନ ଏକତରଫା ଆଡ଼କୁ ଗତି କରୁଛି ଓ ବିଜେଡି ପ୍ରାର୍ଥୀ ଅବିନାଶ ସାମଲ ସୁବିଧାଜନକ ସ୍ଥିତିରେ ପହଞ୍ଚିଛନ୍ତି। ଚଳିତ ନିର୍ବାଚନର ବିଗୁଲ ବାଜିବା ପରେ ବିଜେପି ଏହି ଆସନରୁ ତିନି ଥର ପରାଜିତ ରୁଦ୍ର ନାରାୟଣ ପାଣିଙ୍କୁ ପ୍ରାର୍ଥୀ କରିଥିବାବେଳେ ବିଜେଡି ନବାଗତ ଯୁବ ଡାକ୍ତର ଅଭିନାଶ ସାମଲଙ୍କୁ ପ୍ରାର୍ଥୀ କରିଛି। ସେ ହେଉଛନ୍ତି ଢେଙ୍କାନାଳର ସଦର ବିଧାୟକ ସୁଧୀର ସାମଲଙ୍କ ପୁତୁରା। ଏପଟେ କଂଗ୍ରେସର ମଙ୍ଗ ଧରିଛନ୍ତି ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ଇଂ ସସ୍ମିତା ବେହେରା। ସେ ଅନୁଗୋଳ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଥିଲେ ଏବଂ ତାଳଚେର ଓ ଛେଣ୍ଡିପଦା ବିଧାନସଭା ଆସନରୁ ନିର୍ବାଚନ ମଧ୍ୟ ଲଢିଛନ୍ତି। ସେ ଏକ ରାଜନୈତିକ ପରିବାରରୁ ଆସିଥିବାବେଳେ ତାଙ୍କ ବାପା ଭଜମନ ବେହେରା ଢେଙ୍କାନାଳ ଲୋକସଭା ଆସନରୁ ନିର୍ବାଚିତ ହୋଇ କେନ୍ଦ୍ରରେ ମନ୍ତ୍ରୀ ମଧ୍ୟ ଥିଲେ। ପ୍ରଥମେ କଂଗ୍ରେସ ଆଉ ପରେ ଦୀର୍ଘ ବର୍ଷ ଧରି ବିଜେଡି କବ୍‌ଜାରେ ଥିବା ଏହି ସଂସଦୀୟ କ୍ଷେତ୍ର କିଏ ଦଖଲ କରିବ ତାକୁ ନେଇ ଆରମ୍ଭ ହୋଇଗଲାଣି ଗୋଟିଚାଳନା। ରାଜ୍ୟ ରାଜନୀତିର ୨୧ ଟି ଲୋକସଭା ଆସନ ମଧ୍ୟରୁ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସଂସଦୀୟ କ୍ଷେତ୍ର ଢେଙ୍କାନାଳ। ଢେଙ୍କାନାଳ ସଦର, ହିନ୍ଦୋଳ, କାମାକ୍ଷା ନଗର, ପରଜଙ୍ଗ ଭଳି ଚାରୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଢେଙ୍କାନାଳ ଜିଲ୍ଲାରେ ରହିଥିବା ବେଳେ ଅନୁଗୁଳ, ତାଳଚେର ଓ ପାଲଲହଡା ନିର୍ବାଚନମଣ୍ଡଳୀ ଅନୁଗୁଳ ଜିଲ୍ଲାରେ ରହିଛି।ଢେଙ୍କାନାଳ ଲୋକସଭା କ୍ଷେତ୍ରରେ ମୋଟ ଭୋଟର ସଂଖ୍ୟା ୧୫ଲକ୍ଷ ୭ହଜାର ୫ଶହ ୮୯। ସେଥିରୁ ପୁରୁଷ ଭୋଟର ୭ଲକ୍ଷ ୭୮ହଜାର ୪ଶହ ୬୬ ଓ ମହିଳା ଭୋଟର ସଂଖ୍ୟା ୭ଲକ୍ଷ ୨୮ହଜାର ୯ଶହ ୫୩।

ଏକଦା କଂଗ୍ରେସର ଗଡ଼ ଥିଲା ଏହି ଢେଙ୍କାନାଳ ସଂସଦୀୟ କ୍ଷେତ୍ର। ଏଠାରୁ ଛଅ ଛଅ ଥର ନିର୍ବାଚିତ ହୋଇ କେନ୍ଦ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ମଣ୍ଡଳରେ ଦାୟିତ୍ୱ ତୁଲାଇ ଆସୁଥିଲେ ବ୍ରିଗେଡ଼ିୟର କେପି ସିଂହଦେଓ। ମାତ୍ର ବିଗତ ୨୦ବର୍ଷ ହେବ ଏଠାରେ ଅତି ନୈରାଶ୍ୟ ଜନକ ଭାବରେ ପ୍ରଦର୍ଶନ କରି ଆସୁଛି କଂଗ୍ରେସ। ୧୯୯୮ ମସିହାରୁ ଲଗାତାର ୪ଥର ତଥାଗତ ଶତପଥୀ ପରେ ୨୦୧୯ ମସିହାରେ ବିଜେଡିର ମହେଶ ସାହୁ ଏଠାରେ ବିଜୟୀ ହୋଇଥିଲେ। ମହେଶ ସାହୁ ୫ଲକ୍ଷ ୨୧ ହଜାର ୯୫୪ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପିର ରୁଦ୍ର ନାରାୟଣ ପାଣି ୪ଲକ୍ଷ ୮୩ହଜାର ୯୭୮ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। କଂଗ୍ରେସ ପକ୍ଷରୁ ବ୍ରିଗେଡ଼ିୟର କେପି ସିଂହଦେଓ ପାଇଥିଲେ ମାତ୍ର ୭୯୯୦୭। କେବଳ ଲୋକସଭା କାହିଁକି ବରଂ ଲୋକସଭା ଆସନ ଅନ୍ତର୍ଗତ ସାତଟି ଯାକ ବିଧାନସଭା କ୍ଷେତ୍ର ବି ନିଜ ଦଖଲକୁ ନେଇଥିଲା ବିଜୁ ଜନତା ଦଳ। ୨୦୨୪ ସାଧାରଣ ନିର୍ବାଚନରେ ବିଜେପିର ବିଜୟ ବାନା ଉଡାଇବାକୁ ପଦ୍ମ କ୍ୟାମ୍ପ କରୁଛି ସ୍ୱତନ୍ତ୍ର ରଣନୀତି। ପ୍ରଥମ ଥର ପାଇଁ ଏଠାରେ ପଦ୍ମ ଫୁଟାଇବା ପାଇଁ ଦଳ ବଳ କୌଶଳ ଲଗାଇ ମଇଦାନକୁ ଓହ୍ଲାଇବ ବିଜେପି। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ଜନବିରୋଧୀ କାର୍ଯ୍ୟକଳାପକୁ ନେଇ କଂଗ୍ରେସ ମଇଦାନକୁ ଓହ୍ଲାଇଛି ଓ ଖେଳିଛି ମହିଳା କାର୍ଡ଼। ମାତ୍ର କଂଗ୍ରେସ ଓ ବିଜେପି ଅପେକ୍ଷା ବିଜେଡି ଏଠାରେ ସବୁ କ୍ଷେତ୍ରରେ ଆଗୁଆ ଥିବା କୁହାଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କର ଲୋକାଭିମୁଖୀ ଯୋଜନା, ସଂସଦୀୟ କ୍ଷେତ୍ରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଉଚ୍ଚଶିକ୍ଷିତ ଅବିନାଶଙ୍କ ଲୋକପ୍ରିୟତା ବିଜେଡି ପାଇଁ ଲାଭଦାୟକ ହେବ ବୋଲି ଆକଳନ କରାଯାଉଛି।





# ଗଞ୍ଜାମ ରାଜନୀତିରେ ଗଣିତ-ଭୂଗୋଳ-ସାହିତ୍ୟ

## କେଉଁଠି ଚାରଣା, କେଉଁଠି ଆଠଣା-ବାରଣା

**ବ୍ରହ୍ମପୁର,୧୭ ।୪(ସମିସ):** ଗଞ୍ଜାମ ରାଜନୀତିର ଇତିହାସ ଯେତିକି ଜଟିଳ, ଗଣିତ ସେତିକି ରୋମାଞ୍ଚକର। ଏଠାକାର ଭୂଗୋଳ ଆକାର ଯଥେଷ୍ଟ ବଡ଼ ଥିଲେ ବି ରାଜନୀତିରେ ଲୋକ ସାହିତ୍ୟର ପ୍ରୟୋଗ ସମସ୍ତଙ୍କୁ ଆବାକ କରିଥାଏ। କେବଳ ଦୈନନ୍ଦିନ ଜୀବନ ନୁହେଁ, ରାଜନୀତି ମଇଦାନରେ ବି ଗଞ୍ଜାମର ଲୋକକଥା ଭଳି ଗଣିତ ଆହୁରି ମଧୁର ଥିବା ସ୍ପଷ୍ଟ ହୁଏ। ଏହି ପ୍ରୟୋଗ ହଠାତ୍ ଅନ୍ୟ ଜିଲ୍ଲାର ନେତା ଅଥବା ରାଜନୈତିକ ସମୀକ୍ଷକ ମଧ୍ୟ ଜାଣିବା ବୋଧହୁଏ କଠିନ ହୋଇଥାଏ। ସାମ୍ପ୍ରତିକ ସ୍ଥିତିରେ ମଧ୍ୟ ଗଞ୍ଜାମର ରାଜନେତା ଓ କର୍ମୀମାନେ ଅଣା, ଦୁଇ ଅଣା, ଆଠଣା, ବାରଣା ଏଭଳି ଅଙ୍କ କଷିଥାନ୍ତି। ଏହି ଗଣିତ ମାଧ୍ୟମରେ ଗ୍ରାମାଞ୍ଚଳର କର୍ମୀମାନେ ସହଜରେ ବୁଝିପାରନ୍ତି। କେଉଁ ନେତାଙ୍କ କେଉଁ ଅଞ୍ଚଳରେ ଦବଦବା ରହିଛି, ତାହା ଏହି ଗଣିତରୁ ସ୍ପଷ୍ଟ ହୋଇଥାଏ।

ବର୍ତ୍ତମାନ ସାଧାରଣ ନିର୍ବାଚନ ବିଗୁଲ ବାଜିସାରିଛି। ଗାଁ ଦାଣ୍ଡ ପ୍ରଚାର ପ୍ରସାରରେ କମ୍ପୁଛି। ଆଉ କେଇଟା ଦିନ ପରେ ଭୋଟର ସେମାନଙ୍କ ପ୍ରିୟ ପ୍ରତିନିଧି ମଧ୍ୟ ବାଛିବେ। ଏନେଇ ପ୍ରାର୍ଥୀମାନେ ମଧ୍ୟ ସେମାନଙ୍କ ରଣନୀତି ଆରମ୍ଭ କରି ଦେଇଛନ୍ତି। କର୍ମୀମାନେ ମଧ୍ୟ ଭୋଟ ସଂଗ୍ରହରେ ଲାଗି ପଡ଼ିଛନ୍ତି। ଭୋଟର ବି କ'ଣ ନିର୍ଣ୍ଣୟ ନେବେ, ସେନେଇ ମନସ୍ଥ କରୁଛନ୍ତି। ସବୁଠାରୁ ବଡ଼ କଥା ହେଲା ସମ୍ପ୍ରତି ଗୋଷ୍ଠୀଗତ ଭୋଟ ହାତେଇବାକୁ ନେତାଏଁ ବାଉଳା ହେଉଛନ୍ତି। ଏହି କ୍ରମରେ କର୍ମୀମାନଙ୍କୁ ଏନେଇ ସଜାଗ କରୁଛନ୍ତି। ଗୋଷ୍ଠୀ ଭୋଟ ହାତେଇଲେ ରାଜନୀତିର ଗଣିତ ବଢ଼ିବ ବୋଲି ମଧ୍ୟ ଭାବୁଛନ୍ତି। କର୍ମୀମାନେ ବି କେତେ ଭୋଟ ଅଛି, କେତେ ପରିମାଣର ଭୋଟ ଦଳ ହାତେଇପାରିବ, ସେ ସମ୍ପର୍କରେ ନିଜ ମତ ରଖୁଛନ୍ତି। ହେଲେ ଏହା ଉପସ୍ଥାପନର ଶୈଳୀ ମଧ୍ୟ ଭିନ୍ନ ହୋଇଥାଏ। ଏହି ଦଳ ଚାରଣା ଭୋଟ ପାଇବ। ଆମକୁ ଆଠଣା ଭୋଟ ମିଳିବ। ଏଭଳି କଥା ହୋଇଥାନ୍ତି। ଏହାର ଅର୍ଥ ହେଲା ଚାରଣାମାନେ ୨୫ ପ୍ରତିଶତ, ଆଠଣା ମାନେ ୫୦ ପ୍ରତିଶତ। ସେହିଭଳି ଆଠଣା ଓ ଚାରଣା ମିଶି ବାରଣା ହୋଇଥାଏ। ଅର୍ଥାତ ଅମକ ନେତା ୭୫ ପ୍ରତିଶତ ଭୋଟ ପାଇବାକୁ ଯୋଗ୍ୟ ବୋଲି କୁହାଯାଏ। ବାସ୍ତବରେ ଏହି ଗଣିତ ଅନ୍ୟମାନଙ୍କୁ ଜଟିଳ ଲାଗୁଥିଲେ ବି ଗ୍ରାମାଞ୍ଚଳରେ ଏଭଳି ହିଁ କର୍ମୀମାନେ ଆଲୋଚନା କରିଥାନ୍ତି। ସେହିଭଳି ଗାଁ ଦାଣ୍ଡ, ପୋଖରୀ, ମଣ୍ଡପ ଆଦିରେ ବସି ରାଜନୈତିକ ବାର୍ତ୍ତାଳାପ ବେଳେ ଆଠଣା, ଚାରଣା, ବାରଣା ଏଭଳି ଶବ୍ଦ ବ୍ୟବହାର କରିସେମାନଙ୍କ ବିଭିନ୍ନ ବିଧାନସଭା କ୍ଷେତ୍ରର ଭୋଟରଙ୍କ ମୁଡ୍ ମଧ୍ୟ ପରଖିଥାନ୍ତି। ଏଭଳି ଧାରା ଅନ୍ୟ କେଉଁ ଜିଲ୍ଲାରେ ଦୃଷ୍ଟିଗୋଚର ହେଉ ନଥିବା କୁହାଯାଉଥିବା ବେଳେ ଗଞ୍ଜାମ ତା'ର ପାରମ୍ପରିକ ଭାଷା ଆଜି ବି ବଜାୟ ରଖିଛି। ଅନ୍ୟପକ୍ଷରେ ଗଞ୍ଜାମର ଭାଷା ମଧୁର ହୋଇଥିବା ବେଳେ ଲୋକଙ୍କୁ ଆକୃଷ୍ଟ କରିବା ଲାଗି ଅନେକ ନାନାଦି ଭାଷାର ବ୍ୟବହାର କରିଥାନ୍ତି। ଏଥିଦ୍ୱାରା କର୍ମୀମାନଙ୍କ ଜୋଶ ମଧ୍ୟ ବୃଦ୍ଧି ହୋଇଥାଏ। ତେବେ ଗଞ୍ଜାମ ରାଜନୀତିରେ ଆଞ୍ଚଳିକ ଭାଷାକୁ ସଦା ପ୍ରାଧାନ୍ୟ ଦିଆଯାଏ। ବିଶେଷ କରି ବ୍ରହ୍ମପୁର ଲୋକସଭା ଅନ୍ତର୍ଗତ ଚିକିଟି, ପାରଳାଖେମୁଣ୍ଡିର ହିସାବ ଏକପ୍ରକାର ସମାନ ରୁହେ। କାରଣ ଏହି ଦୁଇ ନିର୍ବାଚନ ମଣ୍ଡଳୀ ଆନ୍ଧ୍ର ସୀମାନ୍ତରେ ରହିଛି। ତେଣୁ ଏଠାରେ ନେତା ଓ କର୍ମୀମାନେ କଥାବାର୍ତ୍ତା ହେଲାବେଳେ ତେଲୁଗୁ ଓ ଓଡ଼ିଆ ଭାଷାର ମିଶ୍ରଣ ଦେଖିବାକୁ ମିଳେ। ସେହିଭଳି ବ୍ରହ୍ମପୁର, ଗୋପାଳପୁର ଓ ଛତ୍ରପୁରରେ ମଧ୍ୟ କିଛି ଅଞ୍ଚଳରେ ତେଲୁଗୁ ଭାଷାର ପ୍ରୟୋଗକୁ ଗୁରୁତ୍ୱ ଦିଆଯାଏ। ସେହିଭଳି ଛତ୍ରପୁର ଓ ଭଞ୍ଜନଗର ଉପଖଣ୍ଡରେ ଗଞ୍ଜାମ ଭାଷାରେ ସବୁ ବ୍ୟବସ୍ଥା ଅନୁଧ୍ୟାନ କରାଯାଇଥାଏ। ଫଳରେ କର୍ମୀଙ୍କ ମଧ୍ୟରେ ନିଜତ୍ୱ ଭାବନା ଜାଗ୍ରତ ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଆସନ୍ତା ୧୩ ତାରିଖରେ ବ୍ରହ୍ମପୁର ଲୋକସଭା ଓ ୨୦ରେ ଆସିକା ଲୋକସଭା ନିର୍ବାଚନ ହେବାକୁଥିବା ବେଳେ ସମ୍ପ୍ରତି ଗଞ୍ଜାମ ରାଜନୀତି ସରଗରମ ହୋଇଛି। ଗଞ୍ଜାମବାସୀ ସେମାନଙ୍କ ଜନପ୍ରତିନିଧି ବାଛିବାକୁ ଯାଉଛନ୍ତି। ଏନେଇ ଗଣିତ ବି ପୁରୁଣା ଢାଞ୍ଚାରେ ପ୍ରସ୍ତୁତି କରାଯାଉଛି।




# ପ୍ରାର୍ଥୀ ଚୟନ ନେଇ କଂଗ୍ରେସ ଓ ବିଜେପି କର୍ମୀ ଅସନ୍ତୁଷ୍ଟ

## ଫାଇଦା ଉଠାଇବା ଲକ୍ଷ୍ୟରେ ବିଜେଡି

**ଦାରିଙ୍ଗବାଡ଼ି,୧୭।୪(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀରେ ବିଜେପି, କଂଗ୍ରେସ ଓ ବିଜେଡି ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ବିଜେପି ପ୍ରାର୍ଥୀ ଭାବେ ମାନଗୋବିନ୍ଦ ପ୍ରଧାନ, କଂଗ୍ରେସ ପ୍ରାର୍ଥୀ ପ୍ରଫୁଲ୍ ଚନ୍ଦ୍ର ପ୍ରଧାନ ଓ ବିଜେଡି ପ୍ରାର୍ଥୀ ସାଲୁଗା ପ୍ରଧାନଙ୍କ ନାମ ଘୋଷଣା ହୋଇସାରିଛି। ହେଲେ କଂଗ୍ରେସ ଓ ବିଜେପିର ପ୍ରାର୍ଥୀ ଘୋଷଣା ହେବା ପରେ ଦଳରେ ଦେଖିବାକୁ ମିଳିଛି ଗୋଷ୍ଠୀ କନ୍ଦଳ। କଂଗ୍ରେସ ପ୍ରଫୁଲ ଚନ୍ଦ୍ର ପ୍ରଧାନଙ୍କୁ ପ୍ରାର୍ଥୀ କରିବା ପରେ ବରିଷ୍ଠ ନେତା ଓ କର୍ମୀ ଏହାକୁ ବିରୋଧ କରିଥିଲେ। ସେହିଭଳି କଂଗ୍ରେସର ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ ଦଳରୁ ଇସ୍ତଫା ଦେଇ ବିଜେପିରେ ଯୋଗ ଦେଇଛନ୍ତି। ପ୍ରାର୍ଥୀ ବଦଳାଇବା ଦାବି ଜୋର ଧରିବା ପରେ ଦିଲ୍ଲୀରୁ ଜାତୀୟ ପର୍ଯ୍ୟବେକ୍ଷକ ପହଞ୍ଚି ଅନୁସନ୍ଧାନ କରିଛନ୍ତି। ଏହାପରେ ମଧ୍ୟ କଂଗ୍ରେସର ବରିଷ୍ଠ କର୍ମକର୍ତ୍ତା ଭୁବନେଶ୍ୱର ଯାଇ ପିସିସି ସଭାପତିଙ୍କୁ ଭେଟି ପ୍ରାର୍ଥୀ ପରିବର୍ତ୍ତନ ପାଇଁ ଦାବିକରି ବିଫଳ ହୋଇଛନ୍ତି। ବିଜେପିରେ ମଧ୍ୟ ସେହି ସମାନ ସ୍ଥିତି। ବିଜେପି ପ୍ରାର୍ଥୀ ଭାବେ ମାନଗୋବିନ୍ଦ ପ୍ରଧାନଙ୍କ ନାମ ଘୋଷଣା ହେବା ପରେ ଦେଖାଦେଇଥିଲା ଦଳୀୟ କନ୍ଦଳ। ବିଜେପିର ବରିଷ୍ଠ ନେତା ତଥା କର୍ମକର୍ତ୍ତା ପ୍ରାର୍ଥୀ ପରିବର୍ତ୍ତନ ପାଇଁ ଦାବି କରିଆସୁଛନ୍ତି। ହେଲେ ଟିକେଟ ପରିବର୍ତ୍ତନ ଏ ପର୍ଯ୍ୟନ୍ତ ହେଲା ନାହିଁ। ମାନଗୋବିଦ ୨୦୧୪ ନିର୍ବାଚନରେ ବିଜେପି ପ୍ରାର୍ଥୀ ହୋଇଥିବା ବେଳେ ମାତ୍ର ୨୨ ପ୍ରତିଶତ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ତାଙ୍କୁ ପୁନର୍ବାର କାହିଁକି ଟିକେଟ୍ ପ୍ରଦାନ କରାଗଲା ବୋଲି ବରିଷ୍ଠ ନେତାମାନେ ପ୍ରଶ୍ନ କରିଛନ୍ତି।

ଏଭଳି ଭାବେ ପ୍ରତିଦିନ କଂଗ୍ରେସ ଓ ବିଜେପିରେ ଗୋଷ୍ଠୀକନ୍ଦଳ ସାମ୍ନାକୁ ଆସୁଛି। ଅନ୍ୟପଟେ ଅନେକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହେଉଥିବା ଦେଖିବାକୁ ମିଳୁଛି। ବିଜେଡି ଏହାର ପୂରା ଫାଇଦା ନେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ସୂଚନା ପ୍ରକାରେ, ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ଟିକେଟ ବଣ୍ଟନ ପରେ ଗୋଷ୍ଠୀ କନ୍ଦଳ ଯୋଗୁଁ କଂଗ୍ରେସ ଗଡ଼ରେ ଶଙ୍ଖନାଦ ହୋଇ ବିଜେଡି ପ୍ରାର୍ଥୀ ସାଲୁଗା ପ୍ରଧାନ ପ୍ରତିପକ୍ଷ କଂଗ୍ରେସ ପ୍ରାର୍ଥୀ ଶ୍ୟାମଘନ ପ୍ରଧାନଙ୍କଠାରୁ ୧୧ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଏବେ ରାଜନୈତିକ ପାଣିପାଗ ବଦଳୁଥିବା ବେଳେ ବିରୋଧୀ ଶିବିରରେ କଳକନ୍ଦଳ ଲାଗିରହିଛି। ନିର୍ବାଚନ ଗୋଳିଆ ପାଣିରୁ ଏଥର ବିଜେଡି ପ୍ରାର୍ଥୀ ଭଲ ଭୋଟ ବ୍ୟବଧାନରେ ବିଜୟୀ ହେବା ଲାଗି ପାଗ ଭିଡୁଥିବା ଜଣାପଡ଼ିଛି।





# ଗୋଟିଏ ଲୋକସଭା ଓ ୫ ବିଧାନସଭା ଆସନରେ ଲଢ଼ିବ ସିପିଆଇ (ଏମ୍-ଏଲ୍)

**ଭୁବନେଶ୍ୱର,୧୭ ।୪(ସମିସ):** ରାଜ୍ୟର ଗୋଟିଏ ଲୋକସଭା ଆସନ ଓ ୫ ଟି ବିଧାନସଭା ଆସନ ପାଇଁ ସିପିଆଇ (ଏମ୍-ଏଲ) ଲିବରେସନ ପାର୍ଟି ପ୍ରାର୍ଥୀ ଘୋଷଣା କରିଛି। ଦଳ ପକ୍ଷରୁ କୋରାପୁଟ ଲୋକସଭା ଆସନ ପାଇଁ ପ୍ରକାଶ ହିକ୍କାଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ଗୁଣପୁର ବିଧାନସଭା ଆସନ ପାଇଁ ଅନାସିମ ଶବର, ବିଷମକଟକ ପାଇଁ ରାମ ଚନ୍ଦ୍ର ପ୍ରାସ୍କା, ଲକ୍ଷ୍ମୀପୁର ପାଇଁ ରାଜେଶ ମାଣ୍ଡିଙ୍ଗି, ରାୟଗଡ଼ା ପାଇଁ ଜୟନ୍ତ ଜାନି ଓ ସତ୍ୟବାଦୀ ପାଇଁ ଅଶୋକ ପ୍ରଧାନଙ୍କୁ ପ୍ରାର୍ଥୀ କରାଯାଇଛି। ଏହି ଅବସରରେ ଦଳର ନେତାମାନେ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଦିଲ୍ଲୀ ଓ ଝାଡଖଣ୍ଡର ମୁଖ୍ୟମନ୍ତ୍ରୀଙ୍କ ସମେତ ବିରୋଧୀ ଦଳ ନେତୃବୃନ୍ଦଙ୍କୁ ଜେଲରେ ବନ୍ଦ କରାଯାଇଛି। ଇଡି, ସିବିଆଇ, ଏନ୍ଆଇଏ ଭଳି ସାମ୍ବିଧାନିକ ସଂସ୍ଥାକୁ ଦଳୀୟ ସ୍ୱାର୍ଥରେ ବ୍ୟବହାର କରି ଗଣତନ୍ତ୍ରକୁ ଧ୍ୱଂସ କରାଯାଉଛି। ୧୦ ବର୍ଷର ଶାସନ କାଳରେ ପ୍ରଧାନମନ୍ତ୍ରୀ କେବଳ ମିଥ୍ୟା ପ୍ରତିଶ୍ରୁତି, କର୍ପୋରେଟ୍ ଲୁଟ୍ ଓ ଦମନ କରିଚାଲିଛନ୍ତି। ନିର୍ବାଚନ ବଣ୍ଡ ବର୍ତ୍ତମାନ ସମୟର ସବୁଠାରୁ ଭୟଙ୍କର ଦୁର୍ନୀତି। ଏହା ମାଧ୍ୟମରେ ହଜାର ହଜାର କୋଟି ଟଙ୍କା ଠୁଳ କରି ନିର୍ବାଚନକୁ ପ୍ରହସନରେ ପରିଣତ କରିବା ଓ ନିର୍ବାଚିତ ପ୍ରତିନିଧିଙ୍କୁ ଘୋଡ଼ା ବେପାର ମାଧ୍ୟମରେ କିଣି ସରକାରକୁ ଭାଙ୍ଗି ଦିଆଯାଉଛି। ଗଣତନ୍ତ୍ର ବନାମ୍ ଫାଶୀବାଦର ଏହି ନିର୍ଣ୍ଣାୟକ ଲଢେଇରେ ସିପିଆଇ (ଏମ୍-ଏଲ) ଲିବରେସନ୍ ତା'ର ସମସ୍ତ ଶକ୍ତି ଦେଇ ସଂଘର୍ଷ ଜାରି ରଖିଛି ବୋଲି ଦଳ କହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ କମିଟି ରାଜ୍ୟର ଗୋଟିଏ ଲୋକସଭା ଓ ୫ଟି ବିଧାନସଭା ଆସନରେ ପ୍ରାର୍ଥୀ ଦେବାକୁ ଘୋଷଣା କରିଛି। ଅନ୍ୟ ଆସନଗୁଡ଼ିକରେ 'ଇଣ୍ଡି' ମେଣ୍ଟକୁ ଦଳ ସମର୍ଥନ କରିବ ବୋଲି ନେତାମାନେ କହିଛନ୍ତି।

# ଓଡ଼ଗାଁରେ ସମ୍ବିତଙ୍କ 'ଫ୍ଲପ୍' ଶୋ'

**ନୟାଗଡ଼,୧୭।୪(ସମିସ):** ପୁରୀ ବିଜେପି ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ରଙ୍କ ପାଇଁ ସବୁଠାରୁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି ରଣପୁର ଓ ନୟାଗଡ଼ ବିଧାନସଭା କ୍ଷେତ୍ର। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ସଂସଦୀୟ କ୍ଷେତ୍ରର ବିଜୟ ଦାୟିତ୍ୱ ଦେଇଛନ୍ତି। ଦୃଢ଼ ସଂଗଠକ ଅରୁଣଙ୍କ ଯୋଜନାକୁ ମାତ ଦେଇ ଆଗକୁ ଯିବାକୁ ସମ୍ବିତଙ୍କୁ କୁଆଡ଼େ ବାଟ ମିଳୁନି ବୋଲି ଆଲୋଚନା ହେଉଛି। ନୟାଗଡ଼ ଓ ରଣପୁରରେ ବିଜେପି କନ୍ଦଳ ଭିତରେ ସମ୍ବିତଙ୍କୁ ଦୁଇ ନିର୍ବାଚନ ମଣ୍ଡଳୀରୁ ସଠିକ ସମର୍ଥନ ମିଳୁନଥିବା ଆଲୋଚନା ହେଉଛି। ନୟାଗଡ଼ରେ ପୂର୍ବତନ ବିଜେପି ନେତ୍ରୀ ଇରାନୀ ରାୟଙ୍କୁ ହତୋତ୍ସାହିତ କରାଯିବା ପରେ ସେ ବିଜେଡିରେ ମିଶି ନୂଆ ମଙ୍ଗୁଆଳ ସାଜିଛନ୍ତି। ଇରାନୀ ଦଳର ସହ ପର୍ଯ୍ୟବେକ୍ଷକ ଦାୟିତ୍ୱ ତୁଲାଉଛନ୍ତି। ଫଳରେ ଇରାନୀଙ୍କ ହାତରେ ରହିଥିବା ସଂଗଠକ ଏବଂ ସମର୍ଥକ ଏବେ ବିଜେଡିରେ ମିଶି ସାରିଥିବା ବେଳେ ନୟାଗଡ଼ ବିଜେପି ଅଧା ଅଧୁରା ହୋଇପଡ଼ିଛି। ଆଜି ପୁରୀ ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର ନୟାଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଓଡ଼ଗାଁରେ ଏକ ପାୱାର ଶୋ' କରିଥିଲେ। ଏହି ପାୱାର ଶୋ 'ଫ୍ଲପ୍ ଶୋ' ପାଲଟିଥିବା ଆଲୋଚନା ହେଉଛି। ସମ୍ବିତ ଏକ ବଡ଼ ବାଇକ୍ ଶୋଭାଯାତ୍ରାର ଆୟୋଜନ କରିବାକୁ ନୟାଗଡ଼ ଓ ଓଡ଼ଗାଁ ବିଜେପି ନେତାଙ୍କୁ ଦାୟିତ୍ୱ ଦେଇଥିଲେ। କିନ୍ତୁ ବିଡ଼ମ୍ବନାର ବିଷୟ ଏହି ବାଇକ୍ ଶୋଭାଯାତ୍ରାରେ ମାତ୍ର ୧୫୦ରୁ ଊର୍ଦ୍ଧ୍ୱ ବାଇକ୍ ସାମିଲ ହୋଇଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଚାରି ଚକିଆ ଯାନ ସାମିଲ ହୋଇଥିଲା। ଶ୍ରୀରାମ ନବମୀ ଅବସରରେ ଉତ୍ସବ ମୁଖର ଓଡ଼ଗାଁରେ ସମ୍ବିତଙ୍କ ଏଭଳି 'ଫ୍ଲପ୍' ଶୋ' ସାଧାରଣରେ ଆଲୋଚନାର ବିଷୟ ପାଲଟିଛି।

ନୟାଗଡ଼ ନିର୍ବାଚନ ମଣ୍ଡଳୀଠାରୁ ରଣପୁର ନିର୍ବାଚନ ମଣ୍ଡଳୀ ଅବସ୍ଥା ଆହୁରି ଉଦ୍‌ବେଗଜନକ ବୋଲି ଜଣାପଡ଼ିଛି। ପ୍ରଥମେ ତାପସ ମାର୍ଥାଙ୍କୁ ବିଧାନସଭା ପ୍ରାର୍ଥୀ ଘୋଷଣା କରାଯିବା ପରେ ସୁରମା ଗୋଷ୍ଠୀ ସମ୍ବିତଙ୍କୁ ଜୋରଦାର ବିରୋଧ କରିଥିଲେ। ଏବେ ସୁରମାଙ୍କୁ ପ୍ରାର୍ଥୀ ଘୋଷଣା କରାଯିବା ପରେ ତାପସଙ୍କ ସମର୍ଥକ ସମ୍ବିତଙ୍କୁ ନାଟୁଆ ବୋଲି ଆଖ୍ୟା ଦେଲେଣି। ସୁରମା ପ୍ରାର୍ଥୀ ହେବା ପରେ ବି ତାଙ୍କ ଗୋଷ୍ଠୀ ସିଧାସଳଖ ସମ୍ବିତଙ୍କୁ କଦାପି ଜିତାଇ ଦେବୁନି ବୋଲି କହୁଥିବା ବେଳେ, ତାପସଙ୍କ ଗୋଷ୍ଠୀ ଟିକେଟ୍ କଟିବା ପଛରେ ସମ୍ବିତଙ୍କ ହାତ ଥିବା କହି ରଣପୁରରେ ଜୋର୍‌ଦାର୍ ବିରୋଧ କରାଯିବ ବୋଲି କହିଲେଣି। ରଣପୁର ଓ ନୟାଗଡ଼ର ଅବସ୍ଥା ସମ୍ବିତଙ୍କ ସପକ୍ଷରେ ଯାଉନଥିବା ଦେଖାଯାଉଛି। ରଣପୁର ନିର୍ବାଚନ ମଣ୍ଡଳୀରେ ବିଜେପିର କିଛି ବରିଷ୍ଠ ନେତା ଏବେ ଦଳ ଛାଡ଼ିବା ନେଇ ସମ୍ଭାବନା ସୃଷ୍ଟି ହୋଇଛି। ଏହି ବରିଷ୍ଠ ନେତାମାନେ ଦଳ ଛାଡ଼ିଲେ ବିଜେପି ବ୍ୟାପକ କ୍ଷତିରେ ପଡ଼ିବ ବୋଲି ଆଲୋଚନା ହେଉଛି।

### ବିଜେପି ପାଇଁ ଚିନ୍ତାଜନକ ରଣପୁର ଓ ନୟାଗଡ଼



# ବିଜେଡିରେ ସାମିଲ ହେଲେ ଅନୁଗୁଳର ଶିକ୍ଷାବିତ୍ ମହେଶ ଚନ୍ଦ୍ର ଧଳ



**ଭୁବନେଶ୍ୱର, ୧୭ ।୪(ସମିସ):** ଅନୁଗୁଳ ଜିଲ୍ଲାର ବିଶିଷ୍ଟ ଶିକ୍ଷାବିତ୍ ତଥା ଆଦର୍ଶ ଗ୍ରୁପର ପ୍ରତିଷ୍ଠାତା ମହେଶ ଚନ୍ଦ୍ର ଧଳ ବୁଧବାର ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଶଙ୍ଖଭବନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ତାଙ୍କୁ ଦଳରେ ସ୍ୱାଗତ କରିଛନ୍ତି। ଶ୍ରୀ ଧଳଙ୍କ ଯୋଗଦାନ ଫଳରେ ସମଗ୍ର ଅନୁଗୁଳ ଜିଲ୍ଲା ଓ ବିଶେଷକରି ଅନୁଗୁଳ ବିଧାନସଭାରେ ଦଳୀୟ ସଂଗଠନ ଆହୁରି ସୁଦୃଢ଼ ହେବ ବୋଲି ଡକ୍ଟର ପାତ୍ର କହିଛନ୍ତି। ଏହି ଅବସରରେ ମହେଶ କହିଛନ୍ତି ଯେ ଆଜି ଦିନଟି ତାଙ୍କ ପାଇଁ ସ୍ମରଣୀୟ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ସେ ଅତ୍ୟନ୍ତ କୃତଜ୍ଞ। ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗଦେଇଛନ୍ତି। ନୂତନ ଓଡ଼ିଶା ଗଠନରେ ମୁଖ୍ୟମନ୍ତ୍ରୀ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ଭାବେ ତୁଲାଇବେ ବୋଲି ସେ କହିଛନ୍ତି। ଏହା ସହ ସେ ମୁଖ୍ୟମନ୍ତ୍ରୀ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହ ବରିଷ୍ଠ ନେତାମାନଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଛନ୍ତି। ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝି କାର୍ଯ୍ୟକ୍ରମ ସଞ୍ଚାଳନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ ଶ୍ରୀ ଧଳ ଅନୁଗୁଳ ଜିଲ୍ଲାରେ ପ୍ରଥମ କୋଭିଡ୍ ହସ୍ପିଟାଲ କରି ଲୋକଙ୍କୁ ଚିକିତ୍ସା ସେବା ଯୋଗାଇଦେଇଥିଲେ। ୨ ବର୍ଷ ଧରି ମାଗଣା ଅକ୍ସିଜେନ ଯୋଗାଇ ସେ ସେବା କାର୍ଯ୍ୟ ଜାରି ରଖିଥିଲେ।

# ଶଙ୍ଖ ଧରିଲେ କଂଗ୍ରେସ ମୁଖପାତ୍ର କୈଳାଶ ମୁଖୀ



**ଭୁବନେଶ୍ୱର, ୧୭ ।୪(ସମିସ):** କନ୍ଧମାଳ କଂଗ୍ରେସର ବରିଷ୍ଠ ନେତା ତଥା ମୁଖପାତ୍ର କୈଳାଶ ମୁଖୀ ବିଜେଡିରେ ଯୋଗ ଦେଇଛନ୍ତି। ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଉପସ୍ଥିତିରେ ସେ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି, ନୀତି ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ସେ ଅନୁପ୍ରାଣିତ ହୋଇଛନ୍ତି ଏବଂ ଆଗାମୀ ଦିନରେ ବିଜୁ ଜନତା ଦଳକୁ ମଜବୁତ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାର ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଏହି ଅବସରରେ ସେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତ।

# କ୍ୟାପଟେନ୍ ରାଜନାରାୟଣ ମହାପାତ୍ର ବିଜେଡିରେ ସାମିଲ



**ଭୁବନେଶ୍ୱର,୧୭ ।୪(ସମିସ):** ଯାଜପୁର ଜିଲ୍ଲା ବଡ଼ଚଣା ନିର୍ବାଚନମଣ୍ଡଳୀର ପିସିସି ସମ୍ପାଦକ କ୍ୟାପଟେନ ରାଜନାରାୟଣ ମହାପାତ୍ର ବୁଧବାର ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ତାଙ୍କ ସହ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଶଙ୍ଖଭବନ ଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଦଳରେ ସାମିଲ ହୋଇଛନ୍ତି। ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ମୟୂରଭଞ୍ଜ ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କା ଦଳୀୟ ଉପଢୌକନ ଦେଇ ସମସ୍ତଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ବହୁ ସଂଖ୍ୟାରେ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବଡ଼ଚଣା ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ଲେଙ୍କା କହିଛନ୍ତି। ବିଜେଡିରେ ସାମିଲ୍ ହେବାପରେ କ୍ୟାପଟେନ ରାଜନାରାୟଣ ମହାପାତ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି-ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଛନ୍ତି। ନୂତନ ଓଡ଼ିଶା ଗଠନରେ ମୁଖ୍ୟମନ୍ତ୍ରୀ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ଭାବେ ତୁଲାଇବେ ବୋଲି କହିଛନ୍ତି। ଦଳରେ ସେମାନଙ୍କୁ ଗ୍ରହଣ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କ ସମେତ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଦଳୀୟ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ ଓବିସି ସେଲ ସଭାପତି ଅଶୋକ କୁମାର ସାମଲ, ପୂର୍ବତନ ବଡ଼ଚଣା ଅଧ୍ୟକ୍ଷ ନିରଞ୍ଜନ ସାହୁ, ଶୁକ୍ରମଣୀ ପୂର୍ତ୍ତୀ, ବ୍ଲକ ଉପସଭାପତି କିଶୋର ଚନ୍ଦ୍ର ରାଉତ, ବରଦା ପ୍ରସାଦ ରାୟ, ମଇନା ରାୟ, ସମିତିସଭ୍ୟ କୁଳମଣୀ ବାରିକ, ନିରଞ୍ଜନ ମହାନ୍ତି, ପୁଷ୍ପଲତା ସାମଲ, ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନା, ସଞ୍ଜୀବ ସାମଲ, ସୁଲତାନ ସୈଫୁଲ ଖାନ, ସତ୍ୟବ୍ରତ ସାମଲ, ଜାମା ଖାନ, ଧର୍ମରାଜ ମହାନ୍ତି, ପଙ୍କଜୀନୀ ନାୟକ, ପ୍ରିୟଙ୍କା ମଲ୍ଲିକ, ରଞ୍ଜିତା ମଲ୍ଲିକ, କୃଷ୍ଣଚନ୍ଦ୍ର ସାହୁ, ସମୀର କୁମାର ମହାନ୍ତି, ଉତ୍ତମ ଦାସ, ସାରଦାପ୍ରସନ୍ନ ବଳ, ଉତ୍କଳକେଶରୀ ସାମଲ, ଅନୀଲ କୁମାର ପାଢ଼ୀ, ଜ୍ଞାନେନ୍ଦ୍ର ସାହୁ, ଦେବେନ୍ଦ୍ର ଜେନାଙ୍କ ସହ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଶେଷରେ ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଇସ୍ତଫା ପ୍ରତ୍ୟାହାର କଲେ ପଶ୍ଚିମ ଓଡ଼ିଶାର ଟାଣୁଆ ନେତାଗଣ

**ଭୁବନେଶ୍ୱର,୧୭ ।୪(ସମିସ):** ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ତଥା ସୋନପୁର ବିଜୁ ମହିଳା ଜନତା ଦଳର ଉପସଭାପତି ଶାନ୍ତି ଲୁହା, ବ୍ଲକ ଉପାଧ୍ୟକ୍ଷ ତଥା ବୀରମହାରାଜପୁର ବିଜୁ ଯୁବ ଜନତା ଦଳ ସଭାପତି ନାରାୟଣ ଲୁହା, ବିଜେଡି ଜିଲ୍ଲା ସମ୍ପାଦକ ଧୀରେନ୍ଦ୍ର ନାରାୟଣ ପଣ୍ଡା, ବରିଷ୍ଠ ବିଜେଡି ନେତା ଋଷିନାଥ ମହାକୁଡ଼ଙ୍କ ସମେତ ବିଜେଡିର ବିଭିନ୍ନ ପଦରେ ଥିବା ୫୪ ଜଣ କର୍ମକର୍ତ୍ତା ସେମାନଙ୍କ ଇସ୍ତଫାପତ୍ର ପ୍ରତ୍ୟାହାର କରିଛନ୍ତି। ଗତ ୮ ତାରିଖ ଦିନ ଉପରୋକ୍ତ ବିଜେଡି ନେତା ଓ ନେତ୍ରୀମାନେ ଦଳରୁ ଇସ୍ତଫା ଦେଇଥିଲେ। ମାତ୍ର ଇତିମଧ୍ୟରେ ସେମାନେ ତାଙ୍କର ଇସ୍ତଫାପତ୍ରକୁ ଗ୍ରହଣ ନ କରିବାକୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ସେମାନଙ୍କ ଏହି ଅନୁରୋଧକୁ ମୁଖ୍ୟମନ୍ତ୍ରୀ ରକ୍ଷା କରିବା ସହ ଦଳରେ ରହିବା ନିମନ୍ତେ ନେଇଥିବା ନିଷ୍ପତ୍ତିରେ ଖୁସି ବ୍ୟକ୍ତ କରିଛନ୍ତି। ଏହାସହିତ ସେମାନଙ୍କୁ ଦଳର ସଦସ୍ୟ ଭାବରେ ପୂର୍ବ ପଦପଦବୀରେ କାର୍ଯ୍ୟ ଜାରି ରଖିବାକୁ ଅନୁମତି ପ୍ରଦାନ କରିଛନ୍ତି ବୋଲି ବିଜେଡି ସାଧାରଣ ସମ୍ପାଦକ ତଥା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ସୂଚନା ଦେଇଛନ୍ତି।

# ନୂଆପଡ଼ା: ବାଟ ପାଉନାହାଁନ୍ତି ପିସିସି ସଭାପତି ଶରତ

**ନୂଆପଡ଼ା, ୧୭ ।୪(ସମିସ):** ଗୁରୁବାର ସାଧାରଣ ନିର୍ବାଚନ ସକାଶେ ନାମାଙ୍କନପତ୍ର ଦାଖଲର ପର୍ବ ଆରମ୍ଭ ହେବ। ଏଥର ବହୁ ପୂର୍ବରୁ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଟିକଟ ଘୋଷିତ ପ୍ରାର୍ଥୀମାନଙ୍କ ପ୍ରଚାରପ୍ରସାର ଏକ ପ୍ରକାର ଚୂଡ଼ାନ୍ତ ପର୍ଯ୍ୟାୟରେ ଆସି ପହଞ୍ଚିଛି। ଏଭଳି ସ୍ଥିତିରେ ବିଜେଡି, ବିଜେପି ସହ କଂଗ୍ରେସରୁ ବାଦ୍ ପଡ଼ିଥିବା ସ୍ୱାଧୀନପ୍ରାର୍ଥୀଙ୍କ ଚେହେରା ଦେଖାଯାଉଥିବାବେଳେ କଂଗ୍ରେସ ପ୍ରାର୍ଥୀଙ୍କ ଦେଖା ଦର୍ଶନ ମିଳୁ ନ ଥିବାରୁ ନାନାଦି ଚର୍ଚ୍ଚା ଆଲୋଚନା ଜୋର୍ ଧରୁଛି। ଗତ ମାସ ୨୭ତାରିଖ ଦିନ ବିଜେଡି ତା'ର ବିଧାନସଭା ପ୍ରଥମ ପର୍ଯ୍ୟାୟ ଟିକଟ ଘୋଷଣା କରିଥିଲା। ଏଥିରେ ନୂଆପଡ଼ାର ପୂର୍ବତନ ବିଧାୟକ ରାଜେନ୍ଦ୍ର ଢୋଲକିଆ ପ୍ରାର୍ଥୀ ହୋଇଥିବାବେଳେ ବିଜେପି ବହୁ ବିଳମ୍ବରେ ଅର୍ଥାତ ଏପ୍ରିଲ ମାସ ୨ତାରିଖ ଦିନ ଅଭିନନ୍ଦନ ପଣ୍ଡାଙ୍କୁ ଟିକଟ ଦେଲା। ପରେ ପରେ କଂଗ୍ରେସରେ ପୂର୍ବରୁ ଦୁଇଟି ନିର୍ବାଚନରେ ଲଢିଥିବା ପୂର୍ବତନ କଂଗ୍ରେସ ଜିଲ୍ଲା ସଭାପତି ଘାସିରାମ ମାଝୀଙ୍କୁ ବାଦ ଦେଇ ଖୋଦ ରାଜ୍ୟ ସଭାପତି ଶରତ କୁମାର ପଟ୍ଟନାୟକଙ୍କ ଟିକଟ ଘୋଷଣା ହେଲା। ବିଜେଡି ଏବଂ ବିଜେପିର ଟିକଟ ପାଇଥିବା ପ୍ରାର୍ଥୀମାନେ ଆଜିକୁ ପନ୍ଦର ଦିନ ହେବ ଯେଝା ବାଟରେ ନିର୍ବାଚନ ପ୍ରଚାର ଚଳାଇଥିବାବେଳେ କଂଗ୍ରେସ ଏବେସୁଦ୍ଧା ପ୍ରଚାର ଆରମ୍ଭ କରିନାହିଁ। କଂଗ୍ରେସର ଟିକଟ ଘୋଷଣା ପରେ ପୂର୍ବତନ ସଭାପତି ଘାସିରାମ ମାଝୀ ତୀବ୍ର ଅସନ୍ତୋଷ ପ୍ରକାଶ କରି ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିବାକୁ ଏକ ପ୍ରକାର ନିଷ୍ପତ୍ତି ନେଇସାରିଲେଣି। କଂଗ୍ରେସକୁ ବିରୋଧ କରି ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଘାସିରାମଙ୍କୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡ଼ା କରିବାକୁ ଘୋଷଣା କରିଥିବାବେଳେ ଏହାକୁ ନେଇ ପ୍ରଚାର ମଧ୍ୟ ଜୋର୍‌ସୋର୍ ଚଳାଇଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ରାଜ୍ୟ ସଭାପତିଙ୍କୁ ରୋକ ଲଗାଇବାକୁ ସମସ୍ତ ଆଦିବାସୀ ଜାତି ସମାଜକୁ ସମର୍ଥନରେ ବାହାରିବାକୁ ରୋକଠୋକ ମନା କରିଦିଆଯାଇଛି। ପୁଣି ଶରତ ପଟ୍ଟନାୟକ ଜଣେ ରପ୍ତାନି ନେତା ବୋଲି ଏଠିକାର କଂଗ୍ରେସ ନେତାମାନେ ତାଙ୍କ ସମର୍ଥନରେ ବାହାରୁ ନ ଥିବା ପ୍ରକାଶ କରିଛନ୍ତି। ଇତିମଧ୍ୟରେ ଦୁଇ ତିନି ଥର ରାଲି କରିବାକୁ ଶରତ ବଳ ଗୋଟାଇଥିଲେ ମଧ୍ୟ ଲୋକେ ବାହାରୁ ନ ଥିବାରୁ ସବୁ ଯୋଜନା ପଣ୍ଡ ହେଉଛି। ରାଜ୍ୟ ସଭାପତି କୁଆଡେ ସବୁବେଳେ ରାଜଧାନୀ ଗସ୍ତ କରୁଥିବାବେଳେ ବେଳେ ବେଳେ ଜିଲ୍ଲାକୁ ଆସି ଗୁପ୍ତ ବୈଠକ କରୁଥିବା ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ ମୈଦାନରେ ଦୁଇ ଦଳୀୟ ଏବଂ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ଦବଦବା ଦେଖାଯାଉଛି। ଏବର ସ୍ଥିତିରେ କଂଗ୍ରେସ ରାଜ୍ୟ ସଭାପତି ଏକ ପ୍ରକାର ବାଟ ପାଉନଥିବାରୁ ଏଠାରେ ପ୍ରଚାର ରେସ୍‌ରେ ବହୁ ପଛରେ ରହିଥିବା ଆଲୋଚ୍ୟର ବିଷୟ ହୋଇଛି। ବିଜେପି ନେତା ଜଣେ ନବାଗତ ଏବଂ କଂଗ୍ରେସର ଦୋମୁହାଁ ସ୍ଥିତିରୁ କିଛି ଫାଇଦା ପାଇବେ ବୋଲି ବିଜେଡିର ପୁରୁଣା ଚେହେରା ରାଜେନ୍ଦ୍ର ଢୋଲକିଆ ଆଶା ବାନ୍ଧି ବସିଛନ୍ତି।



# ନିର୍ବାଚନ ପାଇଁ ପ୍ରସ୍ତୁତ ରାଜ୍ୟର ଏକମାତ୍ର କମ୍ପ୍ୟୁଟରୀକୃତ ବ୍ରେଲ୍ ମୁଦ୍ରଣାଳୟ

## ଦୃଷ୍ଟିବାଧିତ ଭୋଟରଙ୍କ ପାଇଁ ଛପାହେବ ଡମି ବାଲଟ୍ ପେପର

**ବ୍ରହ୍ମପୁର,୧୭ ।୪(ସମିସ):** ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ୨୦୧୪ ମସିହାରୁ ନିର୍ବାଚନରେ ଦୃଷ୍ଟିବାଧିତଙ୍କ ମତଦାନ ନେଇ ଥିବା ସମସ୍ୟାର ସମାଧାନ କରି ଆସୁଛି ବ୍ରହ୍ମପୁରରେ ଥିବା ରାଜ୍ୟର ଏକମାତ୍ର କମ୍ପ୍ୟୁଟରୀକୃତ ବ୍ରେଲ ମୁଦ୍ରଣାଳୟ। ପୂର୍ବରୁ ଏଠାରେ ମାନୁଆଲ ବା ବ୍ୟକ୍ତିବିଶେଷଙ୍କ ଦ୍ୱାରା ଖୋଦେଇ କରି ବ୍ରେଲ ପୁସ୍ତକ ଓ ଅନ୍ୟାନ୍ୟ ପୁସ୍ତିକା ପ୍ରସ୍ତୁତ କରାଯାଉଥିଲା। ତେବେ ୨୦୧୩ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ବ୍ରେଲ ମୁଦ୍ରଣାଳୟକୁ କମ୍ପ୍ୟୁଟରୀକରଣ କରାଯାଇଥିଲା। ଫଳସ୍ୱରୂପ ନିର୍ବାଚନ ଆସିଲେ, ଏହାର ଆବଶ୍ୟକତା ଉପଲବ୍ଧି ହୋଇଥାଏ।

ଦୃଷ୍ଟିବାଧିତ ଭୋଟରମାନଙ୍କୁ ସାଧାରଣତଃ ନିଜର ଗୁପ୍ତ ମତଦାନ ସାବ୍ୟସ୍ତ କରିବା ବେଳେ ପୂର୍ବରୁ ଅନ୍ୟର ସହଯୋଗ ନେବାକୁ ପଡୁଥିଲା। କିନ୍ତୁ ୨୦୧୪ ମସିହାରୁ ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିଛି। ଭୋଟଦାନ କେନ୍ଦ୍ରରେ ଜଣେ ଦୃଷ୍ଟିବାଧିତ ଭୋଟର ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଅନ୍ୟର ବିନା ସହାୟତାରେ ଭୋଟ ଦେଇପାରୁଛି। ୨୦୧୪ ମସିହାରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଦୃଷ୍ଟିବାଧିତ ଭୋଟରଙ୍କ ପାଇଁ ପ୍ରଥମ ଥର ଗଞ୍ଜାମ ଜିଲ୍ଲାରୁ ପରୀକ୍ଷାମୂଳକ ଭାବେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ଠିକ ସେହିଭଳି ଇଭିଏମରେ ମଧ୍ୟ ବ୍ରେଲ ଅକ୍ଷରରେ କ୍ରମିକ ନମ୍ବର, ପ୍ରାର୍ଥୀଙ୍କ ନାମ ଓ ଦଳୀୟ ଚିହ୍ନର ଆଦିର ବ୍ରେଲ ମାର୍କିଂ ବ୍ୟବସ୍ଥା କରାଯାଇଛି। ସେପଟେ ସମସ୍ତ ବୁଥ୍‌ରେ ଉଭୟ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କ ପାଇଁ ଦୁଇଟି ସ୍ୱତନ୍ତ୍ର ତଥା ଡମି ବାଲାଟ ପେପର ରଖାଯାଇଥିଲା। ଯାହା ପ୍ରଜାଇଡିଂ ଅଫିସରଙ୍କ ନିକଟରେ ରହୁଥିଲା ଓ ଭୋଟର ଜଣକ ସେଠାରେ ଡମି ବାଲାଟ ପେପରକୁ ସ୍ପର୍ଶ କରି ଇଭିଏମରେ ନିଜ ପସନ୍ଦର ପ୍ରାର୍ଥୀଙ୍କ ବାଲାଟ ନମ୍ବର ଓ ସ୍ଥିତି ଜାଣିପାରି ଭୋଟ ଦେଇପାରୁଥିଲେ।



ଏହି ପରୀକ୍ଷଣରେ ସଫଳତା ମିଳିବା ପରେ ୨୦୧୯ ସାଧାରଣ ନିର୍ବାଚନରେ ସବୁ ରାଜ୍ୟରେ ସମସ୍ତ ଚିହ୍ନଟ ବୁଥରେ ଦୃଷ୍ଟିବାଧିତ ଭୋଟରଙ୍କ ପାଇଁ ଏହି ଡମି ବାଲାଟ ପେପରର ବ୍ୟବସ୍ଥା କରାଯାଇଥିଲା।

ମିଳିଥିବା ସୂଚନାନୁସାରେ, ଗତ ସାଧାରଣ ନିର୍ବାଚନରେ ମୋଟ ୩୫ ହଜାରରୁ ଉର୍ଦ୍ଧ୍ୱ ବୁଥ ମଧ୍ୟରୁ ୨୪ ହଜାରରୁ ଉର୍ଦ୍ଧ୍ୱ ବୁଥରେ ଦୃଷ୍ଟିବାଧିତ ଭୋଟର ଥିବା ସର୍ଭେରୁ ଜଣାପଡ଼ିଥିଲା। ସେହି କ୍ରମରେ ଚିହ୍ନଟ ବୁଥଗୁଡ଼ିକ ପାଇଁ ଉଭୟ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କ ଲାଗି ପ୍ରାୟ ୪୮ ହଜାର ଡମି ବାଲାଟ ପେପର ପ୍ରସ୍ତୁତ କରାଯାଇ ବ୍ୟବହାର କରାଯାଇଥିଲା। ଚଳିତ ନିର୍ବାଚନରେ ମଧ୍ୟ ଦୃଷ୍ଟିବାଧିତ ଭୋଟରଙ୍କ ସୁବିଧା ପାଇଁ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବ। ରାଜ୍ୟରେ ବିଭିନ୍ନ ସ୍ଥାନରେ ହୋଇଥିବା ମୋଟ ୯ଟି ଉପନିର୍ବାଚନ ଯଥା ଝାରସୁଗୁଡ଼ା, ବିଜେପୁର, ପାଟକୁରା, ତିର୍ତ୍ତୋଲ, ବାଲେଶ୍ୱର, ପିପିଲି, ବ୍ରଜରାଜନଗର, ଧାମନଗର ଓ ପଦ୍ମପୁରରେ ଏହି ବ୍ୟବସ୍ଥାକୁ ସଫଳତାର ସହ କାର୍ଯ୍ୟକାରୀ କରାଯାଇଥିଲା। ଡମି ବାଲାଟ୍ ପେପର୍ ପ୍ରସ୍ତୁତ କରିବା କାର୍ଯ୍ୟ ସାଧାରଣତଃ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ କରାଯାଇଥାଏ। ପୂର୍ବବର୍ଷ ଭଳି ଚଳିତ ନିର୍ବାଚନରେ ମଧ୍ୟ ପ୍ରାୟ ୨୫ହଜାରରୁ ଉର୍ଦ୍ଧ୍ୱ ଡମି ବାଲାଟ ପେପର୍ ଛପାଯିବ ବୋଲି କହିଛନ୍ତି ବ୍ରହ୍ମପୁରସ୍ଥିତ କମ୍ପୁଟରୀକୃତ ବ୍ରେଲ ମୁଦ୍ରଣାଳୟର ପରିଚାଳକ ପ୍ରକାଶ ଚନ୍ଦ୍ର ରଥ।

ଚଳିତ ନିର୍ବାଚନରେ ଏହି ବ୍ୟବସ୍ଥାକୁ ସୁଚାରୁ ଭାବେ ପରିଚାଳନା କରିବାକୁ ପ୍ରାୟ ୮ ଲକ୍ଷ ୬୦ ହଜାରରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳ କରାଯାଇଥିବା ବେଳେ ଏଥିରେ ପ୍ରାୟ ୨୫ଜଣ କର୍ମଚାରୀ ନିୟୋଜିତ ରହିବେ। ଏଥିପାଇଁ ଡାଟା ଏଣ୍ଟ୍ରି ଅପରେଟର, ପ୍ରୁଫ୍ ରିଡର, କପି ହୋଲ୍ଡର, ମେସିନ ଅପରେଟର ଓ କର୍ମଚାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କ ଆବଶ୍ୟକତା ରହିଛି। ନିର୍ବାଚନ ପୂର୍ବରୁ ଡମି ବାଲାଟ ପେପର ଖୋଦ୍ ଗଞ୍ଜାମ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତ କରାଯିବ। ପରେ ବିଭିନ୍ନ ଜିଲ୍ଲାରୁ ଅଧିକୃତ ଅଧିକାରୀମାନେ ଏଠାକୁ ଆସି ନିଜ ନିଜ ଜିଲ୍ଲାର ବୁଥ୍‌ଗୁଡ଼ିକ ପାଇଁ ଡମି ବାଲାଟ ପେପର ସଂଗ୍ରହ କରିବେ। ଏଥିପାଇଁ ଏହି ମୁଦ୍ରଣାଳୟରେ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଥାଏ। ବ୍ରହ୍ମପୁରସ୍ଥିତ ରାଜ୍ୟର ଏହି ଏକମାତ୍ର ବ୍ରେଲ ପ୍ରେସ୍‌ରେ ଇଣ୍ଟରପେଣ୍ଟ ୫୫ବ୍ରେଲ ପ୍ରିଣ୍ଟର ମେସିନ ୪ଟି ରହିଛି। ସେଥିମଧ୍ୟରୁ ୩ଟି ବେଲଜିୟମରୁ ଓ ଅନ୍ୟଟି ନରୱେରୁ ଅଣାଯାଇଛି। ଏହି ବ୍ରେଲ ପ୍ରେସ୍‌ରେ ରାଜ୍ୟର ସମସ୍ତ ଦୃଷ୍ଟିବାଧିତ ବିଦ୍ୟାଳୟକୁ ପାଠ୍ୟପୁସ୍ତକ, ବାର୍ଷିକ କ୍ୟାଲେଣ୍ଡର, ମାଗାଜିନ ଆଦି ଛପାଯାଇଥାଏ।

# ୨୦୦୯ ରୁ କ୍ରମାଗତ ଭାବେ କମି ଚାଲିଛି ସ୍ୱାଧୀନ ପ୍ରାର୍ଥୀଙ୍କ ସଂଖ୍ୟା

## ବ୍ୟୟବହୁଳ ନିର୍ବାଚନ ପ୍ରଚାରକୁ ଦାୟୀ କଲେ ସମୀକ୍ଷକ

**ଭୁବନେଶ୍ୱର,୧୭ ।୪(ସମିସ):** ଯେପରି ଗୋଟିଏ ଭୋଟ ବ୍ୟବଧାନ ବଡ଼ ପରିବର୍ତ୍ତନ କରିପାରେ ସେହିପରି ଜଣେ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ସରକାର ଗଠନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାର ଅନେକ ଉଦାହରଣ ରହିଛି। କୌଣସି ଦଳରୁ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁ ନ ଥିଲେ ସୁଦ୍ଧା ସ୍ୱାଧୀନ ପ୍ରାର୍ଥୀମାନେ ନିର୍ବାଚନରେ ବଡ଼ ପ୍ରଭାବ ପକାଇଥାନ୍ତି। ତେବେ ଏକଦା ଓଡ଼ିଶା ରାଜନୀତିରେ ବଡ଼ ଭୂମିକା ନିର୍ବାହ କରୁଥିବା ସ୍ୱାଧୀନ ପ୍ରାର୍ଥୀ କ୍ରମାଗତ ଭାବେ ନିଜ ଅସ୍ତିତ୍ୱ ହରାଇ ଚାଲିଛନ୍ତି। ସ୍ୱାଧୀନ ପ୍ରତିଦ୍ୱନ୍ଦ୍ୱୀଙ୍କ ସଂଖ୍ୟା କମି କମି ଚାଲିଥିବା ବେଳେ ଚଳିତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀଙ୍କ ସଂଖ୍ୟା ପୂର୍ବାପେକ୍ଷା ଯଥେଷ୍ଟ କମ୍ ରହିବା ସମ୍ଭାବନା ଅଛି।

୨୦୦୯ ବିଧାନସଭା ନିର୍ବାଚନରେ ସମୁଦାୟ ୧୨୮୮ ଜଣ ପ୍ରାର୍ଥୀଙ୍କରେ ୩୭୧ ଜଣ ସ୍ୱାଧୀନ ଭାବରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତାଳଚେରରୁ ବ୍ରଜ କିଶୋର ପ୍ରଧାନ, ଆଠଗଡ଼ରୁ ରମେଶ ରାଉତ, ନୀଳଗିରିରୁ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଚମ୍ପୁଆରୁ ଜିତୁ ପଟ୍ଟନାୟକ, ବୀରମହାରାଜପୁରରୁ ଜର୍ଜ ତୀର୍କି, ଖୋର୍ଦ୍ଧାରୁ ରାଜେନ୍ଦ୍ର ସାହୁ ବିଜୟ ଲାଭ କରିଥିଲେ। ଏହି ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀମାନେ ୧୫୩୬୭୪୫ (୮.୬୫%) ଭୋଟ ଟାଣିବାରେ ସଫଳ ହୋଇଥିଲେ। ଏହି ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀଙ୍କ ଭୋଟ ହାର ୫% ଥିଲା। ସେହିପରି ୨୦୧୪ରେ ସମୁଦାୟ ୧୪୨୨ ଜଣ ପ୍ରାର୍ଥୀ ବିଧାନସଭା ନିର୍ବାଚନ ଲଢ଼ିଥିବା ବେଳେ ସେମାନଙ୍କ ମଧ୍ୟରେ ୨୭୬ ଜଣ ସ୍ୱାଧୀନ ପ୍ରାର୍ଥୀ ଥିଲେ। ସ୍ୱାଧୀନ ଭାବେ ଲଢ଼ିଥିବା ସନାତନ ମହାକୁଡ଼ ଚମ୍ପୁଆରୁ ଓ ଉମା ସାମନ୍ତରାୟ ସତ୍ୟବାଦୀରୁ ବିଜୟୀ ହୋଇଥିଲେ। ଏହି ନିର୍ବାଚନରେ କିଛି ସ୍ୱାଧୀନ ପ୍ରାର୍ଥୀ ପରାଜୟ ବରଣ କରିଥିଲେ ସୁଦ୍ଧା ଦଳୀୟ ଟିକଟରେ ଲଢୁଥିବା ପ୍ରାର୍ଥୀଙ୍କୁ କଡ଼ା ଟକ୍କର ଦେଇଥିଲେ। ଭଟଲୀରୁ ବିଜୟ ଲାଭ କରିଥିବା ବିଜେଡିର ସୁଶାନ୍ତ ସିଂଙ୍କ ପରେ ସ୍ୱାଧୀନ ପ୍ରାର୍ଥୀ ସୁଶାନ୍ତ ମିଶ୍ର ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ବରୀ ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିବା ବିଜେଡିର ଦେବାଶିଷ ନାୟକଙ୍କୁ ସ୍ୱାଧୀନ ପ୍ରାର୍ଥୀ ବିଶ୍ୱ ରଞ୍ଜନ ମଲ୍ଲିକ୍ ଭଲ ମୁକାବିଲା ଦେଇଥିଲେ। ମହାଙ୍ଗାରେ ମଧ୍ୟ ବିଜେଡିର ବିଜୟୀ ପ୍ରାର୍ଥୀ ପ୍ରତାପ ଜେନାଙ୍କ ପଛକୁ ସ୍ୱାଧୀନ ପ୍ରାର୍ଥୀ ସାରଦା ପ୍ରସାଦ ପ୍ରଧାନ ଦ୍ୱିତୀୟ ସ୍ଥାନରେ ରହିଥିଲେ। କବିସୂର୍ଯ୍ୟନଗରରେ ବିଜେଡିର ସୁଗୁଣା ଦେଓ ଏବଂ ସ୍ୱାଧୀନ ପ୍ରାର୍ଥୀ ହରପ୍ରସାଦ ସାହୁଙ୍କ ମଧ୍ୟରେ ଦ୍ୱିମୁଖୀ ଲଢ଼େଇ ହୋଇଥିଲା। ୨୦୧୪ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀଙ୍କ ଭୋଟ ହାର ୫.୦୪% ଥିଲା। ତେବେ ୨୦୧୯ ବିଧାନସଭା ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀଙ୍କ ସଂଖ୍ୟା ସହିତ ଭୋଟ ହାର ମଧ୍ୟ ହ୍ରାସ ପାଇ ୨.୧୮%ରେ ପହଞ୍ଚିଥିଲା। ଏହି ଥର ଜଣେ ମାତ୍ର ସ୍ୱାଧୀନ ପ୍ରାର୍ଥୀ ଭାବେ ରାୟଗଡ଼ାରୁ ମକରନ୍ଦ ମୁଦୁଲି ବିଜେଡି ପ୍ରାର୍ଥୀ ଲାଲବିହାରୀ ହିମିରିକାଙ୍କୁ ପରାସ୍ତ କରିଥିଲେ। ସେହିପରି ଜୟଦେବ ଆସନରୁ ବିଜେଡି ଟିକଟରେ ବିଜୟଲାଭ କରିଥିବା ଅରବିନ୍ଦ ଢ଼ାଲି ଓ ସ୍ୱାଧୀନ ପ୍ରାର୍ଥୀ ନବ କିଶୋର ମଲ୍ଲିକ୍‌ଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ସେହିପରି ଖଣ୍ଡପଡ଼ାରୁ ବିଜୟୀ ହୋଇଥିବା ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ପରେ ସ୍ୱାଧୀନ ପ୍ରାର୍ଥୀ ଦୁଷ୍ମନ୍ତ ନାୟକ ଦ୍ୱିତୀୟ ସ୍ଥାନରେ ରହିଥିଲେ। ପାରଳାଖେମୁଣ୍ଡିରୁ ନିର୍ବାଚିତ ହୋଇଥିବା ବିଜେପିର କେ ନାରାୟଣ ରାଓ ଏବଂ ସ୍ୱାଧୀନ ପ୍ରାର୍ଥୀ ତିରୁପତି ପାଣିଗ୍ରାହୀଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା।

ଭାରତୀୟ ଏବଂ ଓଡ଼ିଶା ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିବା କିଛି ନୂଆ କଥା ନୁହେଁ। ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚନ ଲଢ଼ି ପରବର୍ତ୍ତି ସମୟରେ ପ୍ରମୁଖ ରାଜନୈତିକ ଦଳରେ ଧୂରୀଣ ରାଜନେତା ହୋଇପାରିଛନ୍ତି। କହିବାକୁ ଗଲେ କୌଣସି ଦଳରୁ ଟିକଟ ପାଉ ନ ଥିବା ଆଶାୟୀ ପ୍ରାର୍ଥୀ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ି ପରାଜିତ ହେଲେ ସୁଦ୍ଧା ନିଜ ରାଜନୈତିକ କ୍ୟାରିୟର୍ ପାଇଁ ପଥ ପ୍ରସ୍ତୁତ କରିଥାଆନ୍ତି। ତେବେ ଓଡ଼ିଶାରେ ସ୍ୱାଧୀନ ପ୍ରାର୍ଥୀଙ୍କ ସଂଖ୍ୟା କମିବାରେ ଲାଗିଛି। ରାଜନୈତିକ ସମୀକ୍ଷକଙ୍କ ମତରେ ସ୍ୱାଧୀନ ପ୍ରାର୍ଥୀଙ୍କ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇବାର ବଡ଼ କାରଣ ହେଉଛି ଅତ୍ୟନ୍ତ ବ୍ୟୟବହୁଳ ନିର୍ବାଚନ ପ୍ରକ୍ରିୟା। ଯଦିଓ ରାଜନୈତିକ ଦଳର ପ୍ରାର୍ଥୀମାନେ ନିର୍ବାଚନରେ ବିପୁଳ ଅର୍ଥ ବ୍ୟୟ କରନ୍ତି। ତେବେ ସମ୍ପ୍ରତି ଏହି ବ୍ୟୟ ଏତେ ବଢ଼ିଗଲାଣି ଯେ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରତିଦ୍ୱନ୍ଦିତା ଧାରା ଧୀରେ ଧୀରେ ନିଜ ଅସ୍ତିତ୍ୱ ହରାଇବାକୁ ବସିଲାଣି।

## ଅମାନତ ହରାଉଛନ୍ତି ୭୦% ବିଧାୟକ ପ୍ରାର୍ଥୀ

**ଭୁବନେଶ୍ୱର,୧୭ ।୪(ସମିସ):** ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରି ପରାଜିତ ହେବା କିଛି ବଡ଼ କଥା ନୁହେଁ। କିନ୍ତୁ ଯଦି କୌଣସି ପ୍ରାର୍ଥୀ ନିର୍ବାଚନରେ ପରାଜିତ ହୋଇ ଜମା ଅମାନତ ହରାଇଲେ ସମ୍ମାନ ଉପରେ ଆଞ୍ଚ ଆସିଥାଏ। ତେବେ ଓଡ଼ିଶାର ପ୍ରତି ବିଧାନସଭା ନିର୍ବାଚନରେ ଏପରି ଅମାନତ ହରାଉଥିବା ପ୍ରାର୍ଥୀଙ୍କ ସଂଖ୍ୟା କିଛି କମ୍ ନାହିଁ। ପ୍ରାୟ ୭୦%ରୁ ୮୦% ପ୍ରାର୍ଥୀ ନିର୍ବାଚନରେ ଅମାନତ ହରାଉଛନ୍ତି। ୨୦୦୯ରେ ଓଡ଼ିଶା ବିଧାନସଭା ନିର୍ବାଚନରେ ସମୁଦାୟ ୧୨୮୮ ଜଣ ପ୍ରାର୍ଥୀ ଲଢ଼ିଥିବା ବେଳେ ସେମାନଙ୍କ ମଧ୍ୟରୁ ୯୫୩ ନିଜ ଅମାନତ ହରାଇଥିଲେ। ସେହିପରି ୨୦୧୪ ବିଧାନସଭା ନିର୍ବାଚନରେ ୧୪୨୦ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୧୦୭୬ ଜଣ ଅମାନତ ହରାଇଥିଲେ ଏବଂ ୨୦୧୯ରେ ପ୍ରତିଦ୍ୱନ୍ଦିତା କରିଥିବା ୧୧୨୭ ଜଣଙ୍କ ଭିତରୁ ୭୭୭ ଜଣ ଅମାନତ ହରାଇଥିଲେ। ନିର୍ବାଚନ ଆୟୋଗଙ୍କ ନିୟମ ଅନୁସାରେ ବିଧାୟକ ପ୍ରାର୍ଥୀ ନାମାଙ୍କନ ଦାଖଲ ସମୟରେ ଅମାନତ ବାବଦରେ ସାଧାରଣ ବର୍ଗର ପ୍ରାର୍ଥୀ ୧୦ ହଜାର ଟଙ୍କା ଜମା କରିଥାନ୍ତି। ସେହିପରି ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପ୍ରାର୍ଥୀମାନେ ୫ ହଜାର ଟଙ୍କା ଜମା କରିବାର ନିୟମ ରହିଛି। ଲୋକସଭା ନିର୍ବାଚନରେ ସାଧାରଣ ବର୍ଗର ପ୍ରାର୍ଥୀ ୨୫୦୦୦ ଟଙ୍କା ଜମା ରଖୁଥିବା ବେଳେ ଏସ୍‌ସି/ ଏସ୍‌ଟି ବର୍ଗର ପ୍ରାର୍ଥୀ ୧୨୫୦୦ ଟଙ୍କା ଜମା କରିବା ନିୟମ ରହିଛି।

ଅମାନତ ବାବଦରେ ପ୍ରାର୍ଥୀମାନେ ଜମା ରଖୁଥିବା ଅର୍ଥ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଗଚ୍ଛିତ ଥାଏ। ନିର୍ବାଚନ ଫଳାଫଳ ଘୋଷଣା ପରେ ଏହି ଅର୍ଥ ଫେରସ୍ତ ମିଳିଥାଏ। ତେବେ ସମ୍ପୃକ୍ତ ନିର୍ବାଚନମଣ୍ଡଳୀରେ ଏକ ଷଷ୍ଠାଂଶ (୧୬.୬%) ଭୋଟରୁ କମ୍ ଭୋଟ ପାଇଥିବା ପ୍ରାର୍ଥୀଙ୍କ ଅମାନତ ଆଉ ଫେରସ୍ତ ଦିଆଯାଇ ନଥାଏ। ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ପାଇଁ ଏହି ନିୟମ ସମାନ। ଅମାନତ ହରାଉଥିବା ପ୍ରାର୍ଥୀଙ୍କ ମଧ୍ୟରେ ଅଧିକାଂଶ ସ୍ୱାଧୀନ ପ୍ରାର୍ଥୀ ଅବା ଛୋଟମୋଟ ଦଳର ପ୍ରାର୍ଥୀ ଥାନ୍ତି। ଓଡ଼ିଶା ରାଜନୈତିକ ଇତିହାସରେ ଅନେକ ପ୍ରମୁଖ ଦଳର ପ୍ରାର୍ଥୀ ମଧ୍ୟ ନିର୍ବାଚନରେ ଜମା ଅମାନତ ହରାଇଥିବା ଦେଖାଯାଇଛି। ୨୦୧୯ ନିର୍ବାଚନରେ ବହୁ ପ୍ରମୁଖ ଦଳର ପ୍ରାର୍ଥୀମାନେ ଅମାନତ ହରାଇଥିଲେ।

## ଶ୍ରୀରାମ ନବମୀ ନଗର ସଂକୀର୍ତ୍ତନ ଶୋଭାଯାତ୍ରା

# ‘ଜୟ ଶ୍ରୀରାମ’ ଧ୍ୱନିରେ ପ୍ରକମ୍ପିତ ହେଲା ସହର






ଭଦ୍ରକ,୧୭ ।୪(ସମିସ)

ଆଜି ପବିତ୍ର ଶ୍ରୀରାମ ନବମୀ ଅବସରରେ ଐତିହାସିକ ଶ୍ରୀରାମ ନବମୀ ମହାଯଜ୍ଞ ସମିତି ପକ୍ଷରୁ ବିଶାଳ ନରଗ ସଂକୀର୍ତ୍ତନ ଶୋଭାଯାତ୍ରା ସହର ପରିକ୍ରମା କରିଛି । ମହାଆଡମ୍ବରରେ ପାଳିତ ହୋଇଥିବା ଏହି ମହୋତ୍ସବ ଅବସରରେ ଗେରୁଆ ପତାକା ଓ ପ୍ରଭୁ ଶ୍ରୀରାମ, ମହାବୀର ହନୁମାନଙ୍କ ପ୍ରତିମୂର୍ତ୍ତି ସହ ଅଯୋଧ୍ୟାର ମନ୍ଦିରର ସୁସଜ୍ଜିତ ମେଢ ସହର ପରିକ୍ରମା କରିଛି । ରଙ୍ଗ ବେରଙ୍ଗର ଆଲୋକ ସଜ୍ଜା ସହ ବିଭିନ୍ନ ବାଦ୍ୟଯନ୍ତ୍ର, ଶଙ୍ଖ, ହୁଳହୁଳି ଓ ଡିଜେରେ ସହରକୁ ପ୍ରକମ୍ପିତ କରିଛି । ବିଶେଷକରି ଜୟ ଶ୍ରୀରାମ ଧ୍ୱନିରେ ସହର ପ୍ରକମ୍ପିତ ହେଉଥିବାବେଳେ ବିଭିନ୍ନ ମେଢରେ ଚିତ୍ତାକର୍ଷକ ଲାଇଟ୍‌ରେ ଭଦ୍ରକ ସହରକୁ ଝିଲମିଲ କରିଛି ।

ଭଦ୍ରକ ସହରର ଗାନ୍ଧୀ ପଡିଆରେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଆୟୋଜିତ ସପ୍ତାହ ବ୍ୟାପି କାର୍ଯ୍ୟକ୍ରମରେ ଆଜି ଯଜ୍ଞର ଅନ୍ତିମ ତଥା ପୂର୍ଣ୍ଣାହୂତି ଦିବସ । ତେବେ ଶେଷ ଦିବସରେ ଆଜି ଅପରାହ୍ନରେ ଭଦ୍ରକ ସହରରେ ନଗର ସଂକୀର୍ତ୍ତନ ଅନୁଷ୍ଠିତ ହେବ । ନେହେରୁ ଷ୍ଟାଡିୟମରୁ ବିଶାଳ ସଂକୀର୍ତ୍ତନ ଦଳରେ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ସେମାନଙ୍କ ସୁସଜ୍ଜିତ ମେଢ, କୀର୍ତ୍ତନିୟା ଦଳ, ମାଦଳ ଦଳ, ଶଂଖୁଆ ଦଳ ସହ ବନ୍ତ ଛକ, କଚେରୀ ବଜାର, ବଙ୍କସାହି, ଥାନା ଛକ, ନୂଆ ବଜାର, ରାଜଘାଟ ଛକ, କଦମ ବେଡା, ପୁରୁଣା ବଜାର ଦେଇ ପୁଣି ଯଜ୍ଞ ସ୍ଥଳ ଗାନ୍ଧୀ ପଡିଆକୁ ଫେରିବେ । କେବଳ ଭଦ୍ରକ ସହରାଞ୍ଚଳ ନୁହେଁ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ହଜାର ହଜାର ସଂଖ୍ୟକ ଭକ୍ତ ଓ ସେମାନଙ୍କ ମେଢ଼ ନେହେରୁ ଷ୍ଟାଡିୟମରେ ଏକତ୍ରିତ ହୋଇ ନଗର ସଂକୀର୍ତ୍ତନରେ ସାମିଲ ହୋଇଥିଲେ । ଆଜି ୮୪ରୁ ଅଧିକ ମେଢ଼ ସାମିଲ ହୋଇଛନ୍ତି । ଏଥର ଜିଲ୍ଲାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଲକ୍ଷାଧିକ ପୁରୁଷ, ମହିଳା ଶ୍ରଦ୍ଧାଳୁଙ୍କ ସାମଗମ ସହ ଅତ୍ୟାଧୁନିକ ଆଲୋକ ସଜ୍ଜା, ମ୍ୟୁଜିକ୍ ସିଷ୍ଟମରେ ଶ୍ରୀରାମ ଭଜନ, କୀର୍ତ୍ତନ ତାଳେ ତାଳେ ନଗର ସଂକୀର୍ତ୍ତନ କରାଯାଇଥିଲା । ସହରର ପ୍ରମୁଖ ରାସ୍ତାରେ ଏହି ଶୋଭଯାତ୍ରାକୁ ଦେଖିବାକୁ ହଜାର ହଜାର ସଂଖ୍ୟକ ମହିଳା, ପୁରୁଷ, ଶିଶୁଙ୍କ ସମାଗମ ସନ୍ଧ୍ୟାରୁ ରାତି ୧୦ଟା ଯାଏଁ ଦେଖିବାକୁ ମିଳିଥିଲା । ପ୍ରବଳ ଗରମରେ ଶୋଭାଯାତ୍ରାକାରୀଙ୍କ ଲାଗି ବିଭିନ୍ନ ସଂଗଠନ, ଅନୁଷ୍ଠାନ ପକ୍ଷରୁ ଜଳଛତ୍ର ଖୋଲାଯାଇ ଥଣ୍ଡା ପାନୀୟ, ସରବତ, ଦହି, ଲସି, ଆଇସକ୍ରିମ ସହ ଖେଚୁଡି ଆଦି ଖାଦ୍ୟଦ୍ରବ୍ୟ ବଣ୍ଟନ କରାଯାଇଥିଲା ।





- ୮୪ରୁ ଊର୍ଦ୍ଧ୍ୱ ସୁସଜ୍ଜିତ ମେଢ ସାମିଲ
- ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ୨ ଏସ୍‌ପି, ୪ ଏଏସ୍‌ପି, ୨୦ ଡିଏସ୍‌ପି, ୨୯ ଇନ୍ସପେକ୍ଟରଙ୍କ ସହ କେନ୍ଦ୍ରୀୟ ଓ ରାଜ୍ୟ ପୁଲିସ ଫୋର୍ସ ନିୟୋଜିତ

ଏହି ନଗର ପରିକ୍ରମା ଲାଗି ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଏଡିଜି ବିନୟତୋଷ ମିଶ୍ର ନିଜେ ଭଦ୍ରକରେ ଉପସ୍ଥିତ ରହି ପରିସ୍ଥିତି ଅନୁଧ୍ୟାନ କରିଥିବାବେଳେ ୩୪ ପ୍ଲାଟୁନ ପୁଲିସ ଫୋର୍ସ, ୨ କମ୍ପାନୀ କେନ୍ଦ୍ରୀୟ ଆର୍ମ ଫୋର୍ସ (ସିଏପିଏଫ୍)ଙ୍କ ସହ ୨ ଜଣ ଏସ୍‌ପି, ୪ ଜଣ ଆଡିସନାଲ ଏସ୍‌ପି, ୨୦ଜଣ ଡିଏସ୍‌ପି, ୨୯ ଜଣ ପୁଲିସ ଇନ୍ସପେକ୍ଟର, ୧୩୮ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୧୪୮ ହାବିଲଦାର, ଓଏପିଏଫ୍ ଓ ୧୧୦ ହୋମଗାର୍ଡ ଶାନ୍ତିଶୃଙ୍ଖଳା ରକ୍ଷା କାର୍ଯ୍ୟରେ ନିୟୋଜିତ ରହିଥିଲେ । ଆଜି ଏହି ବିଶାଳ ଶୋଭାଯାତ୍ରାରେ ପ୍ରାକ୍ତନ ମନ୍ତ୍ରୀ ତଥା ଭଦ୍ରକ ଆସନର ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ, ବିଜେଡିର ସାଂସଦ ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଜେଡି ପ୍ରାର୍ଥୀ ତଥା ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ରାଜ୍ୟ ବିଜେଡି ସମ୍ପାଦକ ଇଂ. ପ୍ରୟାସକାନ୍ତି ସାମଲ, ପୌରାଧକ୍ଷା ଗୁଲମକ୍କୀ ଦଲାଓ୍ୱାଜି ହବିବିଙ୍କ ସହ ଶ୍ରୀରାମ ନବମୀ ମହୋତ୍ସବ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ରାମ ନବମୀରେ ଧାମରା ଅଞ୍ଚଳ ଗୈରିକମୟ



**ଭଦ୍ରକ,୧୭ ।୪(ସମିସ):** ପବିତ୍ର ରାମ ନବମୀ ଅବସରରେ ଧାମରା ଗୈରିକମୟ ହୋଇପଡିଛି । ଏ ଅବସରରେ ଧାମରା ବଜାରଠାରୁ ଆରମ୍ଭ କରି ଧାମରାର ୮ଟି ପଞ୍ଚାୟତରେ ଶ୍ରୀରାମ ନବମୀ ଅବସରରେ ସମସ୍ତ ଅଞ୍ଚଳରେ ଗୈରିକ ପତାକା ପୁରପଲ୍ଲୀରେ ଛାଇ ଯାଇଥିବାବେଳେ ସମସ୍ତ ଅଞ୍ଚଳରେ ଶ୍ରୀରାମ ଧ୍ୱନି ମଧ୍ୟରେ ଉତ୍ସବ ମୁଖର ହୋଇପଡିଛି । ଏହି ପବିତ୍ର ଦିବସ ଅବସରରେ ସତ୍ୟ ଧର୍ମ ଓ ନ୍ୟାୟରେ ଚାଲିବା ପାଇଁ ସମସ୍ତେ ପ୍ରେରଣା ପାଇଥା’ନ୍ତି । ପ୍ରଭୁ ଶ୍ରୀରାମଙ୍କ ସମ୍ପୂର୍ଣ୍ଣ ଜୀବନ ମାନବ ଜାତି ପାଇଁ ଉତ୍ସର୍ଗୀକୃତ ଥିବାବେଳେ ଆଜିର ଏହି ନବମୀ ଅବସରରେ ଧାମରାର ପ୍ରତିଷ୍ଠିତ ଦେବୀ ମା’ ଧାମରାଇଙ୍କ ମନ୍ଦିର ନିକଟରୁ ଏକ ଭବ୍ୟ ରଥ ବାହାରି ଧାମରା, ଜାଗୁଳା, କଇଥଖୋଲା, କରଞ୍ଜମାଳ, କରଣପଲ୍ଲୀ, ବାଂଶଡା ଓ ଦୋସିଙ୍ଗା ପଞ୍ଚାୟତ ଅତିକ୍ରମ କରିବା ପରେ ଭଦ୍ରକ ଅଭିମୁଖେ ଯାତ୍ରା କରିଥିଲା । ପୁରପଲ୍ଲୀରେ ଶ୍ରୀରାମ ନାରା ଓ ଶୁଭ ଶଙ୍ଖର ତାଳେ ତାଳେ ଜୟଶ୍ରୀ ରାମ ଓ ଜୟ ହନୁମାନ ଲେଖା ସମ୍ବଳିତ ପତାକା ଧରି ଶ୍ରୀରାମ ଭକ୍ତ ଏହି ଯାତ୍ରାରେ ଯୋଗ ଦେଇଥିଲେ । ଏହି ପବିତ୍ର ରଥ ସହ ଧାମରା ଅଞ୍ଚଳର ତ୍ରିଦିବେଶ ପ୍ରଧାନ, ପ୍ରଭାସ ରଞ୍ଜନ ସ୍ୱାଇଁ, ଡା. ଜନ୍ମେଞ୍ଜୟ ବେହେରା, ମନୋଜ ଲେଙ୍କା, ପ୍ରଦୀପ ରାଉତ, ବିପିନ ବେହେରା, ବାପୁଜୀ ମାଝୀ, ଗଗନ ବେହେରା, ପ୍ରମୋଦ ପ୍ରଧାନ, ଉଲ୍ଲାସ ମାଝୀ, ଶରତ ଦଳେଇ, ବିଜୟ ସାହୁ, ଗୋପାଳୀ ମାଝୀଙ୍କ ସହ ଶତାଧିକ ରାମ ଭକ୍ତ ସାମିଲ ଥିଲେ ।

## ରାମ ନବମୀ ପାଳିତ



**ମଞ୍ଜୁରୀରୋଡ,୧୭ ।୪(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଆଜି ପବିତ୍ର ଶ୍ରୀରାମ ନବମୀ ପାଳିତ ହୋଇଯାଇଛି । ବ୍ଲକ ଅଧିନ ରହଣିଆ ପଞ୍ଚାୟତର ରାଢୋ ଛକରେ ବ୍ୟବସାୟୀ ବନ୍ଧୁଙ୍କ ଦ୍ୱାରା ଆଜିଠାରୁ ନବଦିନ ଯାଏଁ ରାମ ନବମୀ ଅନୁଷ୍ଠିତ ହେଉଛି । ଗ୍ରାମର ପୋଖରୀ ଆଡିବଜାର ହନୁମାନ ପୀଠରେ ନବମୀ ଉତ୍ସବ ଉପଲକ୍ଷେ ଯଜ୍ଞ ଅନୁଷ୍ଠିତ ହୋଇଛି । ପଣ୍ଡିତ ରତ୍ନାକର ଦାସଙ୍କ ତତ୍ତ୍ୱାବଧାନରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏଥିରେ ଚିନ୍ତାମଣି ସେନାପତିଙ୍କ ସମେତ ବହୁ ପୁରୁଷ ଓ ମହିଳା ଉପସ୍ଥିତ ରହି ରାମଙ୍କ ଉଦ୍ଦେଶ୍ୟରେ ଆହୂତି ଦେଇଥିଲେ । ମହିମା ବଜାର ପଟ୍ଟାପୋଲ, ଖପୁରିଆପଦା, ନପଙ୍ଗ ପ୍ରମୁଖ ସ୍ଥାନରେ ଆଜିଠାରୁ ରାମନବମୀ ଉତ୍ସବ ଆରମ୍ଭ ହୋଇଛି । ସମସ୍ତ ସ୍ଥାନରେ ଭଜନ କୀର୍ତ୍ତନ, ଭାଗବତ କଥାମୃତ ଓ ପାଲା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ଜଣାପଡିଛି ।

## ଆଗରପଡ଼ାରେ ଶ୍ରୀରାମ ନବମୀ ଶୋଭାଯାତ୍ରା

**ବନ୍ତ/ଆଗରପଡ଼ା,୧୭।୪(ସମିସ):** ଆଗରପଡ଼ା ଶ୍ରୀରାମ ନବମୀ ସମିତି ପକ୍ଷରୁ ରାମନବମୀ ଉପଲକ୍ଷେ ବିଶାଳ ଶୋଭାଯାତ୍ରା ପରିକ୍ରମା କରିଥିଲା । ଏହି ଶୋଭାଯାତ୍ରାରେ ୧୦ଟି ମେଢ ସାମିଲ ହେବା ସହ ବିଭିନ୍ନ ପ୍ରକାର ଡିଜେ ସାଉଣ୍ଡ ସାଙ୍ଗକୁ ଭକ୍ତଙ୍କ ଜୟ ଶ୍ରୀରାମ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା । ବିଭିନ୍ନ ସ୍ଥାନରୁ ଶୋଭାଯାତ୍ରା ଆସି ଡାଏଟସ୍ଥ ହନୁମାନ ମନ୍ଦିରରେ ଏକତ୍ରିତ ହୋଇଥିଲେ । ପୁଣି ସେଠାରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ମେଢଗୁଡ଼ିକ ବଜାର ପରିକ୍ରମା କରିଥିଲା । ଆଗରପଡ଼ା ମହାବୀର ୟୁଥ୍ କ୍ଲବ, ପୁରୁଷଣ୍ଡ ରାମନବମୀ ମେଢ କମିଟି, ନୂଆପୋଖରୀ ବଜରଙ୍ଗ ଦଳ ସମେତ ମହାନ୍ତିପଡ଼ା, କୁଆଁସମଢିଆ, ତାରିଣୀ ଛକ, ମୁଣ୍ଡଳୀ ଆଦି ଗ୍ରାମରୁ ମେଢ ସାମିଲ ହୋଇଥିଲେ । କମିଟି ସଭାପତି ତୃପ୍ତିରଂଜନ ଦାଶ, ସମ୍ପାଦକ ବାବୁରାମ ବେହେରା, ଭାସ୍କର ଦାସ, ସର୍ବଜିତ୍ ପଣ୍ଡା, ଜ୍ଞାନଚାନ୍ଦ ଗୁପ୍ତା ପ୍ରମୁଖ ଉକ୍ତ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇର୍ ଥାନା ଅଇଆଇସି ଅମିତ ଭୂୟାଁଙ୍କ ନେତୃତ୍ୱରେ ବ୍ୟାପକ ପୁଲିସ ମୃତୟନ କରାଯାଇଥିଲା । ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼ାଇ, ଜିଲ୍ଲା ବିଜେଡି ଉପସଭାପତି ପ୍ରଶାନ୍ତ ଦାଶ, ବ୍ଲକ ଯୁବ ସଭାପତି ସତ୍ୟସାଧନ ବେଜ, ବିଜେପି ନେତା ଡଃ ସୁଧାଂଶୁ ନାୟକଙ୍କ ସମେତ ଅନେକ କଂଗ୍ରେସ ନେତା ଉକ୍ତ ଶୋଭାଯାତ୍ରାରେ ଉପସ୍ଥିତ ଥିଲେ ।

## ବିଭିନ୍ନ ସ୍ଥାନରେ ଚଇତି ଦୁର୍ଗାପୂଜା



**ଭଣ୍ଡାରିପୋଖରୀ,୧୭।୪(ସମିସ):** ଭଣ୍ଡାରିପୋଖରୀର ବିଭିନ୍ନ ସ୍ଥାନରେ ମା’ ବାସନ୍ତୀ ଦୁର୍ଗାଙ୍କ ଚଇତି ମହାନବମୀ ପୂଜା ବୁଧବାର ଅନୁଷ୍ଠିତ ହୋଇଛି । ରବିବାର ବିଲ୍ୱାଧିବରଣ ସହ ଅଧିବାସ, ସୋମବାର ମହାସପ୍ତମୀ, ମଙ୍ଗଳବାର ମା’ଙ୍କ ମହାଷ୍ଟମୀ ଓ ବୁଧବାର ମହାନବମୀ ପୂଜା ଭଣ୍ଡାରିପୋଖରୀବଜାର, କହରାପୋଖରୀ ଓ ବାରିକପୁର ଆଦି ସ୍ଥାନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଛି । ଭଣ୍ଡାରିପୋଖରୀ ବସ୍‌ଷ୍ଟାଣ୍ଡ ମଣ୍ଡପରେ କାରିଗର ମହେନ୍ଦ୍ର ସାହୁଙ୍କ ଦ୍ୱାରା ଗଢାଯାଇଥିବା ମା’ଙ୍କ ମୃଣ୍ମୟ ମୂର୍ତ୍ତିକୁ ପୂଜକ ନରନାରୟଣ ପଣ୍ଡା ଓ ସାଥୀ ବିଧିମତେ ପୂଜା କରୁଛନ୍ତି । ବିଷ୍ଣୁଚରଣ ଦାଶ ଓ ପତ୍ନୀ ମମତା କର୍ତ୍ତାକର୍ତ୍ତୀ ଭାବେ ସଙ୍କଳ୍ପ କରିଛନ୍ତି । ଗୁରୁବାର ଦଶହରା ପର୍ବ ପାଳନ ସହ ବିସର୍ଜନ କରାଯିବ । ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଭସାଣ ଅନୁଷ୍ଠିତ ହେବ । ସଂପୃକ୍ତ ମା’ବାସନ୍ତୀ ଦୁର୍ଗା କମିଟି ସଭାପତି ଅଖିଳ ବିହାରୀ ସାହୁ, ସମ୍ପାଦକ ସୁଶାନ୍ତ ବିଶ୍ୱାଳ, ପ୍ରଶାନ୍ତ ପଣ୍ଡା, ପିଣ୍ଟୁ, ସଞ୍ଜୁ, ଲିଟୁ, ରାଜା ପ୍ରମୁଖ ପୂଜାକାର୍ଯ୍ୟ ପରିଚାଳନାରେ ସହାୟତା କରୁଛନ୍ତି ।

ସେହିପରି ବାରିକପୁର ମା’ ବାସନ୍ତୀ ଦୁର୍ଗା ପୂଜା କଲେଜ ପଡିଆ ସ୍ଥାୟୀ ପୂଜା ମଣ୍ଡପରେ ମା’ଙ୍କ ମୃଣ୍ମୟି ମୂର୍ତ୍ତି ପୂଜକ ପୀତବାସ ପଣ୍ଡା ଓ ସାଥିଙ୍କ ଦ୍ୱାରା ପୂଜା ଅନୁଷ୍ଠିତ ହୋଇଛି । ୧୯୬୮ରୁ ପ୍ରତିବର୍ଷ ଏହି ମଣ୍ଡପରେ ମା’ଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି । ବଜାର କମିଟି ସଭାପତି ପ୍ରଭାକର ପାତ୍ର ଓ ସମ୍ପାଦକ ଦିଲ୍ଲୀପ ମହାନ୍ତି ଓ ବ୍ୟବସାୟୀଙ୍କ ପରିଚାଳନାରେ ଓ ସ୍ଥାନୀୟ ବଜାରର ବ୍ୟବସାୟୀ, ଆଖପାଖ ଗ୍ରାମବାସୀ, ଶ୍ରଦ୍ଧାଳୁଙ୍କ ସହଯୋଗରେ ଏହି ପୂଜା ଅନୁଷ୍ଠିତ ହେଉଛି । ଅନୁରୂପ ଭାବେ ଭଣ୍ଡାରିପୋଖରୀର ଆଦ୍ୟ ବାସନ୍ତୀ ଦୁର୍ଗା ଭାବେ ପରିଚିତ କହରାପୋଖରୀଠାରେ ଦୀର୍ଘ ୭୯ ବର୍ଷ ହେବ ମା’ଙ୍କ ପୂଜା ଅନୁଷ୍ଠିତ ହେଉଛି ।

## ଦେବରୂପଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହୃତ



ଭଦ୍ରକ,୧୭ ।୪(ସମିସ): ଭଦ୍ରକ ଜିଲ୍ଲା କଂଗ୍ରେସ କମିଟିର ବରିଷ୍ଠ ନେତା, ପୂର୍ବତନ ପିସିସି ସମ୍ପାଦକ ଦେବରୂପ ମହାନ୍ତିଙ୍କ ଉପରେ ହୋଇଥିବା ନିଲମ୍ବନ ଆଦେଶକୁ ପିସିସି (ରାଜ୍ୟ କଂଗ୍ରେସ) ପ୍ରତ୍ୟାହାର କରିଛି । ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦ କ୍ରମେ ପିସିସି ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ତାଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶନାମାରେ ଏହି ସୂଚନା ପ୍ରଦାନ କରିଛନ୍ତି । ଭଦ୍ରକ ଜିଲ୍ଲା କଂଗ୍ରେସ କମିଟିର ଟାଣୁଆ ଯୁବନେତା ତଥା ସକ୍ରିୟ ସଂଗଠକ ଭାବେ ପରିଚିତ ଶ୍ରୀ ମହାନ୍ତିଙ୍କୁ ରାଜ୍ୟ କଂଗ୍ରେସ କମିଟି ସମ୍ପାଦକ ଭଳି ଗୁରୁଦାୟିତ୍ୱ ନ୍ୟସ୍ତ କରିଥିଲା । ନିଲମ୍ବନ ପରେ ବି ଶ୍ରୀ ମହାନ୍ତି ଅନ୍ୟ ରାଜନୈତିକ ଦଳରେ ଯୋଗଦାନ କରି ନ ଥିଲେ । ତାଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ପ୍ରକଟ କରି ରାଜ୍ୟ କଂଗ୍ରେସ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଥିବାରୁ ସେ ପିସିସି କମିଟି, ଜିଲ୍ଲା କଂଗ୍ରେସ କମିଟିର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ମାଗଣା ସ୍ୱାସ୍ଥ୍ୟ ଶିବିର

**ଦୋବାଲ,୧୭ ।୪(ସମିସ):** ଦୋବଲ ନିକଟସ୍ଥ ସୋହଡା ପଞ୍ଚାୟତର ବାଲିପଡାଠାରେ ଥିବା ବୈତରଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମା’ ବାସନ୍ତୀ ଦୁର୍ଗା ଚାରିଟେବୁଲ ଟ୍ରଷ୍ଟ ଓ ଟାଟା ଷ୍ଟିଲ ମେଡିକାଲ ହସ୍ପିଟାଲ ଯାଜପୁର ମିଳିତ ଆନୁକୁଲ୍ୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଚାରିଟେବୁଲ ଟ୍ରଷ୍ଟର ଫାଉଣ୍ଡର ସମିତ କୁମାର ଜେନା ଓ ବାସନ୍ତୀ ଦୁର୍ଗା ପୂଜା କମିଟି ସଭାପତି ଦେବେନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ସୋହଡ଼ା ସମେତ କରଦା, ପଧାନି, ଦୋବାଲ ପଞ୍ଚାୟତ ପାଖାପାଖି ୨୦୦ ରୋଗୀ ନିଜର ନାମ ପଞ୍ଜିକରଣ କରି ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଜର ଚିକିତ୍ସା କରାଇଥିଲେ । ଟାଟା ଷ୍ଟିଲ ମେଡିକାଲ ଏଣ୍ଡ ହସ୍‌ପିଟାଲ ଯାଜପୁର ଓ କଳିଙ୍ଗ ହସପିଟାଲର ଭୁବନେଶ୍ୱରର ଡାକ୍ତର ଡାକ୍ତର ନିର୍ମଳ ବିଶୋଇ, ଡାକ୍ତର ବିରଜା କୁମାର ବିଶ୍ୱାଳ, ତପସ୍ୱିନୀ ମାହାଲି, ସଞ୍ଜୀବ ସାହୁ, ବିଶ୍ୱଜିତ ବେହେରା ପ୍ରମୁଖ ଯୋଗଦେଇ ରୋଗୀଙ୍କୁ ଚିକିତ୍ସା କରାଇଥିଲେ । ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ମଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲକ୍ଷ୍ୟ ନେଇ ଏହି ଟ୍ରଷ୍ଟର ଉଦ୍ଦେଶ୍ୟ ଥିବା ଦୁଇ କମିଟି ସଦସ୍ୟ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଶଶୀକାନ୍ତ ଜେନା, ନିହାର ଜେନା, ତୁଷାର ଜେନା, ଉପେନ୍ଦ୍ର ଦାସ, ଉତ୍ତମ ଦାସ, ରାଜେନ୍ଦ୍ର ଦାସ, ଅତୁଲ ଜେନା, ଅଶ୍ୱିନୀ ରଣା ପ୍ରମୁଖ ସହଯୋଗ କରିଥିଲେ ।

## ଗୋରୁ ବୋଝେଇ ଅଟୋ ଜବତ, ୨ ଗିରଫ



**ତିହିଡି,୧୭ ।୪(ସମିସ):** ବିଭିନ୍ନ ସଂଗଠନର ବିରୋଧ ସତ୍ତ୍ୱେ ଗୋରୁଗାଈଙ୍କୁ ଅତି ନିର୍ଦ୍ଦୟ ଭାବେ ଗାଡ଼ିରେ ଚାଲାଣ କରାଯାଉଛି । ତେବେ ଗତକାଲି ରାତ୍ରିରେ ଏକ ୩ ଚକିଆ ଅଟୋରେ ୬ଟି ଗୋରୁଙ୍କୁ ଗୋଟିଏ ଉପରେ ଗୋଟିଏ ଲଦି ନିଆଯାଉଥିବାବେଳେ ପୁଲିସ ଚଢ଼ଉ କରି ଗାଡ଼ିକୁ ଜବତ କରିଛି । ପାଳିଆ ଗ୍ରାମ ନିକଟରେ ଗାଡ଼ିକୁ ଧରାଯାଇଥିଲା । ଗୋରୁଙ୍କୁ ସିମୁଳିଆ ଗୋଶାଳା ଜିମା ଦିଆଯାଇଛି । ଗୁଜିଦରଡ଼ା ନସିରବାଗ ଅଞ୍ଚଳର ଇସାକ ଓରଫ ସେକ କାଲିମୁଦ୍ଦିନ ଓ ଚନ୍ଦୁ ଓରଫ ସେକ ମୁସ୍ତାକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି ।

## ବ୍ଲକସ୍ତରୀୟ ବିଜେଡି ପଦାଧିକାରୀ ବୈଠକ



**ବନ୍ତ/ଆଗରପଡ଼ା,୧୭।୪(ସମିସ):** ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଆଗରପଡା ମହତାବ ମେମୋରିଆଲ ହଲ୍‌ରେ ବ୍ଲକସ୍ତରୀୟ ବିଜେଡି ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ ନବୀନ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ସହ ଏହି ଦଳକୁ ଆହୁରି ସୁଦୃଢ଼ କରିବାକୁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ । ଏଥିରେ ୨୫ଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ ସମେତ କର୍ମକର୍ତ୍ତା ଓ କର୍ମୀଙ୍କ ସମେତ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ସଭ୍ୟା ରୁନିତା ଦାସ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼ାଇ, ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ, ନିର୍ବାଚନ ମଣ୍ଡଳୀ ସଭାପତି ବିପନ ନାୟକ, ଜିଲ୍ଲା ବିଜେଡି ଉପସଭାପତି ପ୍ରଶାନ୍ତ ଦାଶ, ସାଂସଦ ପ୍ରତିନିଧି ଶ୍ରୀନାଥ ମହାନ୍ତି, ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ଯୁବ ସଭାପତି ସତ୍ୟ ସାଧନ ବେଜ, ଛାତ୍ର ସଭାପତି ପ୍ରଣବ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

## ଦୁର୍ଘଟଣାରେ ୨ ମୃତ

**ଭଦ୍ରକ/ବାରିକପୁର,୧୭ ।୪(ସମିସ):** ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ନିକଟ ପାଣିକୋଇଲି ପଥରପଦାଠାରେ ଦୁର୍ଘଟଣା ଘଟି ଦୁଇ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ନେରଡା ପଞ୍ଚାୟତ ପୁରିପଡା ଗ୍ରାମର ସତ୍ୟରଞ୍ଜନ ମିଶ୍ରଙ୍କ ପୁଅ ବାବୁ(୨୨) ଓ ତରଣୀ ମଲ୍ଲିକଙ୍କ ପୁଅ ଗଦାଧର (୨୬) ବାଇକ୍‌ରେ ଘରକୁ ଫେରୁଥିଲେ । ରାତି ୧୦ଟା ବେଳେ କୌଣସି ଅଜଣା ଗାଡ଼ି ବାଇକ୍‌କୁ ଧକ୍କା ଦେଇଥିଲା । ଫଳରେ ଦୁଇ ଯୁବକ ଗୁରୁତର ହୋଇଥିବାବେଳେ ତାଙ୍କୁ ସଂଗେ ସଂଗେ ଯାଜପୁର ମେଡିକାଲ ନିଆଯାଇଥିଲା । ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ ।

## ଅଚଳ ନଳକୂପ
## ଗୋପାଳସାହିରେ ପାନୀୟଜଳ ସମସ୍ୟା ଉତ୍କଟ



**ବାରିକପୁର,୧୭ ।୪(ସମିସ ):** ଏବେ ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ପାନୀୟ ଜଳ ଲୋକଙ୍କ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି । ଏଥିପାଇଁ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ଯେଉଁଭଳି କାର୍ଯ୍ୟ ହେବା କଥା ତାହା ହେଉନାହିଁ । ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ମଣିନାଥପୁର ଗୋପାଳ ସାହିରେ । ଏଠାରେ ଅନେକ ବ୍ୟକ୍ତିଗତ ନଳକୂପ ଥିଲେ ସୁଦ୍ଧା ଗାଁ ଦାଣ୍ଡରେ ଥିବା ସରକାରୀ ନଳକୂପଟି ସମସ୍ତଙ୍କ ପାଇଁ ଜରୁରି ଅଟେ । ଏହି ନଳକୂପଟି ଉପରେ ପ୍ରାୟ ୨୦ଟି ପରିବାର ପାନୀୟ ଜଳ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ନିର୍ଭର କରିଥା’ନ୍ତି । ଏହାଛଡା ରାସ୍ତାରେ ଯାଉଥିବା ବାଟୋଇ ମଧ୍ୟ ନଳକୂପରୁ ଥଣ୍ଡା ପାଣି ଟୋପାଏ ପିଇ ତୃଷ୍ଣା ମେଣ୍ଟାଇ ଥା’ନ୍ତି । ପରିତାପର ବିଷୟ ନଳକୂପଟି ଦୀର୍ଘଦିନ ହେବ ଖରାପ ହୋଇଥିବାବେଳେ ଏହା ଉପରେ ନିର୍ଭର କରୁଥିବା ଲୋକେ ପାଣି ଟୋପେ ପାଇବାରୁ ବଞ୍ଚିତ ହୋଇଛନ୍ତି । ଏହାର ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ଚାରିପାଞ୍ଚ ଦିନ ହେବ ଏହା ସମ୍ପୂର୍ଣ୍ଣ ହୋଇପାରୁନାହିଁ । ଯେଉଁଥିପାଇଁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଥିବାବେଳେ ଏହା ଉପରେ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରିଛନ୍ତି । ପାଇପ ଜଳଯୋଗାଣ ବ୍ୟବସ୍ଥା ବ୍ଲକ ଅଞ୍ଚଳରେ ପ୍ରାୟତଃ ଫେଲ ମାରିଥିବାବେଳେ ଖରା ଯୋଗୁ ଭୂତଳ ଜଳସ୍ତର ମଧ୍ୟ ହ୍ରାସ ପାଉଛି । ତେଣୁ ଲୋକଙ୍କ ଶୋଷ ମେଣ୍ଟାଇବା ପାଇଁ ନଳକୂପ ହିଁ ଏକମାତ୍ର ସାହା ଭରଷା । ଏପରି ସ୍ଥଳେ ଜିଲ୍ଲା ପାନୀୟ ଜଳଯୋଗାଣ ବିଭାଗ ବିଭିନ୍ନ ପଞ୍ଚାୟତରେ ଥିବା ନଳକୂପଗୁଡିକୁ ଚିହ୍ନଟ କରି ଏହାର ମରାମତି କଲେ ଲୋକେ ପାଣି କଷ୍ଟରୁ ମୁକ୍ତି ପାଇପାରନ୍ତେ ବୋଲି ମତ ପ୍ରକାଶ ପାଇଛି ।

# ବିଶ୍ୱ ଐତିହ୍ୟ ଦିବସ







## ଆମ ଐତିହ୍ୟ: ଆମ ଅସ୍ମିତା

ଐତିହ୍ୟ କହିଲେ ଅନେକ ବୁଝନ୍ତି ସୁବର୍ଣ୍ଣ ଅତୀତର ବର୍ତ୍ତମାନ। ଜୀବନ୍ତ ଓ ଚଳମାନ। ଏକ ଦେଶର ସଭ୍ୟତାର ମାନଦଣ୍ଡ, ଏକ ଜାତି-ଜୀବନର ସୂଚୀପତ୍ର। ଯେକୌଣସି ଜନସମୁଦାୟର ପରିଚୟ ଏବଂ ତାହାର ମାନସିକ ଅନ୍ନ। ତାହା ଜାତିର ଇତିହାସର କଥା କୁହେ ଏବଂ ଭବିଷ୍ୟତ ଗଢ଼ିବାର ଉତ୍ପ୍ରେରକ ହୋଇ ରହିଥାଏ। ଆମେ ଜନସମୁଦାୟ ସେହି ଉତ୍ପ୍ରେରକଗୁଡ଼ିକୁ ନିଜର ପରିଚୟ ବୋଲି ଦାବି କରୁ। ତେଣୁ ଆମେ ସବୁବେଳେ ଐତିହ୍ୟକୁ ଖୋଜିଥାଉ। ତା'ର ସ୍ୱରୂପ ଜାଣିବା ପାଇଁ ସାଧନା କରିଥାଉ। ମାନବ ସଭ୍ୟତାର ଇତିହାସ ପର୍ଯ୍ୟାଲୋଚନା ପରିପ୍ରେକ୍ଷୀରେ ଆମେ ଏକଥା କହିପାରିବା ଯେ ଐତିହ୍ୟ ଓ ସଂସ୍କୃତି ମଧ୍ୟ ଉପର୍ଯ୍ୟୁକ୍ତ ମାନସିକତାର ପଲ୍ଲବନ ଓ ଗତିଶୀଳତାର ମାଧ୍ୟମ ହୋଇ ରହିଛି।

ବିଭିନ୍ନ ଜାତିର ସାଂସ୍କୃତିକ ଗତିଶୀଳତା, ଜାତି ଜାତି ମଧ୍ୟରେ ଐକ୍ୟ ପ୍ରତିଷ୍ଠାରେ ଐତିହ୍ୟ ସହାୟକ ହୋଇଛି। ଏକ ଶକ୍ତିଶାଳୀ ଜାତି ଆପଣା ପରିଚିତି ପ୍ରସାରଣ ପାଇଁ ସଂସ୍କୃତି ଓ ଐତିହ୍ୟର ପତାକା ଧରି ଚାଲୁଥାଏ। ଏବେ ଆମେ ପ୍ରାଚୀନ ଓଡ଼ିଶାର ସ୍ଥାପତ୍ୟ କଳାର ଇତିହାସ ବିଷୟରେ ଚର୍ଚ୍ଚା କରିବା। ଅଶୋକଙ୍କ ସମୟରେ ଖ୍ରୀ.ପୂ ୩ୟ ଶତାବ୍ଦୀରେ ଧଉଳିଗିରିର ପଥରଖୋଦିତ ସୁନ୍ଦର ହସ୍ତୀ। ତାହା ପୂର୍ବରୁ କଳିଙ୍ଗରେ ଜୈନଧର୍ମର ପ୍ରଚଳନ ଥିଲା ଏବଂ କଳିଙ୍ଗର ଶିଳ୍ପୀମାନେ ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି ନିର୍ମାଣରେ ନିପୁଣ ଥିଲେ। ଏହା ହିଁ ହେଉଛି କଳିଙ୍ଗର ପ୍ରଥମ ସ୍ଥାପତ୍ୟ କଳାର ନିଦର୍ଶନ- ଯାହାର ଭିତ୍ତିଭୂମି ଉପରେ ସଗର୍ବରେ ଆଜି ଦଣ୍ଡାୟମାନ ଆମ ସମୃଦ୍ଧ ଐତିହ୍ୟର ଅନେକ ସ୍ମାରକୀ। ଖାରବେଳଙ୍କ ରାଜତ୍ୱର ଶେଷଭାଗରେ ଖଣ୍ଡଗିରି ଓ ଉଦୟଗିରିରେ ଶୋଭା ପାଇଲା କାରୁକାର୍ଯ୍ୟପୂର୍ଣ୍ଣ ଗୁମ୍ଫାରାଜି। ମଞ୍ଚପୁରୀ, ଅଳକାପୁରୀ, ରାଣୀଗୁମ୍ଫା ଆଦି ଗୁମ୍ଫା- କଳିଙ୍ଗର ଗୁମ୍ଫା ସ୍ଥାପତ୍ୟ କଳାକୁ ଦେଲା ଏକ ନୂତନ ପରିଚୟ।



ଓଡ଼ିଶା ମନ୍ଦିର ମାଳିନୀ। ସ୍ଥାପତ୍ୟର ପ୍ରାଚୁର୍ଯ୍ୟ। ପଥରରେ କଥା ଓ ଗୀତ। କୋଣାର୍କ, ମୁକ୍ତେଶ୍ୱର, ରାଜାରାଣୀ, ପର୍ଶୁରାମେଶ୍ୱର, ଭାସ୍କରେଶ୍ୱର, ଶ୍ରୀଜଗନ୍ନାଥ ମନ୍ଦିର ଓ ଲିଙ୍ଗରାଜ ମନ୍ଦିର ଏହାର ଉଦାହରଣ। ଏବେ ଚିତ୍ରକଳା କଥା ବିଚାର କରାଯାଉ। କେନ୍ଦୁଝରର ସୀତାବିଞ୍ଜି, ନୂଆପଡ଼ାର ଯୋଗୀମଠ ଏବଂ ଅନ୍ୟତ୍ର ଚମତ୍କାର ଭିତ୍ତିଚିତ୍ରମାନ ଥିଲା। ତୃତୀୟ / ଚତୁର୍ଥ ଶତାବ୍ଦୀର ସୀତାବିଞ୍ଜିରେ ଅଙ୍କିତ ପ୍ରସ୍ତରଚିତ୍ର। ବୁଗୁଡ଼ାର କାଠ ତିଆରି ବିରଞ୍ଚି ନାରାୟଣ ମନ୍ଦିରକୁ ଉଦାହରଣ ଭାବେ ନିଆଯାଉ। ଶାଗୁଆନ୍ କାଠରେ କୁଟିକମକରା ମନ୍ଦିର। କାଠର ଛୋଟ କୋଣାର୍କ ବୋଲି କୁହାଯାଏ। ମନ୍ଦିରର କାଠକାନ୍ଥରେ ଥିଲା ଭିତ୍ତିଚିତ୍ର। ମନ୍ଦିର ବାହାର କାନ୍ଥକୁ ଲାଗିଥିଲା କାଠ ତିଆରି ବିଭିନ୍ନ ଅଙ୍ଗଭଙ୍ଗୀରେ ପ୍ରମୂର୍ତ୍ତ ପ୍ରତିମା। ବିଶ୍ୱ ଐତିହ୍ୟର ମାନ୍ୟତା ପାଇଥିବା କୋଣାର୍କ ମନ୍ଦିର, ଶ୍ରୀଜଗନ୍ନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର, ଖଣ୍ଡଗିରି, ଉଦୟଗିରି, ବାରବାଟୀର ଗଡ଼ଖାଇ, ରତ୍ନଗିରି, ଲଳିତଗିରି ଆଦି ଆମର ଅସ୍ମିତାର ପରିଚୟ। ଯାହା ଆମର ପରିଚୟ, ଅବିଚାରିତ ଭାବେ ସେ ସବୁକୁ ଆମେ ନଷ୍ଟ କରିବାରେ ଲାଗିଛୁ। ଏହାର ଅର୍ଥ ନିଜକୁ ଭଲ ନ ପାଇବା, ନିଜର ପରିଚୟକୁ ଧ୍ୱଂସମୁଖୀ କରାଇବା।

ଏବେ ଆମ କୀର୍ତ୍ତିରାଜିଗୁଡ଼ିକୁ ସୁରକ୍ଷିତ କରି ରଖିବାର ସମୟ ଆସିଛି। ଏହି ସୁରକ୍ଷା ମଧ୍ୟ ଆମ ଆର୍ଥିକ ସ୍ଥିତିକୁ ସମ୍ପନ୍ନ କରିବ ଏବଂ ଆମ ଐତିହ୍ୟକୁ ବିଶ୍ୱଗ୍ରାମରେ ସ୍ୱତନ୍ତ୍ର ରୂପରେ ଚିହ୍ନେଇବାରେ ସମର୍ଥ ହେବ। ନିଜ ଐତିହ୍ୟର ସୁରକ୍ଷା ଓ ସମ୍ମାନ ଏବଂ ତତ୍ସହିତ ବିଶ୍ୱ ସହିତ ନିଜକୁ ଯୋଡ଼ିବାର ମାନସିକତା ହେଉଛି ବିଶ୍ୱ ଐତିହ୍ୟ ଦିବସ ପାଳନର ପ୍ରକୃତ ଆଭିମୁଖ୍ୟ।

**ଭାଗ୍ୟଲିପି ମଲ୍ଲ,**
**ଅଧୀକ୍ଷକ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର**

## ମୁଦ୍ରାର ମୂକସାକ୍ଷୀ ରାଜ୍ୟ ସଂଗ୍ରହାଳୟ

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଐତିହ୍ୟର ମୂକସାକ୍ଷୀ। ଓଡ଼ିଶାର ଅସ୍ମିତାର ପରିଚୟ। ଏହା ପ୍ରାଚୀନ ଐତିହ୍ୟକୁ ସଂରକ୍ଷଣ କରି ସମାଜର ଦର୍ପଣ ସାଜିଛି। ପିଢ଼ି ପରେ ପିଢ଼ିର ଇତିହାସକୁ ସାଉଁଟି ରଖିବାରେ ସହାୟକ ହୋଇଛି। ଓଡ଼ିଆ ଜାତିର ଇତିହାସକୁ ଋଦ୍ଧିମନ୍ତ କରିଛି। ସଂସ୍କୃତ, ସାହିତ୍ୟ ଓ ଇତିହାସର ପ୍ରତୀକ ରୂପେ ଦଣ୍ଡାୟମାନ ରହିଛି। ଭାରତବର୍ଷ ଏପରିକି ବିଶ୍ୱରେ ଥିବା ସଂଗ୍ରହାଳୟ ମଧ୍ୟରୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ସଂଗ୍ରହାଳୟ ପ୍ରାଗ୍ ଐତିହାସିକ ଯୁଗରୁ ଆରମ୍ଭ କରି ଐତିହାସିକ, ଏପରିକି ଆଧୁନିକ ଯୁଗର ବିଭିନ୍ନ ବିରଳ କଳାକୃତି ଦ୍ୱାରା ସମୃଦ୍ଧ। ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ବିଭିନ୍ନ ବିଭାଗ ଯଥା ପ୍ରତ୍ନତତ୍ତ୍ୱ, ଲିପିତତ୍ତ୍ୱ, ମୁଦ୍ରା, ପ୍ରାଣୀବିଭାଗ, ଅସ୍ତ୍ରଶସ୍ତ୍ର ବିଭାଗ, ଚାରୁ ଓ କାରୁକଳା ବିଭାଗ, ନୃତତ୍ତ୍ୱ ବିଭାଗ, ପାଣ୍ଡୁଲିପି ବିଭାଗ, ପୋଷ୍ଟାଲ ଆଦି ବିଭିନ୍ନ ପ୍ରାଚୀନ କଳାକୃତି ଦ୍ୱାରା ଶୋଭାବର୍ଦ୍ଧିତ ହୋଇଛି। ବିଶେଷକରି ମୁଦ୍ରା ବିଭାଗଟି ଉଭୟ ଗବେଷକ ଏବଂ ସାଧାରଣ ଦର୍ଶକ ଦ୍ୱାରା ବହୁଳ ଭାବେ ଆବୃତ ହୋଇଅଛି। ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସ୍ୱର୍ଣ୍ଣ, ରୌପ୍ୟ, ତାମ୍ର ଆଦି ଧାତୁରେ ନିର୍ମିତ ପ୍ରାୟ କୋଡ଼ିଏ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ମୁଦ୍ରା ସ୍ଥାନିତ ହୋଇ ରହିଛି। ଓଡ଼ିଶାରେ ଆବିଷ୍କୃତ ସର୍ବ ପ୍ରାଚୀନ ମୁଦ୍ରା ରୌପ୍ୟ ଲାଞ୍ଛନ ସମଗ୍ର ଭାରତ ବର୍ଷରେ ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀରୁ ଦେଖିବାକୁ ମିଳେ। ଓଡ଼ିଶାରେ ମୁଖ୍ୟତଃ ଦୁଇ ପ୍ରକାର ଲାଞ୍ଛନ ମୁଦ୍ରା ଦେଖିବାକୁ ମିଳେ। ଏହାକୁ ଜନପଦ ବା ଆଞ୍ଚଳିକ ମୁଦ୍ରାଭାବେ ଐତିହାସିକମାନେ ଅଭିହିତ କରିଥା'ନ୍ତି। ଓଡ଼ିଶାର କଳାହାଣ୍ଡି, ବଲାଙ୍ଗୀର, ଭୁବନେଶ୍ୱର ଶିଶୁପାଳଗଡ଼ ଆଦି ସ୍ଥାନରୁ ମୁଦ୍ରାଗୁଡ଼ିକ ବହୁଳ ପରିମାଣରେ ଆବିଷ୍କୃତ ହୋଇଛି। ସେହିପରି ଉତ୍ତରପ୍ରଦେଶ ଓ ଉତ୍ତର-ପଶ୍ଚିମ ସୀମାନ୍ତରେ ରାଜତ୍ୱ କରୁଥିବା କୁଷାଣ ରାଜବଂଶ ଦ୍ୱାରା ପ୍ରଚଳିତ ତାମ୍ର ମୁଦ୍ରା ଅନୁକରଣରେ ପୁରୀ-କୁଷାଣ ମୁଦ୍ରା ଦେଖିବାକୁ ମିଳେ। ଏହି କୁଷାଣ ପ୍ରତିରୂପ ମୁଦ୍ରାଗୁଡ଼ିକ ପ୍ରଥମେ ପୁରୀ ଜିଲ୍ଲାର ମାଣିକପାଟଣା ନିକଟରୁ ୧୮୯୩ ମସିହାରେ ଆବିଷ୍କୃତ ହୋଇଥିବାରୁ ଏହାକୁ ପୁରୀ-କୁଷାଣ ମୁଦ୍ରାନାମରେ ଐତିହାସିକମାନେ ନାମିତ କରିଛନ୍ତି। ଓଡ଼ିଶାରେ ଚନ୍ଦ୍ରଗୁପ୍ତ ଏବଂ କୁମାରଦେବୀଙ୍କର ଯୁଗ୍ମ ପ୍ରତୀକ ଥିବା ମୁଦ୍ରା, ସମୁଦ୍ରଗୁପ୍ତଙ୍କର ବୀଣା ବଜାଇବା ଦୃଶ୍ୟ, ଚନ୍ଦ୍ରଗୁପ୍ତ ଦ୍ୱିତୀୟ ଏବଂ କୁମାରଗୁପ୍ତଙ୍କର ଧନୁତୀରଧାରୀ ମୁଦ୍ରା ଆବିଷ୍କୃତ ହୋଇଛି। ଏହି ମୁଦ୍ରାମାନଙ୍କରେ ମଧ୍ୟ ଦେବୀ ଲକ୍ଷ୍ମୀଙ୍କର ପ୍ରତୀକ ଦେଖିବାକୁ ମିଳେ। ସେହିପରି ଭାବେ ଖ୍ରୀଷ୍ଟାବ୍ଦ ୬ଷ୍ଠ-୭ମ ଶତାବ୍ଦୀରେ ଦକ୍ଷିଣ କୋଶଳ ଅର୍ଥାତ ଓଡ଼ିଶାର କଳାହାଣ୍ଡି, କୋରାପୁଟ, ବଲାଙ୍ଗୀର ଏବଂ ସମ୍ବଲପୁର ଅଞ୍ଚଳ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ଅଞ୍ଚଳରେ ଶାସନ କରୁଥିବା ଶରଭପୁରୀୟ ଶାସକମାନେ ସ୍ୱର୍ଣ୍ଣମୁଦ୍ରା ପ୍ରବର୍ତ୍ତନ କରିଥିଲେ। ଏହି ମୁଦ୍ରାଗୁଡ଼ିକରେ ଗରୁଡ଼ ପରିବର୍ତ୍ତେ ବୃଷଭ ଲାଞ୍ଛନ ସହିତ ରାଜାମନାଙ୍କର ନାମ ଉତ୍କୀର୍ଣ୍ଣ ହୋଇଥିବାର ଦେଖିବାକୁ ମିଳେ।

**ଡ. ଭାରତୀ ପାଲ୍**
**ସଂଗ୍ରହାଧ୍ୟକ୍ଷା, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର**


ଐତିହ୍ୟ ସମ୍ପନ୍ନ ସହରରେ
**ସ୍ୱସ୍ତି ଗ୍ରୁପ୍‌ର ଅଭିନବ ଯୋଜନା**

- ପୁରୀରେ ହେବ ରାଜ୍ୟର ପ୍ରଥମ ପାଞ୍ଚ ତାରକା ବିଳାସପୂର୍ଣ୍ଣ ବିଚ୍ ରିସର୍ଟ
- ସ୍ୱସ୍ତି ଗ୍ରୁପ ପକ୍ଷରୁ ମାଇସ ଟୁରିଜିମର ନୂଆ ଡେଷ୍ଟିନେସନ

SWOSTI GROUP
HOTELS . RESORTS . TRAVELS
SINCE 1981
WHERE PASSION LIVES

ଆତିଥେୟ ସେବା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ସ୍ୱସ୍ତି ଗ୍ରୁପ ପକ୍ଷରୁ ପୁରୀ ଶିପସରୁବାଲିଠାରେ ସ୍ଥାପିତ ହେବାକୁ ଯାଉଛି ରାଜ୍ୟର ପ୍ରଥମ ୫ ଷ୍ଟାର ଲକ୍ଜୁରୀ ବିଚ୍ ରିସର୍ଟ। ସ୍ୱସ୍ତି ଗ୍ରୁପ୍ ଅଧ୍ୟକ୍ଷ ଜେ.କେ ମହାନ୍ତିଙ୍କ ସୂଚନା ଅନୁଯାୟୀ, ଏବେ ପର୍ଯ୍ୟଟକମାନଙ୍କ ଚାହିଦା ଓ ରୁଚି ବଦଳିବାରେ ଲାଗିଛି। ସେମାନଙ୍କ କ୍ରମବର୍ଦ୍ଧିଷ୍ଣୁ ଚାହିଦାକୁ ଦୃଷ୍ଟିରେ ରଖି ସ୍ୱସ୍ତି ଗ୍ରୁପ୍ ପକ୍ଷରୁ ଏଭଳି ନୂଆ ଯୋଜନା ହାତକୁ ନିଆଯାଇଛି। ଏହି ରିସର୍ଟରେ ପର୍ଯ୍ୟଟକମାନଙ୍କ ପାଇଁ ସମସ୍ତ ପ୍ରକାର ଅତ୍ୟାଧୁନିକ ଓ ବିଳାସପୂର୍ଣ୍ଣ ସେବା ଓ ସୁବିଧା ଉପଲବ୍ଧ ହେବ। ଏଥିସହିତ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମଧ୍ୟ ଭରପୂର ଉପଭୋଗ କରିହେବ। ଏହି ରିସର୍ଟରେ ୧୨୫ଟି ସମୁଦ୍ର ମୁହାଁ ବିଳାସପୂର୍ଣ୍ଣ କୋଠରି ରହିଛି। ଏଥିସହିତ ବିଶାଳ ସଭାକକ୍ଷରେ ସଭା, ବିବାହ ଉତ୍ସବ, ପ୍ରଦର୍ଶନୀ ଆଦି ମଧ୍ୟ ଆୟୋଜନ କରାଯାଇପାରିବ। ବିବାହ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ୪ଟି ୱେଡିଂ ସ୍ଥଳ, ମୁକ୍ତ ଆକାଶ ଲନ୍ ସହିତ ମେଗା ବାଂକ୍ୱେଟ୍ ହଲ୍ ଏବଂ ୭୫୦ ଲୋକ ବସିପାରୁଥିବା ଭଳି କକ୍ଷ ମଧ୍ୟ ରହିଛି। ରୁଫ୍ ଟପ୍ ସ୍କାଏ ଲାଉଞ୍ଜ ବାର୍ ରହିଛି। ସେହିପରି ଚବିଶ ଘଣ୍ଟିଆ ରେଷ୍ଟୁରାଣ୍ଟ, ସୁଇମିଂ ପୁଲ୍, ଅତ୍ୟାଧୁନିକ ସ୍ପା, ବ୍ୟାୟାମଶାଳା, ମନୋରଞ୍ଜନ କକ୍ଷ, ବୟସ୍କ ଓ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଏହି ରିସର୍ଟରେ ଉପଲବ୍ଧ ହେବ। ପର୍ଯ୍ୟଟକମାନେ ବିଚ୍ ହଟ୍‌ରେ ସ୍ଥାନୀୟ ଏବଂ ବିଦେଶୀ ଖାଦ୍ୟର ମଜା ନେଇପାରିବେ। ତେଣୁ ସବୁବର୍ଗର ପର୍ଯ୍ୟଟକ ଓ ଗ୍ରାହକଙ୍କ ପାଇଁ ଏହି ରିସର୍ଟ ଉପଯୋଗୀ ହୋଇପାରିବ। ଆଗାମୀ ଦୁଇ ମାସ ମଧ୍ୟରେ ଆରମ୍ଭ ହେବାକୁ ଥିବା ଏହି ରିସର୍ଟ ପର୍ଯ୍ୟଟନ କ୍ଷେତ୍ରରେ ରାଜ୍ୟକୁ ନୂଆ ପରିଚୟ ଦେବ ବୋଲି ଆଶା କରାଯାଉଛି।

- ରୁଫ୍ ଟପ୍ ସ୍କାଏ ଲାଉଞ୍ଜ ବାର୍
- ୨୪ ଘଣ୍ଟିଆ ରେଷ୍ଟୁରାଣ୍ଟ, ସୁଇମିଂ ପୁଲ୍, ଅତ୍ୟାଧୁନିକ ସ୍ପା, ବ୍ୟାୟାମଶାଳା, ମନୋରଞ୍ଜନ କକ୍ଷ ଉପଲବ୍ଧ
- ବିଚ୍ ହଟ୍‌ରେ ସ୍ଥାନୀୟ ଏବଂ ବିଦେଶୀ ଖାଦ୍ୟର ମଜା
- ବିବାହ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ୪ଟି ୱେଡିଂ ସ୍ଥଳ, ମୁକ୍ତ ଆକାଶ ଲନ୍ ସହିତ ମେଗା ବାଂକ୍ୱେଟ୍ ହଲ୍
- ସବୁବର୍ଗର ପର୍ଯ୍ୟଟକ ଓ ଗ୍ରାହକଙ୍କ ପାଇଁ ଏହି ରିସର୍ଟ ଉପଯୋଗୀ




## ପୁସ୍ତକ ଲୋକାର୍ପଣ ଓ କବିତା ପାଠୋତ୍ସବ

**ଭଦ୍ରକ, ୧୭।୪(ସମିସ):** ପବିତ୍ର ଅଶୋକାଷ୍ଟମୀ ମା' ବାସନ୍ତୀ ଦୁର୍ଗାଙ୍କ ପୂଜା ଅବସରରେ ଭଦ୍ରକ ସାହିତ୍ୟ ପରିଷଦ ପକ୍ଷରୁ ଜିଲ୍ଲା ସଂସ୍କୃତି ଭବନରେ ସଭାପତି ଡ. ରାଧାରାଣୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପୁସ୍ତକ ଲୋକାର୍ପଣ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।



ବର୍ଷିୟାନ କବି ଦାଶରଥି ପଣ୍ଡାଙ୍କ ଧର୍ମ ଓ ଆଧ୍ୟାତ୍ମିକ ତତ୍ତ୍ୱ ଜ୍ଞାନ ପୁସ୍ତକ ଉନ୍ମୋଚନ ଅବସରରେ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ ଗୌରାଙ୍ଗ ବାରିକ, ବେଦପାଠ କରିଥିଲେ ଘନଶ୍ୟାମ ଲେଙ୍କା, ଅତିଥି ପରିଚୟ ପ୍ରଦାନ କରିଥିଲେ ସରୋଜିନୀ ନାୟକ। ପରିଷଦର ସମ୍ପାଦକ କବି ବିଜୟ କୁମାର ବହଳୀ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରି ଅତିଥି ଓ କବି, ଲେଖକଙ୍କୁ ସ୍ୱାଗତ କରିଥିଲେ। 'ଧର୍ମ ଓ ଆଧ୍ୟାତ୍ମିକ ତତ୍ତ୍ୱ ଜ୍ଞାନ' ପୁସ୍ତକର ଲୋକାର୍ପଣ ପରେ ସୁସାହିତ୍ୟିକ ଶରତ କୁମାର ନାୟକ ପୁସ୍ତକର ସମୀକ୍ଷା କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶାର ସୁନାମଧନ୍ୟ ଆଲୋଚକ ଡ. ବ୍ରଜମୋହନ ମିଶ୍ର ଶ୍ରୀ ପଣ୍ଡାଙ୍କ ରଚିତ ପୁସ୍ତକଟି ଆଧ୍ୟାତ୍ମିକ ମାର୍ଗଦର୍ଶନରେ ସହାୟକ ହୋଇପାରିବ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ପଣ୍ଡିତ ଗଣେଶ ପ୍ରସାଦ କରଶର୍ମା ଧର୍ମୀୟ ସାହିତ୍ୟ କିପରି ସମାଜକୁ ଶୃଙ୍ଖଳିତ କରେ, ସେ ବିଷୟରେ ମନ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ପ୍ରାଧ୍ୟାପକ ଡ. ପ୍ରମୋଦ କୁମାର ନାୟକ ଧର୍ମୀୟ ସାହିତ୍ୟ ଜୀବନର ଗତିପଥର ଦିଶା ନିର୍ଦ୍ଦେଶକ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ବକ୍ତା ଡ. ବିଶ୍ୱରଂଜନ ଦାସ ଭାରତୀୟ ପରମ୍ପରାରେ ଧାର୍ମିକ ସାହିତ୍ୟ ହିଁ କାଳଜୟୀ ସୃଷ୍ଟିର ମାନ୍ୟତା ଲାଭ କରିଥିବା କହିଥିଲେ। ରତିକାନ୍ତ ବେହେରା, ମନୋରଞ୍ଜନ ଦାସ ଓ ଗୁରୁକଲ୍ୟାଣ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶିକା ଦୀପ୍ତିରେଖା ପଣ୍ଡା ଓ ପ୍ରତିଭାଶାଳୀ ଶିଶୁକବି ଶ୍ରଦ୍ଧାଞ୍ଜଳି ଖମାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ପରିପ୍ରେକ୍ଷୀରେ ବିଶିଷ୍ଟ କବି ଡ. ଅବନୀ ପ୍ରଧାନଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବର ଆୟୋଜନ କରାଯାଇଥିଲା। ଅତିଥି ଭାବେ ସୁସାହିତ୍ୟିକା ଗୀତାରାଣୀ ଆଇଚ ଓ ବାବୁଲାଲ ଦାସ ଯୋଗ ଦେଇଥିଲେ। ଅଂଶୁମାନ ସ୍ୱାଇଁ କବିତା ସଂଯୋଜନା କରିଥିଲେ। ୫୦ରୁ ଅଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ଶିକ୍ଷକ ମନୋରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ୩୬ ବର୍ଷରେ ବାଲିପଡ଼ା ବାସନ୍ତୀ ଦୁର୍ଗାପୂଜା

**ଦୋବଲ, ୧୭।୪(ସମିସ):** ଧାମନଗର ବ୍ଲକ ସୋହଡା ପଞ୍ଚାୟତର ବାଲିପଡ଼ାସ୍ଥ ବାସନ୍ତୀ ଦୁର୍ଗାପୂଜା ମଣ୍ଡପରେ ରବିବାରଠାରୁ ମା' ବାସନ୍ତୀ ଦୁର୍ଗାଙ୍କ ପୂଜା ଆରମ୍ଭ ହୋଇଛି। ଏହା ଚଳିତ ବର୍ଷ ୩୬ ବର୍ଷରେ ପଦାର୍ପଣ କରିଛି। ୫ଜଣ ବ୍ରାହ୍ମଣଙ୍କ ଦ୍ୱାରା ଷଷ୍ଠୀଠାରୁ ପ୍ରଥମେ ଘଟ ସ୍ଥାପନ ପରେ ସୂର୍ଯ୍ୟପୂଜା, ନବଗ୍ରହ, ମା'ଙ୍କ ଦଶଦିଗପାଳ ପୂଜା ସହିତ ଷୋଡ଼ଶ ଉପଚାର ପୂଜା କରାଯାଇଛି। ପୂଜା ପରିଚାଳନାରେ ସଭାପତି ଦେବେନ୍ଦ୍ର ଜେନା, ସମ୍ପାଦକ ଶଶୀକାନ୍ତ ଜେନା ଓ ଅନ୍ୟ କାର୍ଯ୍ୟକର୍ତ୍ତା ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ପୁରୋହିତ ଭବେ ଗୋବିନ୍ଦ ଚନ୍ଦ୍ର ଶତପଥୀ, ନରେନ୍ଦ୍ର ଦାଶ, ପୂର୍ଣ୍ଣଚନ୍ଦ୍ର ଶତପଥୀ, ବୀରେନ୍ଦ୍ର ଦାଶ, ମନୋରଞ୍ଜନ ମିଶ୍ର ପ୍ରମୁଖ ୭ଦିନ ପାଇଁ ପୂଜା କାର୍ଯ୍ୟ ତୁଲାଇଛନ୍ତି।



## ତିରୋଧାନ ଦିବସରେ ବିଜୁବାବୁଙ୍କ ସ୍ମୃତିଚାରଣ

**ଭଦ୍ରକ, ୧୭।୪(ସମିସ)**

ଭଦ୍ରକ ଜିଲ୍ଲା ବିଜେଡି କାର୍ଯ୍ୟାଳୟ 'ବିଜୁ ଭବନ'ରେ ଆଜି ପୂର୍ବାହ୍ନରେ ପ୍ରବାଦ ପୁରୁଷ ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ଭଦ୍ରକ ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ଲୋକସଭା ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ଉପସ୍ଥିତ ରହି ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ବିଜୁବାବୁ କେବଳ ଓଡ଼ିଶା କି ଆମ ଦେଶର ଗର୍ବ ନୁହଁନ୍ତି, ସମଗ୍ର ବିଶ୍ୱରେ ତାଙ୍କ କାର୍ଯ୍ୟଦକ୍ଷତା ଓ ଲୋକପ୍ରିୟତା ଅତୁଟ ରହିଛି ବୋଲି କହିବା ସହ ତାଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ କରିବାକୁ ଦାବି କରିଥିଲେ। ଏହି ସ୍ମୃତିସଭାରେ ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପ୍ରଣୟ ଦାସ, ଭଦ୍ରକ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାୟକ, ଟାଉନ ବିଜେଡି ସଭାପତି ତାହେର ମହମ୍ମଦ, ବରିଷ୍ଠ କାଉନସିଲର ଦିଲ୍ଲୀପ ନାୟକ, ବିଜେଡି ନେତା ତଥାଗତ ସାମଲଙ୍କ ସମେତ ଭଦ୍ରକ ନିର୍ବାଚନ ମଣ୍ଡଳୀର ବହୁ ଯୁବ, ଛାତ୍ର ଓ ବରିଷ୍ଠ ନେତା ଉପସ୍ଥିତ ଥିଲେ।



**ବାରିକପୁର:** ଭଣ୍ଡାରିପୋଖରୀ ବ୍ଲକ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ପ୍ରଥମେ ବ୍ଲକ ଛକସ୍ଥ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ବିଜେଡି ପ୍ରାର୍ଥୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଶ୍ରୀ ମଲ୍ଲିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଉପାଧ୍ୟକ୍ଷା ପ୍ରଣିତକାନ୍ତି ସାମଲ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ଯୁବ ସଭାପତି ଲଳିତ ରାଉତ, ହେମନ୍ତ ଜେନା, ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



**ତିହିଡି:** ତିହିଡ଼ି ବ୍ଲକ ବିଜେଡି ପକ୍ଷରୁ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଦଳର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରଘୁନାଥ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବିଜୁବାବୁଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲ୍ଲା ଉପସଭାପତି ସୁରେନ୍ଦ୍ର ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ କମଳାକାନ୍ତ ଲେଙ୍କା, ବରିଷ୍ଠ ବିଜେଡି ନେତା କମଳାକାନ୍ତ ସ୍ୱାଇଁ, ପୂର୍ବତନ ସମିତିସଭ୍ୟ ସଂଗ୍ରାମ କେଶରୀ ଦାସ, ସୌମ୍ୟରଞ୍ଜନ ପରିଡ଼ା, ମୁକୁନ୍ଦପୁର ପଞ୍ଚାୟତ ବିଜେଡି ସଭାପତି ଗଣେଶ ପ୍ରସାଦ ନାୟକ, କୈଳାସ ରାଉଳ, ପ୍ରଫୁଲ ଯତି ପ୍ରମୁଖ ଯୋଗ ଦେଇଥିଲେ।



**ଧାମନଗର:** ମହାନ୍ ଜନନାୟକ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ତମ ତିରୋଧାନ ଦିବସ ପାଳନ କରାଯାଇଛି। ଏ ଅବସରରେ ଧାମନଗର ନଗର ବିଜେଡି ପକ୍ଷରୁ ସଭାପତି ସୁଶାନ୍ତ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ ଏଜଦାନି କାଦରି, ସାଂସଦଙ୍କ ନଗର ପ୍ରତିନିଧି ଜଗଦୀଶ ପାତ୍ର, କାଉନସିଲ ଜୟନୁଲ ହକ, କେତେକ କାଉନସିଲର ପ୍ରତିନିଧି ଓ ବିଜେଡି ନେତା କୃଷ୍ଣଚନ୍ଦ୍ର ଜେନା, ସେକ ଜାଫର ଅଲ୍ଲୀ, ବିଜୟ ବେହେରା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଚକ୍ରଧର ଦାସ, କୈଳାସ ଚନ୍ଦ୍ର ଯେନାଙ୍କ ସମେତ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।





ସେହିପରି ଧାମନଗର ବ୍ଲକ ବିଜେଡି ପକ୍ଷରୁ ଧୁଷୁରୀ ବଜାରଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଗାନ୍ଧୀଘାଟଠାରେ ତିଳତର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସନ୍ଧ୍ୟାରେ ବେତାଳି ଗାଁ ବଜାରଠାରେ ବିଜେଡି ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ବିଜୁ ପଟ୍ଟନାୟକଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧାମନଗର ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ଡାକ୍ତର ସଞ୍ଜୟ ଦାସ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଜିଲ୍ଲା ପରିଷଦ ପ୍ରଦୀପ କୁମାର ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, କବି ଦୟାନିଧି ମିଶ୍ର, ସ୍ଥାନୀୟ ସରପଞ୍ଚଙ୍କ ସମେତ ବହୁ ସରପଞ୍ଚ ଓ ସମିତି ସଭ୍ୟ, ପଞ୍ଚାୟତ ସ୍ତରର ମହିଳା ଛାମୁଆ ନେତା ଓ କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରବାଦ ପୁରୁଷ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ।

**ବନ୍ତ/ଆଗରପଡ଼ା:** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜନନାୟକ କଳିଙ୍ଗ ବୀର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧ ଦିବସରେ ବନ୍ତ କଲ୍ୟାଣ ମଣ୍ଡପ ସମ୍ମୁଖରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଭଣ୍ଡାରିପୋଖରୀ ବିଜେଡି ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ ବିଜେଡି କର୍ମୀଙ୍କ ଗହଣରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ। ସେହିପରି ଆଗରପଡ଼ା ୧୪ନଂ ଜୋନ ବିଜୁ ଜନତା ଦଳ ପକ୍ଷରୁ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରେ ପାଳିତ ହୋଇଯାଇଛି। ଆଗରପଡ଼ା ଡାଏଟ ନିକଟରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଏକ ବିଶାଳ ବାଇକ୍ ରାଲିରେ ଯୋଗ ଦେବା ସହ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ ଶ୍ରୀ ମଲ୍ଲିକ। ପରେ ତାଙ୍କ ଅଧ୍ୟକ୍ଷତାରେ ବନ୍ତ ବ୍ଲକର ପ୍ରମୁଖ ନିର୍ବାଚିତ ପ୍ରତିନିଧି, ନେତୃମଣ୍ଡଳୀ ଓ ସକ୍ରିୟ ଦଳୀୟ କର୍ମୀ ବିଜୁବାବୁଙ୍କ ନୀତି ଆଦର୍ଶରେ ଚାଲିବା ପାଇଁ ଶପଥ ପାଠ କରିଥିଲେ।



ଛାୟାଗୀତି

# ଷାଠିଏ ଦଶକରେ ରବୀନ୍ଦ୍ର ସଙ୍ଗୀତର ପ୍ରଭାବ



ସୂର୍ଯ୍ୟ ଦେଓ

**ଷାଠିଏ ଦଶକର ଆରମ୍ଭ ଭାଗରେ ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତର ଗତି କ୍ରମେ କ୍ରମେ କ୍ଷୀପ୍ର ହେଲା। ଆପଣମାନେ ଲକ୍ଷ୍ୟ କରିଥିବେ, ପଚାଶ ଦଶକରେ ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତର ଗତି ମନ୍ଥର ଥିଲା ଓ ବାଦ୍ୟଯନ୍ତ୍ରର ବହୁଳ ବ୍ୟବହାର ମଧ୍ୟ ନଥିଲା। ଷାଠିଏ ଦଶକର ଆରମ୍ଭରେ ବାଦ୍ୟଯନ୍ତ୍ରର ଅଧିକ ବ୍ୟବହାର ହେଲା, ପଶ୍ଚିମୀ ଯନ୍ତ୍ରସଙ୍ଗୀତ ସହିତ ପଶ୍ଚିମୀ ସ୍ୱର ବ୍ୟବହାର ମଧ୍ୟ ହେଲା। ଏହି କ୍ରମରେ ଓଡ଼ିଆ ଚଳଚ୍ଚିତ୍ର ଗୀତ ରଚନାର ଶୈଳୀ ମଧ୍ୟ ପରିବର୍ତ୍ତିତ ହେଲା। ଯେଣୁ ଏହି ଧାରା ବଙ୍ଗୀୟ ଚଳଚ୍ଚିତ୍ରରେ ମଧ୍ୟ ପ୍ରବାହିତ ହୋଇଥିଲା, ଅତଏବ ଓଡ଼ିଆ ଚଳଚ୍ଚିତ୍ର ଗୀତ ରଚନା ସେହି ଅନୁପାତରେ ପ୍ରଭାବିତ ହେଲା।**

ଗୀତରେ ଶବ୍ଦ ସଂଯୋଜନ, ଭାବାବସ୍ଥା ଓ ବାର୍ତ୍ତା ସଙ୍ଗଠନର ସ୍ୱରୂପ ବଦଳିଲା। ଯଦିଚ ଓଡ଼ିଆ ଲୋକଶବ୍ଦ ଓ ଲୋକବୋଲିକୁ ଏହି ସମୟ ସୀମାରେ ଅଧିକ ବ୍ୟବହାର କରାଯାଇଛି ଏବଂ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଧାରାରେ ନାରାୟଣ ପ୍ରସାଦ ସିଂହ, ନରସିଂହ ମହାପାତ୍ର, ଗୁରୁକୃଷ୍ଣ ଗୋସ୍ୱାମୀ ପ୍ରମୁଖଙ୍କ ରଚନା ଅନୁରଞ୍ଜିତ ହୋଇଛି, ତେବେ ପ୍ରତିବେଶୀ ସାହିତ୍ୟ ଶୈଳୀ ପ୍ରତି ମଧ୍ୟ ସେମାନେ ଆସକ୍ତ ହୋଇଛନ୍ତି। ଗୀତିକାରଙ୍କ ଏହି ଅଭିରୁଚିରୁ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ରଚନା ଓ ଭାବଶୈଳୀ ଦ୍ୱାରା ଅଧିକାଂଶ ଓଡ଼ିଆ ଚଳଚ୍ଚିତ୍ର ଗୀତର ବିସ୍ତାର ହୋଇଛି। ରବୀନ୍ଦ୍ରନାଥଙ୍କ ପ୍ରେମଗୀତରେ ଏକ ଉନ୍ମାଦଭରା ବିସ୍ତରଣକୁ ଆପଣ ଲକ୍ଷ୍ୟ କରିଥିବେ, ଯେମିତି: "କାଁଦାଲେ ତୁମି ମୋରେ/ ଭାଲେବାସାରି ଘାଏ/ ନୀରବୋ ବେଦନାତେ ପୁଲକୋ ଲାଗେ ଗାଏ।" ୧୯୨୯ ମସିହାରେ ବିଶ୍ୱଗୁରୁ ରବୀନ୍ଦ୍ରନାଥଙ୍କ ରଚିତ ଏହି ଗୀତି କବିତା 'ପରିତ୍ରାଣ' ସଙ୍କଳନରୁ ଆସିଛି। ଏହି ଗୀତି କବିତାର ସ୍ୱରଲିପି ନିଜେ ରବୀନ୍ଦ୍ରନାଥ ପ୍ରସ୍ତୁତ କରିଥିଲେ ଓ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ରାଗ 'ଦେଶ', ତାଳ: 'ଝପ୍‌ତାଲ' ଆଧାରିତ ଏହି ସ୍ୱରବିନ୍ୟାସରେ ପାଶ୍ଚାତ୍ୟ ଆବହ ସଙ୍ଗୀତର ନିଯୋଗ ରହିଛି। ଆପଣ ଆଶ୍ଚର୍ଯ୍ୟ ହୋଇପାରନ୍ତି 'କାଁଦାଲେ ତୁମି ମୋରେ/ ଭାଲେବାସାରି ଘାଏ'ର ଅବିକଳ ଅନୁବାଦ ଓ ସ୍ୱରଲିପି ଓଡ଼ିଆ ଚଳଚ୍ଚିତ୍ରରେ ସ୍ଥାନିତ ହୋଇଛି। ଅବଶ୍ୟ ଚଳଚ୍ଚିତ୍ରରେ ସୂଚିତ ଅଛି ଯେ ଏହା ମୂଳ ରବୀନ୍ଦ୍ର ସଙ୍ଗୀତର ଅନୁବାଦ ଏବଂ ମୂଳ ସ୍ୱରଲିପିକୁ ବ୍ୟବହାର କରାଯାଇଛି। 'ତୁମରି ପ୍ରୀତି ନେଇ/ ନୟନୁ ଲୁହ ଝରେ' ରବୀନ୍ଦ୍ରୀୟ ପଂକ୍ତିର ଏହି ଓଡ଼ିଆ ଅନୁବାଦ କରିଥିଲେ ଗୁରୁକୃଷ୍ଣ ଗୋସ୍ୱାମୀ। ବାଳକୃଷ୍ଣ ଦାଶଙ୍କ ସଂଗୀତ ସଂଯୋଜିତ



ସାଧନାର ଗୀତିଦୃଶ୍ୟ ଶରତ ଓ ମିନତି ତୁମରି ପ୍ରୀତି ନେଇ ନୟନୁ ଲୁହଝରେ

୧୯୬୪ର ଓଡ଼ିଆ ଚଳଚ୍ଚିତ୍ର 'ସାଧନା'ରେ ଏହି ଗୀତ ସଂଯୋଗ ହୋଇଥିଲା। ରବୀନ୍ଦ୍ରନାଥଙ୍କ ଉନ୍ମାଦଭରା ବିସ୍ତରଣ ସହିତ ସ୍ୱଚ୍ଛନ୍ଦତାବାଦରେ ରହସ୍ୟବାଦର ପାଂଶୁଳ ବିଷାଦ କାବ୍ୟଶୈଳୀ ଦ୍ୱାରା ଆମ ଓଡ଼ିଆ ଚଳଚ୍ଚିତ୍ର ଗୀତର ବିଶାଳ ପୃଷ୍ଠପଟ ପ୍ରଭାବିତ ହେଲା। ଯେଉଁ ତିନିଜଣ ନିଜ ଅଧିକାଂଶ ଓଡ଼ିଆ ଚଳଚ୍ଚିତ୍ର ଗୀତରେ ରାବୀନ୍ଦ୍ରିକ ଭାବ ଓ ଶୈଳୀର ବ୍ୟବହାର କଲେ, ସେମାନେ ଅବଶ୍ୟ ସେହି ଧାରା ଓ ଶୈଳୀକୁ ସବୁ ଗୀତରେ ବାନ୍ଧି ରଖି ପାରିଲେନାହିଁ। ନାରାୟଣ ପ୍ରସାଦ ସିଂହ, ନରସିଂହ ମହାପାତ୍ର ଓ ଗୁରୁକୃଷ୍ଣ ଗୋସ୍ୱାମୀ ବିସ୍ମୟକର ଭାବରେ ରାବୀନ୍ଦ୍ରିକ ଭାବ ଓ ଶୈଳୀ ସହ ନିଜ ରଚନା ସମୂହରେ ବିଷୟବସ୍ତୁର ଚାଞ୍ଚଲ୍ୟ ସହିତ ଓଡ଼ିଆ ରୀତିକାଳର ଶୃଙ୍ଗାର ପ୍ରୟୋଗ ଏବଂ ପ୍ରତିଷ୍ଠିତ ବିଷୟକୁ ବିଷୟୋତ୍ତର କରିବାରେ ଅଧିକ ଧ୍ୟାନ ଦେଇଛନ୍ତି। ୧୯୬୫ରେ ମୁକ୍ତିପ୍ରାପ୍ତ 'ନବଜନ୍ମ' ଚଳଚ୍ଚିତ୍ର ପାଇଁ ନରସିଂହ ମହାପାତ୍ରଙ୍କ ରଚିତ 'ଆଖି ଥାଇ ଦେଖେ ଖାଲି ଅମା ଘେରା ଅନ୍ଧାର/ ଖୋଜେ ମନ ଅନ୍ତର/ ଆଲୋକର ଜୁଆର/ ଯାହା ଲାଗି ଅଧୀର' ଯଦି ରବୀନ୍ଦ୍ରନାଥଙ୍କ 'ଗୀତାଞ୍ଜଳି'ରୁ ଉଦ୍ଧୃତ 'ନୀରବ ଆଲୋକ ଜାଗିୟା ହୃଦୟ ପ୍ରାନ୍ତେ' ପଂକ୍ତି ଦ୍ୱାରା ଅନୁପ୍ରେରିତ ବୋଲି ବିବେଚନା କରାଯାଏ। ତେବେ ୧୯୬୪ର 'ଅମଡ଼ାବାଟ' ଚଳଚ୍ଚିତ୍ରରେ ତାଙ୍କ ରଚିତ 'ଦେଲେ ଧରା କଥା ସରେ/ ଥାଏ ମଜା ଦୂରେ ଦୂରେ'ରେ ଭାବ ସଂଯୋଜନା ଓ ସର୍ଜନାତ୍ମକ ଦୃଷ୍ଟିଭଙ୍ଗୀକୁ ଲକ୍ଷ୍ୟ କଲେ ବୋଧ ହେବ ଯେ, କାବ୍ୟ ଲୋକର ନିର୍ମାଣ କଳା ଓଡ଼ିଆ ବୈଷ୍ଣବୀୟ ରଚନା ଶୈଳୀରୁ ଆସିଛି। ଓଡ଼ିଆ ବୈଷ୍ଣବୀୟ ପରମ୍ପରାର ଶୃଙ୍ଗାରୀ ପରିହାସ ଓ ଚଟୁଳ ବାକ୍ୟ ବିନିମୟ ଏହି ଚଳଚ୍ଚିତ୍ର ଗୀତରେ କେମିତି ଆସିଛି ଦେଖନ୍ତୁ: 'ଦେଲେ ଧରା କଥା ସରେ/ ଥାଏ ମଜା ଦୂରେ ଦୂରେ' ପରେ ଦ୍ୱିତୀୟଧାଡ଼ି 'ଅଳି ପାଶେ ନାହିଁ ଗଲେ/ ଫୁଟା ଫୁଲ ଝୁରି ମରେ।' ଅର୍ଥାତ୍ କଥୋପକଥନ ଶୈଳୀରେ ଆମ ବୈଷ୍ଣବୀୟ ପରମ୍ପରାର ଯେଉଁ କାବ୍ୟ ଶୈଳୀ ଥିଲା, ତାହା ମଧ୍ୟ ଓଡ଼ିଆ ଚଳଚ୍ଚିତ୍ରରେ ସଂପୃକ୍ତ ହୋଇଛି।

ଗୁରୁକୃଷ୍ଣ ଗୋସ୍ୱାମୀଙ୍କ କେତେକ ଚଳଚ୍ଚିତ୍ର ଗୀତ ରଚନାରେ ମଧ୍ୟ ରାବୀନ୍ଦ୍ରିକ ଶୈଳୀ ଓ ଭାବ ରହିଥିଲା। ସେ ଓଡ଼ିଆ ଚଳଚ୍ଚିତ୍ର ପାଇଁ ରବୀନ୍ଦ୍ର ସଙ୍ଗୀତର ଅନୁବାଦ କରିଥିଲେ ଏବଂ ନିଜ ମୌଳିକ ରଚନାରେ ମଧ୍ୟ ରବୀନ୍ଦ୍ରନାଥଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ। ଭୌତିକ ସଂସାରର ଶୁଦ୍ଧ ଚେତନା ଓ ପ୍ରକୃତିର ଉପମାକୁ ଗୀତର ଉପାଦାନ କରିବାର ଯେଉଁ ଧାରା ରବୀନ୍ଦ୍ରନାଥ ଆରମ୍ଭ କଲେ, ସେହି ଧାରା ଦ୍ୱାରା ଅନ୍ୟମାନଙ୍କ ସହିତ ଗୁରୁକୃଷ୍ଣ ଗୋସ୍ୱାମୀ ମଧ୍ୟ ପ୍ରଭାବିତ ହୋଇଛନ୍ତି। ଗୁରୁକୃଷ୍ଣଙ୍କ ରଚିତ 'ଜୀବନସାଥୀ' ଚଳଚ୍ଚିତ୍ରର 'ଏ ରଙ୍ଗ ଏ ନିଶା ଲାଗେ ଆଜି ମନେ' ଗୀତର ଅନ୍ତରାରେ ରାବୀନ୍ଦ୍ରିକ ଉପାଦାନ ସ୍ପଷ୍ଟ ହୋଇ ଦିଶେ, ଯେମିତି: ମୁଁ ଯେ ଚାତକୀ ଡାକିଲି ତ ଝୁରି/ ହୋଇ ବଉଦ ପଡ଼ିଲା ସେ ଝରି' ବା 'ସେ ଯେ ଦରିଆ ଡାକିଲା ତ ଦୂରେ/ ହୋଇ ଝରଣା ତା' ପାଇଁ ମୁଁ ଝରେ'।

ଗୀତିକାର ନାରାୟଣ ପ୍ରସାଦ ସିଂହ ମଧ୍ୟ ନିଜ ଅଧିକାଂଶ ଚଳଚ୍ଚିତ୍ର ଗୀତ ରଚନାରେ ପଦର ମାଧୁର୍ଯ୍ୟ ଓ ଭାବ ସଞ୍ଚାର ପ୍ରକ୍ରିୟାରେ ବିଶ୍ୱଗୁରୁଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଛନ୍ତି। ବିଶ୍ୱଗୁରୁଙ୍କ କବିତାରେ ଯେଉଁ ଶୈଳୀରେ ବିଚ୍ଛେଦ ଓ ଆଶା ଭାବର ସଂରଚନା ରହିଛି, ସେହି ଶୈଳୀରେ ରଚିତ ହୋଇଛି 'ଅମଡ଼ାବାଟ'ର 'ମମତା ମଧୁର ପ୍ରିୟଜନ ସ୍ନେହ ପ୍ରୀତି'। ସ୍ୱଚ୍ଛନ୍ଦତାବାଦର ପୃଷ୍ଠପଟରେ ଦୃଶ୍ୟକୁ ଭାବ କରିଦେବାର ଯେଉଁ ପ୍ରକ୍ରିୟା ରବୀନ୍ଦ୍ରନାଥ ରଚିଥିଲେ ତାହାକୁ ନାରାୟଣ ପ୍ରସାଦ ସିଂହ ନିଜ ରଚନାରେ ପ୍ରାଧାନ୍ୟ ଦେଇଛନ୍ତି। 'ସବୁଜ ବନର ଶିରୀ ନଇ ତୋଟା ମାଳ/କୁଆଁର ପୁନେଇଁ ପୁଚି ରଜ ଦୋଳି ଖେଳ/ ଭାସିଯାଏ ମନେ ମନେ ବିଦାୟ ବେଳାରେ/ ନୟନେ ନୀରଧାର ଝରଝର ବହେ' ନାରାୟଣ ପ୍ରସାଦ ସିଂହଙ୍କ ଏହି ପଂକ୍ତିରେ ଓଡ଼ିଆତ୍ୱ ଅଛି, ଓଡ଼ିଆ ଦୃଶ୍ୟ ଅଛି କିନ୍ତୁ ସଂରଚନା କ୍ଷେତ୍ରରେ କେବଳ ଶେଷ ଧାଡ଼ିଟି ହେତୁ ସମଗ୍ର ଦୃଶ୍ୟ ଭାବରେ ପରିବର୍ତ୍ତିତ ହେଉଛି। ବୌଦ୍ଧ ଯୁଗର ଚରିତ୍ର ଉପଗୁପ୍ତଙ୍କୁ ନେଇ ରବୀନ୍ଦ୍ରନାଥଙ୍କ ରଚନା 'ଅଭିସାର'ରେ ଉପରୋକ୍ତ ପ୍ରୟୋଗ ହୋଇଥିଲା ଏବଂ ଓଡ଼ିଆ ଚଳଚ୍ଚିତ୍ର ଗୀତିକବିତା ରଚନା କ୍ଷେତ୍ରରେ ଏହି ସଂରଚନା ଶୈଳୀକୁ ନାରାୟଣ ପ୍ରସାଦ ସିଂହଙ୍କ ସମେତ ଅନ୍ୟମାନେ ବି ବ୍ୟବହାର କରିଛନ୍ତି।■

---

ପରଦା ପଛର କାହାଣୀ

# ସରି ଆସୁଛି ଫ୍ରାଇଡେ ରିଲିଜ୍ ଟ୍ରେଣ୍ଡ





ଆଜିକୁ ୬୪ ବର୍ଷ ପୂର୍ବରୁ ୧୯୬୦ରେ ଭାରତରେ ଶୁକ୍ରବାର ଫିଲ୍ମ ରିଲିଜ୍ ଟ୍ରେଣ୍ଡ ଆରମ୍ଭ ହୋଇଥିଲା। ହଲିଉଡ୍‌ର 'ଫ୍ରାଇଡେ ଟ୍ରେଣ୍ଡ'କୁ ଅନୁସରଣ କରି 'ମୁଗଲ- ଏ-ଆଜମ୍' ୫ ଅଗଷ୍ଟ, ୧୯୬୦ରେ ରିଲିଜ୍ ହୋଇଥିଲା। ଏହି ଫିଲ୍ମର ସଫଳତାକୁ ଆଖି ଆଗରେ ରଖି ସେତେବେଳର ପ୍ରଯୋଜକମାନେ କେ.ଆସିଫଙ୍କ ମାର୍ଗରେ ଚାଲି ସୋମବାର ବଦଳରେ ଶୁକ୍ରବାର ଫିଲ୍ମ ରିଲିଜ୍ କରିବା ଆରମ୍ଭ କରିଦେଲେ। ଏହାପରେ ସେତେବେଳର ପ୍ରଯୋଜକମାନେ ଏହା ବୈଭବ ଲକ୍ଷ୍ମୀଙ୍କ ଦିନ ହୋଇଥିବାରୁ ଏହାକୁ ଉତ୍ତମ ମଣି ଏହି ଦିନରେ ଫିଲ୍ମ ରିଲିଜ୍ କଲେ। ଏହାପରେ ଇଦ୍, ଦୀପାବଳି ଆଦି ଅବସର ଛାଡ଼ି ପ୍ରଯୋଜକମାନେ ଶୁକ୍ରବାର ଦିନ ସେମାନଙ୍କ ଫିଲ୍ମ ରିଲିଜ୍ କରିବା ଆରମ୍ଭ କରିଦେଲେ। କିନ୍ତୁ ବିଗତ କିଛି ବର୍ଷ ହେଲାଣି ଅକ୍ଷୟ କୁମାର, ଅଜୟ ଦେବଗନ୍, ଅମିର୍ ଖାନ୍, ଶାହାରୁଖ୍ ଖାନ୍, ସଲମାନ୍ ଖାନ୍‌ଙ୍କ ଫିଲ୍ମ ସପ୍ତାହର କୌଣସି ଦିନରେ ବି ରିଲିଜ୍ ହେଉଛି। ନିକଟରେ ଅଜୟ ଦେବଗନ୍‌ଙ୍କ ଅଭିନୀତ 'ମୈଦାନ' ୧୦ ଏପ୍ରିଲ୍ ବୁଧବାର ଓ ଅକ୍ଷୟ କୁମାରଙ୍କ ଅଭିନୀତ 'ବଡ଼େ ମିଆଁ ଛୋଟେ ମିଆଁ' ଏପ୍ରିଲ୍ ୧୧ ଗୁରୁବାରରେ ରିଲିଜ୍ ହୋଇଥିଲା। ତେବେ ଧୀରେ ଧୀରେ ଇଣ୍ଡଷ୍ଟ୍ରୀରୁ ଶୁକ୍ରବାର ଫିଲ୍ମ ରିଲିଜ୍ ହେବା ଧାରା କମି ଆସୁଛି ବୋଲି ଏଥିରୁ ସ୍ପଷ୍ଟ ହେଉଛି। ଏହି ପରିପ୍ରେକ୍ଷୀରେ ସଲମାନ୍ ତାଙ୍କ ଫିଲ୍ମଗୁଡ଼ିକ ଶୁକ୍ରବାର ରିଲିଜ୍ ଉପରେ ଗୁରୁତ୍ୱ ଦିଅନ୍ତି। ଯଦି କୌଣସି ପର୍ବପର୍ବାଣି କିମ୍ବା ସରକାରୀ ଛୁଟି ପଡୁନାହିଁ ତେବେ ଫିଲ୍ମକୁ ଶୁକ୍ରବାର ରିଲିଜ୍ କରିଦେବା ଭଲ ବୋଲି ସେ କୁହନ୍ତି। ତାଙ୍କ ମତରେ ଶୁକ୍ରବାରର ଏକ ଅଲଗା ଅଡିୟନ୍ସ ଥାଆନ୍ତି, ଯିଏ କି ପ୍ରତି ଶୁକ୍ରବାର ସିନେମାହଲ୍ ଯାଇଥାନ୍ତି। ସେହିଭଳି ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦ 'ନନ୍ ଫ୍ରାଇଡେ' ଟ୍ରେଣ୍ଡକୁ ସମର୍ଥନ କରନ୍ତି। ସିଦ୍ଧାର୍ଥଙ୍କ କହିବା ଅନୁସାରେ, "ଏବେ ଦର୍ଶକଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆସିଛି। ଏବେ ଫିଲ୍ମ ଶୁକ୍ରବାର ବ୍ୟତୀତ ଅନ୍ୟ କୌଣସି ଦିନରେ ବି ରିଲିଜ୍ ହେଉଛି। ମୋ ଫିଲ୍ମ 'ପଠାନ୍' ବୁଧବାର ରିଲିଜ୍ ହୋଇଥିଲା। 'ଫାଇଟର୍' ଗୁରୁବାର ରିଲିଜ୍ ହୋଇଥିଲା। ଏହି ଫିଲ୍ମର ଦୁଇଟି କଲେକ୍ସନକୁ ଦେଖି ଏହା ପ୍ରମାଣିତ ହେଉଛି ଯେ, ଫିଲ୍ମ ଭଲ ହୋଇଥିଲେ ଏହା ଯେଉଁଦିନ ରିଲିଜ୍ ହୋଇଥିଲେ ବି ଲୋକେ ଏହାକୁ ଦେଖିବାକୁ ଆସିବେ।" ସେହିଭଳି ଯଶରାଜ ଫିଲ୍ମର 'ହେଡ୍ ଅଫ୍ ଡିଷ୍ଟ୍ରିବ୍ୟୁସନ୍' ରୋହନ୍ ମଲହୋତ୍ରାଙ୍କ କହିବା ଅନୁସାରେ, "ପ୍ରଯୋଜନା ସଂସ୍ଥାଗୁଡ଼ିକ ସେମାନଙ୍କର ଫିଲ୍ମକୁ କେଉଁ ଦିନ ରିଲିଜ୍ କରିବେ ସେନେଇ ଦେଖିଚାହିଁ ନିଷ୍ପତ୍ତି ନେଇଥାନ୍ତି। ପୂର୍ବରୁ ବହୁତ କମ୍ ଫିଲ୍ମ ନିର୍ମାଣ ହେଉଥିଲା, ବହୁ ଅଧିକ ଦର୍ଶକ ଥିଲେ। ଏବେ କିନ୍ତୁ ଅଧିକ ମାତ୍ରାରେ ଫିଲ୍ମ ନିର୍ମାଣ କରାଯାଉଛି। ଏଥିଯୋଗୁ ଗୋଟିଏ ଦିନରେ ଏକାଧିକ ଫିଲ୍ମ ରିଲିଜ୍ ହେଉଛି। ଖାସ୍ ସେଥିପାଇଁ ଆମେ ଶୁକ୍ରବାର ଅପେକ୍ଷା ପର୍ବପର୍ବାଣିରେ ଫିଲ୍ମ ରିଲିଜ୍ କରୁଛୁ। ତେବେ ଶୁକ୍ରବାର କିମ୍ବା ଅନ୍ୟ କୌଣସି ବିଶେଷ ଦିନରେ ଫିଲ୍ମ ରିଲିଜ୍ କରାଯିବ, ସେଥିପାଇଁ ପୂର୍ବରୁ ବହୁତ ବିଶ୍ଳେଷଣ କରିବାକୁ ପଡ଼େ।"■

---

# 'ଆମ୍ରପାଲୀ' ପାଇଁ ଅଙ୍କିତା ଖୁସ୍



'ପବିତ୍ର ରିସ୍ତା' ଧାରାବାହିକର ଚିହ୍ନାମୁହଁ ଅର୍ଚ୍ଚନା ତଥା ଅଙ୍କିତାଙ୍କ ହାତକୁ ଗୋଟିଏ ପରେ ଗୋଟିଏ ବଡ଼ ପ୍ରୋଜେକ୍ଟ ଆସୁଛି। ଯାହାକୁ ନେଇ ତାଙ୍କ ଫ୍ୟାନ୍ ବେଶ୍ ଉତ୍ସାହିତ ରହିଛନ୍ତି। ନିକଟରେ 'ବିଗ୍‌ବସ୍-୧୭'ରେ ପାରିବାରିକ ଜୀବନକୁ ନେଇ ଅଧିକ ଟ୍ରୋଲ୍ ହୋଇଥିବା ଏହି ଅଭିନେତ୍ରୀ ଜଣକ ନିଜ କ୍ୟାରିୟରକୁ ନେଇ ବେଶ୍ ସଚେତନ ଅଛନ୍ତି। ପୂର୍ବାପେକ୍ଷା ଏବେ ତାଙ୍କୁ ଗୋଟେ ପରେ ଗୋଟେ ବଡ଼ ପ୍ରୋଜେକ୍ଟ ମିଳୁଛି। ସେ ନିଜ ଇନ୍‌ଷ୍ଟାଗ୍ରାମରେ ଆଗାମୀ ୱେବସିରିଜ୍ 'ଆମ୍ରପାଲୀ'ର ନିଜର ଫାଷ୍ଟଲୁକ୍‌କୁ ସେୟାର କରିଛନ୍ତି। ଏଥିରେ ଅଙ୍କିତା ଏକ କମଳା ରଙ୍ଗର ଲେହେଙ୍ଗା ପିନ୍ଧି ନାଚୁଥିବା ଦେଖିବାକୁ ମିଳିଛି। ଆଉ ତାଙ୍କ ଚେହେରାରେ ଉଭୟ ଶାନ୍ତ ଓ ଇମୋସନ୍ ଦେଖିବାକୁ ମିଳୁଛି। ଅଙ୍କିତାଙ୍କ ଏହି ପୋଷ୍ଟକୁ ତାଙ୍କର ପ୍ରଶଂସକ ପସନ୍ଦ କରିଥିଲେ। ତେବେ ପୋଷ୍ଟ କରିବା ସହ ଅଙ୍କିତା ଲେଖିଥିଲେ ଯେ, ଶକ୍ତି, ଦୟା, ସ୍ଥିରତାର ପ୍ରତୀକ ଅଙ୍କିତା ଲୋଖେଣ୍ଡଙ୍କୁ ଆମ୍ରପାଲୀ ରୂପେ ପ୍ରସ୍ତୁତ କରାଯାଉଛି। ଏହା ଏକ ବଧୂର କାହାଣୀ, ଯିଏ କି ଏକ ସଂଘର୍ଷମୟ ଜୀବନଯାତ୍ରା କରୁଛି। ନିକଟରେ ଅଙ୍କିତା ଓ ସ୍ୱାମୀ ବିକ୍କିଙ୍କର ନୂଆ ଗୀତ 'ଲା ପିଲା ଦେ ଶରାବ' ରିଲିଜ୍ ହୋଇଛି। ଦର୍ଶକଙ୍କୁ ବେଶ୍ ପସନ୍ଦ ଆସୁଥିବା ଏହି ଗୀତରେ ସେମାନଙ୍କ ସହ ସୌରଭ ସଚଦେବା ନଜର ଆସିଛନ୍ତି। ତେବେ ଅଙ୍କିତାଙ୍କୁ ରଣଦୀପ ହୁଡ଼ାଙ୍କ ଫିଲ୍ମ 'ସ୍ୱାତନ୍ତ୍ର ବୀର ସାବରକର'ରେ ଦେଖିବାକୁ ମିଳିଥିଲା। ଏଥିରେ ସେ ବୀର ସାବରକରଙ୍କ ପତ୍ନୀ ଭୂମିକାରେ ନଜର ଆସିଥିଲେ। ଆମ୍ରପଲୀ ତାଙ୍କ ପାଇଁ ଏକ ଚାଲେଞ୍ଜିଂ ଭୂମିକା ବୋଲି ନିକଟରେ ଅଙ୍କିତା କହିଛନ୍ତି।■

---

# ରୁବିନାଙ୍କ ଭୁଲାରୋଗ



'ଛୋଟି ବୋହୂ' ନାଁରେ ଘରେ ଘରେ ପରିଚୟ ସୃଷ୍ଟି କରିଥିଲେ ଅଭିନେତ୍ରୀ ରୁବିନା ଦିଲାଇକ୍। 'ଶକ୍ତି', 'ବିଗ୍‌ବସ୍ -୧୪' 'ଝଲକ୍ ଦିଖଲାଜା -୧୦', 'ଖତରୋଁ କେ ଖିଲାଡି-୧୨'ରେ ସେ କାମ କରିସାରିଛନ୍ତି। ତେବେ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହୁଥିବା ଏହି ଅଭିନେତ୍ରୀ ଜଣକ କିଛିମାସ ପୂର୍ବରୁ ମାତୃତ୍ୱ ଲାଭ କରିଛନ୍ତି। ତେବେ ମା' ହେବା ପୂର୍ବରୁ 'ରୁବିନା ଟକ୍ ଶୋ', 'କିସି ନେ ବତାୟା ନହି'ରେ କାମ ଆରମ୍ଭ କରିଥିଲେ। ଏଥିରେ ଅନେକ ତାରକାଙ୍କ ସହ ସେ ବ୍ୟକ୍ତିଗତ କଥାକୁ ଆଲୋଚନା କରୁଥିବା ଦେଖିବାକୁ ମିଳେ। ଏବେ ଏହାର ଦ୍ୱିତୀୟ ସଂସ୍କରଣ ଆରମ୍ଭ ହୋଇଥିବାବେଳେ ନିକଟରେ ରୁବିନାଙ୍କ ଶୋ'ର ଅତିଥି ଭାବେ ହାସ୍ୟ ଅଭିନେତ୍ରୀ ସୁଗନ୍ଧା ମିଶ୍ର ଆସିଥିଲେ। ଉଭୟ ରୁବିନା ଓ ସୁଗନ୍ଧାଙ୍କ ବାର୍ତ୍ତାଳାପରୁ ରୁବିନାଙ୍କ ଭୁଲାରୋଗ ବିଷୟରେ ଜଣାପଡ଼ିଥିଲ। ଯେହେତୁ ସୁଗନ୍ଧା ଏବେ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି, ତେଣୁ ଉଭୟଙ୍କ ମାତୃତ୍ୱର ଯାତ୍ରାରୁ ଶୋ' ଆରମ୍ଭ ହୋଇଥିଲା। ଏଥିରେ ରୁବିନା ମା' ହେବା ପରେ କେମିତି ସବୁକିଛି କଥାକୁ ଭୁଲିଯାଉଥିଲେ ସେ କଥା କହିଥିଲେ। ଏପରିକି ରୁବିନା ନିଜର ଯାଆଁଳ ପିଲା ଜିଭା ଏବଂ ଇଧାଙ୍କ ମଧ୍ୟରୁ ପ୍ରଥମେ କାହାକୁ ସେ ଖାଇବାକୁ ଦେଇଛନ୍ତି ବୋଲି ବି ଭୁଲିଯାଉଥିଲେ। ଏହାକୁ ମନେ ରଖିବା ପାଇଁ ସେ ଡାଏରୀ ଲେଖିବା ଆରମ୍ଭ କରିଥିବା କହିଥିଲେ। ରୁବିନା କୁହନ୍ତି, ଯେତେବେଳେ ଜଣେ ମହିଳା ମାତୃତ୍ୱ ଲାଭ କରନ୍ତି, ସେ ନିଜର ପୁରୁଣା ଜୀବନକୁ ଫେରିଯିବା ସମ୍ଭବ ହୁଏନି। ତେଣୁ ଏପରି ଏକ ସମୟରେ ତାଙ୍କୁ ତାଙ୍କ ମା' ବହୁତ ସହଯୋଗ କରିଥିଲେ। ମା'ଙ୍କ ପାଇଁ ତାଙ୍କ ମାତୃତ୍ୱ ଜୀବନ ଅତି ସରଳ ହୋଇପାରିଥିଲା। ଅନ୍ୟପଟେ ସୁଗନ୍ଧା କହିଥିଲେ, ଯେତେବେଳେ ଯାଏଁ ସେ ମା' ହୋଇନଥଲେ, ଭାବୁଥିଲି ସବୁକିଛି ଦାୟିତ୍ୱକୁ ତୁଲାଇନେବେ। ହେଲେ ମା' ହେବା ପରେ ଅନୁଭବ କରୁଛନ୍ତି ଯେ, କିଛି ବି ସହଜ ନୁହେଁ। ଶାନ୍ତିରେ ଶୋଇ ହୁଏନି କି କିଛି କରିହୁଏନି।■



# “ଦର୍ଶକଙ୍କ ଭଲପାଇବା ହିଁ ମୋ ବଳ”

**ରଞ୍ଜନ ପଣ୍ଡା, ଅଭିନେତା**

ସେ ଭଲ ପାଠ ପଢୁଥିଲେ । ନାଚିବା ତାଙ୍କର ଈଶ୍ୱରଦତ୍ତ ଗୁଣ । ବୈଜ୍ଞାନିକ ହେବା ଲକ୍ଷ୍ୟରେ ସିଇଟିରୁ ଇଣ୍ଟିଗ୍ରେଟେଡ୍ ଏମ୍ଏସ୍‌ସି (ଆପଲାଏଡ୍ ଫିଜିକ୍ସ) ସମ୍ମାନରେ ପାଠ ପଢ଼ିଲେ । ମଡେଲିଂ ମଧ୍ୟ କରିଛନ୍ତି । ‘ଇନ୍‌ଷ୍ଟାଗ୍ରାମ୍’ରେ ସେ ନିଜର ଡ୍ୟାନ୍ସ ଭିଡିଓକୁ ମଧ୍ୟ ସେୟାର କରୁଥିଲେ । ହେଲେ ଇନ୍‌ଷ୍ଟାଗ୍ରାମ୍‌ର ଏହି ଭିଡିଓ ହିଁ ତାଙ୍କ ଭାଗ୍ୟକୁ ବଦଳାଇ ଦେଇଥିଲା । ତାଙ୍କୁ ଅଭିନୟରେ ପ୍ରଥମ ସୁଯୋଗ ଦେଇଥିଲା ‘ଜୀ ସାର୍ଥକ’ । ‘ତୁ ଖରା ମୁଁ ଛାଇ’ ଧାରାବାହିକରେ ଅଭିନେତା ଭାବେ ଯାତ୍ରା ଆରମ୍ଭ କରିଥିଲେ ଭଦ୍ରକ ଟାଉନର ରଞ୍ଜନ ପଣ୍ଡା । ସ୍ୱଳ୍ପ ସମୟ ମଧ୍ୟରେ ସେ ଏଜେ ଚରିତ୍ରରେ ଘରେ ଘରେ ପରିଚିତ । ତାଙ୍କ ଅଭିନୟ ଯାତ୍ରା ସଂପର୍କରେ ଜାଣିବା ଏଥର ଅଳ୍ପ ଆଳାପରେ ।

ଏଜେଙ୍କ ପାଇଁ ସବୁକିଛି ଠିକ୍ ସମୟରେ ହେବା ଦରକାର । ନିଜ ବୁଦ୍ଧିବଳରେ ସେ ସମସ୍ତ ସମସ୍ୟାର ସମାଧାନ ବାହାର କରେ । କେବଳ ଏଜେ ନୁହେଁ, ଏହି ଧାରାବାହିକରେ ମୋର ଭିନ୍ନ ଚରିତ୍ର ଜୟ ବ୍ୟକ୍ତିତ୍ୱ ମଧ୍ୟ ଭିନ୍ନ । ହେଲେ ରଞ୍ଜନ ଜଣେ ୨୩ ବର୍ଷର ଯୁବକ । ହସଖୁସି ମିଜାଜର । ଯାହାକି ଏଜେ ଚରିତ୍ରଠାରୁ ସମ୍ପୂର୍ଣ୍ଣ ଭିନ୍ନ ।

**‘ମାନିନୀ’ ଆଉ ‘ମୟୂରୀ’ ଦୁହିଁଙ୍କ ଭିତରୁ ଏଜେ କାହାର ହେବେ?**

● ଏଜେଙ୍କ ହୃଦୟରେ ମୟୂରୀ ଅଛି, ମୟୂରୀ ପୁଣି ଏଜେଙ୍କ ଜୀବନକୁ ଫେରିଛି ସତ; ହେଲେ ତାଙ୍କ ସ୍ୱଭାବରେ ପରିବର୍ତ୍ତନ ଆସିଛି । ସେପଟେ ମାନିନୀ ମୋତେ ଚାହୁଁଛନ୍ତି, ମୋତେ ଛାଡ଼ି ଯାଉନାହାନ୍ତି କି ମୋ ବିନା ସେ ରହିପାରୁନାହାନ୍ତି, ଆଉ ମୟୂରୀଙ୍କୁ ମାନିନୀ ପସନ୍ଦ ନୁହେଁ । ତେଣୁ ଏ ତ୍ରିକୋଣୀୟ ପ୍ରେମ କେଉଁଠି କାହାକୁ ମିଶାଇବ ସମୟ କହିବ । କେବଳ ପ୍ରେମ କାହାଣୀ ନୁହେଁ, ‘ତୁ ଖରା ମୁଁ ଛାଇ’ରେ ମାଆ ପୁଅଙ୍କ ସମ୍ପର୍କ, ପୁଅ ବୋହୂ, ଶାଶୂ ବୋହୂ, ଜଟିଳ ପରିସ୍ଥିତିରେ ପୁରୁଷଟିଏ କେମିତି ଖାପଖୁଆଇ ଚାଲେ ଏସବୁ ରହିଛି ।

**ନବାଗତ ଅଭିନେତା, ଦର୍ଶକ ଗ୍ରହଣ କରିପାରିଛନ୍ତି?**

● ଆରମ୍ଭରୁ ଯଦିଓ ଦର୍ଶକ ଏତେ ଗ୍ରହଣ କରିନଥିଲେ, ହେଲେ ଖୁବ୍ କମ୍ ଦିନ ମଧ୍ୟରେ ଦର୍ଶକ ଢେରସାରା ଭଲପାଇବା ଦେଇଛନ୍ତି । ପାଖରେ ପାଇ ଅନେକ କାନ୍ଦି ଦିଅନ୍ତି । ବାସ୍ତବରେ ଦର୍ଶକଙ୍କ ଏପରି ପ୍ରଶଂସା ଓ ଭଲପାଇବା ମୋତେ ଆଗକୁ ବଢ଼ିବାକୁ ବଳ ଯୋଗାଉଛି ।

**ରଞ୍ଜନ ସର୍ବଦା ଫିଟ୍, ଏହାର କାରଣ ?**

● ସମୟ ମିଳିଲେ ମୁଁ ନାଚୁଥାଏ । ସୁଟିଂ ଆଉ ଡିଓଡି ପାଇଁ ମୁଁ ଜିମ୍ ଯାଇପାରୁନଥିଲି, ଏବେ କିଛିଦିନ ହେବ ପୁଣି ସକାଳୁ ମୁଁ ଜିମ୍ ଯାଉଛି, ଖାଦ୍ୟପେୟକୁ ଗୁରୁତ୍ୱ ଦେଉଛି ।

**ସୁଟିଂ ପାଇଁ ବ୍ୟସ୍ତ ରହନ୍ତି, ଏଥିପାଇଁ ପ୍ରେମ ସମ୍ପର୍କରେ ସମସ୍ୟା ହୁଏନି?**

● କ୍ୟାମେରା ସାମ୍ନାରେ ମୁଁ ଏଜେ, ମୋ ପ୍ରେମିକା (ଅନନ୍ୟା)ଙ୍କ ପାଖେ ମୁଁ ରଞ୍ଜନ । ମୋ କାମ ବିଷୟରେ ସେ ଜାଣିଛନ୍ତି । ମୋତେ ସବୁବେଳେ ସେ ସହଯୋଗ କରନ୍ତି, ପିଲାଟି ପରି ମୋର ଯତ୍ନ ନିଅନ୍ତି । ମୁଁ ମଧ୍ୟ ଭଲମନ୍ଦ ସବୁକିଛି କଥା ତାଙ୍କ ସହ ସେୟାର୍ କରେ । କାମରୁ ଫୁରସତ୍ ମିଳିଲେ ତାଙ୍କୁ ଫୋନ୍ କରେ । କାମକୁ ଗୁରୁତ୍ୱ ଦିଏ ଆଉ ଆମ ସମ୍ପର୍କକୁ ମଧ୍ୟ । ମୁଁ ଜଣେ ଭାଗ୍ୟବାନ ଯେ ତାଙ୍କ ପରି ଜଣେ ଝିଅ ପାଇଛି ।

**ଇନ୍‌ଷ୍ଟାରେ ଏବେ ସମସ୍ତେ ନିଜର ପ୍ରତିଭା ଦେଖାଉଛନ୍ତି, ହେଲେ ଅଭିନେତା ହେବାର ବାଟ କ’ଣ?**

● ସାମାଜିକ ଗଣମାଧ୍ୟମକୁ ଉପଯୋଗ କରି ଏବେ ଅନେକ ପିଲା ନିଜ ପ୍ରତିଭାକୁ ଦେଖାଇବାର ସୁଯୋଗ ପାଉଛନ୍ତି । ତେଣୁ ଇନ୍‌ଷ୍ଟା ହେଉ କି ଅନ୍ୟାନ୍ୟ ପ୍ଲାଟଫର୍ମରେ ନିଜର ଟ୍ୟାଲେଣ୍ଟକୁ ଦେଖାଇ ଅଭିନେତା ହେବା ସବୁଠୁ ସହଜ ଉପାୟ । ତେବେ ତମେ ଫୋନ୍‌କୁ କେମିତି ବ୍ୟବହାର କରୁଛ, ତାହା ଗୁରୁତ୍ୱ ରଖେ । ■

**ବୈଜ୍ଞାନିକ ହେବାକୁ ଇଚ୍ଛା ଥିଲା, ବିଏସ୍‌ସି ପରେ ଏମ୍ଏସସି କରିଥାନ୍ତେ, ହେଲେ ଅଭିନୟକୁ କାହିଁ ଆଦରି ନେଲେ?**

● ପାଠପଢ଼ା ସହ ମଡେଲିଂ ଚାଲିଥିଲା । ତା’ସହ ମୁଁ ଇନ୍‌ଷ୍ଟାରେ ମୋର ନାଚ ଭିଡିଓଗୁଡ଼ିକୁ ପୋଷ୍ଟ କରିଚାଲିଥିଲି । ଏହି ଭିଡିଓ ମୋତେ ‘ଜୀ ସାର୍ଥକ’ରେ ଅଡିସନ୍ ଦେବାକୁ ଟାଣି ଆଣିଥିଲା । ଧାରାବାହିକ ନିର୍ମାତା ମୋତେ କିଛି ସ୍କ୍ରିପ୍ଟ ଦେଇଥିଲେ । ମୁଁ ତାହାକୁ ଭିଡିଓ କରି ସେମାନଙ୍କୁ ପଠାଇଥିଲି । ମୋ’ ଡାଇଲଗ୍ ଶୁଣି ‘ତୁ ଖରା ମୁଁ ଛାଇ’ରେ ଏଜେ ଚରିତ୍ର ମିଳିଥିଲା ।

**ନାଚ ପାଇଁ ବିଧିବଦ୍ଧ ଭାବେ ତାଲିମ ନେଇଛନ୍ତି କି?**

● ଏହା ମୋର ଈଶ୍ୱରଦତ୍ତ ଗୁଣ । ମୁଁ ଖୁସି ପାଇଁ ନାଚେ, ଦୁଃଖରେ ବି ନାଚିଥାଏ । ପିଲାଟିଦିନରୁ ନାଚ ମୋ ସହିତ ଯୋଡ଼ି ଯାଇଛି । ବିଧିବଦ୍ଧ ଭାବେ ମୁଁ ନୃତ୍ୟ ପାଇଁ କୌଣସି ତାଲିମ ନେଇ ନାହିଁ ।

**ଇଣ୍ଡଷ୍ଟ୍ରିରେ ନୂଆ, ପ୍ରଥମେ କ୍ୟାମେରାକୁ ଦେଖି ଭୟ ଲାଗିନଥିଲା?**

● ଡର ଲାଗିଥିଲା, କିଛି ସିନ୍ କରିବାକୁ ଅଧିକ ସମୟ ନେଇଥିଲି । ଏଜେ ଚରିତ୍ରକୁ କରିବାକୁ ପ୍ରଥମେ ପ୍ରଥମେ ବହୁତ କଷ୍ଟ କରିବାକୁ ପଡ଼ିଥିଲା । ନିର୍ଦ୍ଦେଶକ ବିଶ୍ୱରଞ୍ଜନ ସାର୍, ମାନିନୀ ଓ ଅନ୍ୟ ସହକର୍ମୀଙ୍କ ସହଯୋଗରେ ଚରିତ୍ରକୁ ଭଲ ଭାବେ ଫୁଟାଇବାକୁ ଉଦ୍ୟମ କରିଥିଲି । ଯେ କୌଣସି ଚରିତ୍ର ହେଉନା କାହିଁ ମୁଁ ବଡି ଲାଙ୍ଗୁଏଜ୍‌କୁ ବହୁତ ଗୁରୁତ୍ୱ ଦିଏ ।

**ନାଚିବା ଆଉ ବିନା ସ୍କ୍ରିପ୍ଟରେ ସଂଳାପ କହିବା କେତେ ଫରକ୍?**

● ଗୋଟେ ଗୀତର ତାଳେ ତାଳେ ଅଙ୍ଗଭଙ୍ଗୀରେ ନାଚିବାକୁ ହୁଏ । ହେଲେ ଅଭିନୟରେ କ୍ୟାମେରା ସାମ୍ନାରେ ଗୋଟିଏ ଚରିତ୍ର ନିଭାଇବାକୁ ବହୁତ କିଛି କଥାକୁ ଜଗିବାକୁ ପଡ଼େ । ଜଣଙ୍କର ବିନା ଅନୁପସ୍ଥିତିରେ ବି ତାକୁ ନେଇ ଅଭିନୟ କରିବାକୁ ହୁଏ । ଯେହେତୁ ମୁଁ ଶୂନ୍ୟରୁ ଅଭିନୟ ଆରମ୍ଭ କରିଛି । ତେଣୁ ଧୀରେ ଧୀରେ କରି ମୁଁ ଅଭିନୟ କରୁଛି ଆଉ ଶିଖୁଛି ମଧ୍ୟ ।

**ରିଲ୍‌ରେ ଏଜେ ଶାନ୍ତ ସ୍ୱଭାବର, ରିଅଲ୍‌ରେ ରଞ୍ଜନ କେମିତି?**

● ଏଜେ ଜଣେ ଶାନ୍ତ ସ୍ୱଭାବ ବ୍ୟକ୍ତିର ଚରିତ୍ର । ନିଜ କାମକୁ ନେଇ ସେ ସବୁବେଳେ ତତ୍ପର ।

## ଫ୍ରାଇଡେ ରିଲିଜ୍

**୧୯ ଏପ୍ରିଲ୍ | ହିନ୍ଦୀ**

**ଦୋ ଅଉର୍ ଦୋ ପ୍ୟାର୍**




**ନିର୍ଦ୍ଦେଶକ** : ଶୀର୍ଷା ଗୁହା ଠାକୁରତା

**ପ୍ରଡକ୍ସନ** : ଏଲିପ୍‌ସିସ୍ ଏଣ୍ଟରଟେନ୍‌ମେଣ୍ଟ ପ୍ରଡକସନ୍

**କଳାକାର** : ବିଦ୍ୟା ବାଲନ, ପ୍ରତୀକ ଗାନ୍ଧୀ, ଇଲିଆନା ଡିକ୍ରୁଜ୍

## ହଲିଉଡ୍‌ରେ ସୁକାନ୍ତ



ଓଲିଉଡ୍‌ର ପ୍ରତିଭାବାନ୍ ଅଭିନେତା ସୁକାନ୍ତ ରଥ ଏବେ ହଲିଉଡ୍‌ରେ ପାଦ ଥାପିଛନ୍ତି । ଇଂରାଜୀ ସିନେମା ‘ହ୍ୱିଲ୍ସ ଅଫ୍ ସିଭିଲାଇଜେସନ୍’ରେ ନଜର ଆସିଛନ୍ତି । ସିନେମାକୁ ନେଇ ସୁକାନ୍ତ ମଧ୍ୟ ଖୁବ୍ ଖୁସି ଅଛନ୍ତି । ଏହା ସହ ଏହାର ପୋଷ୍ଟର ସେ ତାଙ୍କ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି । ଏହି ଫିଲ୍ମ ପରିବେଶ ତଥା ଗ୍ରହ ସୁରକ୍ଷା ଉପରେ ଆଧାରିତ । ମନରାଜ ସିଂହ ଏବଂ ଦିବ୍ ଗୌତମ ସିଂହଙ୍କ ପ୍ରଯୋଜିତ ଏହି ସିନେମାରେ ସଂଗୀତରେ ଅଛନ୍ତି ବିଷ୍ଣୁ ମୋହନ କବି । ସିନେମାର କାହାଣୀ ଓ ନିର୍ଦ୍ଦେଶନାରେ ଅଛନ୍ତି ଡ.ରାଜୀନ୍ଦର ପାଲ ସିଂହ । ଏପ୍ରିଲ ୧୪ରେ ଏହା ଲଣ୍ଡନରେ ରିଲିଜ୍ ହୋଇଥିବା ବେଳେ ବ୍ରିଟେନରେ ଏହା ମେ’ ମାସ ୩ ତାରିଖରେ ମୁକ୍ତିଲାଭ କରିବ । ■



## ରେଖାର ଭାଗ୍ୟ

ଆସନ୍ତା ୨୨ ତାରିଖରୁ ଜୀ-ସାର୍ଥକରେ ଶୁଭାରମ୍ଭ ହେବ ନୂଆ ମେଗାଧାରାବାହିକ ‘ଭାଗ୍ୟରେଖା’ । ଧାରାବାହିକରେ ‘ରେଖା’ ଚରିତ୍ରରେ ନଜର ଆସିବେ ଟେଲିଭିଜନ୍‌ର ଲୋକପ୍ରିୟ ଅଭିନେତ୍ରୀ ସୁମନ ପଟ୍ଟନାୟକ । ଏଥିରେ ତାଙ୍କୁ ଆୟୁର୍ବେଦିକ ଡାକ୍ତର ଚରିତ୍ରରେ ଦେଖିବାକୁ ମିଳିବ । ରେଖା ଏମିତି ଜଣେ ଝିଅ, ଯିଏ କି ସବୁ ପରିସ୍ଥିତିକୁ ହସିହସି ସାମ୍ନା କରେ । ସେ ତା’ର ଆଶା ଓ ଆକାଂକ୍ଷାକୁ ନିଜର ଶକ୍ତି ବୋଲି ବୁଝିଥାଏ । ଗୋଟିଏ ପଟେ ତା’ ଭାଗ୍ୟରେଖାରେ କ’ଣ ଅଛି, ସେ ଜାଣି ନାହିଁ । ଅନ୍ୟପଟେ ଜୀବନର ଏଇ ଦୋଛକିରେ ଯେତେବେଳେ ରେଖାର ନିଜ ଭାଗ୍ୟ ସହ ଦେଖା ହେବ, କେଉଁ ଆଡ଼େ ତା’କୁ ଟାଣି ନେବ ତା’ର ଭାଗ୍ୟରେଖା, ଏକଥା ରେଖା କିମ୍ବା ଦର୍ଶକେ ବି ଜାଣି ନାହାନ୍ତି । ଅବଶ୍ୟ ଏହି କଥାକୁ ଜାଣିବା ପାଇଁ ଧାରାବାହିକ ପ୍ରାରମ୍ଭକୁ ଅପେକ୍ଷା କରିବାକୁ ହେବ । ସେହିପରି ସୁମନଙ୍କ ବ୍ୟତୀତ ଏଥିରେ ରତନ ମେହେର, ଜୟଜିତ୍, ଡାନି, ଶ୍ରାବଣୀ ପ୍ରମୁଖ କଳାକାର ନଜର ଆସିବେ । ଏଥିରେ ଭାଗ୍ୟ ଚରିତ୍ରରେ ଅଭିନେତା ଜୟଜିତ୍‌ଙ୍କୁ ଦେଖିବାକୁ ମିଳିବ । ଏହି ଧାରାବାହିକ ସୋମବାରରୁ ଶୁକ୍ରବାର ରାତି ୯ଟା ୩୦ରେ ପ୍ରସାରିତ ହେବ । ■





## ‘ମନ ର ସୁଆଦ କାହିଁ ଆଜି...’

ଶ୍ରଦ୍ଧା ସବୁରି ପ୍ରଡକସନ୍‌ର ନୂଆ ଓଡ଼ିଆ ସିନେମା ‘ନିର୍ଣ୍ଣୟ’ର ଅଡିଓ ରିଲିଜ୍ ଇତିମଧ୍ୟରେ ହୋଇଛି । ସେହିପରି ଏହାର ପ୍ରଥମ ରୋମାଣ୍ଟିକ୍ ଗୀତ ‘ମନର ସୁଆଦ କାଇଁ ଆଜି/ ଟିକେ ଖଟା ଟିକେ ମିଠା ଲାଗେ...’ଗୀତଟିକୁ ଲୋକେ ବେଶ୍ ପସନ୍ଦ କରିଛନ୍ତି । ଗୀତଟିରେ ସଞ୍ଚିତା ଶୁଭଦର୍ଶିନୀ ଏବଂ ଆଶିଷ ପ୍ରଧାନ କଣ୍ଠଦାନ କରିଥିବା ବେଳେ ସୂର୍ଯ୍ୟମୟୀ ଏବଂ ଅଭିଜିତ୍‌ଙ୍କ ଉପରେ ଏହା ଦୃଶ୍ୟାୟିତ ହୋଇଛି । ସିନେମାଟି ଏପ୍ରିଲ୍ ୨୬ରେ ପ୍ରେକ୍ଷାଳୟକୁ ଆସିବ । ମୌଳିକ କାହାଣୀ ଉପରେ ଆଧାରିତ ଏହି ସିନେମାର ମୁଖ୍ୟ ଚରିତ୍ରରେ ସୂର୍ଯ୍ୟମୟୀ ନଜର ଆସିବେ । ଟିକି ପଟ୍ଟନାୟକଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଦାୟିତ୍ୱରେ ରାଜେନ୍ଦ୍ର ମହାନ୍ତ ଅଛନ୍ତି । ଏହାର କାହାଣୀ ଶୁଭଶ୍ରୀ ଶୁଭସ୍ମିତା ଲେଖିଥିବା ବେଳେ ସଂଳାପ ରଚନା କରିଛନ୍ତି ସୁମିତ ପଣ୍ଡା । ସିନେମାର ଗୀତ ରଚନା କରିଛନ୍ତି ସ୍ମିତ ପଟ୍ଟନାୟକ, ସୁମିତ ପଣ୍ଡା । ସଂଗୀତ ନିର୍ଦ୍ଦେଶନାରେ ଅଛନ୍ତି ସୋମେଶ ଶତପଥୀ ଏବଂ ଗୌରବ ଆନନ୍ଦ । ଗୀତ ଗୁଡ଼ିକରେ କଣ୍ଠଦାନ କରିଛନ୍ତି ସଞ୍ଚିତା ଶୁଭଦର୍ଶିନୀ, ଆଶିଷ ପ୍ରଧାନ, ଗୌରବ ଆନନ୍ଦ, ଅନୁରାଧା ପାଣିଗ୍ରାହୀ । ସେହିପରି ସିନେମାର ବିଭିନ୍ନ ଚରିତ୍ରରେ ନୈନା ଦାସ, ଶ୍ରଦ୍ଧା, ସୁକାନ୍ତ ରଥ, ପ୍ରୀତିରାଜ ଶତପଥୀ, ଭାସ୍ୱତୀ ବସୁ, ଚୌଧୁରୀ ଜୟପ୍ରକାଶ ଦାସଙ୍କ ନିଖୁଣ ଅଭିନୟ ଦେଖିବାକୁ ମିଳିବ । ସିନେମାଟିକୁ ଦର୍ଶକେ ବେଶ୍ ପସନ୍ଦ କରିବେ ବୋଲି ଏହାର ଟିମ୍ ପୂରା ଆଶାବାଦୀ ଅଛି । ■

## ‘ଡିଓଡି ଡବଲ୍ସ ଲିଗ୍’ରେ ନୃତ୍ୟ ମହୋତ୍ସବ

ଜୀ-ସାର୍ଥକର ଲୋକପ୍ରିୟ ଡ୍ୟାନ୍ସ ରିଆଲିଟି ଶୋ’ ‘ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ: ଡବଲ୍ସ ଲିଗ୍’କୁ ଦର୍ଶକୀୟ ଆଦୃତି ମିଳିପାରିଛି । ଏଥିରେ ଟେଲିଭିଜନର ଆଗଧାଡ଼ିର ଅଭିନେତା ଅଭିନେତ୍ରୀଙ୍କ ଯୋଡ଼ି ଡ୍ୟାନ୍ସ ଦେଖିବାକୁ ମିଳୁଛି । ଦମ୍‌ଦାର୍ ଡ୍ୟାନ୍ସ ସାଙ୍ଗକୁ ସେମାନଙ୍କର କମେଡି ନାଚ ଓ ଖେଳକୁ ଅଧିକ ମନୋରଞ୍ଜନଧର୍ମୀ କରିପାରିଛି । ତେବେ ଆଗାମୀ ଅଧ୍ୟାୟରେ ଡିଓଡି ମଞ୍ଚରେ ନୃତ୍ୟ ମହୋତ୍ସବ ଦେଖିବାକୁ ମିଳିବ । ଭାରତର ବିଭିନ୍ନ ନୃତ୍ୟ ଶୈଳୀକୁ ପ୍ରଦର୍ଶନ କରିବେ ଶୋ’ର ପ୍ରତ୍ୟେକ ପ୍ରତିଯୋଗୀ । ଅନ୍ୟପଟେ ଏହି ୧୨ ଯୋଡ଼ିଙ୍କ ଦମ୍‌ଦାର ନୃତ୍ୟକୁ ପରଖୁଛନ୍ତି ଶୋ’ର ବିଚାରପତି ଦେବାଶିଷ ଓ ହରିହର । ଶୋ’କୁ ସଞ୍ଚାଳନ କରୁଛନ୍ତି ସୁଜିତ୍ ଓ ଚାନ୍ଦିନୀ । ■



## କିଏ ଜିତିବ ‘ଭଏସ୍ ଅଫ୍ ଓଡ଼ିଶା’

ତରଙ୍ଗ ଚ୍ୟାନେଲର ଲୋକପ୍ରିୟ ସଂଗୀତଭିତ୍ତିକ ରିଆଲିଟି ଶୋ’ ‘ଭଏସ୍ ଅଫ୍ ଓଡ଼ିଶା ସିଜନ୍-୫’କୁ ଦର୍ଶକେ ବେଶ୍ ପସନ୍ଦ କରୁଛନ୍ତି । ପ୍ରତିଯୋଗୀଙ୍କ ସୁନ୍ଦର ଗୀତ ବିଚାରପତି ତଥା ଦର୍ଶକଙ୍କ ମନ ଜିଣିପାରିଛି । ତେବେ ଏଇ ଏପ୍ରିଲ ୨୧ରେ ଏହାର ଗ୍ରାଣ୍ଡ ଫିନାଲେ ଦେଖିବାକୁ ମିଳିବ । ଗ୍ରାଣ୍ଡ ଫାଇନାଲ୍‌ରେ ଯୋଗ ଦେବେ ପ୍ରଖ୍ୟାତ ବଂଶୀବାଦକ ପଣ୍ଡିତ ହରି ପ୍ରସାଦ ଚୌରାସିଆ । ଏଥିରେ ତାଙ୍କୁ ସମ୍ମାନିତ କରାଯିବା ସହ ତାଙ୍କ ଉପସ୍ଥିତି ପ୍ରତଯୋଗୀଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିବ । ଗ୍ରାଣ୍ଡ ଫାଇନାଲ୍‌ରେ ସତ୍ୟବ୍ରତ, ଶାଶ୍ୱତ ଶୁଭଙ୍କର, ପାୟଲ ନନ୍ଦ, ଇପ୍‌ସିତ ପତି, ସଚିନ ରାଉତ, ଆକାଶ ମହାନ୍ତି ଅଛନ୍ତି । ଏହି ୬ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ କିଏ ହେବ ଓଡ଼ିଶାର ନୂଆ ସ୍ୱର, ତାହା ଦେଖିବାକୁ ବାକି ରହିଲା । ଏହି ଶୋ’ରେ ତିନି ବିଚାରକ- ଦୀପ୍ତି, ଶଶାଙ୍କ, ଅଭିଷେକଙ୍କୁ ନେଇ ତିନିଟି ଦଳ କରାଯାଇଥିଲା । ପ୍ରତ୍ୟେକ ଦଳର ପ୍ରତିଯୋଗୀଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା । ତା’ସହ ସେମାନଙ୍କୁ ପରଖି ଥିଲେ ମୁଖ୍ୟ ବିଚାରକ ପ୍ରେମ ଆନନ୍ଦ ଏବଂ ଗୁଡ୍‌ଲି ରଥ । ଏବେ କେଉଁ ଦଳରୁ କିଏ ଓଡ଼ିଶାର ସ୍ୱର ହେବ, ତାହା ଦେଖିବାକୁ ବାକି ରହିଲା । ଶୋ’କୁ ଶୁଭମ୍ ସଂଚାଳନ କରୁଛନ୍ତି । ଆସନ୍ତା ରବିବାର ରାତି ୮.୩୦ରେ ଏହା ପ୍ରସାରିତ ହେବ । ■





କଲେଜ ଶିକ୍ଷା କେବଳ କେବଳ ଡିଗ୍ରୀ ହାସଲ ପାଇଁ, ସେଥିରୁ ସେ ସମ୍ପୂର୍ଣ୍ଣ ଜ୍ଞାନ ପାଇପାରିବ ନାହିଁ। ଅପରପକ୍ଷରେ ଇଣ୍ଟରନେଟ୍ ଏଥିପାଇଁ ଧନ୍ୟବାଦାର୍ହ ଯେ ଜଣେ ଯାହା ଚାହିଁବ ସେଥିରୁ ଶିଖିପାରିବ।
-ଏଲୋନ୍ ମସ୍କ

ସକାଳ THE SAKALA

## ସୁପ୍ରିମକୋର୍ଟରେ ପୁରୁଣା ଭୋଟବାକ୍ସ ବ୍ୟବସ୍ଥା ପ୍ରଚଳନ ମାମଲା

# ଇଭିଏମ୍ ସର୍ବୋତ୍ତମ ବିକଳ୍ପ

ଭୋଟ କାଗଜ(ବାଲଟ ପେପର) ବ୍ୟବସ୍ଥାର ନିର୍ବାଚନରେ ବୁଥ୍ ଜବରଦଖଲ, ସଂଗଠିତ ରିଗିଂ ଏବଂ ଭୋଟିଂ ଜାଲିଆତିକୁ ରୋକିବା ପାଇଁ ୧୯୭୦ ଦଶକରେ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେସିନ ବା ଇଭିଏମ୍ ଭାରତରେ ତିଆରି ହୋଇ ୧୯୮୨ରେ କେରଳ ବିଧାନସଭାର ପରବୁର ଆସନର ୧୨୩ ରୁ ୫୦ ବୁଥ୍‌ରେ ଏହାର ପରୀକ୍ଷାମୂଳକ ବ୍ୟବହାର କରାଯାଇଥିଲା। ସବୁ ରାଜନୈତିକ ଦଳ ଏହି ମେସିନ୍‌ର ଚମତ୍କାରିତା ଦେଖି ସନ୍ତୋଷ ପ୍ରକାଶ କଲେ। ଏହାପରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାରତୀୟ ଇଲେକ୍ଟ୍ରୋନିକ୍ସ ନିଗମ (ଇସିଆଇଏଲ୍) ଏହାର ଉତ୍ପାଦନ କାର୍ଯ୍ୟ ହାତକୁ ନେଲା। ୧୯୮୦ ଅଗଷ୍ଟ ୬ରେ ନିର୍ବାଚନ କମିଶନ ସବୁ ରାଜନୈତିକ ଦଳଙ୍କ ସହିତ ବୈଠକ କରି ସର୍ବସମ୍ମତିକ୍ରମେ ଦେଶର ପରବର୍ତ୍ତୀ ନିର୍ବାଚନଗୁଡ଼ିକୁ ଇଭିଏମ୍ ମାଧ୍ୟମରେ କରିବାକୁ ନିଷ୍ପତ୍ତି ନେଲେ। ଭାରତୀୟ ସମ୍ବିଧାନର ଧାରା ୩୨୪ ଅନୁସାରେ ଭୋଟ କାଗଜ ପରିବର୍ତ୍ତେ ଇଭିଏମ୍ ପ୍ରଚଳିତ ହେଲା। ଯନ୍ତ୍ରର ପ୍ରୟୋଗ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ ବ୍ୟବସ୍ଥାକୁ କେବଳ ଆଧୁନିକ ଓ ସରଳ କଲା ନାହିଁ, ଏହାର ଗଣତି, ରେକର୍ଡ ରଖିବା ଓ ଅନ୍ୟାନ୍ୟ କାର୍ଯ୍ୟକୁ ସହଜ କରିଦେଲା। ଦେଶରେ ୧୯୯୮-୯୯ ଠାରୁ ସବୁଠି ଇଭିଏମ୍ ସୁବିଧା ବାଧ୍ୟତାମୂଳକ ହେଲା ଏବଂ ତଦନୁସାରେ ପୋଲିଂ କର୍ମଚାରୀଙ୍କୁ ମଧ୍ୟ ତାଲିମ ପ୍ରଦାନ କରାଯାଇ ଏ କ୍ଷେତ୍ରରେ ଏକ ଐତିହାସିକ ପରିବର୍ତ୍ତନ ଆସିଲା। ଭୋଟ କାଗଜରେ ପ୍ରାର୍ଥୀଙ୍କ ଚିହ୍ନରେ ମୋହର ମାରି ତାକୁ ଭୋଟ୍ ବାକ୍ସରେ ପକାଇବା ଓ ଗଣତିପୂର୍ବରୁ ଭୋଟ କାଗଜକୁ ବିଡ଼ା ବିଡ଼ା କରି ଗଣିବାର ସମୟସାପେକ୍ଷ, ଜଟିଳ ଓ ବିରକ୍ତିକର ବ୍ୟବସ୍ଥାର ଅବସାନ ଘଟିଲା।

ନୂଆ ବ୍ୟବସ୍ଥା ସିନା ଆସିଲା, ଏହାସହିତ ବିବାଦ ଓ ସନ୍ଦେହ ମଧ୍ୟ ମୁଣ୍ଡ ଟେକିଲା। କଥା ଉଠିଲା ଯେ ଇଭିଏମ୍‌ରେ କାରସାଦି କରି କର୍ତ୍ତୃପକ୍ଷ ଚାହିଁଲେ କାହାକୁ ଜିତାଇ କିମ୍ବା ହରାଇ ପାରନ୍ତି। ଏହି ଯନ୍ତ୍ରର ନିର୍ଭୁଲତା ବିଶ୍ୱାସଯୋଗ୍ୟ ନୁହେଁ ଏବଂ ବୈଷୟିକ ତ୍ରୁଟି ଏଥିରେ ରହିଛି ବୋଲି ଅନେକ ଅଭିଯୋଗ କରି ଅଦାଲତକୁ ଗଲେ। ପରେ ସୁପ୍ରିମକୋର୍ଟ ନିର୍ଦ୍ଦେଶକ୍ରମେ ଏଥିରେ ଭିଭିପାଟ (ଭୋଟର ଭେରିଫିଏବଲ ପେପର ଅଡିଟ୍ ଟ୍ରେଲ) ବ୍ୟବସ୍ଥା କରାଗଲା। ଏଥିରେ ଭୋଟର ଯେଉଁ ପ୍ରାର୍ଥୀଙ୍କୁ ଭୋଟ୍ ଦେଉଛନ୍ତି, ତାହା ତାଙ୍କ ଖାତାକୁ ଯାଉଥିବାର ଚିତ୍ର ପ୍ରଦର୍ଶନ ସହିତ ଭୋଟରଙ୍କୁ ଏକ କାଗଜ ଚିଠା ମଧ୍ୟ ମିଳୁଥିଲା।

ସେବେଠାରୁ ଏଯାବତ ଅନେକ ସାଧାରଣ ଓ ବିଧାନସଭା ନିର୍ବାଚନ ଗଲାଣି। ତା'ସତ୍ତ୍ୱେ ଇଭିଏମ୍‌ର ବିଶ୍ୱସନୀୟତାକୁ ନେଇ ବିରୋଧୀ ଦଳମାନଙ୍କରେ ସନ୍ଦେହ ଲାଗିରହିଛି। ଅବଶ୍ୟ ଉଭୟ ନିର୍ବାଚନ କମିଶନ ଓ ସୁପ୍ରିମକୋର୍ଟ ଇଭିଏମ୍‌ର ବିଶ୍ୱସନୀୟତାକୁ ପ୍ରମାଣପତ୍ର ଦେଇଛନ୍ତି। ଏପରିକି ଦିଲ୍ଲୀର ଶାସକ 'ଆପ' ଦଳ ଇଭିଏମ୍ ଯନ୍ତ୍ରକୁ ଇଚ୍ଛାମତେ ଦୁରୁପଯୋଗ କରିହେବ ବୋଲି ଦାବି କରିବାରୁ ନିର୍ବାଚନ କମିଶନ୍ ଦେଶସାରା ଖୋଲା ଇସ୍ତାହାର ଦେଇ ଆହ୍ୱାନ ଜଣାଇଥିଲେ ଯେ ଇଭିଏମ୍ ଯନ୍ତ୍ରକୁ ସର୍ବସମ୍ମୁଖରେ ଦୁରୁପଯୋଗ କରାଯାଉଛି ବୋଲି ପ୍ରଦର୍ଶନ କରାଯାଉ। ଏହି ପରୀକ୍ଷଣ ଓ ପ୍ରଦର୍ଶନରେ 'ଆପ୍' ଦଳର ଦାବି ଭୁଲ୍ ପ୍ରମାଣିତ ହେଲା ଏବଂ ଅନ୍ୟ କେହି ଇଭିଏମ୍ ଯନ୍ତ୍ର ପରିଚାଳନାକୁ ତ୍ରୁଟିଯୁକ୍ତ ବୋଲି ପ୍ରମାଣିତ କରିପାରିଲେ ନାହିଁ। ଏହାପରଠାରୁ ଏହି ବିବାଦ ଥମିଲା ସତ, କିନ୍ତୁ ବିରୋଧୀଦଳମାନେ ଭୋଟରେ ହାରିଲେ ଇଭିଏମ୍ ମୁଣ୍ଡରେ ଅଠା ବୋଳିବାକୁ ଏବେ ବି ପଛଉ ନାହାନ୍ତି। ଭୋଟରେ ଜିଣିଲେ ଇଭିଏମ୍ ଜିନ୍ଦାବାଦ, ହାରିଲେ ଇଭିଏମ୍ ମୁର୍ଦ୍ଦାବାଦ୍।

ସମ୍ପ୍ରତି ଇଭିଏମ୍‌କୁ ନାକଚ କରି ପୁରୁଣା ଭୋଟ ବାକ୍ସ ବ୍ୟବସ୍ଥା ଲାଗୁ କରାଯାଉ ବୋଲି କେତେକ ବେସରକାରୀ ଅନୁଷ୍ଠାନ ମାମଲା ସୁପ୍ରିମକୋର୍ଟରେ ଉଠାଇଥିଲେ। ଏହା ଥିଲା ପ୍ରଚଳିତ ଆଧୁନକ ଭୋଟ ବ୍ୟବସ୍ଥାକୁ ବିଗାଡ଼ିବାକୁ ଏକ ଚକ୍ରାନ୍ତ। ଅଭିଯୋଗକାରୀମାନେ କହନ୍ତି ଯେ ଜର୍ମାନୀ ଭଳି ପାଶ୍ଚାତ୍ୟ ରାଷ୍ଟ୍ରରେ ଇଭିଏମ୍ ବ୍ୟବସ୍ଥାକୁ ବଦଳାଇ ପୁନର୍ବାର ଭୋଟ ବାକ୍ସ ବ୍ୟବସ୍ଥା ପ୍ରଚଳନ କରାଯାଇଛି। ତେଣୁ ଭାରତରେ ପୁଣି ସେଇ ପୁରୁଣା ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଉ। ୨୦୨୪ ସାଧାରଣ ନିର୍ବାଚନରେ ପ୍ରଥମ ପର୍ଯ୍ୟାୟ ଭୋଟଦାନର ମାତ୍ର ତିନିଦିନ ପୂର୍ବରୁ ସର୍ବୋଚ୍ଚ ଅଦାଲତ ଏହି ମାମଲାରେ ମନ୍ତବ୍ୟ ଦେଇଛନ୍ତି ତାହା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ଅବଶ୍ୟ ଆଜି (ଗୁରୁବାର) ଏ ସଂକ୍ରାନ୍ତ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ତେବେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇ ଯାଇଥିବାରୁ ଇଭିଏମ୍ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ବା ସ୍ଥଗିତାଦେଶ ସମ୍ଭାବନା ନାହିଁ। ଏହି ମାମଲାର ଆବେଦନକାରୀ ଜଣାଶୁଣା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଓ ଆଉ କେତେକ ପ୍ରମୁଖ ଆଇନଜୀବୀ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଥିଲେ ଯେ ଇଭିଏମ୍‌ରେ ଭୋଟଗ୍ରହଣ ହେଉ କିନ୍ତୁ ପ୍ରତ୍ୟେକ ଭୋଟରଙ୍କୁ ଭିଭିପାଟ୍ ଯନ୍ତ୍ର ଦ୍ୱାରା ଏହାର ଏକ ଛାପା କାଗଜ ତତ୍କାଳ ଦିଆଯାଉ, ଯାହାକୁ ସେମାନେ ନେଇ ଗୋଟିଏ ଭୋଟ ବାକ୍ସରେ ପକାଇବେ। ଏହାଦ୍ୱାରା ଭୋଟଗ୍ରହଣ ପ୍ରକ୍ରିୟା ସ୍ୱଚ୍ଛ ତଥା ତ୍ରୁଟିଶୂନ୍ୟ ହୋଇପାରିବ। ଆହୁରି ମଧ୍ୟ ଅପିଲ କରାଯାଇଥିଲା ଯେ ଇଭିଏମ୍ ବ୍ୟବସ୍ଥାର ଅବସାନ ଘଟାଇ ଭୋଟ ବାକ୍ସ ବ୍ୟବସ୍ଥା ପୁନଃପ୍ରବର୍ତ୍ତନ କରାଯାଉ।

ବିଚାରପତି ସଞ୍ଜୀବ ଖାନ୍ନା ଓ ଦୀପଙ୍କର ଦତ୍ତଙ୍କ ପୀଠ ଏହି ଆବେଦନକୁ ଗ୍ରହଣ କରିନାହାନ୍ତି। ବିଚାରପତିଦ୍ୱୟ କହିଛନ୍ତି ଯେ ସାମ୍ପ୍ରତିକ ଭୋଟ ବ୍ୟବସ୍ଥା ଉପରେ ଭରସା କର ଓ ଏଥିରେ ବିଭ୍ରାଟ କରିବା ପ୍ରଚେଷ୍ଟା କରନାହିଁ। ବିଚାରପତି ଦ୍ୱୟ ଯଥାର୍ଥରେ କହିଛନ୍ତି ଯେ ଭାରତ ଭଳି ପ୍ରକାଣ୍ଡ ଗଣତନ୍ତ୍ରରେ ଭୋଟ୍ ଦାନ ଓ ଗଣନା ପାଇଁ ଇଭିଏମ୍ ବ୍ୟବସ୍ଥା ସବୁଠୁ ଭଲ। ଦ୍ୱିତୀୟତଃ, ଏହା ଭୋଟ ବାକ୍ସ ବ୍ୟବସ୍ଥାଠାରୁ ବହୁଗୁଣରେ ସୁବିଧାଜନକ ଓ ନିରାପଦ। ଯେଉଁ ଦେଶମାନେ ଇଭିଏମ୍ ପରିବର୍ତ୍ତେ ପୁରୁଣା ବ୍ୟବସ୍ଥାକୁ ଆପଣାଉଛନ୍ତି, ସେମାନଙ୍କ ମୋଟ୍ ଜନସଂଖ୍ୟା ଆମ ଦେଶର କ୍ଷୁଦ୍ର ରାଜ୍ୟଠାରୁ ମଧ୍ୟ କମ୍।

ଭୋଟିଂ ବ୍ୟବସ୍ଥାରେ ଉନ୍ନତି ଆଣିବା, ଟେକ୍ନୋଲୋଜିର ପ୍ରୟୋଗ କରି ଏହାକୁ ସୁରକ୍ଷିତ ଓ ବିଶ୍ୱସନୀୟ କରିବା ଆମ ସମସ୍ତଙ୍କର କାମ। ଭାରତୀୟ ନିର୍ବାଚନ ପ୍ରକ୍ରିୟା ପାଇଁ ମଧ୍ୟ ଏହା ହିଁ ସର୍ବୋତ୍ତମ ବ୍ୟବସ୍ଥା। ଦ୍ୱିତୀୟ କଥା ହେଲା ସବୁ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ସତ୍ତ୍ୱେ ଇଭିଏମ୍‌ର ବିଶ୍ୱସନୀୟତା ଘେନି ଯଦି କାହାର ଆପତ୍ତି ଥାଏ, ତେବେ ସେ ଉପଯୁକ୍ତ ତଥ୍ୟ, ପ୍ରମାଣ ଓ ତ୍ରୁଟି ଦର୍ଶାଇବା ଆବଶ୍ୟକ। ତ୍ରୁଟିକୁ ଉପସ୍ଥାପିତ ନ କରି କେବଳ ଅନୁମାନ ଓ ସନ୍ଦେହରେ ଏକ ବ୍ୟବସ୍ଥାକୁ ବଦନାମ କରି ବନ୍ଦ କରିବା ଠିକ୍ ନୁହେଁ। ତେଣୁ ଆବେଦନକାରୀଙ୍କୁ ବିଚାରପତି ଦ୍ୱୟ ପ୍ରମାଣ ମାଗିଛନ୍ତି। ଇଭିଏମ୍ ଏକ ଯନ୍ତ୍ର ଏବଂ ଏଥିରେ ବୈଷୟିକ ସମସ୍ୟା ଓ ତ୍ରୁଟି ରହିବା ଅସ୍ୱାଭାବିକ ନ ହୋଇପାରେ। ତେବେ ସେ ତ୍ରୁଟିକୁ ଠୋସ୍ ଦେଖାଇଲେ ଏହାର ସଂଶୋଧନ କରାଯାଇପାରିବ। ନାଗରିକଙ୍କ ଜାଣିବାର ଓ ଭୋଟ୍ ଗୋପନୀୟତାର ଅଧିକାର ରହିଛି। କୌଣସି ବିକଳ୍ପ ବ୍ୟବସ୍ଥା ତାହାକୁ ଛଡ଼ାଇ ନେଇ ପାରିବ ନାହିଁ। ତେବେ ତ୍ରୁଟିକୁ ଚିହ୍ନଟ ନ କରି ଅକାରଣ ଇଭିଏମ୍‌କୁ ଦୋଷ ଦେବା ଅର୍ଥ ଅନାବଶ୍ୟକ ପ୍ରତିବନ୍ଧକ ସୃଷ୍ଟି କରିବା। ଇଭିଏମ୍ ମାଧ୍ୟମରେ ଭୋଟ ହେରଫେର ଆଉ ପ୍ରସଙ୍ଗ ହୋଇ ରହିନାହିଁ। ଏହାକୁ ନେଇ ଅଯଥା ଅଦାଲତଙ୍କ ସମୟ ବରବାଦ କରିବା ଅନୁଚିତ ବୋଲି ବିଚାରପତି ଆବେଦନକାରୀଙ୍କୁ ତାଗିଦ କରିଛନ୍ତି।

# ନୀଳ ଅଙ୍ଗାର



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା
ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

ଯେତେବେଳେ ଆମେ ଅଙ୍ଗାର କଥା ଚିନ୍ତା କରୁ ଆମ ମାନସ ଚକ୍ଷୁରେ ଉଭା ହୁଏ ଅତ୍ୟନ୍ତ କଳାରଙ୍ଗର ଏକ ପଦାର୍ଥ। ତେବେ ପ୍ରକୃତି କ୍ଷେତ୍ରରେ ଏହା ରହିଛି ବହୁ ରୂପ ଏବଂ ରଙ୍ଗରେ। ସେଗୁଡ଼ିକୁ 'ଏଲୋଟ୍ରୋପସ୍' ବୋଲି କୁହାଯାଏ। ଉଦାହରଣ ସ୍ୱରୂପ ଦୀପ ଶିଖାରୁ ଓ ପୋଡ଼ାକାଠରୁ ଉତ୍ପନ୍ନ ମସୃଣ ଅଙ୍ଗାର ସମ୍ପୂର୍ଣ୍ଣ କଳା ହେଲା ବେଳେ ଗ୍ରାଫାଇଟ୍‌ର ରଙ୍ଗ ଧୂସର-କଳା, ମୁକ୍ତା ରଙ୍ଗହୀନ ଏବଂ ଫୁଲେରେନ୍‌ସେ ହଳିଦିଆରୁ ବାଦାମୀ। ଏହି ଅଜୈବ ଅଙ୍ଗାର ମଧ୍ୟ ଆହୁରି ଅନେକ ପ୍ରକାର ଅଛି। ଅନ୍ୟପକ୍ଷରେ ଜୈବ ଅଙ୍ଗାରକୁ ଭିନ୍ନ ଭିନ୍ନ ଅନୁସାରେ ବିଭକ୍ତ କରାଯାଏ, ତାହାର ଧର୍ମ ଏବଂ ପ୍ରକୃତି କ୍ଷେତ୍ରରେ ଆବଣ୍ଟନ ଉପରେ ନିର୍ଭର କରି। ଏଥି ଅନୁଯାୟୀ ତାହା କଳା, ବାଦାମୀ, ଲାଲ୍, ନୀଳ, ସବୁଜ କିମ୍ବା ନୀଳରୁ ସବୁଜ ହୋଇପାରେ।

ତନ୍ମଧ୍ୟରୁ ହେନ୍ତାଳବଣ, ଲବଣାକ୍ତ ଆର୍ଦ୍ରଭୂମି, ସମୁଦ୍ରଘାସ (ଅଗଚ୍ଛା ଓ ପଟୁମାଟି ସମେତ) ଆଦି ସାମୁଦ୍ରିକ ପରିବେଶ ଶୋଷଣ କରୁଥିବା ଅଙ୍ଗାରକୁ 'ନୀଳ ଅଙ୍ଗାର' ରୂପେ ନାମିତ କରାଯାଇଛି। ସେହିପରି ଭୂଭାଗର ପରିସଂସ୍ଥା ଦ୍ୱାରା ଶୋଷିତ ଅଙ୍ଗାରକୁ 'ସବୁଜ ଅଙ୍ଗାର' ଏବଂ ଭୂଭାଗର ମଧୁରଜଳ ଆର୍ଦ୍ରଭୂମି ଦ୍ୱାରା ଶୋଷିତ ଅଙ୍ଗାରକୁ 'ନୀଳ-ସବୁଜ ଅଙ୍ଗାର' ବୋଲି କୁହାଯାଉଛି। ଏଗୁଡ଼ିକ ଜଳବାୟୁ ପରିବର୍ତ୍ତନର ଉପଶମ ସହିତ ସମ୍ପୃକ୍ତ। ଅନ୍ୟପକ୍ଷରେ କଳା, ବାଦାମୀ ଏବଂ ଲାଲ୍ ଅଙ୍ଗାରର ପୃଥିବୀର ତାପ ସନ୍ତୁଳନ କିମ୍ବା ହିମମଣ୍ଡଳୀୟ ବିଗଳନ ସହିତ ସମ୍ପର୍କ ରହିଛି।

ପରିବେଶବିତ୍‌ମାନଙ୍କ ମତରେ 'ନୀଳ ଅଙ୍ଗାର' ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ ଲାଗି ଅତୀବ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ପରିସଂସ୍ଥା ପୃଥିବୀରେ ସବୁଠାରୁ ଫଳପ୍ରଦ। ଅର୍ଥାତ ଏହା ଖୁବ୍ ଶୀଘ୍ର ବଢ଼େ ଏବଂ ସେହି ପ୍ରକ୍ରିୟାରେ ଅଧିକ ମାତ୍ରାରେ ଅଙ୍ଗାର ଶୋଷଣ କରେ। ପୁନଶ୍ଚ ଏହାର ମୃତ୍ତିକା ମୁଖ୍ୟତଃ ବାୟୁ ବା ଅମ୍ଳଜାନ ବିହୀନ ହୋଇଥିବାରୁ ଏଥିରେ ସଞ୍ଚିତ ଅଙ୍ଗାର ଖୁବ୍ ମନ୍ଥର ଭାବେ ବିଗଳିତ ହୁଏ। ଏଣୁ ତାହା ତହିଁରେ ହଜାର ହଜାର ବର୍ଷ ଧରି ରହିଥାଏ। ଏକ ଆକଳନ ଅନୁସାରେ ବର୍ତ୍ତମାନ 'ସବୁଜ ଅଙ୍ଗାର' ପରିସଂସ୍ଥାରେ ପ୍ରାୟ ୩୩ ହଜାର ନିୟୁତ ମେଟ୍ରିକ୍‌ଟନ୍ ଅଙ୍ଗାର ଗଚ୍ଛିତ ହୋଇରହିଛି। ଅଙ୍ଗାର ଶୋଷଣ ବ୍ୟତୀତ ଏଗୁଡ଼ିକ ଆହୁରି ଅନେକ ଉପକାର ଏବଂ ସେବା ପ୍ରଦାନ କରିଥାଏ। ସାରାଦୁନିଆରେ ତାହା ବାତ୍ୟା ଓ ଉଚ୍ଚ ଲହରୀରୁ ସୁରକ୍ଷା ଦେବା, ଉପକୂଳରେ ଭୂସ୍ଖଳନ ରୋକିବା, ଉପକୂଳ ଅଞ୍ଚଳର ଜଳର ମାନ ରକ୍ଷା କରିବା, ମାଛ ଏବଂ ବିଲୁପ୍ତ ପ୍ରାୟ ଅନ୍ୟାନ୍ୟ ଜଳଜୀବମାନଙ୍କୁ ବାସ ଯୋଗାଇବା ଏବଂ ସ୍ଥାନୀୟ ଲୋକଙ୍କୁ ଖାଦ୍ୟ ଓ ନିରାପତ୍ତା ଦେବା ଆଦି କାର୍ଯ୍ୟ କରେ।

ଏହି ପରିସଂସ୍ଥାର ତିନୋଟି ମୁଖ୍ୟ ଅଙ୍ଗ ହୋଇଥିବା ହେନ୍ତାଳବଣ, ଲବଣାକ୍ତ ଆର୍ଦ୍ରଭୂମି ଏବଂ ସମୁଦ୍ର ଘାସମାନଙ୍କର ଅଙ୍ଗାର ଶୋଷଣ ସାମର୍ଥ୍ୟ ସମ୍ପର୍କରେ ନିମ୍ନରେ ସୂଚନା ପ୍ରଦାନ କରାଯାଇଛି। ହେନ୍ତାଳ ବଣର ବାର୍ଷିକ ଅଙ୍ଗାର ଶୋଷଣ ହାର ବର୍ଗମିଟର ପିଛା ୨୨୬ ଗ୍ରାମ୍ ହୋଇଥିବା ବେଳେ ଲବଣାକ୍ତ ଆର୍ଦ୍ରଭୂମିର ୨୧୮ ଗ୍ରାମ୍, ସମୁଦ୍ର ଘାସର ୧୩୮ ଗ୍ରାମ୍, ନାତିଶିତୋଷ୍ଣ ଅରଣ୍ୟର ୫.୧ ଗ୍ରାମ୍, ଉତ୍ତରଗୋଲାର୍ଦ୍ଧର ପର୍ଣ୍ଣମୋଚି ଅରଣ୍ୟର ୪.୬ ଗ୍ରାମ୍, ବିଷୁବୀୟ ଅରଣ୍ୟର ୪.୦ ଗ୍ରାମ୍। ଏଥିରୁ ସ୍ପଷ୍ଟ ଯେ ବିଷୁବୀୟ ଅରଣ୍ୟ ତୁଳନାରେ ହେନ୍ତାଳବଣର ଏହା ପ୍ରାୟ ୫୬ ଗୁଣ ଅଧିକ। କେବଳ ଆଣ୍ଟାର୍କଟିକାକୁ ବାଦ ଦେଲେ, ସମୁଦ୍ର ଉପକୂଳବର୍ତ୍ତୀ 'ନୀଳ ଅଙ୍ଗାର' ପରିସଂସ୍ଥା ପୃଥିବୀର ପ୍ରାୟ ସର୍ବତ୍ର ଦେଖାଯାଏ।



ହେନ୍ତାଳ ବଣ ମୁଖ୍ୟତଃ ବିଷୁବୀୟ ଏବଂ ଅଣ-ବିଷୁବୀୟ ଅଞ୍ଚଳରେ, ବିଶେଷକରି ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ, ମେକ୍ସିକୋ, ବ୍ରାଜିଲ, ନାଇଜେରିଆ, ମାଲେସିଆ, ମିଆଁମାର, ପପୁଆ ନିଉଗିନି, କ୍ୟୁବା, ଭାରତ, ବଙ୍ଗଳାଦେଶ, ମୋଜାମ୍ବିକ୍ ଆଦି ଦେଶରେ ଦୃଷ୍ଟିଗୋଚର ହୁଏ। ସେହିପରି ୟୁରୋପ, ଉତ୍ତର-ଆମେରିକା, ଅଷ୍ଟ୍ରେଲିଆ, ଦକ୍ଷିଣ ଆମେରିକା ଓ ଆଫ୍ରିକା ଇତ୍ୟାଦିର ନାତିଶୀତୋଷ୍ଣ ଅଞ୍ଚଳ ଦେଇ ମେରୁ ପ୍ରଦେଶ ନିକଟବର୍ତ୍ତୀ ଅଞ୍ଚଳରୁ ବିଷୁବୀୟ ଅଞ୍ଚଳ ଯାଏଁ ହେନ୍ତାଳ ବଣ ବ୍ୟାପିଛି। ଅନ୍ୟପକ୍ଷରେ, ସମୁଦ୍ରଘାସ ଆଣ୍ଟାର୍କଟିକା ବ୍ୟତୀତ ସମସ୍ତ ମହାଦେଶୀୟ ସମୁଦ୍ର ଉପକୂଳର ଜଳଭାଗରେ ଥାଏ। ଏହାର ପ୍ରାୟ ୬୦ ରୁ ଅଧିକ ପ୍ରଜାତି ରହିଛି ଏବଂ ତହିଁରୁ ୧୦ ରୁ ୧୩ଟି ବିଷୁବୀୟ ଅଞ୍ଚଳମାନଙ୍କରେ ଏକତ୍ର ଦେଖାଯା'ନ୍ତି। ପୁନଶ୍ଚ ଲବଣା।କ୍ତ ଆର୍ଦ୍ରଭୂମି ମଧ୍ୟ ଏ ସମସ୍ତ ଅଞ୍ଚଳରେ ରହିଛି।

'ନୀଳ ଅଙ୍ଗାର' ପରିସଂସ୍ଥାର ଅଙ୍ଗାର ଶୋଷଣ ସତ୍ତ୍ୱେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ଘନତ୍ୱ ବଢ଼ି ବଢ଼ି ଏବେ ତା'ର ବିପଦଜନକସ୍ତର ନିୟୁତ ପ୍ରତି ୪୧୦ ରୁ ୪୨୦ ଭାଗରେ ପହଞ୍ଚିଲାଣି। ତଥାପି ଏହାର ସୁରକ୍ଷା ଏବଂ ପରିବର୍ଦ୍ଧନ ଲାଗି ଆବଶ୍ୟକ ତତ୍ପରତା ପ୍ରକାଶ ପାଇପାରୁନାହିଁ। ଫଳରେ ଏହା ପରିଣତ ହେଲାଣି ସବୁଠାରୁ ଅଧିକ ବିପଦସଂକୁଳ ପରିସଂସ୍ଥାରେ। ପ୍ରତିବର୍ଷ ତହିଁରୁ ୩, ୪୦, ୦୦୦ରୁ ୯୮୦, ୦୦୦ ହେକ୍ଟର ହାରରେ ବିଲୁପ୍ତ ହେବାରେ ଲାଗିଛି। ଏକ ଆକଳନ ଅନୁସାରେ ବିଗତ କିଛି ଦଶକ ମଧ୍ୟରେ ହେନ୍ତାଳବଣ, ଲବଣାକ୍ତ ଅର୍ଦ୍ରଭୂମି ଏବଂ ସମୁଦ୍ରଘାସ ଯଥାକ୍ରମେ ୬୭%, ୩୫% ଏବଂ ୨୯% ପର୍ଯ୍ୟନ୍ତ ହ୍ରାସ ପାଇଛି। ଏହି ଧାରା ଅବ୍ୟାହତ ରହିଲେ ଆଗାମୀ ୧୦୦ ବର୍ଷ ମଧ୍ୟରେ ଅଣସଂରକ୍ଷିତ ହେନ୍ତାଳବଣ ଶତ ପ୍ରତିଶତ ଏବଂ ଲବଣାକ୍ତ ଆର୍ଦ୍ରଭୂମି ଓ ସମୁଦ୍ରଘାସ ୩୦ ରୁ ୪୦ ଶତାଂଶ ପର୍ଯ୍ୟନ୍ତ ଲୋପ ପାଇଯିବା ଅସମ୍ଭବ ନୁହେଁ।

ଯେତେବେଳେ ନୀଳ ଅଙ୍ଗାର ପରିସଂସ୍ଥା ଅବକ୍ଷୟପ୍ରାପ୍ତ ହୁଏ, ତାହାର କାର୍ଯ୍ୟଢଙ୍ଗ ଓଲଟିଯାଏ। ଏଣୁ ତହିଁରୁ ପ୍ରଚୁର ଅଙ୍ଗାରକାମ୍ଳ ନିର୍ଗତ ହୋଇ ବାୟୁରେ ମିଶେ। ଏହାପଛର କାରଣ ହେଲା ଯେ ମୃତ୍ତିକାରେ ଶହ ଶହ ବର୍ଷ ଧରି ଗଚ୍ଛିତ ଅଙ୍ଗାର ଉନ୍ମୁକ୍ତ ହୋଇପଡ଼େ ଏବଂ ତାହା ତହିଁରୁ ନିର୍ଗତ ହୁଏ। ଏକ ଆକଳନ ଅନୁସାରେ ବର୍ତ୍ତମାନ ଏହି କାରଣରୁ ବର୍ଷକୁ ପ୍ରାୟ ୧.୦୨ ହଜାର ନିୟୁତ ଟନ୍ ଅଙ୍ଗାରକାମ୍ଳ ନିର୍ଗତ ହେଉଛି, ଯାହାକି ବିଶ୍ୱର ସମସ୍ତ ଅରଣ୍ୟ ବିଧ୍ୱଂସ କାରଣରୁ ନିର୍ଗତ ଏହି ବାଷ୍ପର ପ୍ରାୟ ୧୯ ଶତାଂଶ।

ଏପରିସ୍ଥଳେ ଏହାକୁ ସୁରକ୍ଷା ଦେବା ଏବଂ ଏହାର ବୃଦ୍ଧି ଘଟାଇବା ପରିବେଶ ଦୃଷ୍ଟିକୋଣରୁ ଅତ୍ୟାବଶ୍ୟକ ହୋଇପଡ଼ିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏ ଦିଗରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଛି 'ଇଣ୍ଟରନ୍ୟାସନାଲ ବ୍ଲୁ-କାର୍ବନ ଇନିସେନ୍‌ଟିଭ୍'। ଏହା ହେଉଛି ଏକ ଜାଗତିକ ଭାବେ ସଂଯୋଜିତ ପରିଯୋଜନା, ଯାହାକି ଜଳବାୟୁ, ଜୈବ ବିବିଧତା ଏବଂ ଲୋକଙ୍କ ସର୍ବାଙ୍ଗୀନ ସ୍ୱାସ୍ଥ୍ୟ ଲାଗି ସମୁଦ୍ର ଉପକୂଳବର୍ତ୍ତୀ ପରିସଂସ୍ଥାର ସୁରକ୍ଷା ଏବଂ ପୁନରୁଦ୍ଧାର ଦିଗରେ ଦୃଷ୍ଟି ଦେବା ପାଇଁ ଅଭିପ୍ରେତ। ଏଥିଲାଗି ଏହା 'ଇଣ୍ଟରନ୍ୟାସନାଲ ବ୍ଲୁ-କାର୍ବନ୍ ୱାର୍କିଂ ଗ୍ରୁପ୍' ମାଧ୍ୟମରେ ଏହି ପରିସଂସ୍ଥା ସମ୍ପର୍କୀୟ ଅତ୍ୟାବଶ୍ୟକୀୟ ବୈଜ୍ଞାନିକ ଜ୍ଞାନକୌଶଳର ବିକାଶ ଘଟାଇବା ଲକ୍ଷ୍ୟରେ କାର୍ଯ୍ୟ କରେ। ଏହାର ସୁରକ୍ଷା ତଥା ସଦୁପଯୋଗ ଲାଗି ବୈଶ୍ୱିକ ତଥା ଜାତୀୟସ୍ତରରେ ନୀତି ନିର୍ଦ୍ଧାରଣ ଏବଂ କାର୍ଯ୍ୟକ୍ରମ ସ୍ଥିର କରିବା ଲାଗି ପରାମର୍ଶ ଦିଏ। ଏହାର ସହଯୋଗୀ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଅଛନ୍ତି 'ଦି ଇଣ୍ଟରଗଭର୍ଣ୍ଣମେଣ୍ଟାଲ ଓସେନୋଗ୍ରାଫିକ୍ କମିଶନ', 'ଦି କଞ୍ଜରଭେସନ୍ ଇଣ୍ଟରନ୍ୟାସନାଲ' ଏବଂ 'ଦି ଇଣ୍ଟରନ୍ୟାସନାଲ ୟୁନିୟନ୍ ଫର କଞ୍ଜରଭେସନ ଅଫ୍ ନେଚର୍'। ଏହା ଅଧୀନରେ ଚାଲିଥିବା ପ୍ରକଳ୍ପଗୁଡ଼ିକର ଲକ୍ଷ୍ୟ ହେଲା ସାମଗ୍ରିକ ଭାବେ 'ନୀଳ ଅଙ୍ଗାର' ପରିସଂସ୍ଥାର ସୁରକ୍ଷା ଏବଂ ପୁନରୁଦ୍ଧାର।

ବିଶ୍ୱର ସର୍ବବୃହତ୍ 'ନୀଳ ଅଙ୍ଗାର' ପ୍ରକଳ୍ପ 'ଡେଲ୍‌ଟା ବ୍ଲୁ-କାର୍ବନ୍' ପାକିସ୍ତାନ ସ୍ଥିତ ସିନ୍ଧପ୍ରଦେଶର ଦକ୍ଷିଣ-ପୂର୍ବ ଉପକୂଳରେ କାର୍ଯ୍ୟ କରୁଛି। ସେଠାରେ ପ୍ରାୟ ୩୫୦୦୦ ହେକ୍ଟର ଏ ପ୍ରକାର ପରିସଂସ୍ଥାର ସୁରକ୍ଷା ଏବଂ ପୁନରୁଦ୍ଧାର ଦାୟିତ୍ୱରେ ରହିଛି। ସେହିପରି ମେକ୍ସିକୋଠାରେ ପ୍ରାୟ ୧୫୦୦୦ ହେକ୍ଟର ପରିମିତ ଅଞ୍ଚଳରେ ଏପରି ଭୂମିକା ଗ୍ରହଣ କରିଛି 'ବେ ବ୍ଲୁ-କାର୍ବନ୍ ପ୍ରୋଜେକ୍ଟ'। ଏହାବ୍ୟତୀତ ବର୍ତ୍ତମାନ ବିଶ୍ୱର ଅନ୍ୟାନ୍ୟ ଦେଶମାନଙ୍କରେ ମଧ୍ୟ ଏତାଦୃଶ ପ୍ରକଳ୍ପମାନ ଆରମ୍ଭ ହୋଇଛି। ତନ୍ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ ହେଲା ଭାରତର ସୁନ୍ଦରବନରେ 'ଲାଇଭିଲ୍ ହୁଡ୍ ପ୍ରୋଜେକ୍ଟସ୍', ସେନେଗାଲର 'କାସାମାନସ୍', ଇଣ୍ଡୋନେସିଆର 'ୟାଗାନସ୍' ଓ 'ରିସର୍ଚ୍ଚସେଣ୍ଟର ଫର ମେରାଇନ୍ ରିସୋରସେସ୍', ତାଞ୍ଜାନିଆ ଓ ଜିମ୍ବାବ୍‌ୱେର 'ମ୍ୟାନ୍‌ଗ୍ରୋଭ କାର୍ବନ୍ ପ୍ରୋଜେକ୍ଟ' ଇତ୍ୟାଦି। ସମୁଦ୍ର ଉପକୂଳବର୍ତ୍ତୀ ସାମୁଦ୍ରିକ ପରିସଂସ୍ଥାର ସୁପରିଚାଳନା ଏବଂ ପୁନରୁଦ୍ଧାର ଏଗୁଡ଼ିକର ଆଭିମୁଖ୍ୟ। ତେବେ ଏ ସମସ୍ତ ଏକତ୍ର କିମ୍ବା ପରସ୍ପର ସହିତ ସମ୍ପର୍କ ରକ୍ଷା କରି କାର୍ଯ୍ୟ କଲେ ତହିଁରୁ ଅଧିକ ସୁଫଳ ମିଳିପାରନ୍ତା ବୋଲି ବହୁ ପରିବେଶବିତ୍‌ମାନଙ୍କର ମତ।

# ଐତିହ୍ୟ ବିଚାର



ସୁଦର୍ଶନ ସାହୁ
ଭୁବନେଶ୍ୱର, ମୋ: ୮୮୯୫୨୯୫୧୬୫

ଗୋଟିଏ ଜାତି / ସମାଜ କେତେ ପରିମାଣରେ ସମୃଦ୍ଧ, କୁଶଳୀ, ଜ୍ଞାନୀ ଓ ଚତୁର, ତାହା ସେ ଜାତିର ଇତିହାସ ପୃଷ୍ଠାରୁ ସମ୍ପୂର୍ଣ୍ଣ ଜାଣିହୁଏନା। ଐତିହ୍ୟ, ସଂସ୍କୃତି, ପରମ୍ପରାର ଛାପ ସେ ଜାତିର ଉତ୍ତରାଧିକାର ସୂତ୍ରରେ ଚଳି ଆସୁଥିବା ପ୍ରଥା, ପ୍ରଥା ସହିତ ଗଢ଼ି ଉଠିଥିବା ମନ୍ଦିର, ସୌଧ, ଅଟ୍ଟାଳିକା, କୀର୍ତ୍ତିରାଜି ଇତ୍ୟାଦିରୁ ବାରି ହୋଇପଡ଼େ। ତନ୍ମଧ୍ୟରୁ ଐତିହ୍ୟ ଅନ୍ୟତମ ମାନଦଣ୍ଡ। ପ୍ରତ୍ନତାତ୍ତ୍ୱିକ ଖନନ, ସଂରକ୍ଷଣ ଓ ପ୍ରଦର୍ଶନ ସଂଗ୍ରହାଳୟ ଆଦି ଐତିହାସିକ ଭାବେ ଅଙ୍ଗାଙ୍ଗୀ ଜଡ଼ିତ।

ଐତିହ୍ୟକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଏ। ଯଥା - ସ୍ପର୍ଶନୀୟ ଐତିହ୍ୟ ଓ ଅସ୍ପର୍ଶନୀୟ ଐତିହ୍ୟ। ଯାହାକୁ ସ୍ପର୍ଶ କରାଯାଇପାରେ ବା ଯାହାର ଆକାର ଅଛି ତାହା ହେଉଛି ସ୍ପର୍ଶନୀୟ ଐତିହ୍ୟ। ପ୍ରତ୍ନତତ୍ତ୍ୱ(ମନ୍ଦିର, ଅଟ୍ଟାଳିକା, ସ୍ତମ୍ଭ ଇତ୍ୟାଦି) ଓ ସଂଗ୍ରହାଳୟରେ ସ୍ଥାନିତ କଳାକୃତି ସବୁ ସ୍ପର୍ଶନୀୟ ଐତିହ୍ୟରେ ଗଣାଯାଏ। ସେହିପରି ସଙ୍ଗୀତ, ନୃତ୍ୟ, ପର୍ବପର୍ବାଣି, ଯାନିଯାତ୍ରା, ପ୍ରଥା ଆଦି ଅସ୍ପର୍ଶନୀୟ ଐତିହ୍ୟରେ ଗଣାଯାଏ। ଅସ୍ପର୍ଶନୀୟ ଐତିହ୍ୟ ଆକାରହୀନ। ପୁନଶ୍ଚ ଐତିହ୍ୟକୁ ସାଂସ୍କୃତିକ ଓ ପ୍ରାକୃତିକ ଭାବରେ ବିଭକ୍ତ କରାଯାଇପାରେ। ଐତିହ୍ୟ ଏକ ଜାତିର ସାମୂହିକ ସ୍ମୃତିକୁ ବହନ କରିବା ସଙ୍ଗେ ସଙ୍ଗେ ତା'ର ଅସ୍ମିତା ଓ ଗୌରବକୁ ପ୍ରତିପାଦିତ କରିଥାଏ। ଐତିହ୍ୟ ଗୋଟିଏ ଜାତିର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଗୋଟିଏ ଡୋରିରେ ବାନ୍ଧି ରଖିଥାଏ। ଏହା ସ୍ୱୀକାର୍ଯ୍ୟ ଯେ ଅତୀତକୁ (ଐତିହ୍ୟକୁ) ଭବିଷ୍ୟତ ପାଇଁ ବଞ୍ଚାଇ ରଖିବାକୁ ପଡ଼ିବ। ଐତିହ୍ୟର ଗୁରୁତ୍ୱ ଓ ଏହାର ସଂରକ୍ଷଣ ବିଶ୍ୱବାସୀଙ୍କ ମନରେ ସଚେତନତା ଉପଲବ୍ଧ କରାଇବା ଲାଗି ପ୍ରତିବର୍ଷ ଏପ୍ରିଲ ୧୮ ତାରିଖରେ ବିଶ୍ୱ ଐତିହ୍ୟ ଦିବସ ପାଳନ କରାଯାଏ।

ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିରୁ ଓଡ଼ିଶାର କୋଣାର୍କ ମନ୍ଦିର, ମନ୍ଦିର ମାଳିନୀ ଭୁବନେଶ୍ୱର, ପୁରୀ ଜଗନ୍ନାଥ ମନ୍ଦିର, ଯାଜପୁର ବିରଜା କ୍ଷେତ୍ରକୁ ବ୍ରିଟିଶ୍ ଐତିହାସିକ ଆଣ୍ଡ୍ରୁ ଷ୍ଟର୍ଲିଙ୍ଗ ଖୁବ୍ ପ୍ରଶଂସା କରିଛନ୍ତି। ମୁକ୍ତେଶ୍ୱର ମନ୍ଦିର (ଭୁବନେଶ୍ୱର) 'ଓଡ଼ିଶା ସ୍ଥାପତ୍ୟର ମଣି' ବୋଲି ଜେମ୍ସ ଫରଗୁସନ (ବ୍ରିଟିଶ୍ ଐତିହାସିକ) ତାଙ୍କ ଓଡ଼ିଶା ମନ୍ଦିର ସ୍ଥାପତ୍ୟ ଅଧ୍ୟୟନରେ ଉଲ୍ଲେଖିତ କରିଛନ୍ତି। ଅନେକେ କଳିଙ୍ଗ ମନ୍ଦିର ସ୍ଥାପତ୍ୟ ଭାରତର ଅନ୍ୟତମ ଭିନ୍ନ ଶୈଳୀର କଳାନୈପୁଣ୍ୟ ବୋଲି ମତ ରଖନ୍ତି। ଅଦ୍ୟାବଧି ଭାରତର ପ୍ରାୟ ୩୭୦୦ଟି କୀର୍ତ୍ତିରାଜି / ସୌଧ ଥିଲା ବେଳେ ତନ୍ମଧ୍ୟରୁ ୪୦ଟି ୟୁନେସ୍କୋ ଐତିହ୍ୟ ସ୍ଥଳୀର ମାନ୍ୟତା ପାଇଛି। ଓଡ଼ିଶାର କୋଣାର୍କ ୧୯୮୪ ମସିହାରୁ ୟୁନେସ୍କୋ ଐତିହ୍ୟ ସ୍ଥାପତ୍ୟ ରୂପେ ମାନ୍ୟତା ପାଇଛି। ମନ୍ଦିରମାଳିନୀ ଭୁବନେଶ୍ୱରକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ସହର ମାନ୍ୟତା ଦେବା ପାଇଁ ଓଡ଼ିଶା ସରକାର ପ୍ରସ୍ତାବ ଦେଇଛନ୍ତି, ଯାହା ଏ ପର୍ଯ୍ୟନ୍ତ ଆଗେଇ ପାରିନାହିଁ। ଭାରତର ଏକମାତ୍ର ସହର ଅହମ୍ମଦାବାଦକୁ 'ହିଷ୍ଟୋରିକ୍ ୱାର୍ଲଡ ସିଟି' ରୂପେ ଗଣାଯାଇ ୟୁନେସ୍କୋ ବିଶ୍ୱ ଐତିହ୍ୟ ସହରର ମାନ୍ୟତା ଦେଇସାରିଛି। ମନ୍ଦିରମାଳିନୀ ଭୁବନେଶ୍ୱର ଅସୁମାରୀ ବହୁ କାରୁକାର୍ଯ୍ୟରେ ମନ୍ଦିର, ପୁଷ୍କରିଣୀ, ଖିଲଣ, କୁଣ୍ଡ, ଗୁମ୍ଫା ଇତ୍ୟାଦିରେ ଭରପୂର, ଯେଉଁଥିରେ ଉତ୍କଳୀୟ ସ୍ଥାପତ୍ୟର ପରିସ୍ଫୁଟନ ଘଟିଛି। ଆଶା କରାଯାଏ ଆଗାମୀ ବର୍ଷରେ ଆମ ଭୁବନେଶ୍ୱର ବିଶ୍ୱ ଐତିହ୍ୟ ସହର ମଣ୍ଡିତ ହେବ।



ଅଦ୍ୟାବଧି ଭାରତର ୪୦ଟି ୟୁନେସ୍କୋ ଐତିହ୍ୟସ୍ଥଳୀ ମଧ୍ୟରେ ୩୨ଟି କଲଚରାଲ ସାଇଟ୍, ୭ଟି ନାଚ୍ୟୁରାଲ ସାଇଟ୍ ଏବଂ ଗୋଟିଏ ମିକ୍ସଡ ସାଇଟ୍ ରହିଛି। ଏତଦ୍‌ବ୍ୟତୀତ ଭାରତର ୧୪ଟି ଅସ୍ପର୍ଶନୀୟ ସାଂସ୍କୃତିକ ଐତିହ୍ୟ ୟୁନେସ୍କୋ ସୂଚୀରେ ସ୍ଥାନ ପାଇଛି। ସେଗୁଡ଼ିକ ହେଲା- (୧) ରାମଲୀଳା (ଉତ୍ତରଭାରତ), (୨) କେରଳ କୁଟିଆଟମ ନୃତ୍ୟ (ଚକ୍ଷୁ ଅଭିନୟ), (୩) ରମନ ଉତ୍ତରଖଣ୍ଡର ଭୂମିଆଲ ଦେବତାଙ୍କ ପୂଜା ଅର୍ଚ୍ଚନା, (୪) ଛଉନୃତ୍ୟ (ଷଢ଼େଇକଳା, ପୁରୁଲିଆ ଓ ମୟୂରଭଞ୍ଜ), (୫) କାଲବେଲିଆ ସଙ୍ଗୀତ ଓ ନୃତ୍ୟ (ରାଜସ୍ଥାନ), (୬) କଲିକତାର ଦୁର୍ଗାପୂଜା, (୭) ମୁଦିଏଟୁ (ମନ୍ଦିର ପ୍ରାଙ୍ଗଣରେ କାଳୀ ଓ ରାକ୍ଷସ ଦାରିକା ନୃତ୍ୟ ଅଭିନୟ, କେରଳ, (୮) ଲଦାଖର ବୌଦ୍ଧ ଧର୍ମାବଲମ୍ବୀଙ୍କର ଜପତପର ଘଣ୍ଟବାଦନ, (୯) ମଣିପୁର ରାଧାକୃଷ୍ଣ, ପ୍ରେମଲୀଳା ସଂକୀର୍ତ୍ତନ, (୧୦) ପଞ୍ଜାବର ଦାଣ୍ଡିଆଲୁ ଥଟେରା (କଂସାରୀ)ଙ୍କ ପାରମ୍ପରିକ ପ୍ରାଚୀନ ଶୈଳୀରେ କଂସା ପିତଳ ବର୍ତ୍ତନ ତୟାର, (୧୧) ଭାରତୀୟ ଯୋଗ (ଯାହା ବିଶ୍ୱ ବିଦିତ), (୧୨) କୁମ୍ଭମେଳା ପ୍ରୟାଗରାଜ, ହରିଦ୍ୱାର, ଉଜ୍ଜୟିନୀ, (୧୩) ନୋଉ୍ରଜା (ପାର୍ସି ନବବର୍ଷ) ଯାହା ୨ ସପ୍ତାହ ବ୍ୟାପୀ ଧାର୍ମିକ ସଂସ୍କାର ଉତ୍ସବରେ ପରିପୂର୍ଣ୍ଣ, (୧୪) ସଂସ୍କୃତରେ ବେଦ ଉଚ୍ଚାରଣ।

ତେବେ ଓଡ଼ିଶା କଥା ଦେଖିଲେ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ୟୁନେସ୍କୋ 'ଅସ୍ପର୍ଶନୀୟ ସାଂସ୍କୃତିକ ଐତିହ୍ୟ ମାନ୍ୟତା ସୂଚୀରେ ସ୍ଥାନ ଦେବା ଲାଗି ସରକାରଙ୍କ ତରଫରୁ ପ୍ରୟାସ ଆରମ୍ଭ ହୋଇଛି। ଏଥିସହିତ ଅକ୍ଷୟ ତୃତୀୟାରୁ ଆରମ୍ଭ ଚନ୍ଦନଯାତ୍ରା (ଚାପଖେଳ), ତିନି ଠାକୁରଙ୍କର ଅଣବସର, ନୀଳାଦ୍ରି ବିଜେ, ଲକ୍ଷ୍ମୀଙ୍କୁ ରସଗୋଲା ଦେଇ କାଳିଆ ସାଆନ୍ତଙ୍କର ମାନ ଭଞ୍ଜନ ଇତ୍ୟାଦି ଉପକ୍ରମକୁ ସ୍ଥାନିତ କରାଯାଇଛି। ଆଶା ଜଗତରନାଥ ପ୍ରଭୁ ଜଗନ୍ନାଥଙ୍କର ଘୋଷଯାତ୍ରା (ଅନ୍ୟାନ୍ୟ ସଂଲଗ୍ନ ଯାତ୍ରା ସହିତ) ଏ ସୂଚୀରେ ଖୁବ୍ ଶୀଘ୍ର ସ୍ଥାନ ପାଇବ।

ଐତିହ୍ୟ ବିଶ୍ୱବାସୀଙ୍କୁ ଯେତିକି ଆନନ୍ଦ ପ୍ରଦାନ କରେ, ତାହାର ଧ୍ୱଂସଲୀଳା ସେତିକି ଦୁଃଖ ଦିଏ। ଉଦାହରଣସ୍ୱରୂପ ଆଫଗାନିସ୍ତାନର ବାମିଆନ ଉପତ୍ୟକାରେ ଥିବା ୨ଟି ବିଶାଳ ଅତିପ୍ରାଚୀନ ବୁଦ୍ଧ ମୂର୍ତ୍ତି ସେଠାରେ ତାଲିବାନ ଶାସକ ମୁଲ୍ଲା ଓମାରଙ୍କ ନିର୍ଦ୍ଦେଶରେ ଡିନାମାଇଟ୍ ଦ୍ୱାରା ମାର୍ଚ୍ଚ ୨୦୦୧ରେ ଧ୍ୱଂସ ପ୍ରାୟ ହୋଇଥିଲା, ଯାହା ବିଶ୍ୱବାସୀଙ୍କୁ ଚକିତ କରିଥିଲା। ପରେ ପରେ ସିରିଆ, ଇରାକ, ଲିବିଆ ଆଦି ଦେଶରେ ଐତିହ୍ୟ କୀର୍ତ୍ତିରାଜ ନଷ୍ଟ କରାଯାଇଥିବାର ଉଦାହରଣ ରହିଛି। ଆମ କୋଣାର୍କର ଲୁହ ସମସ୍ତଙ୍କୁ ଆନ୍ଦୋଳିତ କରୁଛି। ୧୯୦୦ ରୁ ୧୯୦୩ ମଧ୍ୟରେ ଏହାର ଜଗମୋହନକୁ ମୁଦ କରି ଦେଇ ବାଲି ଭରି ଦେବା ଗୋଟେ ଭୁଲ୍ ସିଦ୍ଧାନ୍ତ ଥିଲା ବୋଲି ଅନେକ ବିଶେଷଜ୍ଞଙ୍କ ମତ। ଏବେ ଲେଜର ସ୍କାନିଂରୁ ଭିତରେ ମାଳ ମାଳ ପଥର ବାଲି ଉପରେ ପଡ଼ିଥିବାର ଦେଖାଗଲାଣି। ବାଲି କାଢ଼ିବା ସିଦ୍ଧାନ୍ତ ଅତି ବିଳମ୍ବରେ ନିଆଗଲା ବୋଲି ଅନେକେ କଟୁକ୍ତି କଲେଣି। ତେବେ କୋଣାର୍କର ସଂରକ୍ଷଣ ସନ୍ଦୀହାନ ଅବସ୍ଥାରେ ରହିଛି। ଏଥିରେ ଭାରତ ସରକାର ୟୁନେସ୍କୋ ସହିତ ପରାମର୍ଶ କରିବାର ସମୟ ଆସିଛି। ୟୁନେସ୍କୋ ପାଇଁ କୋଣାର୍କର ଜଗମୋହନ ସଂରକ୍ଷଣ ଆଦୌ ବଡ଼ ସମସ୍ୟା ନୁହେଁ ବୋଲି ଅନେକ ବିଶେଷଜ୍ଞଙ୍କ ମତ। ମାଲେସିଆର ଇଂ ବୋରୋ ବେଦୁର ସଂରକ୍ଷଣ ଜଟିଳ ଥିବା ସତ୍ତ୍ୱେ ୟୁନେସ୍କୋ ସେହି ସାତମହଲା ଯୁକ୍ତ ଉଚ୍ଚ ବିଶାଳ ମଠକୁ ଖଣ୍ଡ କରି (ଆଠଲକ୍ଷ ପଥର ଖଣ୍ଡ) ଅରଣ୍ୟ ମୁହଁରୁ ଉଦ୍ଧାର କରି ସେ ସବୁରେ ଉପଚାର ପରେ ମୂଳ ଭଳି ନିର୍ମାଣ କରିଦେଲେ। ସେଭଳି ଇଜିପ୍ଟର ଆବୁ ସିମ୍ବେଲ ମନ୍ଦିରକୁ ଖଣ୍ଡ ଖଣ୍ଡ କରି ଦୂରରେ ପୁନଃ ନିର୍ମାଣ ୟୁନେସ୍କୋ ହିଁ କରିଥିଲା। ତେଣୁ କୋଣାର୍କକୁ ବି ସେଇ ଢାଞ୍ଚାରେ ପୁନରୁଦ୍ଧାର କରାଯିବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଉଛି। ଶ୍ରାବଣ ମାସରେ କୋଣାର୍କ ପରିସର ଜଳାର୍ଣ୍ଣବ ରହିବା ଦ୍ୱାରା ମୂଳଦୁଆ ପ୍ରତି ବିପଦ ସୃଷ୍ଟି କରୁଛି। ଏକବିଂଶ ଶତାବ୍ଦୀରେ ଏଭଳି ଅବସ୍ଥା ଦେଖିଲେ ଖୁବ୍ ଦୁଃଖ ଲାଗେ। ସେହିପରି ମେଘେଶ୍ୱର ମନ୍ଦିର (ଭୁବନେଶ୍ୱର)ରେ ଶ୍ରାବଣ ମାସରେ ଗର୍ଭଗୃହରେ ଆଣ୍ଠୁଏ ପାଣି ଜମେ। ଏଥିପ୍ରତି ଦୃଷ୍ଟି ଦେବା ଦରକାର।

ୟା ଛଡ଼ା ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଜୈନ, ବୁଦ୍ଧଙ୍କର ଭଗ୍ନ ଅବହେଳିତ କୀର୍ତ୍ତିରାଜି ଖୋଲା ଆକାଶ ତଳେ ଜଙ୍ଗଲ ବୁଦା ଭିତରେ ପୋତି ହୋଇରହିଛି। ଅନେକ ମଠ, ମନ୍ଦିର, ଖିଲଣ ଧ୍ୱଂସମୁଖରେ। ଏ ସବୁର ସଂରକ୍ଷଣ ଜରୁରୀ। ଏଥିପାଇଁ ଜନ ସଚେତନତା ଦରକାର। ଇନ୍‌ଟାକ୍‌ର ଓଡ଼ିଶା ଚାପ୍ଟର ବର୍ତ୍ତମାନ ଏ ସବୁ ଅବହେଳିତ ଭଗ୍ନ ଦେଉଳ, କୀର୍ତ୍ତିରାଜିର ସୁରକ୍ଷା ଲାଗି ଆଗୁସାର ହୋଇ ପ୍ରତିଦିନ ବିଭିନ୍ନ ଐତିହ୍ୟସ୍ଥଳୀ ଗସ୍ତ କରୁଛନ୍ତି ଓ ସେଗୁଡ଼ିକର ସମୀକ୍ଷା କରାଯାଉଛି। ଏ ସବୁ କୀର୍ତ୍ତିରାଜି, ଭଗ୍ନାବଶେଷକୁ ନେଇ ଗୋଟିଏ ଐତିହ୍ୟ ସଂଗ୍ରହାଳୟ ଗଢ଼ି ତୋଳିବାର ଆବଶ୍ୟକତା ଅଛି ବୋଲି ମଧ୍ୟ ମତ ପ୍ରକାଶ ପାଉଛି।

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

**ଏନ୍‌ଏଚ୍ ଟୋଲ ଗେଟ୍‌ରୁ ହଟିବ ଭିଆଇପି ତାଲିକା ଥିବା ହୋର୍ଡିଂ**

# ଦେୟ ଆଇନରେ ହେବ ସଂଶୋଧନ



**ଭୁବନେଶ୍ୱର, ୧୭।୪ (ସମିସ):** ଭିଆଇପି ସଂସ୍କୃତିର ବିଲୋପ ଲକ୍ଷ୍ୟରେ ଜାତୀୟ ରାଜପଥ ଟୋଲ୍ ଗେଟ୍‌ରେ ଲାଗିଥିବା ବିରାଟକାୟ 'ଭିଆଇପି ତାଲିକା ବୋର୍ଡ' ହଟାଇବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ବୋର୍ଡରେ ଟୋଲ ଟିକସରୁ ଛାଡ଼ ପାଇଥିବା ଭିଆଇପିଙ୍କ ତାଲିକା ଉଲ୍ଲେଖ ଥାଏ। ଗତ ସପ୍ତାହରେ କେନ୍ଦ୍ର କ୍ୟାବିନେଟ୍ ସଚିବଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ଏହି ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। ଏଥିପାଇଁ ଜାତୀୟ ରାଜପଥ ଦେୟ ନିୟମରେ ସଂଶୋଧନ କରାଯିବାକୁ ନିଷ୍ପତ୍ତି ହୋଇଛି।

ସାଧାରଣତଃ ଏନ୍‌ଏଚ୍ ଟୋଲ ଗେଟ୍‌ରେ ଲାଗିଥିବା ବଡ଼ ବଡ଼ ହୋର୍ଡିଂରେ ସେହି ଭିଆଇପି ଏବଂ ମାଣ୍ୟଗଣ୍ୟ ବ୍ୟକ୍ତିଙ୍କ ପଦବୀ ଉଲ୍ଲେଖ ଥାଏ ଯେଉଁମାନଙ୍କୁ ଟୋଲ୍ ଟିକସ ଛାଡ଼ କରାଯାଇଛି। କିନ୍ତୁ ଫାଷ୍ଟ ଟ୍ୟାଗ୍ ବ୍ୟବସ୍ଥା ଆରମ୍ଭ ହେବା ପର ଠାରୁ ଟିକସ ଛାଡ଼ ପାଇଥିବା ଭିଆଇପି ମାନଙ୍କୁ ସ୍ୱତନ୍ତ୍ର ଫାଷ୍ଟ ଟ୍ୟାଗ୍ ଯୋଗାଇ ଦିଆଯାଇଛି। ଏହି ଟ୍ୟାଗ୍ ସହିତ ସେମାନଙ୍କ ସରକାରୀ ଗାଡ଼ି ଟୋଲ୍ ଗେଟ୍ ଅତିକ୍ରମ କଲେ ଟିକସ କାଟ ହୋଇନଥାଏ। ଏପରିସ୍ଥଳେ ଭିଆଇପି ହୋର୍ଡିଂ ଲାଗିବାର ଆଉ ଆବଶ୍ୟକତା ନାହିଁ ବୋଲି କୁହାଯାଇଛି। ନିୟମ ପରିବର୍ତ୍ତନ ହେବା ପରେ ହୋର୍ଡିଂ ଉଚ୍ଛେଦ କରାଯିବା ସହିତ ଟିକସ ଛାଡ଼ ପାଇଥିବା ଗାଡ଼ି ପାଇଁ ଅଲଗା ଲେନ୍ ରଖିବା ପାଇଁ ଏନ୍‌ଏଚ୍‌ଏଆଇ ଚିନ୍ତା କରୁଛି।

ପ୍ରଚଳିତ ବ୍ୟବସ୍ଥା ଅନୁସାରେ ୨୨ ବର୍ଗର ଭିଆଇପିଙ୍କ ପଦବୀ ତାଲିକା ଏହି ହୋର୍ଡିଂରେ ଉଲ୍ଲେଖ ଥାଏ। ଟୋଲ୍ ଗେଟ୍‌ରେ ୧ କିମି ପୂର୍ବରୁ ହିନ୍ଦୀ ଏବଂ ଇଂରାଜୀ ଭାଷାରେ ଉଲ୍ଲେଖ ଥିବା ହୋର୍ଡିଂ ଲାଗିଥାଏ ଏବଂ ୫୦୦ ମିଟର୍ ପୂର୍ବରୁ ଇଂରାଜୀ ଏବଂ ସ୍ଥାନୀୟ ଭାଷାରେ ଭିଆଇପି ତାଲିକା ଲିପିବଦ୍ଧ ହୋଇଥାଏ। ଅନେକ ସମୟରେ ଭିଆଇପିମାନେ ବ୍ୟକ୍ତିଗତ ଅବା ବେସରକାରୀ ଗାଡ଼ିରେ ଯାଉଥିଲେ ସୁଦ୍ଧା ଟୋଲ ଛାଡ଼ ପାଇଁ ଅନୁରୋଧ କରିଥାନ୍ତି। ଏହାକୁ ନେଇ ସେଠାରେ ବିବାଦୀୟ ସ୍ଥିତି ଦେଖା ଦେବାର ନଜୀର ରହିଛି। ଟିକସ ଛାଡ଼ ଭିଆଇପି ତାଲିକାରେ ମାଣ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ସହିତ ପ୍ରତିରକ୍ଷା, ରାଜ୍ୟ ସଶସ୍ତ୍ର ଓ ପୁଲିସ ବାହିନୀ, ଏନ୍‌ଏଚ୍‌ଏଆଇ, ଅଗ୍ନିଶମ ଏବଂ ଆମ୍ବୁଲାନ୍ସ ଭଳି ଗାଡ଼ି ଅନ୍ତର୍ଭୁକ୍ତ। ଭୁବନେଶ୍ୱର ମଣ୍ଡଳର ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପ୍ରକଳ୍ପ ନିର୍ଦ୍ଦେଶକ କେ. ନାଗେଶ୍ୱର ରାଓ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଏଭଳି ନିଷ୍ପତ୍ତି ସମ୍ପର୍କରେ ସେ ଅବଗତ ଅଛନ୍ତି। କିନ୍ତୁ ଏନ୍‌ଏଚ୍‌ଏଆଇ ପକ୍ଷରୁ ରାଜ୍ୟ ମାନଙ୍କୁ ଏ ନେଇ କୌଣସି ବିଧିବଦ୍ଧ ନିର୍ଦ୍ଦେଶନାମା ପହଞ୍ଚିନାହିଁ। ଏଣୁ ବର୍ତ୍ତମାନ ମଧ୍ୟ ପୂର୍ବ ଭଳି ବ୍ୟବସ୍ଥା ଜାରିରହିଛି।

# ଚୟନ ପ୍ରକ୍ରିୟା ଆରମ୍ଭ ପରେ ଅତିରିକ୍ତ ମାନଦଣ୍ଡ ଧାର୍ଯ୍ୟ ବେଆଇନ

**ଶିକ୍ଷା ସହାୟକ ନିଯୁକ୍ତିରୁ ବଞ୍ଚିତ ଆବେଦନକାରୀଙ୍କୁ ନିଯୁକ୍ତି ଦିଅ: ହାଇକୋର୍ଟ**



**କଟକ,୧୭।୪(ସମିସ):** ଚୟନ ପ୍ରକ୍ରିୟା ଆରମ୍ଭ ହୋଇଯିବା ପରେ କର୍ତ୍ତୃପକ୍ଷ ବେଆଇନ ଭାବେ ଅତିରିକ୍ତ ମାନଦଣ୍ଡ ଧାର୍ଯ୍ୟ କରିଥିଲେ। ଭଳି ଅନିୟମିତତା ପାଇଁ ଆବେଦନକାରୀ ୨୦୧୩ରୁ ଶିକ୍ଷା ସହାୟକ ପଦରେ ନିଯୁକ୍ତି ପାଇବାରୁ ବଞ୍ଚିତ ହୋଇଛନ୍ତି। ସେହିପରି ନିଜର ଅଧିକାର ସାବ୍ୟସ୍ତ ପାଇଁ ଏକାଧିକ ଅଦାଲତି ମାମଲାରେ ଲଢେଇ କରିଛନ୍ତି। ଏଣୁ ସମ୍ପୃକ୍ତ ଆବେଦନକାରୀଙ୍କ କ୍ଷେତ୍ରରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ତାଙ୍କୁ ଉପରୋକ୍ତ ପଦ ସହ ସମାନ ପଦରେ ନିଯୁକ୍ତି ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି କର୍ତ୍ତୃପକ୍ଷ ଚାହିଁଲେ ଆବେଦନକାରୀଙ୍କ ପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଓଟିଇଟି ଉତ୍ତୀର୍ଣ୍ଣ ପାଇଁ ସର୍ତ୍ତ ରଖିପାରିବେ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ୨୦୧୩ରେ ଆବେଦନକାରୀ ଜଣକ ଗଞ୍ଜାମ ଜିଲ୍ଲା ସର୍ବ ଶିକ୍ଷା ଅଭିଯାନର ଶିକ୍ଷା ସହାୟକ ନିଯୁକ୍ତି ପାଇଁ ପ୍ରକାଶିତ ତୃତୀୟ ପର୍ଯ୍ୟାୟ ତାଲିକାରେ ସ୍ଥାନ ପାଇଥିଲେ। ପ୍ରଥମ ଦୁଇ ପର୍ଯ୍ୟାୟରେ ନିଯୁକ୍ତି ପାଇଥିବା ଶିକ୍ଷା ସହାୟକ ମାନଙ୍କ ପାଇଁ ଓଟିଇଟି (ଓଡିଶା ଟିଚର ଏଲିଜିବିଲିଟି ଟେଷ୍ଟ)ରେ ଉତ୍ତୀର୍ଣ୍ଣ ହେବା ପାଇଁ ମାନଦଣ୍ଡ ନଥିବା ବେଳେ ତୃତୀୟ ପର୍ଯ୍ୟାୟରେ ଆବେଦନକାରୀ ଓଟିଇଟି ପାସ କରିନଥିବାରୁ ତାଙ୍କୁ ନିଯୁକ୍ତିରୁ ବଞ୍ଚିତ କରାଯାଇଥିଲା। ସେ ଏହା ବିରୋଧରେ ଏକାଧିକ ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ହାଇକୋର୍ଟ ଆବେଦନକାରୀଙ୍କ ଦାବିପତ୍ରକୁ ବିଚାର କରିବା ପାଇଁ ନିର୍ଦ୍ଦେଶ ଦେଇ ଆସିଥିଲେ। ଗତ ୨୦୨୦ ମାର୍ଚ୍ଚ୧୨ରେ ଗଞ୍ଜାମ ଜିଲ୍ଲାପାଳ ତଥା ସିଇଓ ସର୍ବଶିକ୍ଷା ଅଭିଯାନ ଆବେଦନକାରୀଙ୍କ ଦାବିପତ୍ରକୁ ଖାରଜ କରି ଦେଇଥିଲେ। ଏହା ସୂଚନା ଅଧିକାର ଆଇନ ବଳରେ ଜାଣିବା ପରେ ଆବେଦନକାରୀ ପୁନଃ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ୪ମାସ ମଧ୍ୟରେ ଆଦେଶନାମା ପ୍ରକାଶ କରିବାକୁ କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

**ଲକ୍ଷ୍ମଣାନନ୍ଦଙ୍କ ହତ୍ୟାର ସିବିଆଇ ତଦନ୍ତ ମାମଲା ଶୁଣାଣି ମେ ୧୫ରେ**

# ରାଜ୍ୟ ସରକାରଙ୍କ ସତ୍ୟପାଠ ରେକର୍ଡଭୁକ୍ତ କରିବାକୁ ନିର୍ଦ୍ଦେଶ

**କଟକ, ୧୭।୪(ସମିସ):** ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାର ସିବିଆଇ ତଦନ୍ତ ପାଇଁ ଦାୟର ମାମଲାର ଶୁଣାଣି ଆସନ୍ତା ମେ୧୫ତାରିଖରେ ହେବ। ଏହି ମାମଲାରେ ରାଜ୍ୟ ସରକାର ଏକ ସତ୍ୟପାଠ ଦାଖଲ କରିଥିଲେ ସୁଦ୍ଧା ଏହା ରେକର୍ଡଭୁକ୍ତ ହୋଇ ନଥିବାରୁ ଏହାକୁ ରେକର୍ଡକୁ ଆଣିବାକୁ ରେଜିଷ୍ଟ୍ରିକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଆଇନଜୀବୀ ଇଂ ଦେବାଶିଷ ହୋତାଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ଭି ନରସିଂହ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଲକ୍ଷ୍ମଣାନନ୍ଦଙ୍କ ହତ୍ୟାର ସିବିଆଇ ତଦନ୍ତ ଆବଶ୍ୟକ ନଥିବା ଦର୍ଶାଇ ଗତ ମାର୍ଚ୍ଚ ୫ ତାରିଖ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା। ଆବେଦନକାରୀ ମଧ୍ୟ ଏକ ସତ୍ୟପାଠ ଦେଇଥିଲେ। ରାଜ୍ୟ ସରକାରଙ୍କର ବିଭିନ୍ନ ସଂସ୍ଥା ଏପରିକି କ୍ରାଇମବ୍ରାଞ୍ଚ କରିଥିବା ତଦନ୍ତ ଅନୁସାରେ ଗତ ୨୦୧୩ରୁ ଫୁଲବାଣୀ କୋର୍ଟ କିଛି ବ୍ୟକ୍ତିଙ୍କୁ ଦଣ୍ଡାଦେଶ ଦେଇଛନ୍ତି।

**ଜିନ୍ଦଲ ଥର୍ମାଲ ପାୱାର ପ୍ଲାଣ୍ଟ ବନ୍ଦ ଆଦେଶ ବିରୋଧରେ ମାମଲା**

# ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଦେଶ ଉପରେ ରହିତାଦେଶ

**କଟକ,୧୭।୪(ସମିସ):** ବିଶୋଧନ କରା ନଯାଇ ବର୍ଜ୍ୟଜଳକୁ କାକୁଡ଼ିଆ ନାଳକୁ ଛଡ଼ା ଯାଉଥିବା ହେତୁ ଅନୁଗୁଳସ୍ଥିତ ଜିନ୍ଦଲ ଥର୍ମାଲ ପାୱାର ପ୍ଲାଣ୍ଟକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବନ୍ଦ ନୋଟିସକୁ ଚାଲେଞ୍ଜ କରି ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ଏକ ଅନ୍ତରୀଣ ରହିତାଦେଶ ଜାରୀ କରିଛନ୍ତି। ଓଡ଼ିଶା ହାଇକୋର୍ଟ ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ବୋର୍ଡ ପକ୍ଷରୁ ଗତ ୬ ତାରିଖରେ ଜାରୀ ଏହି ଆଦେଶ କାର୍ଯ୍ୟକାରୀ ଉପରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଅଦାଲତ ସ୍ଥଗିତାଦେଶ ଜାରୀ କରିଛନ୍ତି। ପ୍ଲାଣ୍ଟ ବନ୍ଦ ଆଦେଶ କାର୍ଯ୍ୟକାରୀ ହେଲେ ପ୍ରବଳ ଗ୍ରୀଷ୍ମର ପ୍ରକୋପ ସମୟରେ ବିଦ୍ୟୁତ ସମସ୍ୟା ଉପୁଜିବା ସହ ଏହା ଉପରେ ନିର୍ଭର କରୁଥିବା ସହସ୍ରାଧିକ କର୍ମଚାରୀଙ୍କ ଜୀବନଜୀବିକା ପ୍ରଭାବିତ ହେବ; ଏଣୁ ଅଦାଲତ ଉପରୋକ୍ତ ବନ୍ଦ ଆଦେଶ ଉପରେ ରହିତାଦେଶ ଜାରୀ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ପାୱାର ପ୍ଲାଣ୍ଟରୁ ନିର୍ଗତ ଜଳ କାକୁଡ଼ିଆ ଦେଇ ଟିକିରା ନଦୀରେ ମିଶି ଜଳ ପ୍ରଦୂଷଣ କରୁଛି ବୋଲି ଅଭିଯୋଗ ହୋଇଥିଲା। ଏପରିକି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଯାଞ୍ଚ ଟିମର ରିପୋର୍ଟ ଆଧାରରେ ଆବେଦନକାରୀ କମ୍ପାନୀ ଚାଲିବା ପାଇଁ ବୋର୍ଡ ପକ୍ଷରୁ ଦିଆଯାଇଥିବା ସମ୍ମତିପତ୍ରକୁ ପ୍ରତ୍ୟାହାର କରାଯାଇଥିଲା। ଏଥିସହ ବନ୍ଦ ପାଇଁ ଗତ ୬ ତାରିଖରେ ଆଦେଶ ଜାରୀ ହୋଇଥିଲା। ତେବେ କମ୍ପାନୀ ପକ୍ଷରୁ ଦର୍ଶାଯାଇଥିଲା ଯେ ବିଶୋଧନ କରି ଛଡ଼ା ଯାଉଥିବା ଜଳ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ନୁହେଁ ଓ ସମସ୍ତ ନିୟମକୁ ଅନୁପାଳନ କରାଯାଉଛି। ଏହି ମାମଲାରେ ରାଜ୍ୟ ସରକାର ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନୋଟିସ ଜାରୀ କରାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୨୫କୁ ଧାର୍ଯ୍ୟ ହୋଇଛି।

## ଅବଶିଷ୍ଟାଂଶ

### ୨୮ ମହିଳାଙ୍କୁ...

ରଖିଛନ୍ତି। ଗତ ୨୦୧୯ ଲୋକସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ୩୩ ପ୍ରତିଶତ ମହିଳାଙ୍କୁ ଟିକଟ ଦେଇ ଉଦାହରଣ ସୃଷ୍ଟି କରିଥିଲେ। ଚଳିତଥର ମଧ୍ୟ ଲୋକସଭାରେ ୩୩ ପ୍ରତିଶତ ଅର୍ଥାତ୍ ୭ ଜଣ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ଟିକଟ ପ୍ରଦାନ କରିଛନ୍ତି। ଅନୁରୂପ ଭାବରେ ପୂର୍ବରୁ ବିଧାନସଭାରେ ୨୨ ଆସନରେ ମହିଳାଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ବୁଧବାର ବିଜେଡି ପ୍ରାର୍ଥୀ ତାଲିକାରେ ଆଉ ୬ ଜଣ ମହିଳା ସ୍ଥାନ ପାଇଛନ୍ତି। ଅନୁଗୋଳରୁ ସଂଯୁକ୍ତା ସିଂ, ଜୟପୁରରୁ ଡ. ଇନ୍ଦିରା ନନ୍ଦ, ଚିତ୍ରକୋଣ୍ଡାରୁ ଲକ୍ଷ୍ମୀପ୍ରିୟା ନାୟକ, ସାନଖେମୁଣ୍ଡିରୁ ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ପଦ୍ମପୁରରୁ ବର୍ଷା ସିଂ ବରିହା, ଦେବଗଡରୁ ଅରୁନ୍ଧତୀ କୁମାରୀ ଦେବୀ ବିଜେଡି ପ୍ରାର୍ଥୀ ହୋଇଛନ୍ତି। ଅପରପକ୍ଷେ ବିଜେପି ପକ୍ଷରୁ ଘୋଷିତ ୧୩୧ ଜଣିଆ ବିଧାନସଭା ପ୍ରାର୍ଥୀ ତାଲିକାରେ ମାତ୍ର ୧୦ ଜଣ ମହିଳା ସ୍ଥାନ ପାଇଛନ୍ତି। ଏପରିସ୍ଥଳେ ମୁଖ୍ୟମନ୍ତ୍ରୀଙ୍କର ମହିଳା ସଶକ୍ତିକରଣ ପାଇଁ ଏପରି ପ୍ରୟାସ ପ୍ରଶଂସନୀୟ ବୋଲି ବୁଦ୍ଧିଜୀବି ମହଲ ମତପ୍ରକାଶ କରିଛି।

### ଆସନ୍ତାକାଲି...

ମହାରାଷ୍ଟ୍ରର ୫, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟର ୨ଟି ଲେଖାଏଁ, ରାଜସ୍ଥାନର ୧୨, ତାମିଲନାଡୁର ୩୯ ଓ ପଶ୍ଚିମବଙ୍ଗର ୩ଟି ଲୋକସଭା ଆସନରେ ମତଦାନ ହେବ। ଏହି ପର୍ଯ୍ୟାୟରେ ତେଲଙ୍ଗାନାର ପୂର୍ବତନ ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ, ଡିଏମକେ ନେତା ଦୟାନିଧି ମାରାନ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଏ ରାଜା, ତାମିଲନାଡୁ ବିଜେପି ମୁଖ୍ୟ କେ ଆନ୍ନାମାଲାଇ, କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ, କେନ୍ଦ୍ର ମନ୍ତ୍ରୀ ନିତିନ ଗଡ଼କରୀ, କେନ୍ଦ୍ର ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଓ କଂଗ୍ରେସ ନେତା ଗୌରବ ଗୋଗୋଇ ପ୍ରମୁଖ ସେମାନଙ୍କ ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି।

୧୦୨ ଲୋକସଭା ଆସନରେ ଆଜି ପ୍ରଚାର ସରୁଥିବାରୁ ବିଭିନ୍ନ ରାଜନୈତିକ ଦଳର ଆଗଧାଡ଼ିର ନେତାମାନେ ସନ୍ଧ୍ୟା ପର୍ଯ୍ୟନ୍ତ ଅବିଶ୍ରାନ୍ତ ପ୍ରଚାର ର୍‌ୟାଲି ଓ ରୋଡ୍ ଶୋ' କରିବାରେ ବ୍ୟସ୍ତ ରହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆସାମର ନଲବାରି ଓ ତ୍ରିପୁରା ରାଜଧାନୀ ଅଗରତାଲାରେ ର୍‌ୟାଲି କରିଛନ୍ତି। କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ତାଙ୍କ ନିଜ ନିର୍ବାଚନମଣ୍ଡଳୀ ନାଗପୁରର ଭୋଟରଙ୍କୁ ଭର୍ଚୁଆଲ୍ ସମ୍ବୋଧନ କରିଛନ୍ତି। ନାଗପୁରରେ ଗଡ଼କରୀଙ୍କ ଭାଷଣର ଲାଇଭ୍ ଷ୍ଟ୍ରିମିଂ କରାଯାଇଥିଲା। ସହରର ବିଭିନ୍ନ ସ୍ଥାନରେ ଲଗାଯାଇଥିବା ଏଲଇଡି ସ୍କ୍ରିନରେ ଲୋକେ ତାଙ୍କୁ ଦେଖିଥିଲେ ଓ ଶୁଣିଥିଲେ। ବିଭିନ୍ନ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ମଧ୍ୟ ଗଡ଼କରୀଙ୍କ ଭାଷଣ ଭିଡିଓ ପ୍ରସାରିତ ହୋଇଥିଲା। ନାଗପୁରରେ ଗଡ଼କରୀଙ୍କ ବିପକ୍ଷରେ ଇଣ୍ଡି ମେଣ୍ଟର ପ୍ରାର୍ଥୀ ହେଉଛନ୍ତି ବିକାଶ ଥାକରେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି କେରଳର ୩ଟି ସ୍ଥାନ କରନ୍ନୁର, କାସରଗଡ଼ ଓ ଭାଡାକାରାରେ ବିଜେପି ପ୍ରାର୍ଥୀଙ୍କ ପାଇଁ ପ୍ରଚାର ସଭା କରିଥିଲେ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆଜି ସକାଳେ ଗାଜିଆବାଦରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ସହ ମିଳିତ ସାମ୍ବାଦିକ ସମ୍ମିଳନୀ କରିବା ପରେ କର୍ଣ୍ଣାଟକ ଯାଇ ସେଠାରେ ମାଣ୍ଡ୍ୟ ଓ କୋଲାର ଜିଲ୍ଲାରେ ଦୁଇଟି ର୍‌ୟାଲି କରି କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ। କଂଗ୍ରେସର ଜାତୀୟ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଆଜି ଉତ୍ତରପ୍ରଦେଶର ସାହରନପୁରରେ ସଭା କରିଥିଲେ। ପ୍ରିୟଙ୍କା ଗତକାଲି ତ୍ରିପୁରାର ଅଗରତାଲାରେ ରୋଡ୍ ଶୋ' କରିଥିଲେ।

### ଆଜିଠୁ ନାମାଙ୍କନ...

ପ୍ରକ୍ରିୟା ଆରମ୍ଭ ହେବ। ସେହିପରି ଆସନ୍ତା ୨୫ ତାରିଖ ନାମାଙ୍କନ ଦାଖଲର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ୨୬ ତାରିଖରେ ନାମାଙ୍କନ ଯାଞ୍ଚ ହେବାକୁ ଥିବାବେଳେ ୨୯ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ଏହି ପର୍ଯ୍ୟାୟରେ ବ୍ରହ୍ମପୁର, ନବରଙ୍ଗପୁର, କୋରାପୁଟ ଓ କଳାହାଣ୍ଡି ଲୋକସଭା କ୍ଷେତ୍ର ପାଇଁ ଭୋଟ ଗ୍ରହଣ ହେବ। ଉପରୋକ୍ତ ୪ ଲୋକସଭା କ୍ଷେତ୍ର ଅନ୍ତର୍ଗତ ୨୮ ଆସନ ପାଇଁ ମଧ୍ୟ ଜନସାଧାରଣ ନିଜ ପ୍ରତିନିଧି ବାଛିବେ। ସେହିପରି ମତଦାନ ହେଉଥିବା ବିଧାନସଭା ଆସନ ମଧ୍ୟରେ ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ମୋହନା, ପାରଳାଖେମୁଣ୍ଡି, ନୂଆପଡ଼ା, ଖଡିଆଳ, ଲାଞ୍ଜିଗଡ, ଜୁନାଗଡ, ଧର୍ମଗଡ, ଭବାନୀପାଟଣା, ନର୍ଲା, ଗୁଣପୁର, ବିଷମ କଟକ ରହିଛି। ରାୟଗଡା, ଲକ୍ଷ୍ମୀପୁର, ଜୟପୁର, କୋରାପୁଟ, ପଟାଙ୍ଗୀ, ଉମରକୋଟ, ଝରିଗାଁ, ନବରଙ୍ଗପୁର, ଡାବୁଗାଁ, କୋଟପାଡ, ମାଲକାନଗିରି ଓ ଚିତ୍ରକୋଣ୍ଡା ବିଧାନସଭା ଆସନ ପାଇଁ ମଧ୍ୟ ଆସନ୍ତା ମେ ୧୩ ତାରିଖରେ ଭୋଟ ଗ୍ରହଣ ହେବାକୁ ଯାଉଛି।

### ଆଜିଠୁ ୫ଦିନ ...

ଅତିକ୍ରମ କରିଛି। ଆଜି ଭୁବନେଶ୍ୱରରେ ତାପମାତ୍ରା ୪୧.୭ ଏବଂ କଟକରେ ୪୧.୫ ଡିଗ୍ରୀ ରେକର୍ଡ଼ ହୋଇଛି। ବଡ଼ କଥା ହେଉଛି ଯେ ଏହି ସ୍ଥିତି ଆଗକୁ ଆହୁରି ସମ୍ବେଦନଶୀଳ ହେବା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିବା ସହ ୫ ଦିନ ପର୍ଯ୍ୟନ୍ତ ତାତିରୁ ମୁକ୍ତି ମିଳିବ ନାହିଁ ବୋଲି କେନ୍ଦ୍ର କହିଛି। ବିଶେଷ କରି ଗୁରୁବାର ଓ ଶୁକ୍ରବାର ତାତି ସବୁଠୁ ଶୀର୍ଷରେ ରହିବା ସହ ଏହି ସମୟରେ ଅନେକ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଛୁଇଁବା ନେଇ ପାଣିପାଗ କେନ୍ଦ୍ର କହିଛି। ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଭୀଷଣ ଗ୍ରୀଷ୍ମ ପ୍ରବାହ (ସିଭିୟର ହିଟ୍‌ୱେଭ୍) ସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା କରି ଦୁଇ ଦିନ ପାଇଁ ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରିଛି।

ପାଣିପାଗ କେନ୍ଦ୍ରର ଆକଳନକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଏସ୍‌ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଦିନ ୧୧ ଟାରୁ ଅପରାହ୍ନ ୩ ଟା ଯାଏଁ ଖରାର ସର୍ବାଧିକ ପ୍ରକୋପ ରହୁଥିବାରୁ ଏହି ସମୟରେ ଜରୁରୀ କାମ ନ ଥିଲେ ବାହାରକୁ ନ ଯିବା ପାଇଁ ଏସ୍‌ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହାସହିତ ସମସ୍ତ ପରିସ୍ଥିତି ଉପରେ ନଜର ରଖିବା ସହ କୌଣସି ଅଘଟଣ ଘଟିଲେ ତୁରନ୍ତ ଏହାର ରିପୋର୍ଟ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ, ଆସନ୍ତାକାଲି ମୟୂରଭଞ୍ଜ, ନୟାଗଡ଼, ଗଜପତି ଓ ନୂଆପଡ଼ା ଜିଲ୍ଲାରେ କେତେକ ସ୍ଥାନରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଜାରି ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଯାଜପୁର, ଖୋର୍ଦ୍ଧା, ଢେଙ୍କାନାଳ, ଅନୁଗୋଳ, କେନ୍ଦୁଝର, ବୌଦ୍ଧ, କନ୍ଧମାଳ, ଝାରସୁଗୁଡ଼ା, ବରଗଡ଼, କଳାହାଣ୍ଡି, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବାକୁ ଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଶୁକ୍ରବାର ମଧ୍ୟ ସମାନ ସ୍ଥିତି ଜାରି ରହିବ। ସେହିପରି ମୟୂରଭଞ୍ଜ, ନୟାଗଡ଼, ଗଜପତି ଓ ନୂଆପଡ଼ା ଜିଲ୍ଲାରେ କେତେକ ସ୍ଥାନରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଜାରି ହେବାର ସମ୍ଭାବନା ଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାଛଡ଼ା ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ସୋନପୁର, ବୌଦ୍ଧ, ବଲାଙ୍ଗିର ଓ କଳାହାଣ୍ଡି ଜିଲ୍ଲାରେ କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ସ୍ଥିତି ସୃଷ୍ଟି ହେବାକୁ ଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ରାଜ୍ୟରେ ଜାରି ରହିଥିବା ସ୍ଥିତି ସମ୍ପର୍କରେ ସୂଚନା ଦେଇ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ରାଜ୍ୟରେ ଲାଗି ରହିଥିବା ଗ୍ରୀଷ୍ମ ପ୍ରବାହ ସ୍ଥିତି ସପ୍ତାହେ ପୂର୍ବରୁ କମି ନ ପାରେ। ବାୟୁ ପ୍ରବାହ ଅପରିବର୍ତ୍ତିତ ରହିବା ଯୋଗୁଁ ରାଜ୍ୟରୁ ପଶ୍ଚିମା ବାୟୁ ବା ଶୁଷ୍କ ପବନ ପ୍ରବାହ ଜାରି ରହିବ। ତେଣୁ ଗୁରୁବାରଠାରୁ ପଶ୍ଚିମ ଓଡ଼ିଶାରେ ତାପମାତ୍ରା ଅଧିକ ବଢ଼ିବ। ଝାରସୁଗୁଡ଼ାଠାରୁ କଳାହାଣ୍ଡି ପର୍ଯ୍ୟନ୍ତ ଏବଂ ସଂଲଗ୍ନ ଜିଲ୍ଲାରେ ତାପମାତ୍ରା ସବୁଠାରୁ ଅଧିକ ରହିବାର ସମ୍ଭାବନା ରହିଛି। ଭୁବନେଶ୍ୱର ସମେତ ଉପକୂଳରେ ମଝିରେ ମଝିରେ ବିଶେଷ କରି ୧୯ ତାରିଖ ଉପରବେଳା ପରିଚଳନଜନିତ ମେଘ ହେତୁ ତାପମାତ୍ରା ଉପରକୁ ଉଠି କମିଯିବାର ସମ୍ଭାବନା ରହିଛି। ମୋଟାମୋଟି ଭାବେ ରାଜ୍ୟର ଅନେକ ସ୍ଥାନରେ ତାମପାତ୍ରା ସପ୍ତାହେ ପର୍ଯ୍ୟନ୍ତ ୪୧.୫ ଡିଗ୍ରୀରୁ ୪୪ ଡିଗ୍ରୀ ମଧ୍ୟରେ ରହିବ। ଅନ୍ୟପଟେ ରାଜ୍ୟରେ ଏହି ସମୟ ମଧ୍ୟରେ କାଳବୈଶାଖୀ ସମ୍ଭାବନା ନ ଥିବା ବେଳେ ସ୍ଥାନେ ସ୍ଥାନେ ପରିଚଳନଜନିତ ବର୍ଷା ହୋଇପାରେ; ତେବେ ଏହା ତାପମାତ୍ରା ବୃଦ୍ଧିକୁ ପ୍ରଶମିତ କରିପାରିବ ନାହିଁ। ତେଣୁ କେବେଠୁ ତାପମାତ୍ରା କମିବ, ତାହାର କୌଣସି ଇଙ୍ଗିତ ମିଳୁନାହିଁ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

### 'ନବୀନ ଓଡ଼ିଶା'ର ମନ୍ତ୍ର...

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫-ଟି ରୂପାନ୍ତରଣର ଏକ ଶ୍ରେଷ୍ଠ ଉଦାହରଣ ବୋଲି କହିଛନ୍ତି ଶ୍ରୀ ପାଣ୍ଡିଆନ । ଏହା ସହ ନବୀନଙ୍କ '୫-ଟି' ଉପକ୍ରମ ଉପରେ ଓଡ଼ିଶାବାସୀଙ୍କ ପ୍ରଗାଢ଼ ବିଶ୍ୱାସ ଥିବା ସେ ଉଲ୍ଲେଖ କରିଛନ୍ତି ।

ସୂଚନାଯୋଗ୍ୟ ଯେ ରାଜ୍ୟରେ ସ୍ୱାସ୍ଥ୍ୟସେବାରେ ଗତ କିଛି ବର୍ଷ ମଧ୍ୟରେ ଆସିଛି ବୈପ୍ଳବିକ ପରିବର୍ତ୍ତନ। ୨୦୦୫ରୁ ୨୦୨୦ ମଧ୍ୟରେ ଶିଶୁ ମୃତ୍ୟୁହାର ସର୍ବାଧିକ ହ୍ରାସ କରି ସମଗ୍ର ଦେଶରେ ଏକ ସଫଳ ରାଜ୍ୟ ଭାବେ ଓଡ଼ିଶା ଉଭା ହୋଇଛି। ଟିକାକରଣରେ ଶୀର୍ଷ ସଫଳତା ଓଡ଼ିଶାକୁ ମିଳିଛି। ମେଲେରିଆ ହ୍ରାସରେ ଓଡ଼ିଶା ଦେଶରେ ପ୍ରଥମ ଓ ଯକ୍ଷ୍ମା ନିୟନ୍ତ୍ରଣରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଓଡ଼ିଶା ନିଜର ସ୍ୱାସ୍ଥ୍ୟସେବା ପରିଚାଳନା ସାମର୍ଥ୍ୟକୁ ପ୍ରତିପାଦିତ କରିଛି। ରାଜ୍ୟ ସରକାର ସବୁବେଳେ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ସେବାକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆଜି ସାରା ଭାରତବର୍ଷରେ ଅନ୍ୟ ରାଜ୍ୟ ପାଇଁ ଉଦାହରଣ ଏବଂ ଅନୁକରଣୀୟ ସାଜିଛି। ତୃଣମୂଳସ୍ତରରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ରୂପାନ୍ତରଣକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବାଧିକ ପ୍ରାଥମିକତା ଦେଇ ଆସିଛନ୍ତି। ଆଗାମୀ ୫ ବର୍ଷରେ ପ୍ରାୟ ୩୪୦୦ କୋଟି ଟଙ୍କା ଖର୍ଚ୍ଚ କରି ୧୮୫୮ଟି ସ୍ୱାସ୍ଥ୍ୟ କେନ୍ଦ୍ରର ରୂପାନ୍ତପଣ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏହାଦ୍ୱାରା ତୃଣମୂଳ ସ୍ତରରେ ଜନ ସାଧାରଣଙ୍କୁ ଶ୍ରେଷ୍ଠ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଇପାରିବ ବୋଲି ଲକ୍ଷ୍ୟ ରଖାଯାଇଛି।


**AFFIDAVIT**

I, Somya Ranjan Das, S/o-Late Rabinarayan Das, resident of At- Nalmallik patana, Po- Mangalpur, Ps-Mangalpur, Bajara pat, Dist.- Jajapur, Odisha, pin -755011 declare by this affidavit No- 6033, dt- 22/02/2024 that now onwards I shall be known as **SOUMYA RANJAN DAS** for all future purposes.

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
**Ph.: 9437015112**

**AFFIDAVIT**

I, Julekha Parween, D/o- Nasrama Khan, resident of Plot No. 167/C, New Forest Park, Ps- Airport, PO-Ashok Nagar, Bhubaneswar, Dist-Khurda, Pin- 751009, Odisha declare are by this affidavit No. 7553, dtd.-15/04/2024 that now onwards I shall be known as **JULEKHA PARWEEN** for all future purposes.

**AFFIDAVIT**

Before the Notary Public, Umerkote, I Bimal Nayak, S/o- Kumar Nayak, resident of Gotibeda, P.O Jhadku- sumi, P.S. Kodinga declare that I am Hindu by religion and Due to Faith over Jesus and Christianity, I have converted to Christianity in my own choice and decision without any pressure and no one is responsible for the conversion into Christianity. Further I shall not comply for any Govt. facilities as SC candidate in any manner.

**AFFIDAVIT**

I Santosh kumar swain, S/o-late Sankulia swain, permanent resident of Vill/Po- Paika jamuna, P.s- Kabi suryanagar, Tahsil- KS nagar,dist- Ganjam, Odisha declare by notary affidavit no- 68AA 256754, dated- 15.04.2024 that the Tejaswini Swain and to be read and corrected as Tejaswini Swain where it is inadvertently mentioned as **TEJASWANY SWAIN**.

**AFFIDAVIT**

Before the Notary Public, Umerkote, I Dhiraj Naik, S/o- Kumar Nayak, resident of Gotibeda, P.O Jhadkusumi, P.S. Kodinga declares that I am Hindu by religion and Due to Faith over Jesus and Christianity, I have converted to Christianity in my own choice and decision without any pressure and no one is responsible for the conversion into Christianity. Further I shall not comply for any Govt. facilities as SC candidates in any manner.

**PRATYUSH (A UNIT OF MULTI SERVICES ORGANISATION)**
At: A/62, Krishna Garden Complex, Phase-II, Jagamara, Bhubaneswar-751030
**CAREER OPPERTUNITIES (Corrigendum-I)**

Email ID: **pratyush.kandhamal.temporaryjobs@gmail.com**

Requirement of Group-D Manpower in the office of the Collector & District Magistrate, Kandhamal. Eligible & interested candidates may submit their resume clearly mentioning the post along with the copies of required documents (in a single PDF) in the above Email Id on or before **20.04.2024** positively for scrutinization. All other terms & conditions of the advertisement remain unchanged published on 24.03.2024 page no 14 of "Sakala" newspaper Bhubaneswar Edition.
N.B: This is completely contractual & non-transferable job on outsourcing basis.
CV/ Resume received only at above Email Id will be considered. The job aspirants are requested not to fall prey to the scammers or agents. The firm reserves the right to accept or reject any or all applications without giving any reason.

**BEWARE OF THE AGENTS**

-sd-
Director, PRATYUSH

राष्ट्रीय विज्ञान शिक्षा एवं अनुसंधान संस्थान भुवनेश्वर
**NATIONAL INSTITUTE OF SCIENCE EDUCATION AND RESEARCH, BHUBANESWAR**
परमाणु ऊर्जा विभाग, भारत सरकार का एक स्वयंशासित संस्थान
AN AUTONOMOUS INSTITUTE UNDER DAE, GOVERNMENT OF INDIA

**ADMISSION TO MASTERS PROGRAM IN MEDICAL AND RADIOLOGICAL PHYSICS**

**The National Institute of Science Education and Research (NISER) Bhubaneswar,** invites applications from interested candidates for the **M. Sc. program in Medical and Radiological Physics** at the **Centre for Medical and Radiation Physics, NISER, Odisha, India.**

**PROGRAM DETAILS**

| | |
|---|---|
| Degree awarding institute | Homi Bhabha National Institute, Mumbai and NISER |
| Duration of the course | 2 years Master's program and 1-year mandatory internship. |
| Total No. of seats | 10 |
| Minimum qualification and selection | 60% marks in B. Sc with physics as a main course and JAM 2024 / JEST 2024 scorecards. The shortlisting will be based on JAM 2024 / JEST 2024 marks, followed by interview for selection. |
| Fellowship | Rs. 16,000/- p.m. + HRA and mentorship grant as per DAE rules, during master's program. |
| Internship hospitals as per AERB guidelines | All India Institute of Medical Sciences, Bhubaneswar, Acharya Harihara Post Graduate Institute of Cancer, Cuttack and Tata Memorial Centre. |

More details about the program are available at: **https://www.niser.ac.in/cmrp/**

**HOW TO APPLY**

See announcements section of NISER website **https://www.niser.ac.in/** or Scan the **QR** code

**IMPORTANT DATES**

| | |
|---|---|
| Last date of online application | 15th May 2024 |
| Date of interview | 1st - 4th July 2024 |
| Announcement of final selection list | 5th July 2024 |

**ADDRESS FOR CORRESPONDENCE**

Centre for Medical and Radiation Physics, NISER, Jatni-50, Odisha, India
Email : cmrp@niser.ac.in

## କୁଜଙ୍ଗ ଡବଲ୍ ମର୍ଡର

# ହତ୍ୟା ପରେ ଅଟ୍ଟହାସ୍ୟ



କୁଜଙ୍ଗ ଏକ୍ସପ୍ରେସ ୱେ' କଲୋନୀରେ ୫୦ଟି ସରକାରୀ କ୍ୱାର୍ଟର୍ସ ରହିଥିବା ବେଳେ ଏହାକୁ କିଛି ଲୋକ ବେଆଇନ ଭାବରେ ଜବରଦଖଲ କରି ବସବାସ କରିଆସୁଥିଲେ। କିଛି ଲୋକ ଏଠାରେ ବର୍ଷ ବର୍ଷ ଧରି ବିନା ଭଡ଼ାରେ ରହୁଥିବା

**ସେଦିନ କି ଯୋଗରେ ରାତି ପାହିଥିଲା କେଜାଣି, କୁଜଙ୍ଗର ଏକ୍ସପ୍ରେସ୍ ୱେ କଲୋନୀକୁ ସକାଳୁ ସକାଳୁ ଛୁଟିଥିଲା ଲୋକଙ୍କ ସୁଅ। କୋଳାହଳ ଓ କାନ୍ଦବୋବାଳିରେ ଫାଟି ପଡୁଥିଲା କଲୋନୀ ପରିସର। ରକ୍ତ ଜୁଡୁବୁଡୁ ହୋଇ ଜଣେ ମହିଳାଙ୍କ ମୃତଦେହ ଘର ବାହାରେ ପଡ଼ିଥିଲା। ଦେହରୁ ତାଜା ରକ୍ତର ଧାର ବୋହି ମାଟିକୁ ଲାଲ୍ କରିଦେଇଥିଲା। ଏତିକିବେଳେ ଆକ୍ରମଣକାରୀର ଖଣ୍ଡା ଚୋଟରେ ଗୁରୁତର ଅବସ୍ଥାରେ ମେଡିକାଲ୍‌କୁ ଯାଇଥିବା ଅନ୍ୟ ଜଣେ ମହିଳାଙ୍କର ମୃତ୍ୟୁ ଖବର ଆସିବା ପରେ ସାରା କଲୋନୀରେ ଦୁଃଖ ଓ ଭୟର ବାତାବରଣ ଛାଇହୋଇ ଯାଇଥିଲା। କିଏ ଜାଣିଥିଲା ଯେ, ଛୋଟମୋଟ ଅପରାଧ କରୁଥିବା କଲୋନୀର ଚିଣ୍ଟୁ ନାଥ (୩୫) ସେଦିନ ଏମିତି ବୀଭତ୍ସ, ନାରକୀୟ କାଣ୍ଡ ଘଟାଇବ ବୋଲି। ଏମିତି ଦୁଇ ଦୁଇଜଣଙ୍କୁ ହତ୍ୟା କରିବା ପରେ ଅଟ୍ଟହାସ୍ୟର ହସ ହସିବ ବୋଲି କେହି ଭାବି ନ ଥିଲେ।**

**ଜଗତସିଂହପୁରରୁ ରଶ୍ମିରଞ୍ଜନ ମହାପାତ୍ରଙ୍କ ରିପୋର୍ଟ**

ସମୟରେ ବହୁ ଅସାମାଜିକ ଲୋକ ଏଠାରେ ଥିବା ସରକାରୀ କ୍ୱାର୍ଟର୍ସକୁ ଜବରଦଖଲ କରି ରହିବା ସହିତ ନିଜ ଅପରାଧିକ କାର୍ଯ୍ୟକଳାପ ଏଠାରୁ ସଂଗଠିତ କରୁଥିଲେ। କୁଜଙ୍ଗ ଏକ୍ସପ୍ରେସ୍ ୱେ କଲୋନୀରେ ନିଜ ବାପାକୁ ମିଳିଥିବା ସରକାରୀ କ୍ୱାର୍ଟର୍ସରେ ଚିଣ୍ଟୁ ନାଥ (୩୫) ଓ ତା'ର ସ୍ତ୍ରୀ ରହୁଥିଲେ। ତା'ର ବାପା ଅବସର ଗ୍ରହଣ କରିଥିବାବେଳେ ବର୍ଷ ବର୍ଷ ଧରି ଏହି କ୍ୱାର୍ଟର୍ସକୁ ସେ ନିଜ ଦଖଲରେ ରଖିଥିଲା। ଅଭ୍ୟାସଗତ ନିଶାଡ଼ି ଚିଣ୍ଟୁ ଦୀର୍ଘଦିନ ଧରି ଡ୍ରଗ୍ସ ସେବନ କରିବା ସହ ସ୍ତ୍ରୀ ସହିତ



ବାରମ୍ବାର କଳହ କରୁଥିଲା। ନିଶାସକ୍ତ ଅବସ୍ଥାରେ ସ୍ତ୍ରୀକୁ ମାଡ଼ ମାରିବା ସହିତ ମାନସିକ ନିର୍ଯାତନା ଦେଇଆସୁଥିଲା। ଏସବୁ ଅସହ୍ୟ ହେବାପରେ ତାଙ୍କ ସ୍ତ୍ରୀ ଘର ଛାଡ଼ିବା ସହିତ କୁଜଙ୍ଗ ଥାନାରେ ଚିଣ୍ଟୁ ବିରୋଧରେ ଅଭିଯୋଗ କରିଥିଲେ। ସେହିପରି ଚିଣ୍ଟୁର ମାଆଙ୍କର ମଧ୍ୟ ଏଠାରେ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଚିଣ୍ଟୁ ନିଜ ମାଆକୁ ହତ୍ୟା କରିଥାଇପାରେ ବୋଲି ସ୍ଥାନୀୟ ଲୋକ ସନ୍ଦେହ କରୁଥିଲେ ମଧ୍ୟ ଏ ବାବଦରେ ସେପରି କୌଣସି ବଳିଷ୍ଠ ପ୍ରମାଣ ପୁଲିସକୁ ମିଳି ନ ଥିଲା।

ତେବେ ଚିଣ୍ଟୁର ସ୍ତ୍ରୀ ଘର ଛାଡ଼ିବାପରେ ତା'ର ମାନସିକ ସ୍ଥିତି ଆହୁରି ଖରାପ ହୋଇଥିଲା। ତା'ର ସ୍ତ୍ରୀକୁ ଶିଖାଇ ବାପଘର ପଠାଇ ଦେଇଥିବା ନେଇ ନିଜ ପଡ଼ୋଶୀଙ୍କ ପ୍ରତି ତା' ମନରେ ସନ୍ଦେହ ରହିଥିଲା। ଏହି ଘଟଣାରେ ଉକ୍ତ କଲୋନୀର ବାସିନ୍ଦା ଶିକ୍ଷୟିତ୍ରୀ ଥିବା ନିର୍ମଳା ଲେଙ୍କା (୫୪) ଓ ଅନିତା ରାଉତ(୪୪)ଙ୍କୁ ଚିଣ୍ଟୁ ସନ୍ଦେହ କରିବା ସହିତ ପ୍ରତିଶୋଧ ନେବାକୁ ସୁଯୋଗ ଅପେକ୍ଷାରେ ଥିଲା। ଘଟଣା ଦିନ ସକାଳେ ଯେତେବେଳେ ଶିକ୍ଷୟିତ୍ରୀ ନିର୍ମଳା ଲେଙ୍କା ବୁଲିବାକୁ ନିଜ ଘରୁ ବାହାରିଥିଲେ, ସେତେବେଳେ ଚିଣ୍ଟୁ ତା'ର ସ୍ତ୍ରୀ ଘର ଛାଡ଼ିବା ନେଇ ନିର୍ମଳାଙ୍କୁ ଦାୟୀ କରିଥିଲା। ଏପରିକି ତା' ଘର କାହିଁକି ଭାଙ୍ଗିଲେ ବୋଲି ପଚାରିଥିଲା। ନିର୍ମଳା ଏସବୁକୁ ଅସ୍ୱୀକାର କରିବା ପରେ ଏନେଇ ବଚସା ହେବାରୁ ଚିଣ୍ଟୁ ତାଙ୍କୁ ଏକ ଧାରୁଆ ଖଣ୍ଡାରେ ହାଣି ପକାଇଥିଲା। ଏହି ନିର୍ମମ ଆକ୍ରମଣକୁ ଦେଖି ପଡ଼ୋଶୀ ମହିଳା ଅନିତା ନିର୍ମଳାଙ୍କୁ ବଞ୍ଚାଇବାକୁ ଧାଇଁ ଆସିବାପରେ ରକ୍ତମୁଖା ଚିଣ୍ଟୁ ତାଙ୍କୁ ମଧ୍ୟ ହାଣି ପକାଇଥିଲା। ଘଟଣାସ୍ଥଳରେ ନିର୍ମଳାଙ୍କ ମୃତ୍ୟୁ ହୋଇଥିବା ସମୟରେ ଅନିତାଙ୍କୁ ସ୍ଥାନୀୟ ଲୋକ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଚିଣ୍ଟୁ ନିର୍ମଳାଙ୍କ ସ୍ୱାମୀ ସହଦେବ ଓ ତାଙ୍କ ପୁଅ ରୀତେଶ ଲେଙ୍କାଙ୍କୁ ମଧ୍ୟ ଆକ୍ରମଣ କରି ଆହତ କରିଥିଲା। ସ୍ଥାନୀୟ ଲୋକମାନେ ରକ୍ତମୁଖା ଚିଣ୍ଟୁକୁ କୌଣସି ପ୍ରକାର କାବୁକରି କୁଜଙ୍ଗ ପୁଲିସକୁ ହସ୍ତାନ୍ତର କରିଥିଲେ।

ଅନ୍ୟ ପକ୍ଷରେ, ତାଙ୍କ



ପରିବାରରେ ଆମର କୋଣସି ହସ୍ତକ୍ଷେପ ନ ଥିଲା ବୋଲି ନିର୍ମଳାଙ୍କ ସ୍ୱାମୀ ସହଦେବ କହିଛନ୍ତି। ରବିବାର ସକାଳେ ଚିଣ୍ଟୁ ଡ୍ରଗ୍ସ ସେବନ ପାଇଁ ଟଙ୍କା ମାଗିବାରୁ ନିର୍ମଳା ମନା କରିଥିଲେ। ଏଥିରେ ଉତ୍କ୍ଷିପ୍ତ ଚିଣ୍ଟୁ ତାଙ୍କୁ ଖଣ୍ଡାରେ ହାଣିପକାଇଥିଲା ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଚିଣ୍ଟୁ ମହିଳାଙ୍କୁ ଟଣାଟଣି କରି ଅସଦାଚରଣ କରିଥିବା ଅନିତାଙ୍କ ପରିବାର ଅଭିଯୋଗ କରିଥିଲେ। ଦୁଇ ମହିଳାଙ୍କୁ ହତ୍ୟା କରିବା ପରେ ଚିଣ୍ଟୁ ମୁହଁରେ ଅନୁଶୋଚନାର କୌଣସି ଚିହ୍ନ ନ ଥିଲା ବୋଲି ପଡ଼ୋଶୀ କହିଛନ୍ତି। ଏପରିକି ଦୁଇଟି ଜୀବନ ନେବାପରେ ସେ ହସୁଥିଲା ବୋଲି ସେମାନେ କହିଛନ୍ତି। ଏହି ମାମଲା ଚିଚାରାଧୀନ ରହିଥିବା ସମୟରେ ନିଜର କୃତକର୍ମ ପାଇଁ ଆସାମୀ ଜେଲ୍ ହାଜତରେ ରହିଛି। ■

# ମୁଣ୍ଡ ପାଇଁ ମୂଲଚାଲ୍



**୨୦୨୧ ମାର୍ଚ୍ଚ ୧୩ ତାରିଖରେ କୋରାପୁଟ ଜିଲ୍ଲା ପାଡୁଆ ଥାନା ଅନ୍ତର୍ଗତ ହାତୀବାରି ପଞ୍ଚାୟତ ଡୁମୁରିବାରି ଗ୍ରାମର ମୋହନ ଦାସ ହନ୍ତାଲ କେଉଁଆଡ଼େ ନିଖୋଜ ହୋଇଗଲେ। ପରିବାର ଲୋକେ ଭାବିଲେ କୌଣସି କାରଣ ପାଇଁ ମୋହନ କେଉଁଆଡ଼େ ଚାଲି ଯାଇଛନ୍ତି। ମନ ବୁଝିଗଲେ ଫେରି ଆସିବେ। ହେଲେ ତିନିମାସ ପର୍ଯ୍ୟନ୍ତ ମୋହନଙ୍କ କୌଣସି ସନ୍ଧାନ ନ ମିଳିବାରୁ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହେଲେ। ତା' ପରେ ଖୋଲିଲା ମୋହନ ଦାସ ହତ୍ୟାକାଣ୍ଡର ପ୍ରକୃତ ରହସ୍ୟ। ଉଭୟ ଈର୍ଷା ଓ ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ରକରି ଗାଁର ଶିବ ଖରା ନାମକ ଜଣେ ବ୍ୟକ୍ତି ଏକ ଲକ୍ଷ ଟଙ୍କା ସୁପାରି ଦେଇ ମୋହନଙ୍କୁ ହତ୍ୟା କରି ପାହାଡ଼ରେ ପୋତି ଦେଇଥିଲେ। ହତ୍ୟାକାଣ୍ଡରେ ୫ ଜଣଙ୍କ ସମ୍ପୃକ୍ତି ନେଇ ପୁଲିସ ଜାଣିବାକୁ ପାଇଥିଲା।**

**କୋରାପୁଟରୁ ସୁବୋଧ କୁମାର ଚେଟ୍ଟୀଙ୍କ ରିପୋର୍ଟ**

ଡୁମୁରିବାରି ଗ୍ରାମର ମୋହନ ସ୍ଥାନୀୟ ଅଞ୍ଚଳରେ ଜଣେ ନେତା ସେ ଠିକାଦାରୀ କରି ବେଶ ଭଲରେ ଚଳୁଥିଲେ। ମୋହନ ଦାସଙ୍କ ରୋଜଗାର ଓ ଚାଲିଚଳଣିରେ ଈର୍ଷାପରାୟଣ ହୋଇ ସେହି ଗ୍ରାମର ଶିବ ଖରା ମୋହନଙ୍କୁ ସବୁ ଦିନ ପାଇଁ ରାସ୍ତାରୁ ହଟାଇ ନିଜେ ରାଜୁତି କରିବାକୁ ନିଷ୍ପତ୍ତି ନେଇଥିଲା। ନିଷ୍ପତ୍ତି ଅନୁଯାୟୀ ଶିବ ଖରା ସ୍ଥାନୀୟ ଅଞ୍ଚଳର ୫ ଜଣ ଅପରାଧୀଙ୍କ ସହ ଯୋଗାଯୋଗ କରି ମୋହନ ଦାସକୁ ହତ୍ୟା କରିବା ପାଇଁ ୧ ଲକ୍ଷ ଟଙ୍କା ଦେବାକୁ ପ୍ରସ୍ତାବ ଦେଇଥିଲା। ମୂଲଚାଲ ମୁତାବକ ଶିବ ହତ୍ୟାକାରୀମାନଙ୍କୁ ପ୍ରଥମେ ୬୦ ହଜାର ଟଙ୍କା ଅଗ୍ରିମ ଦେଇ କାମ ସରିବା ପରେ ବଳକା ୪୦ ହଜାର ଟଙ୍କା ଦେବାକୁ ମୂଲଚାଲ୍ କରିଥିଲା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ୫ ଜଣଯାକ ନିର୍ଦ୍ଧାରିକ ତାରିଖରେ ମୋହନଙ୍କୁ କୌଣସି ବାହାନାରେ ଡୁମୁରିବାରି ଗ୍ରାମ ଉପକଣ୍ଠ ପାହାଡ଼କୁ ଡାକି ନେଇ ନିର୍ମମ ଭାବେ ହତ୍ୟା କରି ସେଠାରେ ପୋତି ଦେଇଥିଲେ।

ମୋହନ ଦାସ ଘରକୁ ନ ଫେରିବାରୁ ଭାବିଥିଲେ କେଉଁ ଆଡ଼େ ଯାଇଥିବ ଫେରିବ ନିଶ୍ଚୟ ଭାବି ଚୁପ୍ ବସି ରହିଲେ। ତେବେ ତିନି ମାସ ପରେ ମଧ୍ୟ ମୋହନ ଦାସ ଘରକୁ ନ ଫେରିବାରୁ ଜୁନ୍ ୨୯ ତାରିଖରେ ମୋହନଙ୍କ ପୁତୁରା ସଦା ହନ୍ତାଲ ପାଡୁଆ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମିସିଂ କେଶ୍ କରି ତଦନ୍ତ କରୁଥିବା ବେଳେ ଡୁମୁରିବାରି ନିକଟ ପାହାଡ଼ରେ ଏକ ମୃତଦେହ ପୋତା ଯାଇଥିବା ଜାଣିବାକୁ ପାଇଲା। ସନ୍ଦେହରେ ପୁଲିସ ସେହି ଗ୍ରାମର ରାମା ରାଓ, ବିମାନ, ଶ୍ରୀଧର, କାହ୍ନୁ ଏବଂ ବିପାନକୁ ଥାନାକୁ ନେଇ ପଚରାଉଚରା କରିଥିଲା। ଜେରା ବେଳେ ସେମାନେ ମୋହନ ଦାସକୁ ହତ୍ୟାକରି ପାହାଡ଼ରେ ପୋତି ଦେଇଥିବା ପୁଲିସକୁ କହିବା ସହ ଗ୍ରାମର ଶିବ ଖରାର ପ୍ରରୋଚନାରେ ସେମାନେ ଟଙ୍କା ନେଇ ଏଭଳି କାଣ୍ଡ ଭିଆଇଥିବା ସ୍ୱୀକାର କରିଥିଲେ। ଅଭିଯୁକ୍ତମାନଙ୍କ ସ୍ୱୀକାରୋକ୍ତି ପରେ ପୁଲିସ ମାମଲା ରୁଜୁ କରି ରାମା ରାଓ, ବିପନ, ବିମାନ, କାହ୍ନୁ ଓ ଶିବ ଖରାକୁ ଗିରଫ୍ କରି କୋର୍ଟ ଚାଲାଣ କରିଥିଲା । ତେବେ ଘଟଣାର ଅନ୍ୟ ଅଭିଯୁକ୍ତ ଦାନ ଏବଂ ଆପାନ୍ନା ସେତେବେଳେ ଫେରାର ହୋଇଯାଇଥିବାବେଳେ ପରବର୍ତ୍ତୀ ସମୟରେ ପୁଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବର୍ତ୍ତମାନ ସମସ୍ତ ଅଭିଯୁକ୍ତ ଜାମିନରେ ଥିବାବେଳେ ମାମଲାର ବିଚାର ଚାଲିଛି। ■





### ତଦନ୍ତ ଆହ୍ୱାନପୂର୍ଣ୍ଣ ଥିଲା

ଆଦିବାସୀ ବହୁଳ କୋରାପୁଟ ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ସୁପାରି କିଲିଂ ଏକ ବିରଳ ଘଟଣା ବୋଲି ତତ୍କାଳୀନ ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ କୁମାର ମହାପାତ୍ର ପ୍ରତିକ୍ରିୟା ଦେବା ସହ ଏହା ପୁଲିସ ପାଇଁ ବଡ଼ ଆହ୍ୱାନପୂର୍ଣ୍ଣ ଥିଲା ବୋଲି କହିଛନ୍ତି। ମୃତକଙ୍କ ସମ୍ପର୍କୀୟ କେହି ଚିନ୍ତା କରିପାରି ନ ଥିଲେ ତାଙ୍କ ଘର ମୁଖିଆଙ୍କୁ କେହି ହତ୍ୟା ହୋଇଥିବ, ତେଣୁ ସେମାନେ ମୃତକ ଘରକୁ ନଫେରିବାରୁ ତିନି ମାସ ପରେ ନିଖୋଜ ଥିବା ଅଭିଯୋଗ କରିଥିଲେ। ପୁଲିସ ମଧ୍ୟ ଏକ ମିଶିଂ କେଶ ରୁଜୁକରି ଘଟଣାକୁ ହାଲୁକା ଭାବେ ନେଇଥିଲା। ହେଲେ ପରବର୍ତ୍ତୀ ସମୟରେ ପୁଲିସର ଗୋଇନ୍ଦା ସୂତ୍ରରୁ ମୃତଦେହ ପୋତା ଯାଇଥିବା ସମ୍ପର୍କରେ ସୂଚନା ପାଇ ଗୁରୁତର ସହ ତଦନ୍ତ କରିଥିଲା। ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିବା ପରେ ସତ୍ୟାସତ୍ୟ ପଦାକୁ ଆସିଥିଲା। ପୁଲିସ ସେତେବେଳେ ଅତି ସତର୍କତାର ସହ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଜେରା କରିବା ଓ ସେମାନଙ୍କ ଠାରୁ ସତ ଓଗାରିବା କଷ୍ଟସାଧ୍ୟ ଥିଲା, କିନ୍ତୁ ସତ ନିଶ୍ଚିତ ଉନ୍ମୋଚନ ହେବ ସେହି ବିଶ୍ୱାସ ରଖି ପୁଲିସ ତଦନ୍ତ ଆଗେଇ ନେଇଥିଲା ଏବଂ ଶେଷରେ ସଫଳ ସତ ଉନ୍ମୋଚିତ ହୋଇଥିଲା ବୋଲି ଶ୍ରୀ ମହାପାତ୍ର ପ୍ରତିକ୍ରିୟା ଦେଇଛନ୍ତି।

## ଇରାନ-ଇସ୍ରାଏଲ ବିବାଦ

# ଦିନେ ଇରାନ ପାଇଁ ସଦ୍ଦାମଙ୍କ ସହ ଲଢ଼ିଥିଲା ଇସ୍ରାଏଲ



## ବନ୍ଧୁରୁ ଶତ୍ରୁ କରିଦେଲା ଇସ୍‌ଲାମିକ କ୍ରାନ୍ତି



ଦୀର୍ଘ ବର୍ଷ ହେଲା ଇରାନ ଏବଂ ଇସ୍ରାଏଲ ପରସ୍ପର ବିରୋଧରେ ଛଦ୍ମ ଯୁଦ୍ଧ ଚଳାଇ ଥିଲେ। ମାତ୍ର ଉଭୟ ଦେଶ କେବେ ବି ସମ୍ମୁଖ ଯୁଦ୍ଧ ଲଢ଼ି ନାହାନ୍ତି। ଆତଙ୍କବାଦୀ ସଂଗଠନ ହମାସ ଏବଂ ହିଜବୁଲ୍ଲା ଆଦିଙ୍କ ମାଧ୍ୟମରେ ଇସ୍ରାଏଲ ଏବଂ ଏହାର ଦୂତାବାସ ଉପରେ ଇରାନ ଆକ୍ରମଣ କରିଆସୁଥିବା ଅଭିଯୋଗ ଲାଗିଛି। ମାତ୍ର ଇହୁଦୀ ରାଷ୍ଟ୍ର ଇସ୍ରାଏଲ ସିଧାସଳଖ ଭାବେ ଏହାର ଜବାବ ଦେଉଛି। ହମାସ, ହିଜବୁଲ୍ଲା ଏବଂ ଇରାନ ଠିକଣାରେ ଆକ୍ରମଣ କରିଚାଲିଛି। ଗତ ୧ ତାରିଖରେ ସିରିୟା ସ୍ଥିତ ଇରାନ ଦୂତାବାସ ନିକଟରେ ଇସ୍ରାଏଲ ସେନା ଏୟାରଷ୍ଟ୍ରାଇକ କରିଥିଲା। ଏଥିରେ ଇରାନର ୨ ପ୍ରମୁଖ ସେନା କମାଣ୍ଡରଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହା ପରଠାରୁ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବଢ଼ିଥିଲା। ଇସ୍ରାଏଲଠାରୁ ପ୍ରତିଶୋଧ ନେବାକୁ ଇରାନ ପଣ କରିଥିଲା। ଇସ୍ରାଏଲ ଉପରେ ଇରାନର ଡ୍ରୋନ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ ପରେ ସ୍ଥିତି ଆହୁରି ଜଟିଳ ହେବାରେ ଲାଗିଥିଲା। ଏହି ଆକ୍ରମଣରେ ଇସ୍ରାଏଲର ବିଶେଷ କ୍ଷତି ହୋଇ ନ ନ ଥିଲେ ମଧ୍ୟ ଏହି ଦେଶ ଚୁପ୍ ହୋଇ ବସିବ ନାହିଁ ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ତୁହାକୁ ତୁହା ୱାର କ୍ୟାବିନେଟର ବୈଠକ କରୁଛନ୍ତି। ଯେକୌଣସି ସମୟରେ ଇସ୍ରାଏଲ ପାଲଟା ଆକ୍ରମଣ କରିପାରେ ବୋଲି ଆଶା କରାଯାଉଛି। ତେବେ ଇସ୍ରାଏଲ ଏବଂ ଇରାନକୁ ସଂଘର୍ଷରୁ ଦୂରେଇ ରଖିବା ପାଇଁ ଆମେରିକା, ଭାରତ ସହିତ ଅନେକ ଦେଶ ପ୍ରୟାସ ଜାରି ରଖିଛନ୍ତି। ଯଦି ଏହି ଯୁଦ୍ଧ ହୁଏ ବିଶ୍ୱ ପୁଣି ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯିବ। ୨ଟି ଯୁଦ୍ଧ ମଧ୍ୟରେ ଆଉ ଏକ ଯୁଦ୍ଧ ଚାଲିବ। ଇସ୍ରାଏଲକୁ ଚାରିପଟୁ ଆକ୍ରମଣର ସମ୍ମୁଖୀନ ହେବାକୁ ପଡ଼ିବ। ଏଭଳି ସ୍ଥିତିରେ ଦୁଇ ଦେଶର ପୂର୍ବ ସମ୍ବନ୍ଧ ଚର୍ଚ୍ଚାକୁ ଆସିଛି। ଆଜି ମୁହାଁମୁହିଁ ସ୍ଥିତିରେ ଥିବା ଏହି ଦୁଇ ଦେଶ ପୂର୍ବେ ବନ୍ଧୁ ରାଷ୍ଟ୍ର ଥିଲେ। ପରସ୍ପରକୁ ସହଯୋଗ କରୁଥିଲେ। ଇରାନ ପାଇଁ ଦିନେ ଇସ୍ରାଏଲ ସଦାମ ହୁସେନଙ୍କ ସହ ଲଢେଇ କରିଥିଲା। ହେଲେ ସମୟ ବଦଳିବା ସହିତ ବନ୍ଧୁତା ଶତ୍ରୁତାରେ ବଦଳି ଯାଇଥିଲା। ଏହା କିପରି ହୋଇଥିଲା ସେ ବିଷୟରେ ନିମ୍ନରେ ବର୍ଣ୍ଣନା କରାଗଲା।

## ଶତ୍ରୁତା ସତ୍ତ୍ୱେ ଅସ୍ତ୍ରଶସ୍ତ୍ର ବିକିଥିଲା ଇସ୍ରାଏଲ

ଇରାକର ଏକଚ୍ଛତ୍ରବାଦୀ ଶାସକ ସଦ୍ଦାମ ହୁସେନ ୧୯୮୦ରେ ଅଚାନକ ଇରାନ ଉପରେ ଆକ୍ରମଣ କରିଥିଲେ। ପ୍ରଥମେ ଇରାନ ବାୟୁସେନା ଉପରେ ଆକ୍ରମଣ ହୋଇଥିଲା। ଏହାପରେ ଇରାକ ସେନାର ୬ ବାଟାଲିୟନ ଇରାନର ଖୁଜେସ୍ତାନ ଅଞ୍ଚଳରେ ଅନୁପ୍ରବେଶ କରିଥିଲେ। ବର୍ଷେ ତଳେ ଇସଲାମିକ କ୍ରାନ୍ତିରୁ ବାହାରିଥିବା ଇରାନ ଯୁଦ୍ଧ ପାଇଁ ଆଦୌ ପ୍ରସ୍ତୁତ ନ ଥିଲା। ଏଥିଯୋଗୁଁ ୨ ମାସରେ ଇରାନର ୨ ଲକ୍ଷ ସୈନିକ ପ୍ରାଣ ହରାଇଥିଲେ। ସ୍ଥିତି ବିଗିଡ଼ିବା ଦେଖି ଆମେରିକୀୟ ଅସ୍ତ୍ରଶସ୍ତ୍ର ସଂଗ୍ରହ ପାଇଁ ଇରାନ ଉପରେ ଚାପ ବଢ଼ି ଥିଲା। ପୂର୍ବରୁ ଏହି ଦେଶ ପାଖରେ ଥିବା ଅସ୍ତ୍ରଶସ୍ତ୍ର ଆମେରିକା କିମ୍ବା ବ୍ରିଟେନର ଥିଲା। ତେଣୁ ଏହାକୁ ଚଲାଇବା ପାଇଁ ଆମେରିକା ଯନ୍ତ୍ରାଂଶର ଆବଶ୍ୟକତା ପଡ଼ିଥିଲା। ଏହାପରେ ଅକ୍ଟୋବରରେ ଇରାନ ନିଜର ଏକ ପ୍ରତିନିଧିମଣ୍ଡଳ ଇସ୍ରାଏଲ ପଠାଇ ଥିଲା। ଏଠାରେ ଏକ ଗୋପନୀୟ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଏହା ଆଧାରରେ ୧୯୮୦ ଅକ୍ଟୋବର ୨୪ରେ ଇରାନକୁ ସ୍କର୍ପିୟାନ ଟ୍ୟାଙ୍ଗ ଏବଂ ଏଫ୍-୪ ଲଢୁଆ ବିମାନ ପାଇଁ ୨୫୦ ଟାୟାର ମିଳିଥିଲା। ଏହି ସମୟରେ ୟୁରୋପରୁ ଅନେକ ଜାହାଜ ଇରାନର ଚାବହାର, ବନ୍ଦର ଅବାସ ଏବଂ ବସେହର ବନ୍ଦରରେ ଲାଗିଥିଲା। ଏହିସବୁ ଜାହାଜରେ ହେଲିକପ୍ଟର ଏବଂ କ୍ଷେପଣାସ୍ତ୍ର ମୁତୟନ ବ୍ୟବସ୍ଥା ଥିଲା। ତେବେ ଦୁଇ ଶତ୍ରୁ ରାଷ୍ଟ୍ର ମଧ୍ୟରେ ହୋଇଥିବା ଏହି ଚୁକ୍ତିର ସୂଚନା ଖୁବଶୀଘ୍ର ଆମେରିକା ନିକଟରେ ପହଞ୍ଚି ଯାଇଥିଲା। ସେତେବେଳେ ଆମେରିକାରେ ଡେମୋକ୍ରାଟ ଜିମି କାର୍ଟରଙ୍କ ସରକାର ଥିଲା। ଇରାନକୁ ତୁରନ୍ତ ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ କରିବା ପାଇଁ କାର୍ଟର ପ୍ରଶାସନ ଇସ୍ରାଏଲକୁ ନିର୍ଦ୍ଦେଶ ଦେଇଥିଲା। ତେବେ କିଛି ମାସ ମଧ୍ୟରେ ଆମେରିକାରେ ସରକାର ବଦଳି ଯାଇଥିଲା। ରୋନାଲ୍ଡ ରିଗନ ଆମେରିକାର ନୂଆ ରାଷ୍ଟ୍ରପତି ହୋଇଥିଲେ। ଏହାପରେ ଇସଲାମିକ କ୍ରାନ୍ତି ସମୟରେ ଇରାନ ବନ୍ଧକ ରଖିଥିବା ନାଗରିକଙ୍କୁ ଆମେରିକା ମୁକ୍ତ କରିଦେଇଥିଲା। ଏହାମଧ୍ୟରେ ଇରାନକୁ ସହାୟତା ଦେବା ପାଇଁ ଇସ୍ରାଏଲ ଆମେରିକାକୁ ମନାଇ ନେଇଥିଲା। ମାତ୍ର ଇସ୍ରାଏଲ, ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ଏହି ଚୁକ୍ତି ବିଷୟରେ କାହା ପାଖରେ କୌଣସି ସୂଚନା ନ ଥିଲା। ଆମେରିକା ଇସ୍ରାଏଲ ଦେଇ ଇରାନକୁ ଅସ୍ତ୍ରଶସ୍ତ୍ର ପଠାଉଥିଲା। ଏହାର ଦାୟିତ୍ୱ ଅଧିକାରୀ ରବର୍ଟ ମ୍ୟାକଫାର୍ଲେନଙ୍କୁ ଦିଆଯାଇଥିଲା। ଇରାନକୁ ସହଯୋଗ କରିବା ସତ୍ତ୍ୱେ ଇସ୍ରାଏଲ ସନ୍ତୁଷ୍ଟ ନ ଥିଲା। କାରଣ ଆମେରିକା ଦେଇଥିବା ଅସ୍ତ୍ରଶସ୍ତ୍ର ଦ୍ୱାରା ଯୁଦ୍ଧ ସ୍ଥିତିରେ କୌଣସି ପରିବର୍ତ୍ତନ ଆସି ନ ଥିଲା। ଶେଷରେ ଇସ୍ରାଏଲ ନିଜ ଗୁପ୍ତଚରଙ୍କୁ ସଦାମ ହୁସୈନଙ୍କ ସରକାର ବିରୋଧରେ ଲଗାଇଥିଲା। ଇରାନ ପାଇଁ ବିଭିନ୍ନ ଦେଶରୁ ଅସ୍ତ୍ରଶସ୍ତ୍ର ସଂଗ୍ରହ କରାଇଥିଲା। ଏଥିପାଇଁ ଇସ୍ରାଏଲ ଗୁଇନ୍ଦା ଏଜେନ୍ସି ୱାଲ ଷ୍ଟ୍ରିଟ୍‌ରେ ଏକ କମ୍ପାନୀ ଖୋଲିଥିଲା। ଏଥିରେ ୫୦ରୁ ଅଧିକ ଲୋକଙ୍କୁ କାମରେ ଲଗାଇ ଥିଲା। ଏହି କମ୍ପାନୀ ଆମେରିକାରୁ ଅସ୍ତ୍ରଶସ୍ତ୍ର କିଣି ଇରାନକୁ ବିକ୍ରି କରୁଥିଲା। ଏହା ଜଣାପଡ଼ିବା ପରେ କମ୍ପାନୀକୁ ଆମେରିକାରୁ ବ୍ରିଟେନ ସ୍ଥାନାନ୍ତର କରିଦିଆଯାଇଥିଲା। ଇସ୍ରାଏଲ କେବଳ ଇରାନ ପାଇଁ ଅସ୍ତ୍ରଶସ୍ତ୍ର ସଂଗ୍ରହ କରି ନ ଥିଲା; ବରଂ ଇରାକ ଉପରେ ଆକ୍ରମଣ କରିଥିଲା ବୋଲି ଆମେରିକା ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ୧୯୮୧ ଜୁନ୍ ୭ରେ ଯୁଦ୍ଧ ଜୋରଦାର ହେଉଥିବା ସମୟରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ମେନାକେମ ବେଗିନ ଇରାକରେ ବୋମାମାଡ଼ କରିବା ପାଇଁ ଏଫ-୧୬ ବିମାନ ପଠାଇ ଦେଇଥିଲେ। ବୋମାମାଡ଼ ଯୋଗୁଁ ବାଗଦାଦ କିଛି ମିନିଟରେ ଧ୍ୱଂସସ୍ତୁପରେ ପରିଣତ ହୋଇଯାଇଥିଲା। ଇରାକର ପରମାଣୁ ଗବେଷଣା କେନ୍ଦ୍ରକୁ ଇସ୍ରାଏଲ ବିମାନ ଧ୍ୱଂସ କରିଦେଇଥିଲା। ବୋମାମାଡ଼ ଦ୍ୱାରା ଇରାକର ପରମାଣୁ ଜିନ୍ ପୁଣି ବୋତଲରେ ବନ୍ଦ ହୋଇଯାଇଛି ବୋଲି ଇସ୍ରାଏଲ ପକ୍ଷରୁ କୁହାଯାଇଥିଲା। ମାତ୍ର ସେତେବେଳେ ଏହି ଆକ୍ରମଣକୁ ତୀବ୍ର ସମାଲୋଚନା କରାଯାଇଥିଲା।






## ସବାକକୁ ପ୍ରଶିକ୍ଷଣ ଦେଉଥିଲା ମୋସାଦ

ଇରାନରେ ଆମେରିକାର କାଠ କଣ୍ଢେଇ ସରକାର ସହ ଇସ୍ରାଏଲର ଭଲ ସମ୍ବନ୍ଧ ଥିଲା। ଦିନେ ଇରାନ ଇସ୍ରାଏଲର ପ୍ରମୁଖ ତୈଳ ଯୋଗାଣକାରୀ ମଧ୍ୟ ଥିଲା। ଏହି ସମୟରେ ଅନ୍ୟ ଆରବ ଦେଶଗୁଡିକ ସହ ଇସ୍ରାଏଲର କୌଣସି ସମ୍ବନ୍ଧ ନ ଥିଲା। ମଧ୍ୟ ପ୍ରାଚ୍ୟରେ ଇସ୍ରାଏଲ ଏବଂ ତୁର୍କୀ ପରେ ଇରାନରେ ଇହୁଦୀଙ୍କ ସଂଖ୍ୟା ସର୍ବାଧିକ ଥିଲା। ପ୍ରାୟ ଲକ୍ଷେ ଇହୁଦୀ ଇରାନରେ ରହୁଥିଲେ। ଦୁଇ ଦେଶ ମଧ୍ୟରେ ବନ୍ଧୁତା ଏପରି ବୃଦ୍ଧି ପାଇଥିଲା ଯେ ଇରାନର ଗୁଇନ୍ଦା ଏଜେନ୍ସି ସବାକକୁ ଇସ୍ରାଏଲର ଗୁଇନ୍ଦା ଏଜେନ୍ସି ମୋସାଦ ପ୍ରଶିକ୍ଷଣ ଦେଉଥିଲା।

## କେମିତି ଆରମ୍ଭ ହୋଇଥିଲା ଶତ୍ରୁତା

୧୯୭୯ର ଇସ୍‌ଲାମିକ କ୍ରାନ୍ତିରୁ ଉଭୟ ଦେଶର ସମ୍ବନ୍ଧ ବିଗିଡ଼ିବାରେ ଲାଗିଥିଲା। ୧୯୭୮ରେ ଇରାନ ରାଜା ଶାହା ପହଲବି ନିଜ ରାଜମହଲରେ ଏକ ଭବ୍ୟ ପାର୍ଟିର ଆୟୋଜନ କରିଥିଲେ। ଏଥିରେ ଆମେରିକା ଉପ-ରାଷ୍ଟ୍ରପତି ସିପ୍ରୋ ଅଗ୍ନେୟୁ, ସୋଭିଏତ ସଂଘରେ ସାମିଲ ଥିବା ଦେଶର ବଡ଼ ନେତା ସାମିଲ ଥିଲେ। ତେବେ ଇରାନର ଧାର୍ମିକ ନେତା ଅୟତୁଲ୍ଲା ଖେମନେଇ ଏହାକୁ 'ସୈତାନ'ଙ୍କ ପାର୍ଟି କହି ସମାଲୋଚନା କରିଥିଲେ। ରାଜ ପରିବାର ଏହି ପାର୍ଟି ବିରୋଧରେ ଖେମନେଇ ଲୋକଙ୍କୁ ଏକାଠି କରିବା ଆରମ୍ଭ କରିଦେଲେ। ରାଜା ଆମେରିକା ସପକ୍ଷରେ ନିଷ୍ପତ୍ତି ନେଉଛନ୍ତି ବୋଲି ସେ ବୁଝାଇ ଥିଲେ। ଖେମନେଇଙ୍କ ନେତୃତ୍ୱରେ ଇରାନ ରାଜ ପରିବାର ବିରୋଧରେ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏହି ଆନ୍ଦୋଳନରେ ଇରାନର ସାଧାରଣ ଲୋକ ମଧ୍ୟ ସାମିଲ ହୋଇଥିଲେ। କ୍ରମେ ଏହା ଇସ୍‌ଲାମିକ କ୍ରାନ୍ତିର ରୂପ ନେଇଥିଲା। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଯେଉଁ ଖେମନେଇ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ସେ ନିଜେ ଦେଶରେ ନ ଥିଲେ। ସେ ୧୯୬୪ରେ ଇରାନକୁ ମୁସଲିମ ରାଷ୍ଟ୍ର ବନାଇବାକୁ ଦାବି କରିଥିଲେ। ଏଥିଯୋଗୁଁ ଖେମନେଇଙ୍କୁ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେଣୁ ସେ ଇରାକରେ ରହି ଇସ୍‌ଲାମିକ କ୍ରାନ୍ତି ଆରମ୍ଭ କରିଥିଲେ। ରିପୋର୍ଟ ଅନୁଯାୟୀ ୧୯୭୮ ଡିସେମ୍ବର ୨୦ରେ ପ୍ରାୟ ୨୦ ଲକ୍ଷ ଲୋକ ରାଜ ପରିବାର ବିରୋଧରେ ବିଦ୍ରୋହ ପାଇଁ ତେହେରାନର ଶାହୟାଦ ଛକରେ ଏକାଠି ହୋଇଥିଲେ। ଏତେ ଲୋକଙ୍କୁ ଦେଖି ସେନା କାର୍ଯ୍ୟାନୁଷ୍ଠାନ ନେବାକୁ ମନା କରିଦେଇଥିଲା। ପରିଣାମ ସ୍ୱରୂପ ରାଜା ପହଲବି ଦେଶ ଛାଡ଼ି ପଳାଇ ଥିଲେ। ପରେ ୧୯୭୯ ଏପ୍ରିଲରେ ଖେମନେଇ ଦେଶକୁ ଫେରି ଇରାନକୁ ଇସଲାମିକ ରାଷ୍ଟ୍ର ଘୋଷଣା କରିଥିଲେ। ଏହି ଦେଶରେ ସରିୟା ଆଇନ ମଧ୍ୟ କାର୍ଯ୍ୟକାରୀ କରାଯାଇଥିଲା। ଖେମନେଇଙ୍କ ନେତୃତ୍ୱାଧୀନ ନୂଆ ସରକାର ଇସ୍ରାଏଲ ସହ ସମସ୍ତ ସମ୍ବନ୍ଧ ଛିନ୍ନ କରିଦେଇଥିଲା।

## ୧୯୪୮ରେ ଇସ୍ରାଏଲକୁ ମାନ୍ୟତା ଦେଇଥିଲା ଇରାନ



୧୯୪୮ରେ ମଧ୍ୟପ୍ରାଚ୍ୟର ପାଲେଷ୍ଟାଇନରେ ଇସ୍ରାଏଲ ନାମକ ଇହୁଦୀ ଦେଶ ଗଠନ ହୋଇଥିଲା। ମଧ୍ୟପ୍ରାଚ୍ୟର ଅଧିକାଂଶ ମୁସଲମାନ ଦେଶ ଇସ୍ରାଏଲକୁ ମାନ୍ୟତା ଦେବାକୁ ବିରୋଧ କରୁଥିଲେ। ସେ ସମୟରେ ତୁର୍କୀ ପରେ ଦ୍ୱିତୀୟ ମୁସଲମାନ ରାଷ୍ଟ୍ର ଭାବେ ଇରାନ ଇସ୍ରାଏଲକୁ ମାନ୍ୟତା ଦେଇଥିଲା। ଇରାନ କେବେ ଖୋଲାଖୋଲି ଭାବେ ଇସ୍ରାଏଲକୁ ବନ୍ଧୁ ଭାବେ ଦର୍ଶାଇ ନାହିଁ ବୋଲି କୁହାଯାଉଛି। ସବୁ କିଛି ପରଦା ପଛରେ ଚାଲିଥିଲା। ଆମେରିକା ଏକ ଗୁଇନ୍ଦା ଅଭିଯାନ କରି ଇରାନରେ ନିଜର କାଠ କଣ୍ଢେଇ ସରକାର ଗଠନ କରିବା ପରେ ବନ୍ଧୁତା ଅଧିକ ନିବିଡ଼ ହୋଇଥିଲା। ୧୯୫୩ ଅଗଷ୍ଟ ୧୫ରେ ଭାରତ ନିଜ ଷଷ୍ଠ ସ୍ୱାଧୀନତା ଦିବସ ପାଳନ କରୁଥିବାବେଳେ ଆମେରିକା ଗୁଇନ୍ଦା ଏଜେନ୍ସି ଇରାନର ନିର୍ବାଚିତ ସରକାରକୁ ଭୁଶୁଡେଇବା ପାଇଁ ପ୍ରୟାସ କରୁଥିଲା। ଇରାନ ସେନାର ଜେନେରାଲ ଫଜଲୁଲ୍ଲାହ ଜାହେଦି ଏହି କାମ କରୁଥିଲା। ଗୁଇନ୍ଦା ଏଜେନ୍ସିଠାରୁ କ୍ଷମତା ଦଖଲ ଉଦ୍ୟମ ବିଷୟରେ ସୂଚନା ମିଳିବା ପରେ ଇରାନ ରାଷ୍ଟ୍ରପତି ମହମ୍ମଦ ମୋସାଦେଗ ସତର୍କ ହୋଇ ଯାଇଥିଲେ। ସେ ସରକାର ବିରୋଧରେ ଆନ୍ଦୋଳନ କରିବାକୁ ବାହାରୁଥିବା ଅନେକ ଲୋକଙ୍କୁ ଗିରଫ କରିଥିଲେ। ଇରାନ ସେନା ଆନ୍ଦୋଳନକାରୀଙ୍କୁ ଗିରଫ କରିବା ପରେ ଜେନେରାଲ ଫଜଲୁଲ୍ଲାହ ଦେଶ ଛାଡ଼ି ପଳାଇ ଥିଲେ। ଏହି ଘଟଣାର ତିନି ଦିନ ପରେ ୧୯୫୩ ଅଗଷ୍ଟ ୧୮ରେ ଆମେରିକା ଗୁଇନ୍ଦା ଏଜେନ୍ସି ସିଆଇଏ ଇରାନକୁ ଏକ ବାର୍ତ୍ତା ପଠାଇ ଥିଲା। ଏଥିରେ ଇରାନ ରାଷ୍ଟ୍ରପତିଙ୍କ ବିରୋଧରେ ଚଳା ଯାଇଥିବା ଅଭିଯାନ ବିଫଳ ହୋଇଥିବା ଲେଖା ଯାଇଥିଲା। ଏବେ ଏଭଳି ଅଭିଯାନରୁ ଦୂରେଇ ରହିବାକୁ କୁହାଯାଇଥିଲା। ଏପରି ସମୟରେ ଇରାନରେ ଥିବା ସିଆଇଏ ଅଧିକାରୀଙ୍କ ପାଖରେ ୨ଟି ବିକଳ୍ପ ଥିଲା। ତାଙ୍କ ପାଖରେ ଜୀବନ ବଞ୍ଚାଇ ଫେରିଯିବା କିମ୍ବା ସରକାର ଭୁଶୁଡ଼ାଇବା ପାଇଁ ନୂଆ ଅଭିଯାନ ଆରମ୍ଭ କରିବାର ମାର୍ଗ ଥିଲା। ଇରାନରେ ଥିବା କେର୍ମିଟ ରୁଜଭେଲଟ ନାମକ ସିଆଇଏ ଅଧିକାରୀ ଆମେରିକା ସରକାରଙ୍କ ଆଦେଶକୁ ଅଣଦେଖା କରି ଆଗାମୀ ଅଭିଯାନ 'ଅପରେସନ ଅଜାକ୍ସ'ର ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ଫରେନ ପଲିସିର ରିପୋର୍ଟ ଅନୁଯାୟୀ ସିଆଇଏ ଅଗଷ୍ଟ ୧୯ରେ ଟଙ୍କା ଦେଇ ଅନେକ ଲୋକଙ୍କୁ ତେହରାନରେ ଏକାଠି କରିଥିଲା। ଏହି ଆନ୍ଦୋଳନକାରୀ ଦେଶରେ ପୁଣିଥରେ ରାଜତନ୍ତ୍ର ପ୍ରତିଷ୍ଠା କରାଇବାକୁ ଦାବିରେ ଉଗ୍ର ପ୍ରଦର୍ଶନ କରିଥିଲେ। ଏହାକୁ ସେଠାକାର ରାଜପରିବାର ସମର୍ଥନ ଦେଇଥିଲା। ସ୍ଥିତି ଏପରି ହୋଇଥିଲା ଯେ ଇରାନ ରାଷ୍ଟ୍ରପତି ମହମ୍ମଦ ମୋସାଦେଗଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା ଏବଂ ସରକାର ଭୁଶୁଡ଼ି ଯାଇଥିଲା। ପରେ ଇରାନର କ୍ଷମତା ମହମ୍ମଦ ରେଜା ପହଲବିଙ୍କ ହାତକୁ ଚାଲି ଯାଇଥିଲା। ଆମେରିକା ପ୍ରଥମ ଥର ପାଇଁ କୌଣସି ଦେଶର ନିର୍ବାଚିତ ସରକାରକୁ ଭୁଶୁଡ଼େଇ ଦେଇଥିଲା।

## ଇସ୍ରାଏଲ-ଇରାନ ଯୁଦ୍ଧ!
## ଭାରତ ପାଇଁ ବଢ଼ିଛି ଚିନ୍ତା

ସିରିଆରେ ଇରାନ ବାଣିଜ୍ୟିକ ରାଷ୍ଟ୍ରଦୂତ ଉପରେ ଇସ୍ରାଏଲର ଏୟାର ଷ୍ଟ୍ରାଇକରେ ଇରାନର ଦୁଇ ଜେନେରାଲଙ୍କ ମୃତ୍ୟୁ ଘଟଣା ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧର ସୂତ୍ରପାତ ଆଣିଛି। ଇସ୍ରାଏଲ ବିରୋଧରେ ପ୍ରତିଶୋଧ ନେବା ସ୍ୱରୂପ ଇରାନ ଇସ୍ରାଏଲ ଉପରେ ୩୦୦ ରୁ ଅଧିକ କ୍ଷେପଣାସ୍ତ୍ର ମାଡ଼ କରି ନିଜର ପୌରୁଷତ୍ୱର ପରିଚୟ ଦେଇଥିଲା ବେଳେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସହ ଯୁଦ୍ଧ ସିଦ୍ଧହସ୍ତ ଇସ୍ରାଏଲ ମଧ୍ୟ ଏହାର ଜବାବ ଦେବାକୁ ପ୍ରସ୍ତୁତ ହେଉଛି। ପ୍ରଧାନମନ୍ତ୍ରୀ ନେତନ୍ୟାହୁ ବେଞ୍ଜାମିନ ନିଜ 'ୱାର କ୍ୟାବିନେଟ୍' ସହ ପାଞ୍ଚ ପାଞ୍ଚ ଥର ବୈଠକ କରିବା ସହିତ ଇରାନର କେଉଁ ଅଞ୍ଚଳକୁ ନିଶାଣ କରାଯାଇପାରିବ ସେ ସମ୍ପର୍କରେ ନିଜର ସାମରିକ ବିଶେଷଜ୍ଞମାନଙ୍କ ସହ ବିଚାର ବିମର୍ଷ ଚଳାଇଛନ୍ତି। ଇରାନ ରାଜଧାନୀ ତେହରାନର କୌଣସି ପ୍ରମୁଖ ସ୍ଥଳକୁ ନିଶାଣ କରିବାକୁ ଇସ୍ରାଏଲ ଯୋଜନା କରିବା ସହିତ ସାଇବର ଆକ୍ରମଣ ପାଇଁ ମଧ୍ୟ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। କିନ୍ତୁ ଇସ୍ରାଏଲ ଭଳି ଯୁଦ୍ଧ ପାରଙ୍ଗମ ରାଷ୍ଟ୍ର ଇରାନର ଆକ୍ରମଣ ପାଇଁ ତୁରନ୍ତ ଜବାବ ଦେବ ବୋଲି ବିଶ୍ୱସ୍ତରରେ ଆକଳନ କରାଯାଇଥି ହେଁ ଏହା ଦେଖାଯାଇ ନାହିଁ। ଇସ୍ରାଏଲ ଉପରେ ଇରାନର ଅପ୍ରତ୍ୟାଶିତ ଆକ୍ରମଣକୁ ଇତିମଧ୍ୟରେ ୪ ଦିନ ପୂରିଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଇସ୍ରାଏଲ ପକ୍ଷରୁ କୌଣସି ଜବାବ ଦିଆଯାଇ ନାହିଁ। ସେପଟେ ଇରାନ ମଧ୍ୟ ଇସ୍ରାଏଲ ଉପରେ ଆକ୍ରମଣ କରିବା ପରେ ଚୁପ୍ ହୋଇଯାଇଛି। ଏପରିକି ଆଗକୁ ସେ ଇସ୍ରାଏଲ ଉପରେ ଆଉ କୌଣସି ଆକ୍ରମଣ କରିବ ନାହିଁ ବୋଲି ଜାତିସଂଘକୁ ପ୍ରତିଶ୍ରୁତି ଦେଇଛି। କିନ୍ତୁ ଇସ୍ରାଏଲ ଯଦି ଇରାନ ଉପରେ ଆକ୍ରମଣ କରେ ଏବଂ ଇରାନ ଏହାର ପୁଣି ଜବାବ ରଖେ ତେବେ ମଧ୍ୟପ୍ରାଚ୍ୟରେ ଯେ ପୁଣି ଏକ ଯୁଦ୍ଧର ବାତାବରଣ ସୃଷ୍ଟି ହେବ ଏବଂ ପରେ ପରେ ଉଭୟ ରାଷ୍ଟ୍ରଙ୍କ ସହଯୋଗୀ ରାଷ୍ଟ୍ର ଏହାମଧ୍ୟକୁ ଟାଣି ହୋଇଯିବେ ତାହାକୁ ଏଡାଇବା ଅସମ୍ଭବ। ଯଦ୍ୱାରା ବିଶ୍ୱସମାଜ ପାଇଁ ଆଉ ଏକ ସମସ୍ୟା ସୃଷ୍ଟି ହେବ ବୋଲି ବିଭିନ୍ନ ସ୍ତରରେ ଆକଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଆମେରିକା ସମେତ ରୁଷ ଭଳି ଦୁଇ ମହାଶକ୍ତି ଏବଂ ଅନ୍ୟ ବହୁ ପାଶ୍ଚାତ୍ୟ ରାଷ୍ଟ୍ର ଉଭୟ ରାଷ୍ଟ୍ରକୁ ବୁଝାଇବାକୁ ଲାଗିପଡ଼ିଛନ୍ତି। କିନ୍ତୁ ପୂର୍ଣ୍ଣକାଳୀନ ଯୁଦ୍ଧ ପାଇଁ ଖୋଦ୍ ଇରାନ ଏବଂ ଇସ୍ରାଏଲ ପାଇଁ ଅନେକ ସମସ୍ୟା ରହିଛି ତାହା ମଧ୍ୟ ବୁଝିବାକୁ ପଡ଼ିବ। ଯଦିଓ ଇରାନ ଏବଂ ଇସ୍ରାଏଲ ସାମରିକ ଦୃଷ୍ଟିରୁ ଯଥେଷ୍ଟ ସାମର୍ଥ୍ୟବାନ, ତଥାପି ଉଭୟ ରାଷ୍ଟ୍ରଙ୍କ ପାଇଁ ଅନେକ ପ୍ରତିକୂଳ ସ୍ଥିତି ରହିଛି। ପ୍ରଥମେ ଯଦି ଇସ୍ରାଏଲ କଥା ବିଚାରକୁ ନିଆଯାଏ ତେବେ ଏହି ରାଷ୍ଟ୍ର ପାଇଁ ସାଂପ୍ରତିକ ସମୟରେ ଇରାନ ସହ ଲଢେଇ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିବ। କାରଣ ଇସ୍ରାଏଲ ଗୋଟିଏ ପକ୍ଷରେ ଗାଜା ବିରୋଧରେ ଲଢେଇ କରୁଥିବା ବେଳେ ସିରିଆ, ଲେବାନନ ଏବଂ ୟେମେନ ଆଦି ରାଷ୍ଟ୍ରରେ ଇରାନର ରହିଥିବା ହିଜବୁଲ୍ଲା, ହୁତି, ହମାସ ଭଳି ପ୍ରଛନ୍ନ ପଟର ଆତଙ୍କବାଦୀଙ୍କ ବିରୋଧରେ ମଧ୍ୟ ଲଢେଇ କରିବାକୁ ପଡୁଛି।




ଆମେରିକା ଇସ୍ରାଏଲର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହୁଥିଲେ ହେଁ ଇରାନ ବିରୋଧରେ ଇସ୍ରାଏଲ ଯୁଦ୍ଧ ଆରମ୍ଭ କଲେ ଆମେରିକା ପ୍ରତ୍ୟକ୍ଷ ଭାବେ ସାମିଲ ହେବ ନାହିଁ ବୋଲି ବାଇଡେନ କହିଛନ୍ତି। ଏହାପଛରେ ରହିଛି ରୁଷ-ୟୁକ୍ରେନ ଯୁଦ୍ଧ। ଏହି ଯୁଦ୍ଧ ଏବେ ଆମେରିକା ପାଇଁ ବଡ଼ ଚିନ୍ତାର କାରଣ ହୋଇଛି। କାରଣ ଏହି ଯୁଦ୍ଧ ଆରମ୍ଭ ହେବା ଦିନ ଠାରୁ ଆମେରିକା ଉପରେ ସାମରିକ ଠାରୁ ଆରମ୍ଭ କରି ରାଜନୈତିକ ଏବଂ ଆର୍ଥିକ ଚାପ ରହିଆସିଛି। ଯେଉଁଥିପାଇଁ ରାଷ୍ଟ୍ରପତି ବାଇଡେନ ଅନେକ ସ୍ତରରେ ପ୍ରତିରୋଧର ସମ୍ମୁଖୀନ ହୋଇଆସିଛନ୍ତି। ତେଣୁ ଏଭଳି ସ୍ଥଳେ ପୁଣି ଇସ୍ରାଏଲ ସହ ଇରାନ ବିରୋଧରେ ଯୁଦ୍ଧରେ ସାମିଲ ହେବାକୁ ଆମେରିକା ଉଚିତ ମଣୁନାହିଁ। ସେପଟେ ଇରାନର ଦୁଇ ପ୍ରମୁଖ ସହଯୋଗୀ ରାଷ୍ଟ୍ର ରୁଷିଆ ଏବଂ ଚୀନ ମଧ୍ୟ ଚୁପ ରହିଛନ୍ତି। କାରଣ ଯୁଦ୍ଧ ଆରମ୍ଭ ହେଲେ ରୁଷ ଇରାନକୁ ପ୍ରତିରକ୍ଷା କ୍ଷେତ୍ରରେ ସହାୟତା କରିବା କଷ୍ଟକର। ପ୍ରାୟ ଦୁଇ ବର୍ଷରୁ ଅଧିକ ସମୟ ଧରି ରୁଷିଆ ୟୁକ୍ରେନ ଯୁଦ୍ଧରେ ଲିପ୍ତ ରହିଥିବା ବେଳେ ଏଥିପାଇଁ ଦେଶକୁ ଉଭୟ ସାମରିକ ଏବଂ ଆର୍ଥିକ ଦୃଷ୍ଟିରୁ ବହୁ କ୍ଷତି ସହିବାକୁ ପଡ଼ିଛି। ଏହାବ୍ୟତୀତ ଇରାନ ସହ ସାମିଲ ହେଲେ ଆମେରିକା ସମେତ ଅନ୍ୟ ପ୍ରମୁଖ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ଆର୍ଥିକ କଟକଣାର ସମ୍ମୁଖୀନ ହେବାର ଭୟକୁ ମଧ୍ୟ ରୁଷିଆ ଏଡାଇ ଦେଇପାରୁ ନାହିଁ। କିନ୍ତୁ ଏଭଳି ସ୍ଥଳେ ଚାଲାକି ଚୀନ କେବଳ ନିଜ ସ୍ୱାର୍ଥ୍ୟ ସାଧନ ପାଇଁ ଚିନ୍ତା କରୁଛି। ଯଦି ଇସ୍ରାଏଲ ଇରାନ ବିରୋଧରେ ଯୁଦ୍ଧ ଆରମ୍ଭ କରେ ଏବଂ ଆମେରିକା ଏଥିରେ ସାମିଲ ହୁଏ ତେବେ ଏହା ହିଁ ତାଇୱାନ ବିରୋଧରେ କଠୋର ପଦକ୍ଷେପ ନେବାକୁ ଉଚିତ ସମୟ ହେବ ବୋଲି ଚୀନ୍ ଚିନ୍ତା କରୁଛି। ଯେଉଁ ବିଷୟକୁ ଆମେରିକା ମଧ୍ୟ ଠିକଣା ଭାବେ ହୃଦୟଙ୍ଗମ କରିଛି। ତେଣୁ ଏଭଳି ବୈଶ୍ୱିକ ଏବଂ ଭୂ-ରାଜନୀତିକ ଦୃଶ୍ୟପଟ୍ଟକୁ ଦୃଷ୍ଟିରେ ରଖି ଇରାନ-ଇସ୍ରାଏଲ ଯୁଦ୍ଧ ମଧ୍ୟକୁ ଠେଲି ହୋଇଯାଆନ୍ତୁ ତାହା କେହି ବି ଚାହୁଁ ନଥିବା କୁହାଯାଉଛି।

ସକାଳ THE SAKALA



# ପ୍ରବାଦ ପୁରୁଷ ବିଜୁବାବୁଙ୍କ ଶ୍ରାଦ୍ଧଦିବସ ପାଳିତ








**ବରୀ, ୧୭ ।୪ (ସମିସ)**

ବରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚନ୍ଦନପୁର ପଞ୍ଚାୟତର ଅଜାଣ ଛକ ନିକଟରେ ଥିବା ସହିଦ ମାୟାଧର ଭୂୟାଁଙ୍କ ସ୍ମୃତି ପୀଠରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧ ଦିବସ ବିଧାୟିକା ସୁନନ୍ଦା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁଧବାର ଦିନ ସକାଳେ ପାଳିତ ହୋଇଯାଇଛି। ବରୀ ବ୍ଲକ ବିଜେଡି ସଭାପତି କେଦାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟିକା ଶ୍ରୀମତୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସହିଦ୍ ମାୟାଧର ଭୂୟାଁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଭୂମିପୁତ୍ର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଓଡ଼ିଶାର ବିକାଶରେ ବିଜୁବାବୁଙ୍କ ଭୂମିକା ସର୍ବଶ୍ରେଷ୍ଠ। ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ମହିଳାଙ୍କୁ ଏକାଧିକ କ୍ଷମତା ପ୍ରଦାନ ସହ ୧୩ରୁ ୩୦ ଜିଲ୍ଲା, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା, ପାରଦୀପ ବନ୍ଦର ପ୍ରତିଷ୍ଠା, ଶିଳ୍ପାୟନ କ୍ଷେତ୍ରରେ ବିକାଶ ସାଙ୍ଗକୁ ବହୁବିଧ ଉନ୍ନୟନ କାର୍ଯ୍ୟ କରି ଓଡ଼ିଶାର ପୁରପଲ୍ଲୀରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସେହି ପରିଚୟକୁ ପାଥେୟ କରି ମୁଖ୍ୟମନ୍ତ୍ରୀ ଦୀର୍ଘ ୨୫ ବର୍ଷ ଧରି ରାଜ୍ୟ ଶାସନ ଚଳାଇବା ସହ ମହିଳାଙ୍କ ନିମନ୍ତେ ନିର୍ବାଚନରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରି ସମଗ୍ର ଦେଶରେ ରାଜନୈତିକ କ୍ଷେତ୍ରରେ ଇତିହାସ ସୃଷ୍ଟି କରିପାରିଛନ୍ତି ବୋଲି ବିଧାୟିକା ଶ୍ରୀମତୀ ଦାସ ପ୍ରକାଶ କରିଥିଲେ। ପରେ ଅଜାଣ ହାଟ ନିକଟରେ ଥିବା ପୁଷ୍କରିଣୀରେ ସ୍ୱର୍ଗତ ବିଜୁବାବୁଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରୀ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ସ୍ଥାନୀୟ ସରପଞ୍ଚ ଚପଳା ମଲ୍ଲ, ଜିଲ୍ଲା ବିଜେଡି ଉପସଭାପତି ଆର୍ତ୍ତବନ୍ଧୁ ସାମଲ, ସରପଞ୍ଚ ଶଙ୍କର୍ଷଣ ସ୍ୱାଇଁ, ପୂର୍ବତନ ସରପଞ୍ଚ ବିଜୟ କୁମାର ନାୟକଙ୍କ ସମେତ ବହୁ ବିଜୁପ୍ରେମୀ ଉପସ୍ଥିତ ରହି ତିଳତର୍ପଣ କରିଥିଲେ।

**ବ୍ୟାସନଗର:** କୋରେଇ ବିଜୁ ଜନତା ଦଳ କୋରେଇ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ବ୍ୟାସନଗର ପୌରାଞ୍ଚଳ ନହକା ଗୋଲେଇ ଛକ ନିକଟରେ ଅନୁଷ୍ଠିତ ହୋଇଯାଇଛି। କୋରେଇ ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରାଦ୍ଧବାର୍ଷିକୀରେ କୋରେଇ ବିଧାୟକ ଅଶୋକ କୁମାର ବଳ, ଯାଜପୁର ଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସବିତା ରାଉତ, ଜିଲ୍ଲା ଯୁବ ସଭାପତି ପ୍ରତାପ ମହାନ୍ତି, ତାରକେଶ୍ୱର ମହାନ୍ତି, ବ୍ୟାସନଗର ମହିଳା ସଭାନେତ୍ରୀ ଇନ୍ଦିରା ପ୍ରିୟଦର୍ଶିନୀ ମହାନ୍ତି, କୋରେଇ ବିଧାୟକଙ୍କ ପ୍ରତିନିଧି ଅମୂଲ୍ୟ କୁମାର ନାୟକ, ପ୍ରଶାନ୍ତ ପଣ୍ଡା, ବ୍ୟାସନଗର ଉପ-ନଗରପାଳ ସୁବାସ ଚନ୍ଦ୍ର ବଳ, କୋରେଇ ଓ ରସୁଲପୁର ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଶତାଧିକ ବିଜୁପ୍ରେମୀ ଉପସ୍ଥିତ ଥିଲେ।

**ଦାନଗଦି:** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀ ଆଜି ଦାନଗଦିଠାରେ ପାଳିତ ହୋଇଯାଇଛି। ଏ ଅବସରରେ ସୁକିନ୍ଦା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ କାର୍ଯ୍ୟାଳୟ ଦାନଗଦିର ସିଙ୍ଗାଗଡ଼ିଆଠାରୁ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ହଜାର ହଜାର କର୍ମୀ ଓ ନେତୃ ମଣ୍ଡଳୀଙ୍କ ସହ ଏକ ପଦଯାତ୍ରାରେ ବାହାରି ଦାନଗଦି ବଜାର ଦେଇ ମିଲିଟାରୀ ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚି ଥିଲେ। ସେଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରିବା ସହ ବିଜୁବାବୁଙ୍କ ଓଡ଼ିଶା ପାଇଁ ଅବଦାନ ଅତୁଳନୀୟ, ସେ ଚିର ଅମର ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ଯୁବ ବିଜେଡି ସଭାପତି ଚନ୍ଦନ କର, ସମସ୍ତ ଜିଲ୍ଲା ପରିଷଦ ସଭ୍ୟା, ନେତୃ ମଣ୍ଡଳୀ, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି ଉପସ୍ଥିତ ଥିଲେ। ଏ ଅବସରରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ସମସ୍ତ ଲୋକଙ୍କୁ ବିଜୁବାବୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନବୀନ ଓଡ଼ିଶା ଗଠନ କରିବା ପାଇଁ ଶପଥ ପାଠ କରାଇଥିଲେ।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

**ସୁକିନ୍ଦା, ୧୭।୪(ସମିସ):** ୫୩ନଂ ଜାତୀୟ ରାଜପଥ ସୁକିନ୍ଦା-ଭୁବନ ରାସ୍ତାର ଅନନ୍ତପୁର ଛକ ନିକଟରେ ଦୁର୍ଘଟଣା ଘଟି ବାଇକ୍ ଆରୋହୀ ଗୁରୁତର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ଦାନଗଦି ବ୍ଲକ ଅନ୍ତର୍ଗତ ରାଣୀପଡ଼ା ଅଞ୍ଚଳର ରାକେଶ ଭୋଇ ଭୁବନରୁ ଫେରୁଥିବା ସମୟରେ ଅନନ୍ତପୁର ଛକ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ହୋଇଥିଲେ। ରାକେଶଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

## ଦୁର୍ଘଟଣାରେ ୨ କଲେଜ ଛାତ୍ରଙ୍କ ମୃତ୍ୟୁ

**ପାଣିକୋଇଲି, ୧୭ ।୪(ସମିସ):** ପାଣିକୋଇଲି ଥାନା ନିକଟସ୍ଥ ୧୬ନଂ ଜାତୀୟ ରାଜପଥର ପାଣିକୋଇଲି ଟ୍ରମାକେୟାର ନିକଟରେ ଦୁର୍ଘଟଣା ଘଟି ଦୁଇ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଦ୍ରକ ଜିଲ୍ଲା ଡାହାଲା ପୁରିପଡ଼ା ଅଞ୍ଚଳର ଆଦିତ୍ୟ ନାରାୟଣ ମିଶ୍ର ଓ ଗଦା ମଲ୍ଲିକ।

ସୂଚନା ମୁତାବକ, ଉଭୟ ଆଦିତ୍ୟ ଓ ଗଦା ପ୍ରତିଦିନ ନିଜ ଗାଁରୁ ପାଣିକୋଇଲିକୁ ଟ୍ୟୁସନ ହେବାକୁ ଯାଆନ୍ତି। ଆଜି ଉଭୟ ଟ୍ୟୁସନ ସାରି ଘରକୁ ଫେରୁଥିବା ସମୟରେ ଘଟଣାସ୍ଥଳରେ ରହିଥିବା ସିମେଣ୍ଟ ବାରିକେଟରେ ପିଟି ହୋଇଥିଲେ। ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣକୁ ଗୁରୁତର ଅବସ୍ଥାରେ ଯାଜପୁର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଖବରପାଇ ପାଣିକୋଇଲି ପୁଲିସ, ସ୍ଥାନୀୟ ଲୋକେ ଓ ଆମେ ଆପଣଙ୍କ ପାଇଁ ହେଲ୍ପିଂ ଗ୍ରୁପର ସଦସ୍ୟ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହାୟତା କରିଥିଲେ।

## ରେଳ ଧାରଣା ସାମଗ୍ରୀ ଚୋରି ମାମଲାରେ ଜଣେ ଗିରଫ

**ବ୍ୟାସନଗର, ୧୭।୪(ସମିସ):** ଯାଜପୁର କେନ୍ଦୁଝରରୋଡ ରେଳବାଇ ପୁଲିସ ବୁଧବାର ରେଳ ଧାରଣାରେ ବ୍ୟବହୃତ ସାମଗ୍ରୀ ଚୋରି ମାମଲାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଯାଜପୁର କେନ୍ଦୁଝର ରୋଡ-ଯଖପୁରା ସେକ୍ସନ ଅଧୀନରେ ରେଳ ସୁରକ୍ଷା ବଳ ଅଧିକାରୀ ପ୍ରବୀଣ କୁମାରଙ୍କ ନିର୍ଦ୍ଦେଶରେ ପାଟ୍ରୋଲିଂ କରାଯାଉଥିବାବେଳେ ବୁଧବାର ପ୍ରାୟ ୧୨.୩୦ମିନିଟ ସମୟରେ ଯାଜପୁରରୋଡ ଥାନା ବ୍ୟାସନଗର ପନାସିଆ ଗ୍ରାମର ସନାତନ ବିନ୍ଧାଣୀ ଓରଫ ଟିଲୁ(୪୨) ରେଳଧାରଣାରୁ ବିଭିନ୍ନ ସମାଗ୍ରୀ ଚୋରି କରି ନେଉଥିବା ଦେଖି ତାକୁ ଗିରଫ କରିନେଇଥିଲେ। ଏ ନେଇ ଯାଜପୁରରୋଡ ରେଳବାଇ ଥାନାରେ ୩/୨୪ରେ ଏକ ମାମଲା ରୁଜୁ କରାଯିବା ସହିତ ବୁଧବାର ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଯାଜପୁର ରେଳ ସୁରକ୍ଷା ଅଧିକାରୀ ପ୍ରବୀଣ କୁମାର ସୂଚନା ଦେଇଛନ୍ତି। ଏହି ଚଢ଼ଉରେ ଯାଜପୁର କେନ୍ଦୁଝର ରେଳ ସୁରକ୍ଷା ବଳ ପକ୍ଷରୁ କନେଷ୍ଟବଳ ପିଏନ ସେଠୀ, ଏସ.କେ. ପରିଡ଼ା ଓ ଏମ.ଏମ. ରାଜ ସାମିଲ ହୋଇଥିଲେ।

## ନାନପୁର ଗ୍ରାମୀଣ ଆର୍ଟ ଗ୍ୟାଲେରୀ ଉଦ୍‌ଘାଟିତ

**ବାଲିଚନ୍ଦ୍ରପୁର, ୧୭।୪(ସମିସ):** ଗ୍ରାମୀଣ କଳା, ସଂସ୍କୃତି ଓ ପରମ୍ପରା ଆଧାରିତ ବିବିଧ କଳାକୃତିକୁ ନେଇ ଲଣ୍ଡନରେ ରହିଆସୁଥିବା ବିଶିଷ୍ଟ ଲେଖକ ତଥା ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଚିତ୍ରଶିଳ୍ପୀ ଡ. ପ୍ରଫୁଲ୍ଲ ମହାନ୍ତିଙ୍କ ଦ୍ୱାରା ଦି'କ୍ରିଏଟିଭ ହ୍ୟାଣ୍ଡସ୍ ଗ୍ରାମୀଣ ଆର୍ଟ ଗ୍ୟାଲେରୀ ଉଦ୍‌ଘାଟିତ ହୋଇଯାଇଛି। ବିରୂପା ତଟିନୀ ନାନପୁର ଗ୍ରାମସ୍ଥ ଚିତ୍ରଶିଳ୍ପୀଙ୍କ ବାସଭବନରେ ଆୟୋଜିତ ଏହି ଗ୍ୟାଲେରୀରେ ଚିତ୍ରଶିଳ୍ପୀଙ୍କ ବିବିଧ କଳାକୃତି ସ୍ଥାନ ପାଇଥିଲା। ଦୀର୍ଘ ୬୪ ବର୍ଷ ଧରି ଲଣ୍ଡନରେ ରହୁଥିଲେ ମଧ୍ୟ ମୋ ଗାଁ ହିଁ ମୋ ସୃଜନକୀର୍ତ୍ତିର ମୁଖ୍ୟ ଆଧାର ଓ ଗ୍ରାମୀଣ ଜନଜୀବନ ହିଁ ମୋ କଳାତ୍ମକ ଜୀବନର ବଡ ପରିଚୟ ବୋଲି ଡ. ମହାନ୍ତି କହିଥିଲେ। 'ମାଇଁ ଭିଲେଜ-ମାଇଁ ଲାଇଫ୍' ଭଳି ବହୁଚର୍ଚ୍ଚିତ ପୁସ୍ତକର ଲେଖକ ପ୍ରଫୁଲ୍ଲ ବାବୁ ତାଙ୍କ ସୃଜନ-କଳା ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ୯୦ ବର୍ଷରେ ପହଞ୍ଚିଥିବା ଡ. ମହାନ୍ତିଙ୍କୁ ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ ଆଜି ତାଙ୍କ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଏହି ଉପଲକ୍ଷେ ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟ ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ କସ୍ତୁରବା



ଗାନ୍ଧୀ ମେମୋରିଆଲ ଟ୍ରଷ୍ଟର ଟ୍ରଷ୍ଟି ଗାୟତ୍ରୀ ଦାସ, ବରିଷ୍ଠ ପ୍ରଶାସକ ଫଣିଭୂଷଣ ଦାସ, କେନ୍ଦ୍ର ସାହିତ୍ୟ ଏକାଡେମୀର ପୂର୍ବତନ ଆବାହକ ସାହିତ୍ୟିକ ଡ ବିଜୟାନନ୍ଦ ସିଂ, ଓଡ଼ିଶା ଲଳିତକଳା ଏକାଡେମୀର ପୂର୍ବତନ ସଚିବ ରବି ରଥ, ବିଶିଷ୍ଟ ଚିତ୍ରଶିଳ୍ପୀ ରାମହରି ଜେନା, ପ୍ରାଧ୍ୟାପକ ବୈଷ୍ଣବ ଚରଣ ମହାନ୍ତି, ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଚନ୍ଦ୍ର ଦାଶ, ସାମ୍ବାଦିକ ଆଶିଷ ସେନାପତି, ଜାତୀୟ ପୁରସ୍କାରପ୍ରାପ୍ତ ଶିଳ୍ପୀ ମହେଶ୍ୱର ଓଝା, ସବିତା ମହାନ୍ତି ଓ କବି ନିରଞ୍ଜନ ଜେନା ପ୍ରମୁଖ ଡ. ମହାନ୍ତିଙ୍କ ଦ୍ୱାରା ସଂସ୍ଥାପିତ ଏହି ଅଭିନବ ଗ୍ରାମୀଣ ଆର୍ଟ ଗ୍ୟାଲେରୀ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ସୁଶାନ୍ତ କିଶୋର ବଳ, ପ୍ରଫେସର ଡ. କାର୍ତ୍ତିକ ଚନ୍ଦ୍ର ବରାଳ, ଆଗାମୀ ଶତାବ୍ଦୀ ପତ୍ରିକାର ସମ୍ପାଦକ ସେକ ମସୁଦ ଅଲ୍ଲୀ, ଆଇନଜୀବୀ ଦୀପକ କୁମାର ମହାନ୍ତି, ପଣ୍ଡିତ ପ୍ରଭାତ କୁମାର କର, ସାମ୍ବାଦିକ ପ୍ରଦୀପ୍ତ ପୃଷ୍ଟି, ଏକାଦଶୀ ସେଠୀ, ପ୍ରକାଶ ସାମଲ, ବିରେନ୍ଦ୍ର ନାୟକ, ରାକେଶ କୁମାର ବାରିକ ଓ ବେତାର କଣ୍ଠଶିଳ୍ପୀ ଅଜୟ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। କବି ସୁବାସ ଚନ୍ଦ୍ର ଜେନା କବିତା ପାଠ କରିଥିବାବେଳେ ଅର୍ଚ୍ଚନା ଜେନା ନୃତ୍ୟ ପରିବେଷଣ କରିଥିଲେ। ଲଗନ ମହାନ୍ତି, ସତ୍ୟଜିତ ଭୂୟାଁ, ଶାନ୍ତିଲତା ଜେନା, ଦୀପ୍ତିମୟୀ ଜେନା, ଲଗ୍ନା ମହାନ୍ତି ଓ ମନୋଜ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସିଦ୍ଧେଶ୍ୱର ପୀଠରେ ଅଶୋକାଷ୍ଟମୀ ମେଳା

**ଦଶରଥପୁର, ୧୭।୪(ସମିସ):** ଦଶରଥପୁର ବ୍ଲକ ତଳିହା ପଞ୍ଚାୟତ ଦେଇ ପ୍ରବାହିତ ହୋଇଥିବା ବୈତରଣୀ ନଦୀ କୂଳରେ ଅବସ୍ଥିତ ପ୍ରସିଦ୍ଧ ସିଦ୍ଧେଶ୍ୱର ମହାଦେବ ପୀଠରେ ମଙ୍ଗଳବାର ଦିନ ଅଶୋକାଷ୍ଟମୀ ମେଳା ଆରମ୍ଭ ହେବା ସହିତ ଯଜ୍ଞ ଅନୁଷ୍ଠିତ ହୋଇଛି। ଅଷ୍ଟମୀ ତିଥି ତଥା ଅଶୋକାଷ୍ଟମୀ ମେଳା ଅବସରରେ ପ୍ରାତଃରୁ ସିଦ୍ଧେଶ୍ୱର ମହାଦେବଙ୍କ ପୂଜକ ବାବାଙ୍କୁ ସ୍ନାନ କରାଇ



ବେଶ କରାଇବା ପର ରୀତିନୀତି ଅନୁଯାୟୀ ବାଲ୍ୟ ଭୋଗ ଓ ପୂଜାର୍ଚ୍ଚନା ସରିବା ପରେ ଅପେକ୍ଷାରତ ଭକ୍ତମାଙ୍କୁ ବାବାଙ୍କୁ ଦର୍ଶନ କରାଇବାରେ ସୁଯୋଗ ଦେଇଥିଲେ। ପୁରାଣ ବର୍ଣ୍ଣିତ ଅନୁଯାୟୀ ଏହି ଦିନ ସିଦ୍ଧେଶ୍ୱର ପୀଠ ବୈତରଣୀ ନଦୀରେ ସ୍ନାନ କରି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କଲେ ପିତୃ ପୁରୁଷ ମୋକ୍ଷ ହୋଇଥାନ୍ତି। ଏହାକୁ ପାଥେୟ କରି ଯାଜପୁର ଜିଲ୍ଲା ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଭକ୍ତମାନେ ଆସି ସିଦ୍ଧେଶ୍ୱର ପୀଠ ନିକଟରେ ଥିବା ବୈତରଣୀ ନଦୀରେ ସ୍ନାନ କରିବା ସହ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିଥିଲେ। ସିଦ୍ଧେଶ୍ୱର ପଡ଼ିଆରେ ୫ଦିନ ଧରି ଅଶୋକାଷ୍ଟମୀ ମେଳା ଆରମ୍ଭ ହୋଇଛି। ଏହ ମେଳାରେ ବିଭିନ୍ନ ମନୋହରୀ ସାମଗ୍ରୀ ଦୋକାନ, ଖାଦ୍ୟ ଦୋକାନ, ଦୋଳି, ମାଟି ପାତ୍ର ଦୋକାନ, ବାଉଁଶ-ବେଣା-ବେତ ଆଦିରେ ନିର୍ମିତ ବିଭିନ୍ନ ସାମଗ୍ରୀ ଦୋକାନ ପଡ଼ିଥିବାର ଦେଖିବାକୁ ମିଳିଛି। ସିଦ୍ଧେଶ୍ୱର ପଡ଼ିଆରେ ଦକ୍ଷିଣ କାଳୀ ଭାଗବତ ମଣ୍ଡଳୀ ଦ୍ୱାରା ଦିନିକିଆ ଯଜ୍ଞ ଅନୁଷ୍ଠିତ ହୋଇଛି। ଦଶରଥପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷା ତଥା ବର୍ତ୍ତମାନର ବିଜୁ ଜନତା ଦଳର ପ୍ରାର୍ଥୀ ସୁଜାତା ସାହୁ ଓ ତାଙ୍କ ସ୍ୱାମୀ ଗୋବିନ୍ଦ ସାହୁ ଏବଂ ଯତିନ୍ଦ୍ର ସାହୁ ଓ ତାଙ୍କ ପତ୍ନୀ କ୍ଷୀରମୟୀ ସାହୁ ଯଜ୍ଞରେ ସଂକଳ୍ପ କରି ମୁଖ୍ୟ ପୁରୋଧା ସାଜିଥିଲେ। ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର, ବାସୁଦେବ ମିଶ୍ର, ମନୋଜ କୁମାର ଦାଶ, ସୌମ୍ୟରଞ୍ଜନ ପାଣିଗ୍ରାହୀ, ଦିଗମ୍ବର ଦୀକ୍ଷିତ, କ୍ଷୀରୋଦ କୁମାର ଦୀକ୍ଷିତ ପ୍ରମୁଖ ଯଜ୍ଞର କାର୍ଯ୍ୟ ପରିଚାଳନା କରିଥିଲେ।

## ଆଦର୍ଶ ଶିକ୍ଷକଙ୍କ ସ୍ମୃତିରେ ଉପେନ୍ଦ୍ର ମିଶ୍ର ସ୍ମୃତି ସଂସଦ ଗଠିତ

**ଯାଜପୁର ଟାଉନ, ୧୭ ।୪(ସମିସ):** ଯାଜପୁର ଜିଲ୍ଲାର ଜଣାଶୁଣା ଆଦର୍ଶ ଶିକ୍ଷକ, ସଂସ୍କାରକ ତଥା ସମାଜସେବୀ ଶିକ୍ଷାବିତ ସ୍ୱର୍ଗତ ଉପେନ୍ଦ୍ର ଚନ୍ଦ୍ର ମିଶ୍ର ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ଏକ ଅନୁଷ୍ଠାନ ଗଠନ କରାଯାଇଛି। ସ୍ୱର୍ଗତ ମିଶ୍ରଙ୍କ ଜନ୍ମସ୍ଥାନ ଓ କର୍ମଭୂମି ବରୀ ବ୍ଲକ ଅନ୍ତର୍ଗତ ଅଟିରାଠାରେ। ତାଙ୍କ ପୁତ୍ର ଶିକ୍ଷାବିତ ଡଃ ନିତ୍ୟାନନ୍ଦ ମିଶ୍ରଙ୍କ ଆବାହକତ୍ୱ କ୍ରମେ ଏକ ବୈଠକ ଅନୁଷ୍ଠିତ ହୋଇ ବିଧିବଦ୍ଧ ଭାବେ 'ଉପେନ୍ଦ୍ର ମିଶ୍ର ସ୍ମୃତି ସଂସଦ' ଗଠନ କରାଯାଇଛି। ଏଥିରେ ସଭାପତି ଭାବେ ପ୍ରଫେସର ମୋହନ ଚରଣ ଦାଶ, ଉପସଭାପତି କୈଳାସ ଚନ୍ଦ୍ର ନାୟକ, ସମ୍ପାଦକ ଅଧ୍ୟାପକ ଦାମୋଦର ବେହେରା, ସହସମ୍ପାଦକ ଗିରିଶ ବିହାରୀ ମିଶ୍ର ଓ କୋଷାଧ୍ୟକ୍ଷ ଭାବେ ଏଲିନା ମିଶ୍ର ରହିଛନ୍ତି। ଏତଦବ୍ୟତୀତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ କାର୍ଯ୍ୟକାରିଣୀ କମିଟିରେ ରଖାଯାଇଛି। ଚଳିତ ମାସ ୩୦ ତାରିଖ ଦିନ ସ୍ୱର୍ଗତ ମିଶ୍ରଙ୍କ ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧୋତ୍ସବ ଅବସରରେ ସଂସଦ ପକ୍ଷରୁ ଦିବସ ବ୍ୟାପି କାର୍ଯ୍ୟକ୍ରମ ଅଟିରାଠାରେ ଅନୁଷ୍ଠିତ ହେବ ବୋଲି ଆବାହକ ଶ୍ରୀ ମିଶ୍ର ଓ ସଭାପତି ପ୍ର. ଦାଶ ସୂଚନା ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ 'ସାମ୍ପ୍ରତିକ ସ୍ଥିତିରେ ଆମ ଶିକ୍ଷା ବ୍ୟବସ୍ଥା' ଶୀର୍ଷକ ଏକ ଆଲୋଚନାଚକ୍ର ସହିତ ସ୍ୱର୍ଗତ ମିଶ୍ରଙ୍କ ବିଭିନ୍ନ କାର୍ଯ୍ୟଧାରା ଉପରେ ସ୍ମୃତିଚାରଣ କରାଯିବ। ସେହିପରି ସମାଜକୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତିବିଶେଷ ଓ ଆଦର୍ଶ ଶିକ୍ଷ>ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଯିବ ବୋଲି ନିଷ୍ପତ୍ତି ହୋଇଛି।

## ବ୍ରାଉନସୁଗର ଜବତ, ଜଣେ ଗିରଫ

**ଯାଜପୁର, ୧୭।୪(ସମିସ):** ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ଦ୍ୱାରା ଯାଜପୁର ସହରରେ ଯାଞ୍ଚ ଚାଲୁଥିବାବେଳେ ୪୫ ଗ୍ରାମ ବ୍ରାଉନସୁଗର ଜବତ ହୋଇଛି। ଏହି ଘଟଣାରେ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ, ସହରର ହରିଣ ଛକରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୪୫ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି। ଜବତ ବ୍ରାଉନସୁଗରର ମୂଲ୍ୟ ୪ ଲକ୍ଷ ଟଙ୍କା ହେବ। ଗିରଫ ଅଭିଯୁକ୍ତ ହେଲେ ନହରାପୁର ଅଞ୍ଚଳର ଏସକେ ଅସମତ। ଆଜି ଅବକାରୀ ବିଭାଗ ପକ୍ଷରୁ ସହରରେ ପାଟ୍ରୋଲିଂ ଚାଲୁଥିବାବେଳେ ସନ୍ଦେହରେ ଅସମତକୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ତା' ନିକଟରୁ ଏହି ବ୍ରାଉନସୁଗର ଜବତ କରାଯାଇଥିଲା। ଆଜି ଅପରାହ୍ନରେ ଅଭିଯୁକ୍ତକୁ ଏନଡିପିଏସର ବିଭିନ୍ନ ଧାରାରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଧର୍ମଶାଳା ମହାବିଦ୍ୟାଳୟରେ +୨ ଅନଲାଇନ ମୂଲ୍ୟାୟନ ଶେଷ

**ଧର୍ମଶାଳା, ୧୭ ।୪(ସମିସ):** ଧର୍ମଶାଳା ମହାବିଦ୍ୟାଳୟରେ ଚଳିତଥର ପ୍ରଥମ ଥର ପାଇଁ +୨ ଅନଲାଇନ ପରୀକ୍ଷା ଖାତା ମୂଲ୍ୟାୟନ କେନ୍ଦ୍ର ଖୋଲାଯାଇଥିଲ। ଆଜି ଏହା ଶେଷ ହୋଇଛି। ଜୋନ ସୁପରଭାଇଜର ଅଧ୍ୟକ୍ଷ ଜୟନ୍ତ କୁମାର ସାହୁ ଓ ଜୋନ ଅଫିସର ସୁରେଶ ଚନ୍ଦ୍ର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଖାତା ମୂଲ୍ୟାୟନ ପ୍ରକ୍ରିୟା ମାର୍ଚ୍ଚ ୨୨ ତାରିଖରୁ ଆରମ୍ଭ ହୋଇ ଆଜି ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ପଦାର୍ଥ ବିଜ୍ଞାନ, ବାଣିଜ୍ୟ, ମାତୃଭାଷା ଓଡ଼ିଆ ଓ ଇଂରାଜୀ ଖାତା ଦେଖା ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ରସାୟନ ବିଜ୍ଞାନ, ଗଣିତ, ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ଆଦି ବିଷୟରେ କଂପ୍ୟୁଟର ସହାୟତାରେ ମୂଲ୍ୟାୟନ ହୋଇଥିଲା। ବିଭିନ୍ନ କଲେଜର ୧୧୦ ଜଣ ଅଧ୍ୟାପକ, ଅଧ୍ୟାପିକା ଏହି କାର୍ଯ୍ୟରେ ନିୟୋଜିତ ଥିଲେ। ଏହି କାର୍ଯ୍ୟରେ କମ୍ପ୍ୟୁଟର ସହାୟକ ଭାବେ ସୁଶାନ୍ତ କୁମାର ସାମଲ ଓ ଦେବାଶିଷ ଜେନା ସହାୟତା କରିଥିଲେ। ବିରୁପାକ୍ଷ କର ଜୋନ ପରିଚାଳନା କରିଥିଲେ। ଯୋଗେଶ ନାୟକ ଓ ପ୍ରଭାତ ରାଉତରାୟ ସହାୟତା କରିଥିଲେ।

## ରାମ ନବମୀରେ ବିଜୁ ଜନତା ଦଳ ପକ୍ଷରୁ ବିଶାଳ ଶୋଭାଯାତ୍ରା



**ସୁକିନ୍ଦା, ୧୭।୪(ସମିସ):** ପବିତ୍ର ରାମ ନବମୀ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ବୁଧବାର ଅପରାହ୍ନରେ ସୁକିନ୍ଦା ବ୍ଲକ ବିଜେଡି ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଶୋଭାଯାତ୍ରାରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସୁକିନ୍ଦା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ହଜାର ହଜାର ବିଜେଡି କର୍ମୀ ସୁକିନ୍ଦା ଭବନ ନିକଟରୁ ଶୋଭାଯାତ୍ରାରେ ବାହାରି ଜୟ ଶ୍ରୀରାମ ନାରା ଦେଇ ସୁକିନ୍ଦାଗଡ଼ ରାମ ମନ୍ଦିରରେ ପହଞ୍ଚିଥିଲେ। ରାମ ମନ୍ଦିରରେ ପହଞ୍ଚିବା ପରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇଙ୍କ ସହିତ ବହୁ ଶ୍ରଦ୍ଧାଳୁ ପ୍ରଭୁ ଶ୍ରୀରାମ ଲାଲାଙ୍କ ଦର୍ଶନ କରିବା ସହ ଜଗନ୍ନାଥଙ୍କ ଦର୍ଶନ କରି ଆଶୀର୍ବାଦ କାମନା କରିଛନ୍ତି। ଆସିବା ସମୟରେ ସୁକିନ୍ଦା ଛକ ନିକଟରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

### ଗୋପାଳଜୀଉ ସ୍କୁଲ ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀ ବିବାଦ ଘଟଣା

## ସ୍କୁଲର ଗୌରବ ଅକ୍ଷୁର୍ଣ୍ଣ ରଖିବାକୁ ସରପଞ୍ଚଙ୍କ ଗୁରୁତ୍ୱ

**ଧର୍ମଶାଳା, ୧୭।୪(ସମିସ)**

ଗୋପାଳଜୀଉ ସ୍କୁଲର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବିବାଦକୁ ନେଇ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଥାନୁଆଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁରାରୀପୁରସ୍ଥ ଗୋପାଳଜୀଉ ଉଚ୍ଚ ବିଦ୍ୟାଳୟରେ ଉପୁଜିଥିବା ବିବାଦରେ ପୂର୍ବ ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ନେଇ ସାମ୍ବାଦିକ ସମ୍ମିଳନୀ ଆହୂତ କରାଯାଇଥିଲା। ଥାନୁଆଳ ପଞ୍ଚାୟତ ସରପଞ୍ଚ ନର୍ମଦା ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରବୋଧ କୁମାର ଜେନା, ମୋ ସ୍କୁଲ ଅଭିଯାନର ସଭାପତି ପ୍ରସନ୍ନ କୁମାର ତ୍ରିପାଠୀ ଓ ପୁରାତନ ଛାତ୍ର ସଂସଦ ସହସଂଯୋଜକ ବିଶ୍ୱ କାଶୀନାଥ ସାହୁ ପ୍ରମୁଖ ଯୋଗଦେଇ ଉକ୍ତ ବିଦ୍ୟାଳୟର ୨ ମାସ ତଳେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣ ଜୟନ୍ତୀ ସମାରୋହ ସଫଳ ହୋଇଥିଲା। ଏହି ସ୍କୁଲର ପୂରାତନ ଛାତ୍ରଛାତ୍ରୀ ବହୁ ଉଚ୍ଚପଦବୀରେ ଅଧିଷ୍ଠିତ ହୋଇଛନ୍ତି। ଜିଲ୍ଲାରେ ଏହି ସ୍କୁଲର ସ୍ୱତନ୍ତ୍ର ପରିଚୟ ରହିଛି। ଏହାକୁ କ୍ଷୁର୍ଣ୍ଣ ହେବାକୁ ଦିଆଯିବ ନାହିଁ ବୋଲି ସାମ୍ବାଦିକ ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା।

ଗତ ମାସ ୬ ତାରିଖରେ ସ୍କୁଲର ଜଣେ ଶିକ୍ଷୟିତ୍ରୀ ପ୍ରଧାନ ଶିକ୍ଷକ ରମେଶ ସେଠୀ ତାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଓ ଜିଲ୍ଲା ଶିକ୍ଷା ଅଧିକାରୀ ସ୍କୁଲରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ସରପଞ୍ଚ ପ୍ରତିନିଧି ପ୍ରସନ୍ନ କୁମାର ରାଉତ ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ ବର୍ତ୍ତମାନ ଗଠନମୂଳକ ଭାବେ କାର୍ଯ୍ୟ କରି ସ୍କୁଲକୁ ଗୌରବାନିତ୍ୱ କରିବାକୁ ଆହ୍ୱାନ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଦସ୍ୟ ବିଜୟ କୁମାର ପଣ୍ଡା, ପ୍ରକାଶ କୁମାର ଜେନା, ତ୍ରିନାଥ ମହାନ୍ତି, ଶରତ ବେହେରା, କୁଳମଣି ଦାସ, ପଞ୍ଚାନନ ତ୍ରିପାଠୀ, କାର୍ତ୍ତିକ ଚନ୍ଦ୍ର ରାଉତ, ଜୟନାରାୟଣ ତ୍ରିପାଠୀ, ବିଶ୍ୱଭୂଷଣ ବାରିକ, ଡି ହରିନାଥ ଦୋରା, ରାଜେଶ ଦୋରା, ବାବାଜୀ ସେଠୀ ପ୍ରମୁଖ ଏହି ସ୍କୁଲରେ ଉପୁଜୁଥିବା ବିଭିନ୍ନ ସମସ୍ୟା ପାଇଁ କେତେ ଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଦାୟୀ ବୋଲି କହିବା ସହିତ ସେମାନଙ୍କ ଅଭିଯୋଗ ଅମୂଳକ। ଆଗାମୀ ଦିନରେ ଯଦି ଏହି ସମସ୍ୟା ପ୍ରଶମିତ ନ ହୋଇ ଉଗ୍ରରୂପ ନିଏ, ତେବେ ସ୍କୁଲର ସ୍ୱାର୍ଥ ଦୃଷ୍ଟିରୁ କିଛି ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରାଯିବା ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଦାବି କରିବୁ ବୋଲି ସ୍କୁଲ ପରିଚାଳନା କମିଟି ଓ ମୋ ସ୍କୁଲ ଅଭିଯାନ କମିଟି ପକ୍ଷରୁ କୁହାଯାଇଛି।

● ବିଂଝାରପୁରରେ ଶର୍ମିଷ୍ଠା ଓ ପ୍ରମିଳାଙ୍କ ପ୍ରଚାର

# 'ଲୋକଙ୍କ ସେବା ଆମ ଦଳର ପ୍ରାଥମିକତା'



**ପ୍ରୀତିପୁର, ୧୭।୪ (ସମିସ):** ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ବିଜେଡି ଲୋକସଭା ପ୍ରାର୍ଥୀ ଶର୍ମିଷ୍ଠା ସେଠୀ ଓ ବିଞ୍ଝାରପୁର ବିଧାନସଭା ବିଜେଡି ପ୍ରାର୍ଥୀ ପ୍ରମିଳା ମଲ୍ଲିକ ମିଳିତ ଭାବେ ପ୍ରଚାର ମୈଦାନକୁ ଓଲ୍ଲାଇଛନ୍ତି। ବିଭିନ୍ନ ସ୍ଥାନରେ ଦଳୀୟ କର୍ମୀଙ୍କୁ ନେଇ ସମ୍ମିଳନୀରେ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରୁଛନ୍ତି। ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା, ଜରୀ, ଅରେଇ, ଚିକଣା ଆଦି ପଞ୍ଚାୟତରେ ବିଜେଡି ପକ୍ଷରୁ ଆୟୋଜିତ କର୍ମୀ ସମ୍ମିଳନୀରେ ବିଧାୟିକା ପ୍ରାର୍ଥୀ ପ୍ରମିଳା ମଲ୍ଲିକ ଓ ଲୋକସଭା ପ୍ରାର୍ଥୀ ଶର୍ମିଷ୍ଠା ସେଠୀ ଯୋଗଦେଇ ବିଜେଡି ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀରେ ବିକାଶର ସ୍ରୋତକୁ ଅବ୍ୟାହତ ରଖିଛି। ବିଞ୍ଝାରପୁର ଆଜି ରାଜ୍ୟର ପ୍ରଗତିର ଅନ୍ୟତମ ଉଦାହରଣ ପାଲଟିଛି। ଏଠାରେ କଳକାରଖାନା ନ ଥିଲେ ମଧ୍ୟ ଶିକ୍ଷା, କୃଷି, ବାଣିଜ୍ୟ, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଅହେତୁକ ବିକାଶ କେବଳ ବିଜେଡି ଦ୍ୱାରା ହୋଇଛି। ଅନ୍ୟ ଦଳର ନେତା, ନେତ୍ରୀ କେବଳ ମିଛ ପ୍ରତିଶ୍ରୁତି ଦେଇ ବିଞ୍ଝାରପୁରବାସୀଙ୍କୁ ଠକିଥିବାବେଳେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଲୋକଙ୍କ ସେବାକୁ ପ୍ରାଥମିକତା ପ୍ରଦାନ କରିଛନ୍ତି ବୋଲି ବିଧାୟିକା ପ୍ରାର୍ଥୀ ପ୍ରମିଳା ମଲ୍ଲିକ ମତବ୍ୟକ୍ତ କରିଥିଲେ। ଏହି କର୍ମୀ ସମ୍ମିଳନୀରେ ବିଞ୍ଝାରପୁର ବିଜୁ ଜନତା ଦଳର ସଭାପତି ନନ୍ଦକିଶୋର ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ଦାସ, ଜରୀ ସରପଞ୍ଚ ନନ୍ଦକିଶୋର ମଲ୍ଲିକ, ଉମେଶ ଚନ୍ଦ୍ର ଦାସ, ପ୍ରଦ୍ୟୁମ୍ନ ପାତ୍ର, ପ୍ରତାପ ପାତ୍ର, ମନୋଜ ସାମଲ, ପ୍ରମୋଦ ସାମଲ, ସୁବ୍ରତ ସାମଲ, ଅମର ମଲ୍ଲିକ, ଅନୁସ୍ୱୟା ମଲ୍ଲିକ, ବିଷ୍ଣୁ ମଲ୍ଲିକ, ମୁନା ମଲ୍ଲିକ, ଅରୁଣ ମଲ୍ଲିକ, ଚିକଣା ସରପଞ୍ଚ ପାର୍ବତୀ ମଲ୍ଲିକ, ପ୍ରଦୀପ ମଲ୍ଲିକ, ଧ୍ରୁବଚରଣ ସେଠୀ, ପର୍ଶୁରାମ କବି, ତାପସ ମହାଳିକ ପ୍ରମୁଖ ଯୋଗଦେଇଥିଲେ।

# ଆଜି ଶ୍ରୀରାମ ସଚେତନତା ଶୋଭାଯାତ୍ରା



**ଯାଜପୁର, ୧୭।୪(ସମିସ):** ଆସନ୍ତାକାଲି ଅପରାହ୍ନ ୪ଟା ସମୟରେ ଶ୍ରୀରାମ ସେବା ସମିତି ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଯାଜପୁର ସହରରେ ଅନୁଷ୍ଠିତ ହେବ। ଏହି ଶୋଭାଯାତ୍ରାରେ ହଜାର ହଜାର ଶ୍ରୀରାମପ୍ରେମୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଶୋଭାଯାତ୍ରା ଯାଜପୁର ସହରର ଯାଉଁଳିବନ୍ଧସ୍ଥ ମଙ୍ଗଳା ମନ୍ଦିରରୁ ବାହାରି ମା' ବିରଜା ମନ୍ଦିର ସମ୍ମୁଖ ଦେଇ ବ୍ରହ୍ମାକୁଣ୍ଡ, କୁଆଁସରପୁର, ଯୋଡ଼ିକୂଅ, ଅମ୍ବିକାଇ, ଶୀତଳେଶ୍ୱର, ଗରିଆପୁର ଓ କବରଖାନା ସମ୍ମୁଖ ରାସ୍ତା ଦେଇ ମେଡ଼ିକାଲ ଛକ, ଗାନ୍ଧିଛକ, ହାବେଳିବଜାର, ମାର୍କେଟ ଛକ, ହରପାର୍ବତୀ ଛକ, ବଡ଼ବଜାର ଓ ସଦାବ୍ରତ ମଠ ଦେଇ ଦେବୀଗଡା ଘାଟରେ ସମାପନ ହେବ। ଏହି ଯାତ୍ରାରେ ବିଭିନ୍ନ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସେବା ସମିତି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆବାହକ ମୃତ୍ୟୁଞ୍ଜୟ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସମିତିର ସଭାପତି ରଞ୍ଜନ କୁମାର ମହାନ୍ତି, ଉପସଭାପତି ବିଜୟ କୁମାର ପାଣି, ସମ୍ପାଦକ ସୁଶୀଲ କୁମାର ମହାନ୍ତି, ସହସଂପାଦକ ଚିନ୍ମୟ ଚିରସୁନ୍ଦର ପରିଡା, କୋଷାଧ୍ୟକ୍ଷ ଜୟନ୍ତ କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷାବିତ୍‌ଙ୍କ ବିୟୋଗରେ ସ୍ମୃତିସଭା

**କବାଟବନ୍ଧ,୧୭।୪(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ଶାସନ ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ବୁଦ୍ଧିଜୀବୀ ସ୍ୱର୍ଗତ ନଟବର ପଣ୍ଡାଙ୍କ ବିୟୋଗରେ ସ୍ଥାନୀୟ ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ ଦ୍ୱାରା ଏକ ସ୍ମୃତିଚାରଣ ସଭା ଆୟୋଜିତ ହୋଇଯାଇଛି। ଜେନାପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସ୍ୱର୍ଗତ ପଣ୍ଡାଙ୍କ ପରିବାରବର୍ଗ, ସହଯୋଗୀ, ଶୁଭେଚ୍ଛୁ, ଛାତ୍ରଛାତ୍ରୀ ଯୋଗଦେଇ ତାଙ୍କ ସହ ଅତିବାହିତ ହୋଇଥିବା ସ୍ମୃତି ବଖାଣି ଭାବବିହ୍ୱଳ ହୋଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ କୁମାର ମଲ୍ଲିକ, ଶରତ ମହାନ୍ତି, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆଶାଲତା ମହାନ୍ତି, ସରୋଜ କାନ୍ତ ସାହୁ, ନିର୍ମାଲ୍ୟ ପ୍ରଧାନ, ସରୋଜ କାନ୍ତ ବେହେରା, ଲାଲମୋହନ ଶତପଥୀ, ପଦ୍ମନାଭ ଶତପଥୀ, ରଘୁନାଥ ଶତପଥୀ, ରମେଶ ଶତପଥୀ, କ୍ଷେତ୍ରବାସୀ ରାଉତ, ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁଚରଣ ଓଝା, ପ୍ରଭାତ ପଣ୍ଡା, ଜ୍ୟେଷ୍ଠ ପୁତ୍ର ଶୁଭ୍ରାନ୍ତ ପଣ୍ଡା, ଝିଅ ତନୁଜା ପଣ୍ଡା, ତମିସ୍ରା ପଣ୍ଡା, ଜ୍ୱାଇଁ ରାଜକିଶୋର ପତି, ବୋହୂ ସୁଜାତା ପଣ୍ଡା, ନାତି ହାବିଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କନିଷ୍ଠ ପୁତ୍ର ସୁଶାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀଙ୍କ ଶ୍ରାଦ୍ଧ ଦିବସ



**ବିଞ୍ଝାରପୁର,୧୭।୪(ସମିସ):** ବିଞ୍ଝାରପୁର ବ୍ଲକର ଅନ୍ୟତମ ସ୍ୱାଧୀନତା ସଂଗ୍ରାମୀ ଭଗବାନ ମହାନ୍ତିଙ୍କ ତ୍ରୟୋଦଶତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଞ୍ଝାରପୁର ବ୍ଲକର ଚନ୍ଦ୍ରମୁଁ ପଞ୍ଚାୟତ ଅନ୍ତର୍ଗତ ସଂଗ୍ରାମୀ ସଦନ ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ରତନଲାଲ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ସ୍ୱାଧୀନତା ସଂଗ୍ରାମୀ ଭଗବାନ ମହାନ୍ତିଙ୍କ ଜ୍ୟେଷ୍ଠପୁତ୍ର ସାମ୍ବାଦିକ କୈଳାସଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥି ଭାବେ ଶିକ୍ଷକ ଅମୂଲ୍ୟ ସାମଲ, ନବକିଶୋର ବେହେରା, ରାଜ୍ୟ ପୁରସ୍କାରପ୍ରାପ୍ତ ଇଂ. ଅଭିଷେକ ନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଇଂ. ଆଦ୍ୟନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ଜଳସେବା କେନ୍ଦ୍ର




**ବରୀ,୧୭।୪(ସମିସ):** ପ୍ରବଳ ରୌଦ୍ରତାପକୁ ଦୃଷ୍ଟିରେ ରଖି ବରୀ ଅଞ୍ଚଳର ଜନଗହଳିପୂର୍ଣ୍ଣ ବରୀ-କଳାମାଟିଆ ମୁଖ୍ୟ ରାସ୍ତା ନିକଟରେ ଥିବା ଅବସରପ୍ରାପ୍ତ ସୈନିକ ସଂଘର ମୁଖ୍ୟ କାର୍ଯ୍ୟାଳୟ ନିକଟରେ ସଭାପତି ଗୟାଧର ଦାସଙ୍କ ଦ୍ୱାରା ଜଳସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ରାସ୍ତାରେ ଯାଉଥିବା ତୃଷାର୍ତ୍ତ ପଥଚାରୀଙ୍କ ସହିତ ଯାନବାହାନରେ ଯାଉଥିବା ଚାଳକ, ସହଯୋଗୀ ଓ ଯାତ୍ରୀଙ୍କୁ ଶ୍ରଦ୍ଧାପୂର୍ଣ୍ଣ ଭାବେ ସୁସ୍ୱାଦୁ ପାନୀୟ ଯୋଗାଇ ଆପ୍ୟାୟିତ କରୁଥିବା ଦେଖିବାକୁ ମିଳିଥିଲା। ଅବସରପ୍ରାପ୍ତ ସୈନିକ ସଂଘର ଏତାଦୃଶ ସାମାଜିକ ପ୍ରବଣ, ସେବାବ୍ରତୀ ମନୋଭାବକୁ ଅଞ୍ଚଳରେ ପ୍ରଶଂସା କରାଯାଇଛି। ସଂଘର ଉପଦେଷ୍ଟା ମଦନମୋହନ ପତି, ସମାଜସେବୀ କବିର ଦାସ, ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ସାମ୍ବାଦିକ ପଦ୍ମଚରଣ ଜେନା, ସକ୍ରିୟ ସଦସ୍ୟ ଶ୍ୟାମସୁନ୍ଦର ରାଉତ, ଦୈତାରୀ ଜେନା, ଯୁବ ସମାଜସେବୀ ଡଃ ବିଶ୍ୱନାଥ ତ୍ରିପାଠୀ, ୱାରିଅର୍ସ ମିଲିଟାରୀ ତାଲିମ କେନ୍ଦ୍ରର ସମସ୍ତ ଛାତ୍ରଛାତ୍ରୀ, କୋଷାଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତି, ଉପସଭାପତି ପ୍ରତାପ ସିଂ, ଯୁଗ୍ମ ସମ୍ପାଦକ ନିମାଇଁ ବିଶ୍ୱାଳ, ଶରତ ସାମଲ, ଗଗନ ବିହାରୀ ଖୁଣ୍ଟିଆ, ବିଜୟ କୁମାର ଶାନ୍ତି, ଆଖଣ୍ଡଳମଣି ବେହେରା, ବୈକୁଣ୍ଠ ବେହେରା, ହୃଦାନନ୍ଦ ଜେନା, ଶିକ୍ଷକ ଜ୍ୟୋତିଷ ଚନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମାଛଧରା ପାଇଁ ବିସ୍ଫୋରକ ଦ୍ରବ୍ୟର ଅବାଧ ବ୍ୟବହାର ଅଭିଯୋଗ

**କବାଟବନ୍ଧ,୧୭।୪ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ-ମଞ୍ଜୁରିପଡ଼ା ନଦୀବନ୍ଧ ରାସ୍ତା ସଂଲଗ୍ନ ନଦୀ କୂଳର ବିଭିନ୍ନ ସ୍ଥାନରେ ମାଛ ଧରିବା ପାଇଁ ଡିନାମାଇଟ ଭଳି ବିସ୍ଫୋରକ ବ୍ୟବହାର ହେଉଛି। ରାଇଛନ୍ଦା ପଞ୍ଚାୟତର କଣ୍ଟାପାଟଣା ଓ ରେଖିଦେଇପୁରରେ ବ୍ରାହ୍ମଣୀ ନଦୀରୁ ମାଛ ଧରିବା ପାଇଁ ଅତି ମାରାତ୍ମକ ବିସ୍ଫୋରକ ଡିନାମାଇଟ ବ୍ୟବହାର କରାଯାଉଥିବା ଜାଣିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳର କିଛି ଲୋକ ଏଭଳି କାମ ଦୀର୍ଘଦିନ ଧରି କରିଆସୁଛନ୍ତି। ଫଳରେ ନଦୀ ପାଣି ପ୍ରଦୂଷିତ ହେବା ସହିତ ମାଛ ବଂଶ ବିସ୍ତାର ପ୍ରକ୍ରିୟା ନେଇ ସନ୍ଦେହ ଦେଖାଦେଲାଣି। ବ୍ରାହ୍ମଣୀ ନଦୀର ଏହି ନଦୀକୂଳିଆ ଗାଁର ଲୋକେ ସାଧାରଣତଃ ସ୍ନାନ ଓ ଶୌଚ ପାଇଁ ନଦୀ ଉପରେ ନିର୍ଭର କରନ୍ତି। ନଦୀର ଏହି ପାର୍ଶ୍ୱରେ କମ୍ ପାଣି ରହିଥିବାବେଳେ ଡିନାମାଇଟ ବିସ୍ଫୋରଣ ଦ୍ୱାରା ନଦୀ ଜଳ ପ୍ରଦୂଷଣ ହେଉଛି। ପ୍ରଚଣ୍ଡ ଶବ୍ଦ ଦ୍ୱାରା ସ୍ଥାନୀୟ ଲୋକେ ଭୟଭୀତ ହେଉଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

# ମୃତ ବିନୋଦିନୀଙ୍କ ପରିବାରକୁ ସମବେଦନା

**ପ୍ରୀତିପୁର, ୧୭।୪ (ସମିସ):** ବରୀ ବ୍ଲକ ତଥା ବିଞ୍ଝାରପୁର ଥାନା ଅନ୍ତର୍ଗତ ମଧୁସୂଦନପୁର ଗ୍ରାମର ଅବସରପ୍ରାପ୍ତ ଏଏନଏମ ବିନୋଦିନୀ ସାହୁଙ୍କ ମୃତ୍ୟୁ ଘଟିଛି। ଆଜି ସମାଜସେବୀ ସୁନନ୍ଦା ପତି ବିନୋଦିନୀଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସୁନନ୍ଦା ପତି ଓ ତାଙ୍କ ସ୍ୱାମୀ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ସୁଶାନ୍ତ ମିଶ୍ର ମୃତକଙ୍କ ପରିବାରକୁ ଭେଟିବା ସହିତ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ବିନୋଦିନୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ବିଞ୍ଝାରପୁର ଥାନା ପୁଲିସ ଘଟଣାର ଛାନଭିନ କରୁଥିବାବେଳେ ଏହି ଘଟଣାରେ ତୁରନ୍ତ ତଦନ୍ତ କରି ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ସୁନନ୍ଦା ଓ ସୁଶାନ୍ତ ପୁଲିସ ବିଭାଗର ବରିଷ୍ଠ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଯାଜପୁର ଲୋକକଳା ମହୋତ୍ସବ



**ଯାଜପୁର, ୧୭।୪ (ସମିସ):** ଯାଜପୁର ଜିଲ୍ଲା ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଯାଜପୁର ଲୋକକଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡଃ ହରିହର କାନୁନ୍‌ଗୋ ମୁଖ୍ୟଅତିଥି ଭାବେ ଯୋଗଦେଇ ଲୋକକଳାକୁ ବଞ୍ଚାଇ ରଖିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ମା' ଯଶୋଦା କଳା ପରିଷଦର କଳାକାର ସାଇଶ୍ରୀ ପୃଷ୍ଟି, ବିଜୟିନୀ ଦାଶ, କୁମାର ଜଗଦୀଶ ପ୍ରମୁଖ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ବସନ୍ତ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଙ୍କ ମଧ୍ୟରେ ବିଶିଷ୍ଟ ସମାଜସେବୀ ଶଶଧର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବାବେଳେ ଚଳଚ୍ଚିତ୍ର ନିର୍ଦ୍ଦେଶକ ରିତେଶ କୁମାର ନାୟକ, ଚଳଚ୍ଚିତ୍ର ଅଭିନେତା ଓ ବରିଷ୍ଠ ସାମ୍ବାଦିକ ହରିହର ସ୍ୱାଇଁ, ତ୍ରିଭାଷୀ କବି ଓ ନାଟ୍ୟକାର ଡଃ ଅଲେଖ ପ୍ରସାଦ ମହାରଣା, ଧାରାବାହିକ ଅଭିନେତା ଇଂ. ପାର୍ଥସାରଥି ଦାସ, ବରିଷ୍ଠ ଶିକ୍ଷାବିତ ନବକିଶୋର ଦାସ ଓ ସମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୮ଟି ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶହେରୁ ଅଧିକ କୁନି କୁନି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦୀପ ବିହାରୀ, ମଧୁସ୍ମିତା ବିଶ୍ୱାଳ, ସୁଶାନ୍ତ ପରିଡ଼ା, କରୁଣାକର ଦାସ, ସୁବାସ ପାତ୍ର, ସାଇଶ୍ରୀ ପୃଷ୍ଟି, ବିଜୟିନୀ ଦାଶ ଏହି କାର୍ଯ୍ୟକ୍ରମରେ ବି.ରକ ଭାବେ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ସୁରକ୍ଷା ନୀତି ସମ୍ପର୍କିତ ଆଲୋଚନାଚକ୍ର

**ଛତିଆ,୧୭।୪(ସମିସ):** ସ୍ଥାନୀୟ ବୁଢ଼ା କେନ୍ଦୁଆସ୍ଥ 'ନେସନ' ଶିଶୁ ଯତ୍ନ ଅନୁଷ୍ଠାନରେ ରାଜ୍ୟସ୍ତରୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂଯୋଗ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ମିଳିତ ସହଯୋଗରେ ଶିଶୁ ସୁରକ୍ଷା ନୀତି ସମ୍ପର୍କିତ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ମୁଖ୍ୟଅତିଥି ରୂପେ ଯୋଗଦେଇ ଶିଶୁ ସୁରକ୍ଷା ନୀତି ପିଲାଙ୍କ ସୁରକ୍ଷା ଓ ବିକାଶ ସହ କାର୍ଯ୍ୟକର୍ତ୍ତା ପାଇଁ ଅନୁଷ୍ଠାନର ଏକ ମାର୍ଗଦର୍ଶିକା ଅଟେ ବୋଲି କହିଥିଲେ। ଏଥିସହିତ ପିଲାମାନଙ୍କ ଅଭିଯୋଗ ଜଣାଇବାର ଏକ ମାଧ୍ୟମ। ଏତଦଦ୍ୱାରା ପିଲାମାନେ ସେମାନଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପିତ କରିବା ସହ ସମାଧାନର ବାଟ ନିର୍ଣ୍ଣୟ କରିପାରିବେ। ଏହା କିଶୋର ନ୍ୟାୟ ଅଧିନିୟମ ୨୦୧୫ର ମୌଳିକ ଲକ୍ଷ୍ୟ ଉପରେ ପର୍ଯ୍ୟବେସିତ ଓ ଅନୁଷ୍ଠାନରୁ ବାହାରୁଥିବା ପିଲାମାନଙ୍କ ସ୍ୱାଧୀନ ଜୀବନଯାପନ ପାଇଁ ସହାୟକ ହୋଇଥାଏ ବୋଲି ମତ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ସଂଯୋଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟାସିଂ ବିଷୟ ବିଶାରଦ ରୂପେ ଯୋଗଦେଇ ସୁରକ୍ଷା ନୀତିର ପ୍ରସ୍ତୁତି ଓ ଉପଯୋଗିତା ଉପରେ ଆଲୋଚନା କରିଥିଲେ। ସଂଯୋଗର ପ୍ରକଳ୍ପ ସଂଯୋଜିକା ଶ୍ରୀମତୀ ରୂପାଲୀ ମହାନ୍ତି ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପରିଚାଳନା କମିଟି ସଦସ୍ୟ ସଦସ୍ୟା, କର୍ମକର୍ତ୍ତା ଓ ଶିଶୁମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକମରେ ପରିଚାଳନା କମିଟି ସଭାପତି ଉଜ୍ୱଳ ପ୍ରଦୀପ ନାରାୟଣ ବିଦ୍ୟାଧର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସଂଯୋଗ ଅନୁଷ୍ଠାନର ବିକାଶ ମହାନ୍ତି, ଜଗନ୍ନାଥ ସାହୁ ଓ ରିଙ୍କୁ ବିଶ୍ୱାଳ ପ୍ରମୁଖ ସହାୟତା କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଦ୍ୟୁମ୍ନ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ଷଠିପୁର ଓ ପାଣିକୋଇଲିରେ ବାସନ୍ତୀ ଦୁର୍ଗାପୂଜା



**ପାଣିକୋଇଲି, ୧୭।୪(ସମିସ):** ବସନ୍ତ ଋତୁର ଚୈତ୍ର ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରୁ ମା' ବାସନ୍ତୀ ଦୁର୍ଗାଙ୍କ ପୂଜା କରାଯାଇଥାଏ। ଏହି କ୍ରମରେ ଷଠିପୁର ଓ ପାଣିକୋଇଲିର ବିଭିନ୍ନ ସ୍ଥାନରେ ମା'ଙ୍କ ପୂଜା କରାଯାଉଥିବାବେଳେ ଷଠିପୁର ବଜାର ସମେତ ପାଣିକୋଇଲି ପଞ୍ଚାୟତର ଶର୍ମା ଟାଙ୍କି ନିକଟରେ ସ୍ୱତନ୍ତ୍ର ମଣ୍ଡପରେ ମା'ଙ୍କ ପୂଜା କରାଯାଉଛି। ଷଠିପୁରରେ ପୂଜକ ନାରାୟଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିରଜା ମଣ୍ଡଳର ବେଦଜ୍ଞ ବାହ୍ମଣଙ୍କ ଦ୍ୱାରା ପୂଜା କରାଯାଉଛି। ସେହିପରି ପାଣିକୋଇଲିରେ ବେଦଜ୍ଞ ବାହ୍ମଣ ଅକ୍ଷୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ କର୍ତ୍ତା ଭାବେ ଆନନ୍ଦ ଚନ୍ଦ୍ର ଓଝା ଓ ନୀଳମଣି ସ୍ୱାଇଁ ମା'ଙ୍କ ପୂଜା କରୁଛନ୍ତି।

# ନାରାୟଣ ଗୋସାଇଁଙ୍କ ଜଳଗମନ



**ବାରବାଟୀ,୧୭।୪(ସମିସ):** ସିଂହାପୁରର ପ୍ରସିଦ୍ଧ ନାରାୟଣ ଗୋସାଇଁ ଶ୍ରଦ୍ଧାଳୁଙ୍କୁ ୩ଦିନ ଦର୍ଶନ ଦେବା ପରେ ଜଳଗମନ କରିଛନ୍ତି। ନିକଟସ୍ଥ ମଧୁତୀର୍ଥ ପୁଷ୍କରିଣୀର ନିର୍ଦ୍ଦିଷ୍ଟ ସ୍ଥାନରେ ଭକ୍ତ ମହାପ୍ରଭୁଙ୍କ ଶ୍ରୀବିଗ୍ରହକୁ ସ୍ଥାପନ କରିଛନ୍ତି। ପୁଣି ଆସନ୍ତାବର୍ଷକୁ ଅପେକ୍ଷା କରିବାକୁ ପଡିବ। ତେଣୁ ୩ଦିନର ଗହଳି ଚହଳି ପରେ ଶ୍ରଦ୍ଧାଳୁଙ୍କଠାରୁ ଭାବପୂର୍ଣ୍ଣ ବିଦାୟ ନେଇଛନ୍ତି ମହାପ୍ରଭୁ। ତେବେ ନାରାୟଣ ଗୋସାଇଁଙ୍କ ଭକ୍ତଙ୍କ ପାଇଁ ଖୁସି ଖବର। ଆସନ୍ତାବର୍ଷଠାରୁ ମହାପ୍ରଭୁ ମନ୍ଦିରରେ ୩ ଦିନ ବଦଳରେ ୫ଦିନ ପୂଜା ପାଇବେ। ଏ ସମ୍ପର୍କରେ ବିଭିନ୍ନ ପ୍ରକାରର ଆଲୋଚନା ଓ ପରାମର୍ଶ ପରେ ଏହି ନିଷ୍ପତ୍ତି ନିଆଯାଇଥିବା ସିଂହାପୁର ଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି ଭୀଷ୍ମ ପ୍ରସାଦ ରଥ ସୂଚନା ଦେଇଛନ୍ତି। ଶ୍ରଦ୍ଧାଳୁଙ୍କ ଉତ୍ସାହ ପାଇଁ ଆସନ୍ତା ବର୍ଷରୁ ମହାପ୍ରଭୁଙ୍କ ସ୍ଥଳ ବିଜେ ସମୟ ବର୍ଦ୍ଧିତ କରିବା ନିଷ୍ପତ୍ତି ହୋଇଛି। ମଧୁପୁରଗଡ଼ ରାଜଜେମା ଅପର୍ଣ୍ଣା ଧୀର ସିଂ ଭରଦ୍ୱାଜଙ୍କ ଉପସ୍ଥିତିରେ ମହାପ୍ରଭୁଙ୍କ ଜଳଗମନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି ମହାପ୍ରଭୁଙ୍କ ଜଳଗମନ ଦୃଶ୍ୟ ଦେଖିଥିଲେ।

# ମହାବୀର କଲୋନୀରେ ଅଷ୍ଟପ୍ରହର ନାମଯଜ୍ଞ

**ପାଣିକୋଇଲି,୧୭।୪(ସମିସ):** ପାଣିକୋଇଲିସ୍ଥ ମହାବୀର କଲୋନୀ ମହାବୀର ପୀଠରେ ମହାବୀର ଜୟନ୍ତୀ ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ କଲୋନୀବାସୀଙ୍କ ଦ୍ୱାରା ଏହା ପାଳନ କରାଯାଇଥିଲା। ବିଭିନ୍ନ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ସାରା ରାତି ନାମ ସଂକୀର୍ତ୍ତନ ଜାରି ରହିଥିଲା। ପୂଜକ ଭାବେ ରାମଚନ୍ଦ୍ର ପାଢ଼ୀ ଓ କର୍ତ୍ତା ଭାବେ ସଂଜୟ କୁମାର ବେହେରା କଳସ ବୁଡାଇଥିଲେ। ସନ୍ତୋଷ କୁମାର ବେହେରା, ଶରତ ଚନ୍ଦ୍ର ସାହୁ, ଅର୍ଜ୍ଜୁନ ଚରଣ ଦଳାଇ, ସୁଧାଂଶୁ ସ୍ୱାଇଁ, ପ୍ରଭାକର ଦାସ, ବିଷ୍ଣୁ ମୋହନ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବସ୍ ଓ ଟ୍ରେନ୍ ଯାତ୍ରୀଙ୍କ ପାଇଁ ସିଟ୍ ବେଲ୍ଟ ବାଧ୍ୟତାମୂଳକ ଦାବି

**ପାଣିକୋଇଲି, ୧୭।୪(ସମିସ):** ଦିନକୁ ଦିନ ବସ୍ ଓ ଟ୍ରେନ୍ ଦୁର୍ଘଟଣା ବୃଦ୍ଧି ପାଉଛି। ଦୁର୍ଘଟଣା ସମୟରେ ଯାତ୍ରୀଙ୍କ ପାଖରେ କୌଣସି ସିଟ୍ ବେଲ୍ଟ ନ ଥିବାରୁ ଅଧିକ ସଂଖ୍ୟକ ଯାତ୍ରୀଙ୍କ ମୃତ୍ୟୁ ଘଟୁଛି। ତେଣୁ କାର୍ ଭଳି ବସ୍ ଓ ଟ୍ରେନରେ ଯାତାୟତ କରୁଥିବା ଯାତ୍ରୀଙ୍କ ପାଇଁ ସିଟ ବେଲ୍ଟ ବାଧ୍ୟତାମୂଳକ କରାଗଲେ ମୃତାହତଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ପାଣିକୋଇଲି ଅଞ୍ଚଳର ମାନବାଧିକାର କମ୍ରୀ ତାରିଣୀ କୁମାର ପଟ୍ଟନାୟକ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ପିଟିସନ ଦାଖଲ କରିଛନ୍ତି। କମିଶନ ଉକ୍ତ ଅଭିଯୋଗ ଗ୍ରହଣ କରିଛନ୍ତି।

ରାଉତରା ସରକାରୀ ସ୍କୁଲ

# ମରାମତି କାମ ଅଧପନ୍ତରିଆ



**ସିଂହପୁର,୧୭।୪(ସମିସ):** ବିଞ୍ଝାରପୁର ବ୍ଲକର ଚନ୍ଦ୍ରମୁଁ ପଞ୍ଚାୟତ ଅନ୍ତର୍ଗତ ରାଉତରା ୟୁପି ସ୍କୁଲର ମରାମତି କାମ ଚାଲିଛି। ତେବେ ଏହି ମରାମତି କାମ ଅଧାପନ୍ତରିଆ ହୋଇପଡ଼ିରହିଛି। ଏହା ଉଚ୍ଚବିଦ୍ୟାଳୟରେ ମିଶିଯାଇଥିବାରୁ ଏବେ ନୋଡାଲ ଉଚ୍ଚ ବିଦ୍ୟାଳୟ ଭାବେ ପରିଚୟ ପାଇଛି। ଏହି ବିଦ୍ୟାଳୟରେ ଆଖପାଖ ଗାଁ ରାଉତରା, ବାଣପୁର, ଚନ୍ଦ୍ରମୁଁ ଓ ମଲ୍ଲୀପୁରର ପିଲାମାନେ ପଢିବା ପାଇଁ ଆସିଥା'ନ୍ତି। ଉକ୍ତ ବିଦ୍ୟାଳୟକୁ ସୁନ୍ଦର ଓ ମନୋଜ୍ଞ କରାଯିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। କିନ୍ତୁ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଏହି ଅଧାପନ୍ତରିଆ ହୋଇ ପଡିରହିଛି। ବିଦ୍ୟାଳୟରେ କେବଳ ଶସ୍ତା ରଙ୍ଗ ବୋଳାଯିବା ବ୍ୟତୀତ ଅନ୍ୟକୌଣସି କାମ ହୋଇ ନ ଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟ ପରିସରରେ ଶ୍ରେଣୀଗୃହର ଆବଶ୍ୟକତା ରହିଛି। ବିଦ୍ୟାଳୟ ପରିସରରେ ବ୍ୟବହାର ଯୋଗ୍ୟ ପାଇଖାନା ନାହିଁ। ବିଦ୍ୟାଳୟ ପରିସର ଅନାବନା ଗଛରେ ଭରପୂର ହୋଇଥିବାବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଗ୍ରାମବାସୀ ଓ ଅଭିଭାବକ ଅଭିଯୋଗ କରିଛନ୍ତି।

ବିଦ୍ୟାଳୟର ଫାଟକ ଦେଇ ପ୍ରବେଶ କଲାବେଳେ ମୁଖ୍ୟ ରାସ୍ତାକୁ ପେଭର ବ୍ଲକ ପକାଯାଇ ରାସ୍ତା କରାଯିବା ପାଇଁ ଯୋଜନା କରାଯାଇଛି। ମାତ୍ର ତାହା ଅଧାରେ ଅଟକିଛି। ଏହି ରାସ୍ତା ଉପରେ ବାଲି କୁଡାଯାଇ ବହୁଦିନରୁ ଅଟକି ଥିବାବେଳେ ପେଭର ବ୍ଲକ ଗଦା ହୋଇ ପଡି ରହିଛି। ମାତ୍ର କାମ ହେଉ ନ ଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ବିଧାଳୟର ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ଠିକାଦାର ଆସୁ ନ ଥିବାରୁ ଏହି କାମ ଆଗେଇ ପାରୁ ନ ଥିବା କହିଛନ୍ତି।

# ପ୍ରବାଦ ପୁରୁଷ ବିଜୁବାବୁଙ୍କ ଶ୍ରାଦ୍ଧୋତ୍ସବ ପାଳିତ










**କେନ୍ଦୁଝର,୧୭ ।୪(ସମିସ):** ପ୍ରବାଦ ପୁରୁଷ ତଥା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କର ଶ୍ରାଦ୍ଧ ଉତ୍ସବ କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ବୁଧବାର ଦିନ ପାଳିତ ହୋଇଯାଇଛି । ସହରର ଥାନା ଛକଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ବହୁ ଦଳୀୟ ତୁଙ୍ଗ ନେତା ପୁଷ୍ପ ମାଲ୍ୟ ଅର୍ପଣ କରିବା ପରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଏହାପରେ କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ମୀନା ମାଝୀ ଆଇଡିଆଲ ଡେଭଲପମେଣ୍ଟ ଜରାଶ୍ରମର ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ । ଶ୍ରାଦ୍ଧ ଉତ୍ସବର କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲା ବିଜୁ ଜନତାଦଳର ପୂର୍ବତନ ସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟ ଆଶିଷ ଚକ୍ରବର୍ତ୍ତୀ,ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ସୁଶ୍ରୀ ଲକ୍ଷ୍ମୀ ନାଏକ,କେନ୍ଦୁଝରଗଡ ପୌରପାଳିକାର ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ,ଜିଲ୍ଲା ପରିଷଦ ସଦସ୍ୟ ରଥ ମୁଣ୍ଡା,ସଦର ବ୍ଲକ ସଭାପତି ଚକ୍ରଧର ପରିଡା,ଜିଲ୍ଲା କୋଷାଧ୍ୟକ୍ଷ ରକ୍ଷାକର ସାହୁ,ଅନୁସୂଚିତ ଜାତି ସେଲ ଅଧ୍ୟକ୍ଷ ଭରତ ଚନ୍ଦ୍ର ପାତ୍ର,ଜିଲ୍ଲା ସମ୍ପାଦକ ଜ୍ଞାନରଞ୍ଜନ ପତି,ଅଶ୍ୱିନୀ କୁମାର ପଣ୍ଡା,କାଉନସିଲର ଶରତ କୁମାର ସାହୁ,ଭଗବାନ ନାଏକ,ଦୟାନିଧି ପାତ୍ର,ପୂର୍ବତନ କାଉନସିଲର ପରେଶ ପ୍ରଧାନଙ୍କ ସମେତ ବହୁ ଦଳୀୟ ତୁଙ୍ଗ ନେତା ଉପସ୍ଥିତ ରହି ଶ୍ରାଦ୍ଧ ଦିବସର ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ସେହିପରି କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକଠାରେ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତାମାନେ ବିଜୁବାବୁଙ୍କ ବହୁମୁଖୀ ପ୍ରତିଭାର ଅବତାରଣା କରିଥିଲେ । ବରିଷ୍ଠ ବିଜେଡି ନେତା ଉମାକାନ୍ତ ବିନ୍ଧାଣୀ,ଜିଲ୍ଲା ପରିଷଦ ସଦସ୍ୟ ଅରୁଣ କୁମାର ବାରିକ,ବ୍ଲକ ଅଧ୍ୟକ୍ଷ ମାନସ ଦେହୁରୀ,ଟଙ୍କଧର ଖମାଣିଆ ପ୍ରମୁଖ ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ ।

**ତୁରୁମୁଙ୍ଗା:** କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନମଣ୍ଡଳୀ ସାହାରପଡା ବ୍ଲକ ଅନ୍ତର୍ଗତ ମଲ୍ଲାରପଦା ପଞ୍ଚାୟତ ବାଲିପଶିଠାରେ ଆଜି ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୨୭ତମ ତିରୋଧାନ ଦିବସ ପାଳିତ ହୋଇଛି । ପାଟଣା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ମା' ତାରିଣୀ ଙ୍କ ଫୋଟ ଚିତ୍ର ଏବଂ ବିଜୁ ବାବୁଙ୍କ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ଏବଂ ଧୂପ, ଦୀପ ପ୍ରଜ୍ୱଳନ କରାଯାଇଥିଲା ।ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପାଟଣା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ର ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ, ପାଟଣା ନିର୍ବାଚନ ମଣ୍ଡଳୀର ସଂଯୋଜକ କାନନ ବିହାରୀ ପହି, ପାଟଣା ବ୍ଲକ ସଭାପତି ମାଧବାନନ୍ଦ ପୃଷ୍ଟି, କେନ୍ଦୁଝର ଜିଲ୍ଲା ବିଜୁ କୃଷକ ମୋର୍ଚ୍ଚା ସଭାପତି ଦୀପକ ରାଜ୍, ବରିଷ୍ଠ ବିଜେଡ଼ି ନେତା ପାଟଣା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ଭବାନୀ ଶଙ୍କର ନାଏକ, ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ ସାହାରପଡା ବ୍ଲକ ଅଧ୍ୟକ୍ଷା ରୀନା ନାଏକ, ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ନାଏକ,ପ୍ରଫୁଲ୍ଲ ଚନ୍ଦ୍ର ନାଏକ, ରୁନୁ ମହାନ୍ତ, ବୁଦ୍ଧଦେବ ମହାକୁଡ଼, ପାଟଣା ନିର୍ବାଚନ ମଣ୍ଡଳୀର ମହିଳା ସଂଯୋଜକ କିରଣବାଳା ସିଂ, ସାହାରପଡା ବ୍ଲକ ପର୍ଯ୍ୟବେକ୍ଷକ ପ୍ରଶାନ୍ତ କୁମାର ଭଞ୍ଜଦେଓ, ଝୁମ୍ପୁରା ବ୍ଲକ ପର୍ଯ୍ୟବେକ୍ଷକ ନିରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବାଲିପଶି ଓ ଜାମଦା ଅଞ୍ଚଳର ଅନ୍ୟଦଳର କର୍ମୀ ବିଜୁ ଜନତା ଦଳରେ ଯୋଗଦାନ କରିଥିଲେ ।

**ପାଟଣା:** ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିପଶି ଗ୍ରାମରେ ବିଜୁ ଜନତା ଦଳ ପକ୍ଷରୁ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଜେଡିର ପାଟଣା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ, ପାଟଣା ନିର୍ବାଚନ ମଣ୍ଡଳୀ ସଂଯୋଜକ କାନନ ବିହାରୀ ପହି, ବରିଷ୍ଠ ବିଜେଡି ନେତା ଭବାନୀ ଶଙ୍କର ନାଏକ, ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ, ସାହାରପଡା ବ୍ଲକ ଅଧ୍ୟକ୍ଷା ରୀନା ନାଏକ, ପାଟଣା ନିର୍ବାଚନ ମଣ୍ଡଳୀ ମହିଳା ବିଜେଡି ସଂଯୋଜିକା କିରଣବାଳା ସିଂ, ଜିଲ୍ଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ, ପ୍ରଫୁଲ୍ଲ ଚନ୍ଦ୍ର ନାଏକ, ରାଧାକାନ୍ତ ନାଏକ,ରୁନୁ ମହାନ୍ତ, କୃଷକ ସେଲ ସଭାପତି ଦୀପକ ରାଜ, ପାଟଣା ବ୍ଲକ ସଭାପତି ମାଧବାନନ୍ଦ ପୃଷ୍ଟି ପ୍ରମୁଖ ସାମିଲ ହୋଇ ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କର ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବାଲିପଶି ଓ ଯାମଦା ଗ୍ରାମର ବିଜେପି ନେତା ଶଶୀଭୂଷଣ ନାଏକ, ରମେଶ ଚନ୍ଦ୍ର ନାଏକ, ଗୌରହରି ବେହେରା, ହଳଧର ବେହେରା ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗଦାନ କରିଥିଲେ ।




**ରାମଚନ୍ଦ୍ରପୁର,୧୭ ।୪(ସମିସ):** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀ ହଜାର ହଜାର ବିଜୁ ସମର୍ଥକଙ୍କ ଗହଣରେ ପାଳିତ ହୋଇଛି । କେନ୍ଦୁଝର ଜିଲ୍ଲା ଘଷିପୁରା ନିର୍ବାଚନମଣ୍ଡଳୀ ସାଇଁକୁଳଠାରେ ବିଜୁବାବୁଙ୍କ ୨୭ ତମ ଶ୍ରାଦ୍ଧବାର୍ଷିକ ହଜାର ହଜାର ବିଜୁ ସମର୍ଥକଙ୍କ ଗହଣରେ ବଡ ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ସମାଜସେବୀ ତଥା ଯୁବନେତା ଦେବାଶିଷ ପାତ୍ର, ଜିଲ୍ଲାପରିଷଦ ସଭ୍ୟ ସଂଜୟକୁମାର ମଲ୍ଲିକ,ପୂର୍ବତନ ସରପଞ୍ଚ ବିଭାସ ଚନ୍ଦ୍ର ନାୟକ,ବରିଷ୍ଠ ବିଜେଡି ନେତା ଗୋପୀନାଥ ସ୍ୱାଇଁ, ବିଶ୍ୱରଞ୍ଜନ ବେହରା, ବିଜୟ କୁମାର ଦାସ, ଅକ୍ଷୟ କୁମାର ସାହୁ,ଇମ୍ରାନ ଖାଁନ, ଦେବଦତ ନାୟକ,ଘଟଗାଁ ବ୍ଲକ ବିଜେଡି ସଭାପତି ଦୋଳଗୋବିନ୍ଦ ବେହେରା,ସୁରେନ୍ଦ୍ର କୁମାର ଜେନା,ଗିତାଞ୍ଜଳୀ ନାଏକ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗଦେଇ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ବିଜୁବାବୁଙ୍କ ବୀରତ୍ୱର ଗାଥା ଏବଂ ଲୋକାଭିମୁଖି କାର୍ଯ୍ୟ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଜଣାଇଥିଲେ ।

# ବିଭିନ୍ନ ସ୍ଥାନରେ ଧୁମ୍‌ଧାମ୍‌ରେ ରାମ ନବମୀ ପାଳିତ










**ଯୋଡ଼ା,୧୭ ।୪(ସମିସ):** ଖଣି ସହରର ଯୋଡାର ଦୁଇଟି ହନୁମାନ ମନ୍ଦିର କମିଟି ଏବଂ କିଛି ସଂଗଠନ ମାନଙ୍କ ପକ୍ଷରୁ ଖୁବ ଧୁମଧାମରେ ପାଳନ କରାଯାଇଥିଲା ପବିତ୍ର ଶ୍ରୀରାମନବମୀ । ମହାବୀର ହନୁମାନଙ୍କ ମନ୍ଦିରରେ ବିଭିନ୍ନ କମିଟି ପକ୍ଷରୁ ପୂଜାର୍ଚ୍ଚନା,ହୋମଯଜ୍ଞ,ରାମ ଚରିତ ମାନସ ପାରାୟଣ,ଭଜନ ସନ୍ଧ୍ୟା ଆଦି କରାଯାଇଥିବାର ଦେଖିବାକୁ ମିଳିଥିଲା । ପ୍ରଭୁ ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ଏହି ଦିବସକୁ ସବୁ ବର୍ଷ ପରି ଚଳିତବର୍ଷ ମଧ୍ୟ ଯୋଡ଼ାରେ ନିଆରା ଢଙ୍ଗରେ ଆୟୋଜନ କରାଯାଇଛି । ବୁଧବାର ଅପରାହ୍ନ ସମୟରେ ଯୋଡା ହନୁମାନ ହାଟିଂସ୍ଥିତ ହନୁମାନ ମନ୍ଦିର ଏବଂ ଏସବିଆଇ ନିକଟ ହନୁମାନ ମନ୍ଦିରରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା ପରେ ଶ୍ରୀରାମ ଝଣ୍ଡା ଧରି ଏକ ଭବ୍ୟ ଶୋଭାଯାତ୍ରାରେ ବାହାରିଥିଲେ । ବିଶାଳ ଶୋଭାଯାତ୍ରା ସହ ବାଜା,ବାଣ ରୋଷଣୀ ସହ ଯୋଡ଼ା ସହର ପରିକ୍ରମା କରିଥିଲା । ସମସ୍ତ ଶ୍ରଦ୍ଧାଳୁଙ୍କ ଜୟ ଶ୍ରୀରାମ,ଜୟ ବଜରଙ୍ଗବଲି ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଯାଇଥିଲା । ରାମ ଧ୍ୱନିରେ ଯୋଡ଼ାରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା । ଏହି ଶୋଭାଯାତ୍ରାରେ ହଜାର ହଜାର ରାମ ଭକ୍ତ ସାମିଲ ହୋଇ ଏହି ମାହୋଲକୁ ଆନନ୍ଦର ସହ ଉପଭୋଗ କରିଥିଲେ । ଏଥିରେ ବିଭିନ୍ନ ପାରମ୍ପରିକ ନୃତ୍ୟ ସହ ରାମଚନ୍ଦ୍ରଙ୍କ ଭଜନରେ ଯୁବକ ମାନେ ଗୀତର ତାଳେ ତାଳେ ଝୁମି ଥିବା ଦେଖିବାକୁ ମିଳିଥିଲା । ପାରମ୍ପାରିକ ଅସ୍ତ୍ରଶସ୍ତ୍ର ସହ ବାଡି ଖେଳ ହୋଇଥିବା ଦେଖିବାକୁ ମିଳିଥିଲା । କମିଟିର କର୍ମକର୍ତ୍ତା ମାନଙ୍କ ପକ୍ଷରୁ ପ୍ରସାଦ ବଣ୍ଟନ,ପାନୀୟ ଜଳ ଆଦିର ସୁବନ୍ଦୋବସ୍ତ କରାଯାଇଥିଲା । ଏହି ଅବସରରେ ସମଗ୍ର ଯୋଡା ସହରର ଗଳିକନ୍ଦିକୁ ଆଲୋକମାଳାରେ ସଜା ଯାଇଥିଲା । । ଏଥିସହିତ ପୁଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବା ସହ ଲୋକଙ୍କ ଭିଡ଼ ଓ ଶାନ୍ତି ଶୃଙ୍ଖଳାର ବିଶେଷ ଧ୍ୟାନ ଦିଆଯିବା ସହିତ ଜିଲ୍ଲାର ଏସପି,ବଡବିଲ ଏସଡିପିଓ ଜିଲ୍ଲାର ସମସ୍ତ ଥାନା ଅଧିକାରୀ ଓ ୧୪ ପ୍ଲାଟୁନ୍ ପୁଲିସ ବଳ ମୁତୟନ ରହିଥିବା ଦେଖିବାକୁ ମିଳିଛି ।

**ଆନନ୍ଦପୁର:** ଆନନ୍ଦପୁରର ଉପକାରାଗାର ପକ୍ଷରୁ ରାମନବମୀ ପୂଜା ବେଶ ଆଡମ୍ବର ସହକାରେ ପାଳିତ ହୋଇଛି । କାରାଗାରର ସମ୍ମୁଖରେ ଥିବା ହନୁମାନ ମନ୍ଦିରରେ ଏଥିପାଇଁ ପୂଜାର୍ଚ୍ଚନା କାର୍ଯ୍ୟ ଯଥାରୀତି ସମ୍ପାଦନ ହୋଇଥିଲା । ପୁଣ୍ୟତୋୟା ବୈତରଣୀ ନଦୀରୁ ଜଳ କଳସ ଅଣାଯାଇ ମନ୍ଦିରରେ ସ୍ଥାପନା ପୂର୍ବକ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା । ଜେଲ୍ ପକ୍ଷରୁ ଅନୁଷ୍ଠିତ ଏହି ପୂଜା ପାଇଁ ମନ୍ଦିରକୁ ସାଜସଜା କରାଯିବା ସହିତ ହୋମଯଜ୍ଞାଦି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରଭୁଙ୍କୁ ଦର୍ଶନ କରିଥିଲେ । ଭକ୍ତମାନଙ୍କ ପାଇଁ ଉପ କାରାଗାର ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଥିଲା । ଉପକାରାଗର ଅଧିକାରିଣୀ ସ୍ମିତାରାଣୀ ଖଟୁଆ ଓ ତାଙ୍କ ସ୍ୱାମୀ ବସନ୍ତ କୁମାର ଶଙ୍ଖୁଆ ସଂକଳ୍ପଧାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଦିଗମ୍ବର ପଣ୍ଡା ମୁଖ୍ୟ ପୂଜକ ଭାବେ ଦାୟିତ୍ୱ ନିର୍ବାହ କରିଥିବାବେଳେ ଗୌରଶଙ୍କର ମିଶ୍ର, ସ୍ନେହାଶୀଷ ପଣ୍ଡା ପୂଜା କାର୍ଯ୍ୟ ପରି.ଳନାରେ ସହଯୋଗ କରିଥିଲେ । ରାମନବମୀ ପୂଜା ପରି.ଳନାରେ ଉପକାରାଗାରର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ ।

**କେନ୍ଦୁଝର:** କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ପବିତ୍ର ରାମନବମୀ ପାଳିତ ହୋଇଛି । ବିଭିନ୍ନ ହନୁମାନ ମନ୍ଦିରରେ ଏଥିପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବା ସହିତ ରାମଚରିତ ମାନସ ଓ ପାରାୟଣ ଅନୁଷ୍ଠିତ ହୋଇଥିଲା । କେନ୍ଦୁଝର ସହରର କଲେଜରୋଡ ସ୍ଥିତ ରାମ ମନ୍ଦିର,ମାଇନିଂ ରୋଡସ୍ଥିତ ରାମମନ୍ଦିର,ବଡଦାଣ୍ଡରେ ଥିବା ଶ୍ରୀ ଶ୍ରୀ ରଘୁନାଥଜୀଉ ମଠ,ସିଦ୍ଧମଠଠାରେ ଥିବା ହନୁମାନ ମନ୍ଦିର, ଧାଙ୍ଗରପଡାରେ ଥିବା ହନୁମାନ ମନ୍ଦିର,ପାୱାର ହାଉସ ନିକଟରେ ଥିବା ହନୁମାନ ମନ୍ଦିରରେ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ବୁଧବାର ପ୍ରତ୍ୟୁଷରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ପବିତ୍ର ଶ୍ରୀ ରାମନବମୀ ପୂଜା ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଓ ପାରାୟଣ ମହାସମାରୋହରେ ପାଳିତ ହୋଇଯାଇଛି । ବିଭିନ୍ନ ସ୍ଥାନରେ ରାମନବମୀ ଅବସରରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଭକ୍ତ ଯୋଗ ଦେଇଥିଲେ ।

**ତୁରୁମୁଙ୍ଗା:** କେନ୍ଦୁଝର ଜିଲା ପାଟଣା ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ରାମନବମୀ ଉତ୍ସବ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି । ରାଜନଗରସ୍ଥିତ ପୁରାତନ ରଘୁନାଥଜୀଉ ମଠ ମଣ୍ଡପରେ ଚଳିତ ବର୍ଷ ଦେବୋତ୍ତର ବିଭାଗ ପକ୍ଷରୁ ଜୀଉଙ୍କ ନୀତିକାନ୍ତିରେ ରାମନବମୀ ପାଳିତ ହୋଇଯାଇଛି । ସେହିପରି ଚେମେଣାଠାରେ ରାମନବମୀ କମିଟି ପକ୍ଷରୁ ରାମନବମୀକୁ ବେଶ ଉତ୍ସାହର ସହ ପାଳନ କରାଯାଇଛି । ଚେମେଣାରେ ପୂଜକ ଭାବେ ମହେଶ ଚାଟାର୍ଜି ଙ୍କ ଦ୍ୱ ।ରା ରାମ ଲକ୍ଷ୍ମଣ ସୀତା ଓ ହନୁମାନଙ୍କ ମୂର୍ତ୍ତିଙ୍କ ପୂଜାର୍ଚ୍ଚନା କରାଯାଇଥିବା ବେଳେ କର୍ତ୍ତା ଭାବରେ ଭରତ ମହାନ୍ତ ଦେବନୀତି ସମ୍ପନ୍ନ କରିଥିଲେ ।କମିଟିର ରବୀନ୍ଦ୍ର ମହାନ୍ତ ବିଭୀଷଣ ମହାନ୍ତ ରମେଶ ମହାନ୍ତ, ଜନାର୍ଦ୍ଦନ ମହାନ୍ତ, ମହେଶ୍ୱର ମହାନ୍ତ ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରିଥିବା ବେଳେ ସଂଧ୍ୟାରେ ପାଲା ପରିବେଷଣ କରାଯାଇଛି ।

**ଚମ୍ପୁଆ:** ଆଜି ସ୍ଥାନୀୟ ରାମମନ୍ଦିର ପ୍ରାଙ୍ଗଣରେ ରାମନବମୀ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । କମିଟି ତରଫରୁ ପ୍ରତ୍ୟୁଷରୁ ୧୦୮ ହନୁମାନ ଚାଳିଶା ପାଠ, ରାମନବମୀ ପୂଜା , ମଧ୍ୟାହ୍ନରେ ସାମୁହିକ ପ୍ରସାଦ ସେବନ, ଅପରାହ୍ନରେ ପାରମ୍ପରିକ ଆଖଡ଼ା ଖେଳ ସହ ସହର ପରିକ୍ରମା ଏବଂ ରାତିରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା କମିଟି ସମ୍ପାଦକ ଶ୍ରୀ ମୋନୋଜ ସାହୁ ପ୍ରକାଶ କରିଛନ୍ତି । ଆଜି ପ୍ରଭୁ ରାମଲାଲାଙ୍କ ପୂଜାରେ କର୍ତ୍ତାଭାବେ ଯୁବ ସଂଗଠକ ସୁଭାଷ ରାମ କାର୍ଯ୍ୟ ସମ୍ପାଦନ କରିଥିଲେ । ରାମ ମନ୍ଦିର କମିଟି ତରଫରୁ ବିଶେଷ କାର୍ଯ୍ୟକ୍ରମ ଯଥା ପାରମ୍ପାରିକ ବାଡିଖେଳ,ଖଣ୍ଡା ଖେଳ, ସମ୍ବଲପୁରର ବାଜାବାଲା, ଖୋର୍ଦ୍ଧାର ପାଇକ ଦଳ ଏବଂ ରାଞ୍ଚିର ବ ।ଇକ ଷ୍ଟଣ୍ଡଖେଳ ପ୍ରଦର୍ଶନକାରୀଦଳ ସେମାନଙ୍କର ପାରମ୍ପରିକ ଖେଳ ପ୍ରଦର୍ଶନ କରିବା ସହ ସହର ପରିକ୍ରମା କରିଛନ୍ତି ।ଏ ସମସ୍ତ କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାକୁ ମନ୍ଦିର କମିଟିର ସଭାପତି ମଣ୍ଟୁ ସାହୁ, ସମ୍ପାଦକ ମନୋଜ ସାହୁ ଓ ଲାଲଟୁ ସାହୁ,ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଅଣ୍ଟା ଭିଡିଛନ୍ତି । ଏମାନଙ୍କୁ ମାର୍ଗଦର୍ଶନ କରୁଛନ୍ତି ଗଙ୍ଗାଧର କର,ବରିଷ୍ଠ ନାଗରିକ ବାବୁଲା ଚାୱଡା, ଧରଣୀ ଧର ଦାସ, ଅନୀଲ ସାହୁ ଓ ଅନ୍ୟ କାର୍ଯ୍ୟକର୍ତ୍ତା । ଚମ୍ପୁଆ ଏସଡିପିଓ ବିଜୟ ମଲ୍ଲିକ ଓ ଥାନାଧିକାରୀ ଦେବକୀ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ସେହିପରି ଘଟଣାସ୍ଥଳରେ ଆମ୍ବୁଲାନସ ଟିମ ସଜାଗ ରହିଥିବା ଦେଖବାକୁ ମିଳିଛି ।

## ଭାଗବତ ଟୁଙ୍ଗିରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର

# ଘରୁ ରୋଷେଇ କରି ଆଣୁଛନ୍ତି ଅଙ୍ଗନୱାଡ଼ି କର୍ମୀ

**ବେଲବାହାଳି,୧୭ ।୪(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ଗ୍ରାମର ହରିଜନ ସାହିରେ ଏକ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନଥିବାରୁ ୨୨ ଜଣ ଛାତ୍ରଛାତ୍ରୀ ଭାଗବତ ଟୁଙ୍ଗୀରେ ପଢୁଛନ୍ତି । ପ୍ରଶାସନର ଅବହେଳା ଯୋଗୁଁ ଅଙ୍ଗନୱାଡ଼ି କେନ୍ଦ୍ରକୁ ଗୁରୁତ୍ୱ ଦିଆଯାଉନଥିବା ଅଭିଯୋଗ ହେଉଥିବା ଜଣାଯାଇଛି । ପ୍ରକାଶ ଥାଉକି ଆନନ୍ଦପୁର ବ୍ଲକର ମହିଳା ଓ ଶିଶୁ ସମ୍ମନ୍ବିତ ବିକାଶ ଯୋଜନା ଅଧିନରେ ୨୨୮ ଟି ଅଙ୍ଗନୱାଡ଼ି କେନ୍ଦ୍ର ଥିବାବେଳେ ସେଥିରୁ ୩୫ଟି ମିନି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି । ଏଥିରୁ ୧୨ଟି ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରାଯାଇ ସେଠାରେ ୩ବର୍ଷରୁ ୫ବର୍ଷ ଭିତରେ କୁନି କୁନି ପିଲାମାନଙ୍କୁ ଶିକ୍ଷା ଦିଆଯାଉଛି । ହେଲେ ବ୍ଲକର ପ୍ରାୟ ଅଙ୍ଗନୱାଡ଼ି କେନ୍ଦ୍ରରେ ଜାଗା ଚିହ୍ନଟ ହୋଇପାରୁନଥିବାରୁ ସେଠାରେ ଆଜିସୁଦ୍ଧା ଘର ତିଆରି ହୋଇପାରୁନାହିଁ । ଫଳରେ ଅନେକ ସ୍ଥାନରେ କୁନି କୁନି ପିଲାମାନେ ବର୍ଷା, ଖରା ଓ ଶୀତରେ ନାହିଁ ନଥିବା ଅସୁବିଧାରେ ପଡ଼ି ବାରଦୁଆର ଷୁଣ୍ଣିପିଣ୍ଡା ହୋଇ ପାଠ ପଢୁଛନ୍ତି । ଘରନଥିବାରୁ କାହା ପିଣ୍ଡାରେ ତ କାଲି କାହା ଘରେ, କେବେ ମନ୍ଦିରରେ ତ ଆଉ କେବେ ଭାଗବତ ଟୁଙ୍ଗିରେ ପୁଣି କେବେ କ୍ଲବ ଘରେ ବସି ପାଠ ପଢୁଛନ୍ତି । ଏମିତିକି ଜଳସୁଆଁ ପଞ୍ଚାୟତର ୩ ଟି ଅଙ୍ଗନୱାଡ଼ି କେନ୍ଦ୍ର ଥିଲେ ମଧ୍ୟ ଆଜିସୁଦ୍ଧା ହରିଜନ ସାହିକୁ ଅଙ୍ଗନୱାଡ଼ି କେନ୍ଦ୍ର ଘରଟିଏ ମିଳି ପାରିଲା ନାହିଁ । ଏପରିକି ଅଙ୍ଗନୱାଡ଼ି କେନ୍ଦ୍ରର ସ୍ଥାୟୀଗୃହ ନଥିବାରୁ କେନ୍ଦ୍ରକୁ ମିଳୁଥିବା ସରକାରୀ ଯୋଜନାର ଚାଉଳ, ଅଣ୍ଡା, ଛତୁଆ ଇତ୍ୟାଦିକୁ କର୍ମୀମାନେ ଏଣେତେଣେ ରଖିବାକୁ ପଡୁଛି । ସେଥିମଧ୍ୟରୁ ଅନେକ ସାମଗ୍ରୀ ମଧ୍ୟ ବାଟମାରଣ ହେଉଥିବାର ଅଭିଯୋଗ ହେଉଛି । ପିଲାମାନଙ୍କୁ ରୋଷେଇ କରି ଖାଦ୍ୟଦେବାର ବ୍ୟବସ୍ଥା ଥିବାବେଳେ ରୋଷେଇଘର ନଥିବାରୁ ଅନେକ ସମୟରେ ହଇରାଣ ହେବାକୁ ପଡୁଛି । ଏଣୁ ଏଦିଗରେ ଆନନ୍ଦପୁର ସିଡିପିଓ ସ୍ୱତନ୍ତ୍ର ଦୃଷ୍ଟିଦେଇ ସମସ୍ୟା ସମାଧାନ କରିବାକୁ ମହେନ୍ଦ୍ର ଜେନା,ଶୈଳ ଜେନା, ନିରଞ୍ଜନ ଜେନା, ଲିଟୁ ଜେନା, ସୁନନ୍ଦ ଜେନା, ମଣ୍ଟୁ ଜେନା, କ୍ଷୀରୋଦ ଜେନା, ଭାଗବତ ଜେନା ରାଜନ ଜେନା, ଶତ୍ରୁଘନ ଜେନା, ମହେଶ୍ୱର ଜେନା, ସନ୍ତୋଷ ଜେନା, ମଣିଭଦ୍ର ଜେନା, ରତ୍ନାକର ଜେନା ଗୟାଧର ଜେନା ଦାବି କରୁଛନ୍ତି । ପିଲାଙ୍କୁ ପଢ଼ାଉଥିବା ଶିକ୍ଷୟିତ୍ରୀ ବର୍ଷା ରାଣୀ ଜେନା କହିଛନ୍ତି ଏଠାରେ ସେହିପରି ସୁବିଧା ନଥିବାରୁ ମୁଁ ମୋ ଘରୁ ନିଜେ ରୋଷେଇ କରି ଆଣି ପିଲାଙ୍କୁ ଖାଇବାକୁ ଦେଉଛି । ଏ ବିଷୟରେ ସରପଞ୍ଚ ପ୍ରଶାନ୍ତି ମାଝୀ କହିଛନ୍ତି ଲିଖିତ ଆକାରରେ ସିଡ଼ିପିଓ ତପସ୍ୱିନୀ ବେସେନ, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂଙ୍କୁ ଦିଆଯାଇଛି । ଏହି ଘଟଣା ବିଷୟରେ ସିଡ଼ିପିଓ ତପସ୍ୱିନୀ ବେସେନ କହିଛନ୍ତି ଆମେ ଆନନ୍ଦପୁର ବିଇଓଙ୍କୁ ଚିଠି କରିଥିଲୁ ପିଲାଙ୍କୁ ଭାଗବତ ଟୁଙ୍ଗୀରେ ନ ପଢ଼ାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢାଇବାକୁ ।

## ଯୁବକ ନିଖୋଜ,ଥାନାରେ ଅଭିଯୋଗ

**ପାଟଣା,୧୭ ।୪(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ମିରିଗିଖୋଜି ଗ୍ରାମର ଯଶୋବନ୍ତ ମହାନ୍ତ(୨୦) ନିଖୋଜ ଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ ଯଶୋବନ୍ତ ଗାଁ ପାଖ ବିରଳ ନଦୀକୁ ସକାଳୁ ଯାଇଥିଲେ । ତେବେ ସେ ଘରକୁ ନ ଫେରି କୁଆଡେ ନିଖୋଜ ହୋଇଯାଇଥିବା ଜଣାପଡ଼ିଛି । ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇଛନ୍ତି । ଏ ନେଇ ତାଙ୍କ ପିତା ରମେଶ ଚନ୍ଦ୍ର ମହାନ୍ତ ପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

## ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ

**ତୁରୁମୁଙ୍ଗା,୧୭ ।୪(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଡେଣୁଆଁ ଅଞ୍ଚଳରେ ଜଣେ ବିବାହିତ ମହିଳାଙ୍କୁ ସେହି ଅଞ୍ଚଳରେ ରହି ଜେସିବି ଚଳାଉଥିବା ଜଣେ ବ୍ୟକ୍ତି ଜଙ୍ଗଲରେ ଏକୁଟିଆ ଦେଖି ଦୁଷ୍କର୍ମ କରିଥିବା ନେଇ ମହିଳା ଜଣଙ୍କ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ତୁରୁମୁଙ୍ଗା ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଚମ୍ପୁଆ ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକ ଘଟଣାର ତଦନ୍ତ କରୁଛନ୍ତି । ଅଭିଯୋଗ ଅନୁସାରେ ମହିଳା ଜଣଙ୍କ ଗାଁ ନିକଟ ଜଙ୍ଗଲରେ କାଠ ସଂଗ୍ରହ କରୁଥିବା ସମୟରେ ଜେସିବି ଚଳାଉଥିବା ତେଲକୋଇ ଥାନା କାଳିଆହତା ଫାଣ୍ଡି ତାଳପଦା ଗ୍ରାମର ସୂର୍ଯ୍ୟ ଜଗନ୍ନାଥ ମହାନ୍ତଙ୍କ ପୁଅ ସୂର୍ଯ୍ୟ ମହାନ୍ତ ତାଙ୍କୁ ଥଣ୍ଡା ପାନୀୟରେ କୌଣସି ନିଶା ଦ୍ରବ୍ୟ ଦେଇ ଦୁଷ୍କର୍ମ କରିଥିଲା । ଅଭିଯୋଗ ପରେ ତୁରୁମୁଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇ ପୀଡିତାର ଡାକ୍ତରୀ ମାଇନା କରିଛି ପୁଲିସ ।

## କୂଅରୁ ମୃତଦେହ ଉଦ୍ଧାର

**ବେଲବାହାଳି,୧୭ ।୪(ସମିସ):** କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ବେଲବାହାଳି ବଡ଼ମାଳ ଗଣ୍ଡ ପାଖ ନିକଟରେ ଥିବା ଏକ କୂଅ ଭିତରୁ ଜଣେ ଅଜଣା ବ୍ୟକ୍ତିର ମୃତ ଦେହ ଉଦ୍ଧାର କରାଯାଇଛି । ମୃତ ଦେହଟି କୂଅ ଭିତରେ ପଡ଼ିଥିବା ଦେଖି ପାଖ ପଡିଆରେ ଖେଳୁଥିବା ଯୁବକ ମାନେ ସ୍ଥାନୀୟ ଗ୍ରାମବାସୀମାନଙ୍କୁ ଜଣାଇଥିଲେ । ସ୍ଥାନୀୟ ଗ୍ରାମବାସୀମାନେ ସଙ୍ଗେ ସଙ୍ଗେ ପ୍ରଥମେ ଘଷିପୁରା ଥାନା ଏବଂ ଅଗ୍ନିଶ୍ରମ ବାହିନୀକୁ ଖବର ଦେଇଥିଲେ । ଖବର ପାଇ ଘଷିପୁରା ଥାନା ଅଧିକାରୀ ସୁନୀଲ କୁମାର କର ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ଶବକୁ ଆନନ୍ଦପୁର ପଠାଇଥିବା ବେଳେ ଘଟଣାର ବିଭିନ୍ନ ଦିଗକୁ ଲକ୍ଷ୍ୟ କରି ତଦନ୍ତ ଆରମ୍ଭ କରିଛନ୍ତି । କିନ୍ତୁ ବର୍ତ୍ତମାନ ସୁଦ୍ଧା ଗଳିତ ମୃତ ଦେହର ପରିଚୟ ମିଳିପାରି ନଥିବା ଘଷିପୁରା ଥାନା ଅଧିକାରୀ ପ୍ରକାଶ କରିଛନ୍ତି ।

## ମାତାରିଣୀ ପୀଠରେ ମହାବିଷୁବ ପଣାସଂକ୍ରାନ୍ତି



**ନାରଦପୁର,୧୭ ।୪(ସମିସ):** ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଗ୍ରାମ ପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ଚନ୍ଦନବନ ମା' ତାରିଣୀ ପୀଠରେ ମହାବିଷୁବ ପଣା ସଂକ୍ରାନ୍ତି ମହାସମାରୋହରେ ଉଦଯାପିତ ହୋଇଯାଇଛି । ମା'ଙ୍କର ବିଭିନ୍ନ ପୂଜାକାର୍ଯ୍ୟ ରୀତିନୀତି ଅନୁଯାୟୀ କରାଯାଇଛି । ଏଥିରେ ଟ୍ରଷ୍ଟ ସଭାପତି କିଶୋର କୁମାର ନାଏକ ଓ ସମ୍ପାଦକ ବାବୁଲାଲ ମହାନ୍ତଙ୍କ ତତ୍ତ୍ୱାବଧାନରେ ମନ୍ଦିରର ସମସ୍ତ କାର୍ଯ୍ୟ ପରିଚାଳନା କରାଯାଇଥିଲା । ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ତିନି ଦିନ ଧରି ଢେଙ୍କାନାଳ ଜିଲ୍ଲାର ଗାୟିକା ବାଣୀକଣ୍ଠ କଳ୍ପନା ସ୍ୱାଇଁଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା । ଏଥିରେ ପୁରୋହିତ ଗୋଲକ ବିହାରୀ ପଣ୍ଡା, ପୀଠ ଦେହୁରୀ ରତ୍ନାକର ମହାନ୍ତ, ଗୌତମ ନାଏକ, ଦିବାକର ମହାନ୍ତ, ଯୁଧିଷ୍ଠିର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ସମେତ ଗ୍ରାମବାସୀ ମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ । ମା'ଙ୍କୁ ଦର୍ଶନ କରିବା ପାଇଁ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲେ ।

## ସାଇଁକୁଳ ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ

**ଆନନ୍ଦପୁର,୧୭ ।୪(ସମିସ):** ସ୍ଥାନୀୟ ସାଇଁକୁଳ ଗ୍ରାମର ବରମୂଳ ସାହିରେ ଦ୍ୱିତୀୟ ବାର୍ଷିକ ଅଷ୍ଟପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଛି । ଗ୍ରାମବାସୀଙ୍କ ସହଯୋଗରେ ଦୁଇ ବର୍ଷ ହେଲା ମହାଆଡମ୍ବର ସହିତ ପ୍ରଭୁ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଅଷ୍ଟପ୍ରହରୀ ନାମ ଯଜ୍ଞ ହୋଇଆସୁଅଛି । ଚଳିତ ମାସ ୧୫ ତାରିଖ ଦିନ ରୀତିନୀତି ଅନୁସାରେ ଗ୍ରାମ ପରିସରରେ ଥିବା ପୁଷ୍କରିଣୀରୁ ବୈଷ୍ଣମ୍ବ କୁନି ବାବାଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ କଳସ ଶୋଭା ଯାତ୍ରା ସହ ଗ୍ରାମ ପରିକ୍ରମା କରି ପୂଜା ମଣ୍ଡପରେ ଘଟ ସ୍ଥାପନ କରାଯାଇଥିଲା । ଅଧିବାସ କରାଯାଇ ନାମ ସଙ୍କୀର୍ତ୍ତନ ହୋଇଥିବା ବେଳେ



ବୁଧବାର ଦିନ ଗ୍ରାମବାସୀଙ୍କ ସହଯୋଗରେ ବହୁ ଦୂରଦୂରାନ୍ତରୁ କୀର୍ତ୍ତନ ମଣ୍ଡଳୀ ଆସି ସଙ୍କୀର୍ତ୍ତନରେ ଭାଗ ନେଇଥିଲେ । ପରେ ପ୍ରଭୁ ଚୈତନ୍ୟ ମହାପ୍ରଭୁଙ୍କୁ ଧରି ବିଷ୍ଣୁ ସାମଲ ଗ୍ରାମ ପରିକ୍ରମା କରି ଥିବା ବେଳେ ତାଙ୍କୁ ବିଜୟ ସାମଲ ସହଯୋଗ କରିଥିଲେ । ନଗର କୀର୍ତ୍ତନରେ ଗ୍ରାମ ପୁରା ଉତ୍ସବ ମୁଖର ହୋଇ ଉଠିଥିଲା । କମିଟିର ସଦସ୍ୟ ବ୍ରହ୍ମା, ବଦ୍ରିନାଥ, ମାନସ, ଇଶ୍ୱର, ରଞ୍ଜନ, ଦୁଃଖ, ରାଜୁ , ତପ, ରବି, ସୁଧୀର, ଗୋକୁଳ, ମାର୍କଣ୍ଡ, ନରେଶ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଜଗତ ଜନନୀ ମା' ଦୁର୍ଗାଙ୍କ ବାସନ୍ତୀକ ଦୁର୍ଗାପୂଜା



**କେନ୍ଦୁଝର,୧୭ ।୪(ସମିସ):** ସଦରବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ଗ୍ରାମ ପଞ୍ଚାୟତ ସେଣ୍ଡକାପ ଗ୍ରାମରେ ସ୍ଥାୟୀ ଭାବେ ପୂଜା ପାଇ ଆସୁଥିବା ମା' ଜଗତ ଜନନୀ ଦୁର୍ଗାଙ୍କ ବାସନ୍ତୀକ ଶ୍ରୀ ଦୁର୍ଗା ପୂଜା ୯ ତାରିଖ ଠାରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଖୁବ ଧୁମ ଧାମରେ ପାଳିତ ହୋଇଯାଇଛି । ଏହି ସ୍ୱତନ୍ତ୍ର ପୂଜା କାର୍ଯ୍ୟକ୍ରମରେ ପୂଜକ ପ୍ରଶ୍ନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ତାଙ୍କର ସାଥୀଗଣଙ୍କ ଦ୍ୱାରା ମା'ଙ୍କ ପୂଜାକାର୍ଯ୍ୟ ଯଥାବିଧି ସମାପନ ହୋଇଥିଲା । ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ଗୋବର୍ଦ୍ଧନ ଅରଡେଇ ନଦୀ ଘାଟରେ ପୂଜକଙ୍କ ଦ୍ୱାରା ପୂଜା ଅର୍ଚ୍ଚନା କରିବା ପରେ ପୂର୍ଣ୍ଣ ଜଳ କଳସ ଆଣି ମା'ଙ୍କ ମଣ୍ଡପରେ ଘଟ ସ୍ଥାପନ କରାଯାଇଥିଲା । ବେଲ ବରଣ,ସ୍କନ୍ଦମାତାଙ୍କ ପୂଜା,ସପ୍ତମୀ, ମହାଗୌରି ପୂଜା ବେଶ,ସନ୍ଧି ପୂଜା,କାତ୍ୟାୟନୀ ବେଶ, ଚଣ୍ଡୀ ପାଠ, ମହାଅଷ୍ଟମୀ,ନବମୀ ଓ ଦଶମୀ ପୂଜା ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ଦିନ ମା'ଙ୍କ ମଣ୍ଡପ ଆକର୍ଷଣ ତୋରଣ ସହିତ ଅତ୍ୟାଧୁନିକ ଲାଇଟ ସାଉଣ୍ଡରେ ଝଲସୁ ଥିବାବେଳେ ଦୂରଦୂରାନ୍ତରୁ ଭକ୍ତଙ୍କ ସମାଗମ ଆହୁରି ମା'ଙ୍କ ଆସ୍ଥାନ ଦ୍ୱିଗୁଣିତ ଭରି ରଖିଥିଲା । ୧୪ ଓ ୧୭ ତାରିଖ ଦିନ ସାର୍ବଜନୀନ ଦୁର୍ଗା ପୂଜା କମିଟି ତରଫରୁ ଡାନ୍ସ ଡାନ୍ସ ଧମାକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶଙ୍କିରି, ଜଡିପଦା, ରୁକୁଣାଦେଇପୁର, ହାଣ୍ଡିଭଙ୍ଗା, କାଉଁରୀକଳା, କୁସୁମୁଳା, ପଳାଶପୋଖରୀ, ଗୋବର୍ଦ୍ଧନ, ଯୋଗୀ ମଠ, ବନାଯୋଡ଼ି, କଣାପଶି, ବାଜୁଣିଟାଙ୍ଗର, ହାତୀକୁଚା, ନୂଆଗାଁ, କାଦଗଡ, ପଦ୍ମପୁର, ବୀରକିଶୋରପୁର, ଦାବାଙ୍କ, ଜଡି ଚାତର, କେଶବଙ୍ଗ, ବଣୁଆ, ବାଲିସୁଆଁ, ହଳଦୀଗୁଣା, ଉପରଡିହା, ପୋଟଳ, ମୁକୁନା, ବାଉରୀପଦା, ବଡଳମାଳ, ଖୁଣ୍ଟାପଡା, କେନ୍ଦୁପଶି,ତେରଣ୍ଟି ଆଦି ଆଖପାଖ ଗ୍ରାମ ତଥା ମୟୂରଭଞ୍ଜ,ସୁନ୍ଦରଗଡ଼,ଅନୁଗୁଳ ଆଦି ଅଞ୍ଚଳରୁ ଭକ୍ତ ଯୋଗ ଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ ।

## ୨୦୨୪ ଲୋକସଭା ନିର୍ବାଚନ: ସ୍ଥିତି ଓ ସମ୍ଭାବନା

# ଟିଏମ୍‌ସି-ବିଜେପି ଲଢ଼େଇ

୪୨ ଲୋକସଭା ଆସନ ବିଶିଷ୍ଟ ପଶ୍ଚିମବଙ୍ଗ ରାଜ୍ୟ ନିର୍ବାଚନ ଆସନ୍ତା ୧୯ ତାରିଖରୁ ହେବାକୁ ଯାଉଛି। ଏପ୍ରିଲ ୧୯ରେ ପ୍ରଥମ ପର୍ଯ୍ୟାୟରେ କୁଚବିହାର,ଆଲିପୁରଦ୍ୱାର ଏବଂ ଜଲପାଇଗୁଡ଼ି ଆଦି ତିନୋଟି ଲୋକସଭା କ୍ଷେତ୍ର ପାଇଁ ନିର୍ବାଚନ ହେବ। ଏହାପରେ ଏପ୍ରିଲ ୨୬ରେ ଦାର୍ଜିଲିଂ,ରାଏଗଞ୍ଜ ଏବଂ ବାଲୁରଘାଟ ଆସନ ପାଇଁ ମତଦାନ ହେବ। ପରେ ପରେ ମେ ' ୪ ,୨୦,୨୫ ଏବଂ ଜୁନ୍ ୧ରେ ଶେଷ ପର୍ଯ୍ୟାୟ ମତଦାନ ହେବ। ୭ଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ନିର୍ବାଚନ ଫଳାଫଳ ଜୁନ ୪ରେ ପ୍ରକାଶ ପାଇବ। ଉତ୍ତରପ୍ରଦେଶ,ମହାରାଷ୍ଟ୍ର ଏବଂ ବିହାର ପରେ ୪୨ ଲୋକସଭା ଆସନ ବିଶିଷ୍ଟ ପଶ୍ଚିବବଙ୍ଗ ରାଜ୍ୟ ଫଳାଫଳ ଉଭୟ ଶାସକ ଏବଂ ବିରୋଧୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏଠାରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ବିରୋଧୀ ବିଜେପି ମଧ୍ୟରେ ହିଁ ଦ୍ୱମୁଖୀ ଲଢେଇ ହେବ ତାହା ନିଶ୍ଚିତ ହୋଇଯାଇଛି। ଟିଏମସି ବିରୋଧୀ ଇଣ୍ଡିଆ ମେଣ୍ଟର ସଦସ୍ୟ ରହିଥିଲେ ମଧ୍ୟ ଆସନ

### ୨୦୧୯ ନିର୍ବାଚନ ସ୍ଥିତି

(ମତଦାନ ହାର: ୭୮.୬ ପ୍ରତିଶତ)

| ଦଳ | ସଂଖ୍ୟା | ଭୋଟ |
|---|---|---|
| ଟିଏମସି | ୨୨ | ୪୩.୭ |
| ବିଜେପି | ୧୮ | ୪୦.୬ |
| କଂଗ୍ରେସ | ୦୨ | ୫.୭ |



ବଣ୍ଟନକୁ ନେଇ କଂଗ୍ରେସ ଏବଂ ସିପିଆଇ ସହ ଦଳର ବୁଝାମଣା ହୋଇପାରିନଥିଲା। ଫଳରେ ଏଠାରେ ଟିଏମସି, କଂଗ୍ରେସ ଏବଂ ସିପିଆଇ ପରସ୍ପର ବିରୋଧରେ ଲଢେଇ କରିବେ। ୨୦୧୯





ନିର୍ବାଚନରେ ଏଠାରେ ଟିଏମ୍‌ସି ସର୍ବାଧିକ ୨୨ଟି ଆସନରେ ବିଜୟୀ ହେବା ସହିତ ଦଳକୁ ୪୩.୭% ଭୋଟ ମିଳିଥିଲା। ଏହାପଛକୁ ବିଜେପି ୧୮ ଆସନରେ ବିଜୟୀ ହୋଇ ୪୦.୬% ଭୋଟ ପାଇଥିଲା। କଂଗ୍ରେସକୁ ମାତ୍ର ୫.୭% ଭୋଟ ମିଳିବା ସହିତ ଦଳ ୨ଟି ଆସନରେ ସୀମିତ ରହିଥିଲା। ସିପିଆଇ ଖାତା ଖୋଲିବାକୁ ସକ୍ଷମ ହୋଇପାରି ନଥିଲା ବେଳେ ଦଳର ଭୋଟ ହାର ମଧ୍ୟ ଅତ୍ୟନ୍ତ ନ୍ୟୁନ ରହିଥିଲା। ଏହି ସ୍ଥିତିକୁ ବିଚାରକୁ ନେଲେ ଚଳିତ ନିର୍ବାଚନରେ ଶାସକ ଟିଏମ୍‌ସି ଏବଂ ବିଜେପି ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ ଏହା ନିଶ୍ଚିତ। ଏହି ଲଢେଇରେ ଟିଏମ୍‌ସି ଅଧିକ ଆସନ ହାତେଇବାକୁ ଉଦ୍ୟମ କରିବା ସ୍ୱାଭାବିକ କଥା। କିନ୍ତୁ ବିଗତ ଦିନରେ ବିଭିନ୍ନ ଘୋଟାଲା ଏବଂ ବିଶେଷକରି ସନ୍ଦେଶଖାଲି ଘଟଣାକୁ ନେଇ ଟିଏମସି ଯେଭଳି ଚର୍ଚ୍ଚିତ ରହିଆସିଛି ତାହାର ପ୍ରଭାବ ନିର୍ବାଚନ ଉପରେ ପଡ଼ିପାରେ। ଅପରପକ୍ଷରେ ୨୦୧୬ ବିଧାନସଭା ନିର୍ବାଚନ ଠାରୁ ପଶ୍ଚିମବଙ୍ଗରେ ଉନ୍ନତି କରିଆସୁଥିବା ବିଜେପି ଚଳିତ ଲୋକସଭା ନିର୍ବାଚନରେ ପୂର୍ବାପେକ୍ଷା ଅଧିକ ଭଲ ପ୍ରଦର୍ଶନ କରିବାକୁ ଅଣ୍ଟାଭିଡିଛି। ୨୦୧୬ ବିଧାନସଭା ନିର୍ବାଚନରେ ଟିଏମ୍‌ସି ମୋଟ ୨୯୫ ବିଧାନସଭା ଆସନ ମଧ୍ୟରୁ ୨୧୧ ଆସନରେ ବିଜୟୀ ହୋଇଥିଲା ବେଳେ ବିଜେପି ମାତ୍ର ୩ଟି ଆସନ ପାଇଥିଲା। କିନ୍ତୁ ୨୦୨୧ରେ ଟିଏମ୍‌ସି ଆସନ ସଂଖ୍ୟା ୨୧୩ ରହିଥିଲେ ହେଁ ବିଜେପି ୭୭ଟି ଆସନରେ ବିଜୟୀ ହୋଇ ମୁଖ୍ୟ ବିରୋଧୀ ପାଲଟିଥିଲା। ସେହିଭଳି ୨୦୧୪ ଲୋକସଭା ନିର୍ବାଚନରେ ଟିଏମସି ୩୪ଟି ଆସନ ପାଇଥିଲା। ବେଳେ ବିଜେପିକୁ ମାତ୍ର ୨ଟି ଆସନ ମିଳିଥିଲା। ହେଲେ ୨୦୧୯ରେ ଟିଏମସି ଆସନ ସଂଖ୍ୟା ୨୨କୁ ଖସିବା ସହିତ ବିଜେପି ୧୮ଟି ଆସନ ହାତେଇବାକୁ ସକ୍ଷମହୋଇଥିଲା। ଏହିକ୍ରମରେ ୨୦୨୪ ନିର୍ବାଚନରେ ବିଜେପି ଆହୁରି ଉନ୍ନତ ପ୍ରଦର୍ଶନ କରି ୩୦ରୁ ଅଧିକ ଆସନରେ ବିଜୟୀ ହେବା ଲାଗି ଲକ୍ଷ୍ୟ ରଖି ନିଜର ପ୍ରସ୍ତୁତି ଜାରି ରଖିଥିବା କୁହାଯାଉଛି।

**ପଶ୍ଚିମବଙ୍ଗ**
ଆସନ ସଂଖ୍ୟା
**୪୨**
**ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ**
ଟିଏମ୍‌ସି, ବିଜେପି, କଂଗ୍ରେସ

ପଶ୍ଚିମବଙ୍ଗରେ ଟିଏମ୍‌ସି ବିରୋଧରେ ବିଜେପି ଜୋରଦାର ପ୍ରସ୍ତୁତି ଚଳାଇବା ସହିତ ୨୦୧୯ ନିର୍ବାଚନ ତୁଳନାରେ ଅଧିକ ଆସନ ହାତେଇବାକୁ ଲକ୍ଷ୍ୟ ରଖିଛି। କିନ୍ତୁ ଏହି ଲକ୍ଷ୍ୟ ହାସଲ କରିବା ଦଳ ପାଇଁ ଯେତିକି ସହଜ ସେତିକି କଠିନ ମଧ୍ୟ। କାରଣ ପଶ୍ଚିମବଙ୍ଗରେ ଶାସକ ଟିଏମସି ଦଳର ସାଂପ୍ରତିକ ରଣନୀତି ଏବଂ ଆଭିମୁଖ୍ୟ ଯାହା ରହିଛି ତାହାକୁ ପ୍ରତିହତ କରିପାରିଲେ ହିଁ ବିଜେପି ଟିଏମସିକୁ କଡ଼ା ଟକ୍କର ଦେଇ ଅଧିକ ଆସନ ହାସଲ କରିବା ସମ୍ଭବ ହେବ। ବିଜେପି ପାଇଁ ଏହି ରାଜ୍ୟରେ ୫ଟି 'ମ' ଆହ୍ୱାନପୂର୍ଣ୍ଣ ରହିଛି ବୋଲି ରାଜନୀତିକ ବିଶାରଦମାନେ ଆକଳନ କରିଛନ୍ତି। ପ୍ରଥମ 'ମ'କୁ ନେଇ ବିଜେପି ପାଇଁ ରହିଥିବା ସବୁଠୁ ବଡ଼ ଆହ୍ୱାନ ହେଉଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ରାଜ୍ୟ ରାଜନୀତିରେ ଅଗ୍ନି କନ୍ୟା ଭାବେ ପରିଚିତ ମମତା ତୃଣମୂଳ ସ୍ତରରୁ ରାଜନୀତିକ ଲଢେଇ କରିଆସିଥିଲା ବେଳେ ତିନି ଦଶନ୍ଧିରୁ ଅଧିକ ସମୟ ଧରି ପଶ୍ଚିମବଙ୍ଗ ରାଜନୀତିରେ ଅଗାଧ କ୍ଷମତା ବିସ୍ତାର କରିଆସିଥିବା ବାମପନ୍ଥୀ ଦଳକୁ ବିଦା କରିଥିଲେ। ରାଜନୀତିକ ସଂଘର୍ଷ ଲଢିବା କ୍ଷେତ୍ରରେ ମମତାଙ୍କ ସାମର୍ଥ୍ୟ ଏବଂ ସାହସ ମଧ୍ୟ ଅନନ୍ୟ। ଦେଶର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ଭାବେ ମମତାଙ୍କ ରାଜନୀତିକ ଆଭିମୁଖ୍ୟ ନିଆରା ରହିଥିଲା ବେଳେ ତାଙ୍କର ଲୋକ ସମ୍ପର୍କ ରକ୍ଷା ଦିଗର ଆଧାର ମଧ୍ୟ ସଶକ୍ତ। ଏଭଳି ସ୍ଥଳେ ମମତାଙ୍କୁ ଟକ୍କର ଦେବା ବିଜେପି ପାଇଁ ନିଶ୍ଚିତ ଭାବେ କଷ୍ଟସାଧ୍ୟ ବ୍ୟାପାର। ବିଜେପି ପାଇଁ ଦ୍ୱିତୀୟ 'ମ'କୁ ନେଇ ରହିଥିବା ଆହ୍ୱାନ ହେଲା 'ମନି ପାୱାର'। ମମତା ଦକ୍ଷିଣ ଭାରତ କିମ୍ବା ଉତ୍ତର ଭାରତର ରାଜନେତାଙ୍କ ଭଳି ପ୍ରତ୍ୟକ୍ଷ ଭାବେ ନେତା, କର୍ମୀଙ୍କ ସହ ଅର୍ଥ କାରବାର କରନ୍ତି ନାହିଁ। କିନ୍ତୁ ସରକାରୀ ଯୋଜନାରେ 'କଟ୍ ମନି' ମାଧ୍ୟମରେ ଦଳୀୟ କର୍ମୀଙ୍କ ଆର୍ଥିକ ବିକାଶ ପାଇଁ ସେ ସହାୟତା କରିଥାଆନ୍ତି। ଏଭଳି ବ୍ୟବସ୍ଥା ପଶ୍ଚିମବଙ୍ଗରେ ସିପିଆଇ ସରକାର ସମୟରୁ ରହିଆସିଥିଲା ବେଳେ ମମତା ମଧ୍ୟ ଅନୁରୂପ ଭାବେ ତାହାର ପ୍ରଚଳନ କରି ତୃଣମୂଳ ସ୍ତରରେ ସାଂଗଠନିକ ଶକ୍ତିକୁ ଅତୁଟ ରଖିଛନ୍ତି। ଯାହାକି ବିଜେପି ପାଇଁ ଏକ ବଡ଼ ଆହ୍ୱାନ।

## ବିଜେପି ପାଇଁ ୫ 'ଏମ୍'ର ଆହ୍ୱାନ

ଏହିକ୍ରମରେ ତୃତୀୟ 'ମ'ଟି ହେଲା 'ମସଲ ପାୱାର' ବା ଯାହାକୁ ଟିଏମସିର ଗୁଣ୍ଡାଗିରି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ଧାରା ମଧ୍ୟ ପଶ୍ଚିମବଙ୍ଗରେ ପୂର୍ବରୁ ସିପିଆଇ ସରକାର ସମୟରେ ରହିଥିଲା। ଦଳୀୟ କର୍ମୀମାନେ ସବୁ କଥାରେ ବଟି ଆଦାୟ ଠାରୁ ଆରମ୍ଭ କରି ଦଙ୍ଗା,ହଙ୍ଗାମା କରି ସମାଜକୁ ଭୟଭୀତ କରି ରଖିଥିଲେ। ଆଜି ଟିଏମସି କ୍ଷେତ୍ରରେ ମଧ୍ୟ ତାହା ଦେଖାଯାଉଛି। ୨୦୨୧ ବିଧାନସଭା ନିର୍ବାଚନ ପରେ ରାଜ୍ୟରେ ହୋଇଥିବା ଦଙ୍ଗା, ହଙ୍ଗାମା ଏବଂ ସନ୍ଦେଶଖାଲି ଘଟଣା ଏହାର ଜ୍ୱଳନ୍ତ ଉଦାହରଣ। ମନି ପାୱାର ଏବଂ ମସଲ ପାୱାର ରାଜ୍ୟ ରାଜନୀତିର ଦୁଇଟି ଦିଗ ମମତାଙ୍କ ରାଜନୀତିର ଏଭଳି ଦୁଇଟି ଅଙ୍ଗ ଯାହା ଭାରତର ଅନ୍ୟ କୌଣସି ଭାଗରେ କ୍ୱଚିତ ଦେଖାଯାଏ ଏବଂ ଏହା ବିଜେପି ପାଇଁ ପ୍ରମୁଖ ଆହ୍ୱାନ ବୋଲି କୁହାଯାଉଛି। ସେହିପରି ଚତୁର୍ଥ 'ଏମ୍'ଟି ହେଲା 'ଷ୍ଟେଟ୍ ମେସିନରୀ' ବା ରାଜ୍ୟ ପ୍ରଶାସନିକ ବ୍ୟବସ୍ଥା। ମମତାଙ୍କ ସରକାରରେ ପୁଲିସ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀମାନେ ଏଭଳି ବ୍ୟବହାର କରିଥାଆନ୍ତି ଯେମିତିକି ସେମାନେ ହେଉଛନ୍ତି ଦଳୀୟ କର୍ମୀ। ନିର୍ବାଚନ ପୂର୍ବରୁ ହେଉ କି ପରେ ନୀତି, ନିୟମ ସବୁକିଛିର ଉର୍ଦ୍ଧ୍ୱରେ ରହି ପ୍ରଶାସନ ରାଜନୀତିକ କର୍ମୀଙ୍କ ସମର୍ଥନରେ କାର୍ଯ୍ୟ କରିଥାଆନ୍ତି ଏବଂ ଏଥିପାଇଁ ସେମାନଙ୍କୁ ସରକାରଙ୍କ ମଧ୍ୟ ଖୋଲା ସମର୍ଥନ ରହିଥାଏ। ବିଗତ ଦିନରେ ସିବିଆଇ ଠାରୁ ଆରମ୍ଭ କରି ଇଡି ଏବଂ ଏନଆଇଏ ଉପରେ ହୋଇଥିବା ଆକ୍ରମଣ



ଏବଂ ଏହିସବୁ ଘଟଣାରେ ରାଜ୍ୟ ପ୍ରଶାସନର ରହିଆସିଥିବା ସମର୍ଥନ ଏହାକୁ ସ୍ପଷ୍ଟ କରୁଛି। ଆଉ ବିଜେପି ପାଇଁ ରହିଥିବାଶେଷ 'ଏମ' ସ୍ୱରୂପ ଆହ୍ୱାନଟି ହେଲା ମୁସଲମାନ। ପଶ୍ଚିମବଙ୍ଗର ମୋଟ ଜନସଂଖ୍ୟାର ୩୦ ପ୍ରତିଶତ ହେଉଛନ୍ତି ମୁସଲମାନ ସଂପ୍ରଦାୟ। ବିଜେପିକୁ ହରାଇ ପାରୁଥିବା ଦଳକୁ ମୁସଲମାନ ସଂପ୍ରଦାୟ ଭୋଟ ଦେଇଥିଲା ବେଳେ ଏଠାରେ ଟିଏମସି ଛଡ଼ା ସେମାନଙ୍କ ପାଇଁ ଆଉ କୌଣସି ବିକଳ୍ପ ନାହିଁ। ତେଣୁ ଏହାକୁ ମଧ୍ୟ ସାମ୍ନା କରିବା ବିଜେପି ପାଇଁ ଏକ ବଡ଼ ଆହ୍ୱାନ। ତେଣୁ ଯଦି ଏହି ୫ଟି 'ଏମ'କୁ ବିଜେପି ମୁକାବିଲା କରିପାରିବ ତେବେ ଚଳିତ ନିର୍ବାଚନରେ ଅଧିକ ସଫଳତା ହାସଲ କରିପାରିବ ବୋଲି ରାଜନୀତିକ ବିଶାରଦମାନେ ମତ ଦିଅନ୍ତି।

# 'ତୃଣମୂଳ' ଇସ୍ତାହାରରେ ମମତାଙ୍କ ୧୦ ପ୍ରତିଶ୍ରୁତି

## କ୍ଷମତାକୁ ଆସିଲେ ଲାଗୁ ହେବନି ସିଏଏ, ଏନ୍‌ଆର୍‌ସି ଓ ୟୁସିସି

ତୃଣମୂଳ କଂଗ୍ରେସ(ଟିଏମସି) ଆଜି ତାହାର ଲୋକସଭା ନିର୍ବାଚନ ଇସ୍ତାହାର ପ୍ରକାଶ କରିଛି। ଏଥିରେ ଟିଏମସି ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବନାର୍ଜୀଙ୍କ ୧୦ ପ୍ରତିଶ୍ରୁତି ରହିଛି। ଏଥିରେ ଟିଏମସି କହିଛି ଯେ ବିଜେପି ନେତୃତ୍ୱାଧୀନ ଏନଡିଏକୁ ହଟାଇ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡି ମେଣ୍ଟ କେନ୍ଦ୍ରରେ ସରକାର ଗଢ଼ିଲେ ଓ ଟିଏମସି କ୍ଷମତାର ଅଂଶୀଦାର ହେଲେ ନାଗରିକତା(ସଂଶୋଧନ) ଆଇନ ବା ସିଏଏ ରଦ୍ଦ ହେବ। ଜାତୀୟ ନାଗରିକ ପଞ୍ଜୀକରଣ ରେଜିଷ୍ଟାର ବା ଏନଆରସି ବନ୍ଦ ହେବ। ଏକକ ନାଗରିକ ସଂହିତା ବା ୟୁସିସି ଦେଶରେ ରହିବ ନାହିଁ। ଶ୍ରମିକ, ଶ୍ରମଜୀବୀଙ୍କ ଆୟ ବଢ଼ାଇବା ଲକ୍ଷ୍ୟରେ ମଜୁରି ବଢ଼ାଯିବ। ସମସ୍ତ ଗରିବଙ୍କ ପାଇଁ ବାସଗୃହ ନିର୍ମାଣ କରାଯିବ। ଗରିବ ରେଖା ତଳେ ଥିବା ପରିବାରଗୁଡ଼ିକୁ ବର୍ଷକୁ ୧୦ଟି ରନ୍ଧନ ଗ୍ୟାସ୍ ସିଲିଣ୍ଡର ମାଗଣାରେ ଦିଆଯିବ। ସମସ୍ତ ରାସନକାର୍ଡଧାରୀଙ୍କ ଘରେ ରାସନ ପହଞ୍ଚାଯିବ। ସେଥିପାଇଁ ରାସନକାର୍ଡଧାରୀଙ୍କୁ କୌଣସି ଅତିରିକ୍ତ ମୂଲ୍ୟ ଦେବାକୁ ପଡ଼ିବ ନାହିଁ। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପାଇଁ ଅଧିକ ଅନୁଦାନ ଦିଆଯିବ। ପେଟ୍ରୋଲିୟମ୍ ଉତ୍ପାଦଗୁଡ଼ିକର ବଜାର ଦରରେ ସ୍ଥିରତା ରକ୍ଷା ପାଇଁ ପ୍ରାଇସ୍ ଷ୍ଟେବିଲାଇଜେସନ୍ ଫଣ୍ଡର ବ୍ୟବସ୍ଥା କରାଯିବ। ବାର୍ଦ୍ଧକ୍ୟ ଭତ୍ତା ମାସିକ ୧୦୦୦ଟଙ୍କାକୁ ବଢ଼ାଯିବ। ସ୍ୱାମୀନାଥନ କମିସନଙ୍କ ସୁପାରିସଗୁଡ଼ିକୁ ପୂର୍ଣ୍ଣତଃ ଲାଗୁ କରାଯିବ। ୨୫ବର୍ଷରୁ କମ୍ ବୟସର ସ୍ନାତକ ଓ ଡିପ୍ଲୋମାଧାରୀଙ୍କୁ ଶିକ୍ଷାନବୀଶ ମାନ୍ୟତା ଦିଆଯିବ। ଝିଅଙ୍କ ପାଇଁ ସମଗ୍ର ଦେଶରେ 'କନ୍ୟାଶ୍ରୀ' ଭଳି କଲ୍ୟାଣ ସ୍କିମ୍ ଅଣାଯିବ। ଟିଏମସିର ଏହି ନିର୍ବାଚନ ଇସ୍ତାହାର ନେପାଳୀ ଓ ସାନ୍ତାଳୀ ଭାଷା ସମେତ ୬ଟି ଭାଷାରେ ଛପାଯାଇଛି। ଆସନ୍ତା ୧୯ରେ ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ପଶ୍ଚିମବଙ୍ଗର ୩ଟି ଲୋକସଭା ନିର୍ବାଚନମଣ୍ଡଳୀ କୁଚବେହାର, ଆଲିପୁରଦୁଆର ଓ ଜଲପାଇଗୁଡ଼ିରେ ମତଦାନ ହେବ। ପଶ୍ଚିମବଙ୍ଗରେ ଟିଏମସି ଅନ୍ୟ କୌଣସି ରାଜନୈତିକ ଦଳ ସହ ମେଣ୍ଟ କରି ନ ଥିବା ସତ୍ତ୍ୱେ କେନ୍ଦ୍ରରେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡି ମେଣ୍ଟକୁ ସମର୍ଥନ ଦେବ।

ନେପାଳୀ, ସାନ୍ତାଳୀ ସମେତ ୬ଟି ଭାଷାରେ ମୁଦ୍ରିତ
ବଢ଼ିବ ଶ୍ରମିକଙ୍କ ମଜୁରି
ସମସ୍ତ ଗରିବଙ୍କୁ ପକ୍କା ଘର




■ ଆମ୍ ଆଦ୍‌ମୀ ପାର୍ଟିର ନୂଆ ଫର୍ମୁଲା

# 'ଆପ୍ କା ରାମ ରାଜ୍ୟ ' ୱେବ୍‌ସାଇଟ୍

୨୦୨୪ ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଆଉ ମାତ୍ର ଦିନକ ପରେ ଆରମ୍ଭ ହେବ। ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ପର୍ଯ୍ୟାୟ ମତଦାନ ପାଇଁ ପ୍ରଚାର ଅଭିଯାନ ଶେଷ ହେବାକୁ ଯାଉଛି। କିନ୍ତୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀକୁ ନେଇ ଆମ ଆଦମୀ ପାର୍ଟି ଏହାର ନିର୍ବାଚନ ପ୍ରଚାର ପାଇଁ ଅଡୁଆରେ ପଡ଼ିଛି। ଦଳୀୟ ମୁଖ୍ୟ ଭାବେ କେଜ୍ରିୱାଲଙ୍କ ଅନୁପସ୍ଥିତି ପ୍ରଚାର ଅଭିଯାନ କାର୍ଯ୍ୟକ୍ରମକୁ ତ୍ୱରିତ କରିପାରି ନାହିଁ ବୋଲି କୁହାଯାଉଛି। କିନ୍ତୁ ଏହାମଧ୍ୟରେ ଦଳ ପକ୍ଷରୁ ଏକ ନୂଆ ଫର୍ମୁଲାରେ ପ୍ରଚାର ଅଭିଯାନ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି। ୨୦୨୪ ନିର୍ବାଚନରେ ଅଯୋଧ୍ୟାରେ ରାମ ଲଲାଙ୍କ ପ୍ରତିଷ୍ଠା ବିଷୟ ଭୋଟରମାନଙ୍କୁ ବିଶେଷ ଭାବେ ପ୍ରଭାବିତ କରିବାର ସମ୍ଭାବନା ରହିଥିଲା ବେଳେ ଏହାକୁ ଦୃଷ୍ଟିରେ ରଖି ରାମ ନବମୀ ତିଥିରେ ଦଳ ପକ୍ଷରୁ ଆରମ୍ଭ କରାଯାଇଛି ' ଆପ୍ କା ରାମ ରାଜ୍ୟ' ୱେବସାଇଟ୍। ରାମ ନବମୀ ଅବସରରେ ବୁଧବାର ସାରା ଦେଶ ରାମମୟ ହୋଇ ପଡ଼ିଥିଲା ବେଳେ ଏହି ଦିନ ଆପ୍ ପକ୍ଷରୁ ଏଭଳି ୱେବସାଇଟ୍ ଉନ୍ମୋଚନ କରାଯାଇ ଭୋଯରମାନଙ୍କୁ ଦଳ ପ୍ରତି ଆକୃଷ୍ଟ କରିବାକୁ ଉଦ୍ୟମ କରାଯାଇଛି। ଆପ୍ ସାଂସଦ ସଞ୍ଜୟ ସିଂଙ୍କ ସମେତ ମନ୍ତ୍ରୀ ଆତିଶୀ ମାର୍ଲେନା ଏବଂ ଅନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ଏହାର ଉନ୍ମୋଚନ କରାଯାଇଥିଲା ବେଳେ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ଦିଲ୍ଲୀରେ ରାମରାଜ୍ୟ ପ୍ରତିଷ୍ଠା କରିବା ସଂକଳ୍ପ ନେଇ ସବୁ ଦିଗରେ କାର୍ଯ୍ୟ କରିଆସିଛନ୍ତି ବୋଲି କହିଛନ୍ତି। କିନ୍ତୁ ଦଳର ଏଭଳି ଆଭିମୁଖ୍ୟକୁ ବିଜେପି ପକ୍ଷରୁ କଟାକ୍ଷ କରାଯାଇଛି। ଯେଉଁ ଦଳ ବର୍ଷ ବର୍ଷ ଧରି ରାମ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକୁ ଅଟ୍ଟହାସ୍ୟ କରିବା ସହିତ ହିନ୍ଦୁ ଦେବାଦେବୀଙ୍କୁ ଅସମ୍ମାନ କରିଆସିଛି ସେ ଦଳ ଆଜି ରାମଙ୍କ କଥା କହୁଛି ବୋଲି ବିଜେପି କହିଛି। କେବଳ ଭୋଟ ହାତେଇବାକୁ ଆପ୍ର ଏହା ଏକ ଚାଲ। ୨୦୨୨ରେ ଆପ୍ ମନ୍ତ୍ରୀ ରାଜେନ୍ଦ୍ର ପାଲ ଗୌତମ ହିନ୍ଦୁ ଦେବାଦେବୀଙ୍କୁ ଅସମ୍ମାନ କରିବା ସହିତ ସେମାନଙ୍କୁ ପୂଜାର୍ଚ୍ଚନା କରିବାର ଆବଶ୍ୟକ ନାହିଁ ବୋଲି କହିଥିବା ବିଷୟକୁ କେହି ଭୁଲିନାହାନ୍ତି ବୋଲି ବିଜେପି କହିଛି।




### ପଞ୍ଜାବରେ ନେତାଙ୍କ ପାଇଁ ଅସ୍ତିତ୍ୱର ଲଢ଼େଇ

# କମ୍ ଭୋଟ୍ ମିଳିଲେ ଅନ୍ତ ହୋଇଯିବ କ୍ୟାରିୟର

ଲୋକସଭା ନିର୍ବାଚନକୁ ନେଇ ସମସ୍ତ ରାଜନୈତିକ ଦଳ ଜୋରସୋରରେ ପ୍ରଚାରପ୍ରସାର ଜାରି ରଖିଛନ୍ତି। ଚଳିତ ନିର୍ବାଚନରେ ନେତା ଏବଂ ଦଳ ନିଜର ଅସ୍ତିତ୍ୱ ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି। କାରଣ ସାଧରଣ ନିର୍ବାଚନ ନେତା ଏବଂ ଛୋଟ ରାଜନୈତିକ ଦଳଙ୍କ ଭବିଷ୍ୟତ ସ୍ଥିର କରିବ। ଭଲ ପ୍ରଦର୍ଶନ ନ କଲେ କ୍ୟାରିୟରର ଅନ୍ତ ହୋଇଯିବ। ସାଧାରଣ ନିର୍ବାଚନ ପରେ କିଛି ରାଜ୍ୟର ବିଧାନସଭା ଏବଂ ପୌର ନିଗମ ପାଇଁ ମତଦାନ ହେବ। ଭୋଟ ହାରଆଧାରରେ ଟିକଟ ଦିଆଯିବ। ଯେଉଁ ବିଧାନସଭା କ୍ଷେତ୍ର କିମ୍ବା ପୌର ନିଗମରୁ କମ୍ ଭୋଟ ଆସିଥିବ ସେହି ବିଧାୟକଙ୍କ ପାଇଁ ଦଳଗୁଡିକ ଅଲଗା ଯୋଜନା ପ୍ରସ୍ତୁତ କରିପାରନ୍ତି। ଏହି ନିର୍ବାଚନ ସବୁଠାରୁ ରୋଚକ ହେବାକୁ ଯାଉଛି। ଚଳିତ ଥର କ୍ଷମତାସୀନ ଆମ ଆଦମୀ ପାର୍ଟି (ଆପ୍), ବିଜେପି, ଶିରୋମଣି ଅକାଳୀ ଦଳ ଏବଂ କଂଗ୍ରେସ ଅଲଗା ଅଲଗା ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି। ପ୍ରାର୍ଥୀଙ୍କୁ ଜିତାଇବାର ଦାୟିତ୍ୱ ଜିଲ୍ଲାସ୍ତରର ନେତାଙ୍କ ଉପରେ ରହିବ। ତେଣୁ ଏହା ତାଙ୍କ ଲୋକପ୍ରିୟତାର ଆଧାର ହେବ। ଯେଉଁ ନେତାଙ୍କ ଅଞ୍ଚଳରେ ପ୍ରାର୍ଥୀଙ୍କୁ କମ୍ ଭୋଟ ମିଳିବ ସେଠି ତାଙ୍କର ରାଜନୈତିକ କ୍ୟାରିୟରରେ ପ୍ରଶ୍ନବାଚକ ଲାଗିପାରେ। ସମସ୍ତ ରାଜନୈତିକ ଦଳ ନିଜ କର୍ମୀଙ୍କୁ ଏ ବିଷୟରେ ଅବଗତ କରିସାରିଛନ୍ତି।

ସୂଚନା ଅନୁଯାୟୀ ଲୁଧିୟାନା ଲୋକସଭା ଆସନରେ ମୋଟ ୯ଟି ବିଧାନସଭା କ୍ଷେତ୍ର ଆସୁଛି। ଏଥିରୁ ୮ଟି ଆସନରେ ଆପ୍ ବିଧାୟକ ଅଛନ୍ତି। ସରକାର ଲୁଧିୟାନାରୁ କାହାକୁ ମନ୍ତ୍ରୀ କରିନାହାନ୍ତି। ମାତ୍ର ଦଳ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନାହିଁ। ଏହା ଘୋଷଣା ହେବା ପରେ ପ୍ରାର୍ଥୀଙ୍କ ବିଜୟ ସୁନିଶ୍ଚିତ କରିବା ବିଧାୟକଙ୍କ ଦାୟିତ୍ୱ। ଯେଉଁ ବିଧାୟକଙ୍କ ଅଞ୍ଚଳରୁ ଭୋଟ୍ କମ୍ ଆସିବ, ସେମାନେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ତାଙ୍କ କ୍ୟାରିୟରର ବାଜି ମଧ୍ୟ ଲାଗିପାରେ। ଅନ୍ୟ ରାଜନୈତିକ ଦଳ ପାଇଁ ମଧ୍ୟ ସମାନ ସ୍ଥିତି ରହିବ। କାରଣ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଟିକଟ ବାଣ୍ଟିବା ବେଳେ ଏଠାରୁ ଆସିଥିବା ଭୋଟ ହାରକୁ ଦେଖାଯିବ। ସେହିପରି ପୌର ନିଗମ ନିର୍ବାଚନ ପାଇଁ ବର୍ଷେ ହେଲା ଅପେକ୍ଷା କରାଯାଇଛି। ସବୁ ଦଳ ଟିକଟ ଆଶାୟୀଙ୍କୁ ତୃଣମୂଳସ୍ତରରେ ନିଯୁକ୍ତ କରିଛନ୍ତି। ତେବେ କ୍ଷମତାସୀନ ଦଳର ଟିକଟ ପାଇବା ପାଇଁ ଲମ୍ବା ଲାଇନ ଲାଗିଛି। ତେଣୁ ଲୋକସଭା ନିର୍ବାଚନରେ ଆଶାୟୀଙ୍କ କ୍ଷମତାର ପରୀକ୍ଷା ହେବ। ଏହା ପରେ ୱାର୍ଡସ୍ତରରେ ସପକ୍ଷରେ ହୋଇଥିବା ମତଦାନ ଆଧାରରେ ପ୍ରାର୍ଥୀ ଚୟନ କରାଯିବ।




**୧୯୭୭ରେ ଗଠିତ ଆଲିପୁରଦ୍ୱାର ଲୋକସଭା ଆସନରୁ ଏ ପର୍ଯ୍ୟନ୍ତ କୌଣସି କଂଗ୍ରେସ ସାଂସଦ ନିର୍ବାଚିତ ହୋଇନାହାନ୍ତି। ଆର୍‌ଏସ୍‌ପିର ପିଏସ ତିର୍କୀ ଏଠାରୁ ପ୍ରଥମ ସାଂସଦ ହୋଇଥିଲେ। ସେ କ୍ରମାଗତ ଭାବେ ପାଞ୍ଚ ଥର ଏହି ଆସନରୁ ବିଜୟୀ ହୋଇଥିଲା। ଏହା ପରେ ୧୯୯୬ରୁ ୨୦୦୪ ପର୍ଯ୍ୟନ୍ତ ଜୋଆକିମ ବାକଲା ଏବଂ ୨୦୦୯ରେ ମନୋହର ତିର୍କୀ ନିର୍ବାଚିତ ହୋଇଥିଲେ। ମାତ୍ର ଗତ ଲୋକସଭା ନିର୍ବାଚନରେ ବିଜେପି ସାଂସଦ ଏଠାରୁ ବିଜୟୀ ହୋଇଥିଲେ ହେଁ କଂଗ୍ରେସ ଖାତା ଖୋଲିପାରି ନ ଥିଲା।**



# ଆଜିଯାଏ କଂଗ୍ରେସକୁ ଅଭେଦ୍ୟ ଆଲିପୁରଦ୍ୱାର ଲୋକସଭା କ୍ଷେତ୍ର

**ବିଫଳ ହୋଇଯାଇଛି ସବୁ ରଣନୀତି**

ଦେଶର ସବୁଠାରୁ ପୁରୁଣା ରାଜନୈତିକ ଦଳ ମଧ୍ୟରୁ ଅନ୍ୟତମ କଂଗ୍ରେସ ଆଜି ପର୍ଯ୍ୟନ୍ତ ଗୋଟିଏ ଲୋକସଭା ଆସନରେ ଜିତିପାରି ନାହିଁ। ପ୍ରଥମ ନିର୍ବାଚନରୁ ଆଜି ପର୍ଯ୍ୟନ୍ତ ପ୍ରାୟ ସବୁ କ୍ଷେତ୍ରରେ କଂଗ୍ରେସ ବିଜୟୀ ହୋଇଥିବାବେଳେ ଏହି ପଶ୍ଚିମବଙ୍ଗର ଆଲିପୁରଦ୍ୱାର ଆସନରେ ବିଫଳ ହୋଇଛି। ଗତ ନିର୍ବାଚନରେ ବିଜେପି ସାଂସଦ ଏଠାରୁ ନିର୍ବାଚିତ ହୋଇଥିଲେ; ମାତ୍ର କଂଗ୍ରେସ ଖାତା ଖୋଲିପାରି ନ ଥିଲା। ସ୍ୱାଧୀନ ଭାରତର ପ୍ରଥମ ସାଧାରଣ ନିର୍ବାଚନ ୧୯୫୧ ଅକ୍ଟୋବର ୨୫ରୁ ୧୯୫୨ ଫେବୃଆରୀ ୨୧ ମଧ୍ୟରେ ହୋଇଥିଲା। ସେସମୟରେ ଉତ୍ତର ପଶ୍ଚିମବଙ୍ଗରେ କେବଳ ତିନୋଟି ଲୋକସଭା ଆସନ ଥିଲା। ଏହା ଧୀରେ ଧୀରେ ବୃଦ୍ଧି ପାଇ ୮ରେ ପହଞ୍ଚି ଯାଇଛି। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ, ଏମାନଙ୍କ ମଧ୍ୟରୁ ଜଣଙ୍କୁ ଛାଡ଼ି ଅନ୍ୟ ସମସ୍ତେ କଂଗ୍ରେସ ସାଂସଦ ଥିଲେ। ୧୯୫୧ରେ ଉପେନ୍ଦ୍ର ନାଥ ବର୍ମନ କୁଚବିହାରର, ୧୯୫୨ରେ ସୁରେନ୍ଦ୍ର ମୋହନ ଘୋଷ ମାଲଦାର ଏବଂ ସେହି ବର୍ଷ ସୁଶୀଳ ରଞ୍ଜନ ଚଟୋପାଧ୍ୟାୟ ବାଲୁରଘାଟର ପ୍ରଥମ ସାଂସଦ ନିର୍ବାଚିତ ହୋଇଥିଲେ। ୨୦୦୯ରେ ମାଲଦା ଲୋକସଭା ଆସନ ଦୁଇ ଭାଗରେ ବିଭକ୍ତ ହୋଇଯାଇଥିଲା। ମୌସମ ବେନଜିର ନୁର ମାଲଦ ଉତ୍ତରର ଏବଂ ଅବୁ ହାସେମ ଖାନ ଚୌଧୁରୀ ମାଲଦା ଦକ୍ଷିଣର ପ୍ରଥମ ସାଂସଦ ନିର୍ବାଚିତ ହୋଇଥିଲେ। ଏହା ପୂର୍ବରୁ ୧୯୫୭ରେ ଥୋୟାଦର ମେନନ ଡାର୍ଜିଲିଂର, ୧୯୬୨ରେ ନଳିନୀ ରଞ୍ଜନ ଘୋଷ ଜଲପାଇଗୁଡ଼ିର ଏବଂ ଚପଲାକାନ୍ତ ଭଟ୍ଟାଚାର୍ଯ୍ୟ ରାୟଗଞ୍ଜରୁ ପ୍ରଥମ ଥର ସାଂସଦ ହୋଇଥିଲେ। ଏମାନେ ସମସ୍ତେ କଂଗ୍ରେସ ସଦସ୍ୟ ଥିଲେ। ତେବେ ୧୯୭୭ରେ ଗଠିତ ଆଲିପୁରଦ୍ୱାର ଲୋକସବା ଆସନରୁ ଏ ପର୍ଯ୍ୟନ୍ତ କୌଣସି କଂଗ୍ରେସ ସାଂସଦ ନିର୍ବାଚିତ ହୋଇନାହାନ୍ତି। ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟିର ସହଯୋଗୀ ଦଳ ରିଭୋଲ୍ୟୁସନାରୀ ସୋସିଆଲିଷ୍ଟ ପାର୍ଟି (ଆରଏସପି)ର ପିଏସ ତିର୍କୀ ଏହାର ପ୍ରଥମ ସାଂସଦ ଥିଲେ। ସେ କ୍ରମାଗତ ଭାବେ ପାଞ୍ଚ ଥର ଏହି ଆସନରୁ ବିଜୟୀ ହୋଇଥିଲା। ଏହା ପରେ ୧୯୯୬ରୁ ୨୦୦୪ ପର୍ଯ୍ୟନ୍ତ ଜୋଆକିମ ବାକଲା ଏବଂ ୨୦୦୯ରେ ମନୋହର ତିର୍କୀ ନିର୍ବାଚିତ ହୋଇଥିଲେ। ଉଭୟେ ଆରଏସପି ସାଂସଦ ଥିଲେ। ୨୦୧୪ରେ ଏହି ଆସନ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍‌ସି ହାତକୁ ଯାଇଥିଲା। ମାତ୍ର ଏହାର ପରବର୍ତ୍ତୀ ନିର୍ବାଚନରେ ୨୦୧୯ରେ ଏହି ଆସନରୁ ବିଜେପିର ଜନ୍ ବାର୍ଲା ସାଂସଦ ହୋଇଥିଲେ। କଂଗ୍ରେସ କଦାପି ଏହି ଆସନରୁ ବିଜୟୀ ହୋଇନାହିଁ। ଏହାକୁ ଜିତିବା ପାଇଁ କଂଗ୍ରେସ କରୁଥିବା ସମସ୍ତ ଯୋଜନା ବିଫଳ ହୋଇଯାଇଛି। ଚଳିତ ଥର କିଏ ଜିତିବ ତାହା ୧୪, ୭୦, ୯୧୧ ଭୋଟର ସ୍ଥିର କରିବେ।








# ମେ ୩୧ରେ ଆସିବ 'ମିଷ୍ଟର ଆଣ୍ଡ ମିସେସ୍ ମାହି'

ଜାହ୍ନବୀ କପୁର ଓ ରାଜକୁମାର ରାଓଙ୍କ ଅଭିନୀତ 'ମିଷ୍ଟର ଆଣ୍ଡ ମିସେସ୍ ମାହି' କିଛି ଦିନ ହେଲାଣି ଏହାର ରିଲିଜ୍ ଡେଟ୍‌କୁ ନେଇ ଚର୍ଚ୍ଚାରେ ରହିଛି । ଶରଣ ଶର୍ମାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଭାରତୀୟ କ୍ରିକେଟର୍ ମହେନ୍ଦ୍ର ସିଂହ ଧୋନିଙ୍କ ଜୀବନ କାହାଣୀ ଉପରେ ଆଧାରିତ । ଗତ ବର୍ଷ ଏହାର ପୋଷ୍ଟର୍ ରିଲିଜ୍ କରାଯାଇ ଏହା ଏପ୍ରିଲ୍ ୧୯ ରେ ପରଦାକୁ ଆସିବ ବୋଲି ସୂଚନା ଦିଆଯାଇଥିଲା । ଏବେ ପୁଣି ଥରେ ଫିଲ୍ମ ପୋଷ୍ଟର୍ ଜାରି କରାଯାଇ ଏହାର ନୂଆ ରିଲିଜ୍ ଡେଟ୍ ସମ୍ପର୍କରେ ସୂଚନା ଦିଆଯାଇଛି । ଫିଲ୍ମର ପୋଷ୍ଟରରେ ଜାହ୍ନବୀ ଓ ରାଜକୁମାର ଭାରତୀୟ ଜର୍ସିରେ ନଜର ଆସିଛନ୍ତି । ଏହି ଫିଲ୍ମ ମେ' ୩୧ରେ ଆସିବ । ତେବେ ଏହି ଫିଲ୍ମଟି ସମ୍ପର୍କରେ କରନ୍ ଜୋହର୍ ନଭେମ୍ବର, ୨୦୨୧ରେ ଘୋଷଣା କରିଥିଲେ । ୨୦୨୨ ମେ'ରୁ ଏହାର ସୁଟିଂ ଆରମ୍ଭ ହୋଇଥିଲା । ଏଥିରେ ଜାହ୍ନବୀ, ରାଜକୁମାରଙ୍କ ବ୍ୟତୀତ ଅଭିଷେକ ବାନାର୍ଜୀ, ରାଜେଶ ଶର୍ମା, କୁମୁଦ ମିଶ୍ରା, ଜରିନା ବହାବ ଆଦି ନଜର ଆସିବେ । ଫିଲ୍ମର ସୁଟିଂ ମେ ୧ ସୁଦ୍ଧା ସରିଯିବ ବୋଲି ଆଶା କରାଯାଉଛି ।

## ଐଶ୍ୱର୍ଯ୍ୟର ଦେବୀ ମହାଲକ୍ଷ୍ମୀଙ୍କ ଆରାଧନାର ପର୍ବ

# ସୁଦଶା ବ୍ରତ

ଉତ୍କଳୀୟ ସଂସ୍କୃତିରେ ଓଷା ବ୍ରତର ଯଥେଷ୍ଟ ମହତ୍ତ୍ୱ ରହିଛି । ଐଶ୍ୱର୍ଯ୍ୟର ଦେବୀ ମହାଲକ୍ଷ୍ମୀଙ୍କର ଆରାଧନାର ପର୍ବ ସୁଦଶା ବ୍ରତ ନିଷ୍ଠା ଓ ଭକ୍ତିମୟ ପରିବେଶରେ ପାଳିତ ହୋଇଥାଏ । ଗୃହିଣୀମାନେ ଘରର ସୁଖ ସମୃଦ୍ଧି ପାଇଁ ଏହି ବ୍ରତକୁ ପାଳନ କରିଥାନ୍ତି । ଯେଉଁମାସର ଶୁକ୍ଳପକ୍ଷ ଦଶମୀ ତିଥିରେ ଗୁରୁବାର ପଡ଼େ ସେହିଦିନ ସୁଦଶା ବ୍ରତ ପାଳନ କରାଯାଏ । ମାତା ଲକ୍ଷ୍ମୀଙ୍କୁ ସମର୍ପଣ କରି ଏହି ବ୍ରତକୁ ଧାରଣ କରିଥାନ୍ତି ମହିଳାମାନେ । ଏଥିରେ ଦେବୀ ଲକ୍ଷ୍ମୀଙ୍କୁ ପୂଜା କରି ମହିଳାମାନେ ତାଙ୍କ ନାମରେ ନିଜର ଡାହାଣ ବାହୁରେ ବ୍ରତ ପିନ୍ଧି ଥାଆନ୍ତି । ଏହି ବ୍ରତରେ ଦଶଟି ଗଣ୍ଠି ପଡ଼ିଥାଏ । ଏହା ମାତା ଲକ୍ଷ୍ମୀଙ୍କର ପ୍ରିୟ ବ୍ରତ ବୋଲି କୁହାଯାଏ । ବ୍ରତର ବିଧି ଅନୁସାରେ, ଦଶଖିଅ ଧଳାସୂତାରେ ବ୍ରତସୂତା ପ୍ରସ୍ତୁତ ହୁଏ । ଦଶହାତ ମାପର ସୂତାକୁ ତ୍ରିଗୁଣ ବା ତିନିଖିଅ କରି ବଳି, ଏହି ବ୍ରତ ପ୍ରସ୍ତୁତ କରାଯାଏ । ଧଳାବ୍ରତକୁ ହଳଦୀ ପାଣିରେ ବୁଡ଼ାଯାଇ ସେଥିରେ ୧୦ଟି ଗଣ୍ଠି ପକାଯାଇଥାଏ । ଏହାର ପ୍ରତ୍ୟେକ ଗଣ୍ଠିରେ ଲକ୍ଷ୍ମୀଙ୍କ ବିଭିନ୍ନ ନାମ ଉଚ୍ଚାରଣ କରାଯାଏ । ତେବେ ୧୦ଟି ଗଣ୍ଠିର ନାମ ହେଲା, ଲକ୍ଷ୍ମୀ ନାରାୟଣୀ, କମଳିନୀ,ଶ୍ରୀହରିହର ପ୍ରିୟା, ପଦ୍ମାଳୟା, କମଳା, ଚଞ୍ଚଳା, ବିଘ୍ନସେନୀ,ସିନ୍ଧୁର ଦୁଲ୍ଲଣୀ, ଦୁର୍ଗତି ନାଶିନୀ, ବିଷ୍ଣୁ ପାଟରାଣୀ । ଛେନାପୁର ବା ଶୁକ୍ଳ ମୁଗ ଓ ନଡ଼ିଆପୁର ଦେଇ ଦଶଟି ଶୁକ୍ଳମଣ୍ଡା ବା ସିଝାମଣ୍ଡା ପ୍ରସ୍ତୁତ କରି ଦେବୀ ଲକ୍ଷ୍ମୀଙ୍କୁ ଭୋଗ ଦିଆଯାଏ । ଏହି ବ୍ରତ ବିଦର୍ଭ ଦେଶ ରାଜା ନଳପତି ଓ ତାଙ୍କ ପାଟରାଣୀ ଦମୟନ୍ତୀଙ୍କୁ ନେଇ ଗତିଶୀଳ ହୋଇଛି । ଦୀକ୍ଷା ବ୍ରାହ୍ମଣୀର ସତ୍ୟକୁ କାଟି ନ ପାରି ରାଣୀଙ୍କ ବାରଣ ସତ୍ତ୍ୱେ ବ୍ରତ ପ୍ରଦାନ କରିଛନ୍ତି ରାଜା ନଳ । ଏହାପରେ ଆରମ୍ଭ ହୋଇଛି ତାଙ୍କର ଦୁର୍ଦ୍ଦଶା । ଏହାପରେ ନାନା ଘାତ ପ୍ରତିଘାତ ମଧ୍ୟ ଦେଇ ପରିଶେଷରେ ମହାଲକ୍ଷ୍ମୀଙ୍କ ଅପାର କରୁଣାରୁ ତାଙ୍କର ସବୁସୁଖ ଫେରି ପାଇଛନ୍ତି । ଏହି ଦିନ ସକାଳୁ ସକାଳୁ ଉଠି ସଧବା ନାରୀମାନେ ଘରଦ୍ୱାର ଲିପାପୋଛା କରନ୍ତି । ଘର ଦୁଆର ମୁହଁରେ ଝୋଟି ଚିତା ଆଙ୍କନ୍ତି । ସମସ୍ତ ରୀତିନୀତି ସହ ବିଭିନ୍ନ ପ୍ରକାରର ପିଠାପଣା କରି ପୂଜା ପାଠ କରିଥାନ୍ତି । ମହାଲକ୍ଷ୍ମୀଙ୍କୁ ପୂଜା କରିବା ଦ୍ୱାରା ଧନ, ସମ୍ପତ୍ତି, ସୁଖ ସମୃଦ୍ଧିରେ ଘର ପୁରି ଉଠେ ବୋଲି ବିଶ୍ୱାସ ରହିଛି ।



# ବିଶ୍ୱ ଐତିହ୍ୟ ଦିବସ

କୌଣସି ଦେଶ କେତେ ସମୃଦ୍ଧ, ତାହା ସେହି ଦେଶର ଐତିହାସିକ ସ୍ଥଳ ଦେଖିଲା ପରେ ଜଣାପଡ଼େ । ସାରା ବିଶ୍ୱରେ ଅନେକ ଐତିହାସିକ ସ୍ଥଳ ଅଛି, ଯାହା ଅତୀତର କଳା, ସଂସ୍କୃତିର ମୂକସାକ୍ଷୀ ଭାବେ ଦଣ୍ଡାୟମାନ । ଏହି ସ୍ଥଳଗୁଡ଼ିକରୁ ଅତୀତରେ ଲୋପ ପାଇ ଯାଇଥିବା ଅନେକ ସଭ୍ୟତାର ଝଲକ ମିଳିଥାଏ । ଅବଶ୍ୟ ସେସବୁ ମଧ୍ୟରୁ ଅଧିକାଂଶ ଏବେ ଭଗ୍ନାବଶେଷ ହୋଇ ରହିଛି । ଏହି ଐତିହ୍ୟସ୍ଥଳଗୁଡ଼ିକର ସ୍ୱର୍ଣ୍ଣିମ ଇତିହାସ ଓ ନିର୍ମାଣକୁ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ୍ ୧୮ ତାରିଖକୁ ବିଶ୍ୱ ଐତିହ୍ୟ ଦିବସ ଭାବେ ପାଳନ କରାଯାଏ । ସେପ୍ଟେମ୍ବର, ୨୦୨୩ ସୁଦ୍ଧା ସାରା ବିଶ୍ୱରେ ୧୬୮ଟି ଦେଶରେ ସମୁଦାୟ ୧୧୯୯ଟି ବିଶ୍ୱ ଐତିହ୍ୟସ୍ଥଳ ଅଛି । ଭାରତରେ ବର୍ତ୍ତମାନ ୪୨ଟି ବିଶ୍ୱ ଐତିହ୍ୟ ସ୍ଥଳ ଅଛି । ଆମ ଓଡ଼ିଶାର ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ବିଶ୍ୱ ଐତିହ୍ୟ ସ୍ଥଳରେ ସାମିଲ ହୋଇଛି ।



ସର୍ବପ୍ରଥମେ ବିଶ୍ୱ ଐତିହ୍ୟ ଦିବସ, ଟ୍ୟୁନିସିଆରେ 'ଇଣ୍ଟରନ୍ୟାସନାଲ କାଉନସିଲ୍ସ୍ ଅଫ୍ ମନ୍ୟୁମେଣ୍ଟସ୍ ଆଣ୍ଡ ସାଇଟ୍ସ' ଦ୍ୱାରା ଏପ୍ରିଲ୍ ୧୮, ୧୯୮୨ରେ ପାଳନ କରାଯାଇଥିଲା । ସେବେଠାରୁ ପ୍ରତିବର୍ଷ ଏପ୍ରିଲ୍ ୧୮ ତାରିଖକୁ 'ବିଶ୍ୱ ଐତିହ୍ୟ ଦିବସ' ଭାବେ ପାଳନ କରାଯାଉଛି । ପ୍ରତ୍ୟେକ ବର୍ଷ ଏହି ଦିବସ ପାଳନ ପାଇଁ ୟୁନେସ୍କୋ ପକ୍ଷରୁ ଏକ ଥିମ୍ ରଖାଯାଏ ।

## ଆଜିର ଇତିହାସ

- ୧୯୪୮ - ନେଦରଲ୍ୟାଣ୍ଡର ହେଗ୍‌ରେ ପ୍ରଥମ ଅନ୍ତରାଷ୍ଟ୍ରୀୟ ନ୍ୟାୟାଳୟ ଗଠନ ।
- ୧୯୫୫-ପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ୍‌ଙ୍କ ଦେହାନ୍ତ ।
- ୧୯୮୦-ଜିମ୍ବାୱେ ବ୍ରିଟେନ୍‌ଠାରୁ ସ୍ୱାଧୀନ ହେଲା ।
- ୧୯୯୧- କେରଳ ଦେଶର ପ୍ରଥମ ପୂର୍ଣ୍ଣ ସାକ୍ଷର ରାଜ୍ୟ ଘୋଷିତ ।
- ୨୦୧୪- ମାଉଣ୍ଟ ଏଭରେଷ୍ଟରେ ହିମସ୍ଖଳନ ଯୋଗୁଁ ନେପାଳର ୧୨ ଜଣ ପର୍ବତାରୋହୀଙ୍କ ମୃତ୍ୟୁ ।
- ୨୦୧୩- ବାଗଦାଦ୍‌ର ଏକ କାଫେରେ ଆତ୍ମଘାତୀ ଆକ୍ରମଣ ଯୋଗୁଁ ୨୭ ଲୋକଙ୍କ ମୃତ୍ୟୁ ।

## ଆଜିର ରାଶିଫଳ

**ମେଷ:** ଚକ୍ଷୁ ପାଇଁ କଷ୍ଟ ପାଇପାରନ୍ତି । ଆର୍ଥିକସ୍ଥିତିରେ ସୁଧାର ଆସିବ । ମହିଳାମାନେ ଆଳସ୍ୟତା ଅନୁଭବ କରିବେ । ନୂତନ ନିବେଶରୁ କ୍ଷତିଗ୍ରସ୍ତ ହୋଇପାରନ୍ତି । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ ।

**ବୃଷ:** ବିଭିନ୍ନ କାର୍ଯ୍ୟରେ ସଫଳତା ପାଇବେ । କର୍ମକ୍ଷେତ୍ରରେ ଦକ୍ଷତା ପ୍ରମାଣିତ ହେବ । ଆୟ ବୃଦ୍ଧି ହେତୁ ଉତ୍ସାହିତ ହେବେ । ପରିବାରର ସହାୟତା ପାଇବେ । ଦିନଟି ହସଖୁସିରେ ବିତିବ ।

**ମିଥୁନ:** କୌଣସି ଜରୁରୀ କାର୍ଯ୍ୟରେ ବ୍ୟସ୍ତ ରହିବେ । ଆଶା କରିଥିବା ଦିଗରୁ ଧନ ମିଳିବ । ସନ୍ତାନଙ୍କ ଉଚ୍ଚ ଶିକ୍ଷା ପାଇଁ ଅଭିଭାବକ ଯୋଜନା ପ୍ରସ୍ତୁତ କରିବେ । ପ୍ରେମ ବ୍ୟାପାରରେ ସଫଳତା ମିଳିପାରେ ।

**କର୍କଟ:** ପାରିବାରିକ ସମସ୍ୟା ଦେଖାଦେଇପାରେ । ଆର୍ଥିକ ଉନ୍ନତି ହେବ । ଲଗାତାର ଚେଷ୍ଟା କରି ସଫଳତା ପାଇବେ । କାର୍ଯ୍ୟଭାର ବୃଦ୍ଧି ପାଇବ । ରାଜନୀତିରେ ସକ୍ରିୟ ହୋଇପାରନ୍ତି ।

**ସିଂହ:** ଦ୍ୱନ୍ଦ୍ୱରେ ପଡ଼ି ପାରନ୍ତି । ବ୍ୟବସାୟରେ ସଫଳତା ପାଇବେ । ଦୂରଯାତ୍ରା ପାଇଁ ସୁଯୋଗ ପାଇପାରନ୍ତି । ମାନସିକ ସ୍ତରରେ ଚାପଗ୍ରସ୍ତ ରହିବେ । ଅତ୍ୟଧିକ ପରିଶ୍ରମ କରି ଥକ୍କା ଅନୁଭବ କରିବେ ।

**କନ୍ୟା:** ବିଦ୍ୟାର୍ଥୀମାନେ କ୍ୟାରିୟର ପାଇଁ ନୂତନ ଯୋଜନା ପ୍ରସ୍ତୁତ କରିବେ । ଉଚ୍ଚଅଧିକାରୀଙ୍କ ସହଯୋଗରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପୂରଣ ହେବ । ପ୍ରେମ ଓ ଦାମ୍ପତ୍ୟ ଜୀବନ ମଧୁର ରହିବ ।

**ତୁଳା:** ସାହିତ୍ୟ ତଥା ଅନ୍ୟାନ୍ୟ ସୃଜନଶୀଳ କଳା ପ୍ରତି ଆଗ୍ରହ ବୃଦ୍ଧି ପାଇବ । ଭାଇଭଉଣୀଙ୍କ ସହଯୋଗ ପାଇବେ । ମହିଳାମାନେ ଉଚିତ ନିଷ୍ପତ୍ତି ଗ୍ରହଣ କରିପାରନ୍ତି ।

**ବିଛା:** ଦୀର୍ଘ ସମୟ ଧରି ଅଟକି ରହିଥିବା କାର୍ଯ୍ୟ ପୂର୍ଣ୍ଣ ହେବ । କାର୍ଯ୍ୟରେ ସଫଳତା ମିଳିବ । ନୂତନ ବ୍ୟବସାୟ ପାଇଁ ଉପଯୁକ୍ତ ସମୟ । ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ ।

**ଧନୁ:** ପାରିବାରିକ ସମ୍ପର୍କରେ ମଜଭୁତ ହେବ । ଆର୍ଥିକ ଲାଭ ପାରନ୍ତି । ଜୀବନସାଥୀଙ୍କ ପରାମର୍ଶକ୍ରମେ କାର୍ଯ୍ୟ କରିବେ । ନୂଆ ଲକ୍ଷ୍ୟକୁ ପୂରଣ କରିବା ପାଇଁ ଦିନଟି ଉତ୍ତମ ରହିବ ।

**ମକର:** ପରିବାର ପାଇଁ ଅଧିକ ସମୟ ବିତାଇବେ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି । କଳା ପ୍ରତି ରୁଚି ବଢ଼ିବ । ଯେକୌଣସି ପରିସ୍ଥିତିରେ ଧୈର୍ଯ୍ୟ ହରାନ୍ତୁନି । ବ୍ୟବସାୟରେ କ୍ଷତି ସହିପାରନ୍ତି ।

**କୁମ୍ଭ:** ଅଧିକ ଖର୍ଚ୍ଚାନ୍ତରେ ପଡ଼ିପାରନ୍ତି । କର୍ମସ୍ଥଳୀରେ କିଛି ନୂତନ କାର୍ଯ୍ୟ କରି ପ୍ରଶଂସାର ପାତ୍ର ହେବେ । ସୁଯୋଗର ସଠିକ୍ ଉପଯୋଗ କରିବେ । ମହିଳାମାନେ ସ୍ୱାଧୀନମନା ହେବେ ।

**ମୀନ:** ଅନ୍ୟକୁ ଧାର ଦେଇ ହଇରାଣରେ ପଡ଼ିପାରନ୍ତି । ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ । କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ । ଆୟ ଓ ବ୍ୟୟ ସମାନ ରହିବ ।

# ପଢ଼ା ସମୟରେ ଧ୍ୟାନଭଙ୍ଗ

**ଅନେକ ସମୟରେ କିଛି ଛାତ୍ରଛାତ୍ରୀ ପଢ଼ା ସମୟରେ ଅନ୍ୟମନସ୍କ ଥାନ୍ତି । ଶ୍ରେଣୀଗୃହରେ କେଉଁ ବିଷୟରେ ଶିକ୍ଷକ କ'ଣ ପଢ଼ାଉଛନ୍ତି, ତା' ଉପରେ ସେମାନଙ୍କର ଦୃଷ୍ଟି ନ ଥାଏ । ଏବର ଏହି ଅନ୍ୟମନସ୍କତାର ପ୍ରମୁଖ କାରଣ ହେଉଛି ମୋବାଇଲ । ଏଥିରୁ ମୁକ୍ତି ପାଇଁ ନିମ୍ନ ପ୍ରଦତ୍ତ ଦିଗ ଉପରେ ଦୃଷ୍ଟି ଦିଅନ୍ତୁ ।**

- ଆଜିକାଲି ଛାତ୍ରଛାତ୍ରୀ ମୋବାଇଲର ବହୁଳ ବ୍ୟବହାର କରୁଛନ୍ତି । ସେଥିପାଇଁ ବିଦ୍ୟାର୍ଥୀଙ୍କୁ ମୋବାଇଲ ବ୍ୟବହାର କମ୍ କରିବା ଦିଗରେ ଦୃଷ୍ଟି ଦେବା ଆବଶ୍ୟକ ।
- ପଢ଼ା ସମୟରେ ମୋବାଇଲକୁ ସାଇଲେଣ୍ଟ ମୋଡ୍‌ରେ ରଖନ୍ତୁ ।
- ସାମାଜିକ ଗଣମାଧ୍ୟମରେ ସମୟ ନଷ୍ଟ ହୋଇଥାଏ । ସେଥିପାଇଁ ଏଥିରୁ ଦୂରତ୍ୱ ରକ୍ଷା କରନ୍ତୁ ।
- ୪୦-୪୫ ମିନିଟ୍ ପରେ ପଢ଼ାରୁ ୫-୧୦ ମିନିଟ୍ ପାଇଁ ବ୍ରେକ୍ ନିଅନ୍ତୁ । ଏହାଦ୍ୱାରା ପଢ଼ାରେ ଧ୍ୟାନ କେନ୍ଦ୍ରିତ ହୋଇଥାଏ ।
- ପଢ଼ାରୁ ଧ୍ୟାନଭଙ୍ଗ ନ ହେବା ପାଇଁ ନିୟମିତ ମେଡିଟେସନ ଉପରେ ଗୁରୁତ୍ୱ ଦିଅନ୍ତୁ ।



# ସମ୍ଭାବନା



# ଚାକିରିରେ 'ସିଫ୍ଟ ସକ୍' ଧାରା

**ପୂର୍ବରୁ ଲୋକମାନେ ଗୋଟିଏ ଚାକିରିରେ ପୂରା ଜୀବନ ଅତିବାହିତ କରି ଦେଉଥିଲେ । ତେବେ ଏବେ ଏହାର ଓଲଟା ଦୃଶ୍ୟ ଦେଖିବାକୁ ମିଳୁଛି । ଏବେ ଲୋକମାନେ ଶୀଘ୍ର ଶୀଘ୍ର ଚାକିରି ପରିବର୍ତ୍ତନ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ବିଶେଷକରି ଯୁବପିଢ଼ିଙ୍କ ମାନସିକତା ହିଁ ଚାକିରି କ୍ଷେତ୍ରରେ ଏଭଳି ଏକ ନୂଆ ଟ୍ରେଣ୍ଡକୁ ସୃଷ୍ଟି କରିଛି । ଯାହାକୁ 'ସିଫ୍ଟ ସକ୍' କୁହାଯାଉଛି । ତେବେ ଏହା କେବେଠୁ ଆରମ୍ଭ ହେଲା ଓ ଏହା ପଛର କାରଣ କ'ଣ ଏହାକୁ ନେଇ ଏହି ଉପସ୍ଥାପନା ।**



### କେବେଠୁ ଆରମ୍ଭ

ଚାକିରିରୁ ଇସ୍ତଫା ଦେବା ଏବର ନୁହେଁ, କାହିଁ କେଉଁ କାଳରୁ ଏହି ଧାରା ପ୍ରଚଳିତ । ନୂଆ ଆରମ୍ଭ, କାମ କରିବାର ଉନ୍ନତ ଶୈଳୀ, ୱାର୍କ ବାଲାନ୍ସ, ପାରିଶ୍ରମିକ ଆଦିକୁ ଦୃଷ୍ଟିରେ ରଖି ଇସ୍ତଫା ଦେବାର ଧାରା ଆରମ୍ଭ ହୋଇଛି କହିଲେ ଚଳେ । ଅବଶ୍ୟ ଏବେ ଚାକିରିରେ ବହୁ ସଂଖ୍ୟକ କର୍ମଚାରୀ ଇସ୍ତଫା ଦେଉଛନ୍ତି । ଅନ୍ୟପଟେ ଯେତେବେଳେ ସେମାନେ ନୂଆ ଏକ ପଦବିକୁ ଯାଉଛନ୍ତି, ସେମାନେ ସେତେବେଳେ ବୁଝୁଛନ୍ତି ଏହା ମଧ୍ୟ ସେମାନଙ୍କ ଆଶା ଅନୁସାରେ ପ୍ରାପ୍ତ ହୋଇପାରି ନାହିଁ । ଫଳରେ ଚାକିରିକୁ ନେଇ କର୍ମଚାରୀଙ୍କ ଯେଉଁ ମୋହଭଙ୍ଗ ସୃଷ୍ଟି ହେଉଛି ତାହାକୁ 'ସିଫ୍ଟ ସକ୍' କୁହାଯାଉଛି । ଅବଶ୍ୟ ଦିନକୁ ଦିନ ଏହା ବିଭିନ୍ନ ଇଣ୍ଡଷ୍ଟ୍ରିରେ ଦ୍ରୁତ ଭାବେ ପ୍ରଚଳିତ ହେଉଛି ।

### କାରଣ

ସିଫ୍ଟ ସକ୍‌ର ବିଭିନ୍ନ କାରଣ ଅଛି । ପ୍ରଥମ କାରଣ ହେଉଛି, କର୍ମଚାରୀଙ୍କୁ ନିଯୁକ୍ତି ସମୟରେ ଅଲଗା ଅଲଗା କାର୍ଯ୍ୟ ବିବରଣୀ ପ୍ରଦାନ କରାଯାଏ । ତେବେ ସେମାନେ ଯେତେବେଳେ ଅସଲରେ ଚାକିରିରେ ଯୋଗ ଦିଅନ୍ତି, ବାସ୍ତବିକ ଦାୟିତ୍ୱଠାରୁ ତାହା ସମ୍ପୂର୍ଣ୍ଣ ଅଲଗା ଥାଏ । ଏହାବାଦ୍ କମ୍ପାନିର କାର୍ଯ୍ୟ ସଂସ୍କୃତି, କାମ କରିବାର ପରିବେଶ, ମ୍ୟାନେଜମେଣ୍ଟର ସମର୍ଥନ ମଧ୍ୟ 'ସିଫ୍ଟ ସକ୍'କୁ ଆପଣାଇବା ଦିଗରେ ଗୁରୁତ୍ୱ ବହନ କରିଥାଏ । ପୁଣି ସିଫ୍ଟ ସକ୍ ସଂସ୍ପର୍ଶରେ ଯେଉଁ କର୍ମଚାରୀ ଆସୁଛନ୍ତି, ସେମାନେ ପ୍ରଥମେ ଅଫିସ୍ ମ୍ୟାନେଜମେଣ୍ଟ ସହ ନିଜ ସମସ୍ୟା ବାବଦରେ ଆଲୋଚନା କରିବା ଦରକାର । ଏହାବାଦ୍ ସେମାନଙ୍କୁ ଶୀଘ୍ର ଚାକିରି ଛାଡ଼ିବା କଥା ଚିନ୍ତା ନ କରି ନିଜକୁ ମାନସିକ ସ୍ତରରେ ଶକ୍ତ ରହିବାର ଆବଶ୍ୟକତା ରହିଛି ।

### ସମାଧାନ

ସିଫ୍ଟ ସକ୍‌କୁ କମ୍ କରିବାରେ ମ୍ୟାନେଜମେଣ୍ଟର ଯୋଗଦାନ ଖୁବ୍ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ । ଏଭଳି ପରିବେଶ ସୃଷ୍ଟି କରନ୍ତୁ, ଯେଭଳି କର୍ମଚାରୀ ସେମାନଙ୍କ ଚିନ୍ତା, ଦ୍ୱନ୍ଦ୍ୱ ବାବଦରେ ମନଖୋଲି କହିପାରିବେ । ତା'ସହ ବିଭିନ୍ନ ସମୟରେ ମ୍ୟାନେଜମେଣ୍ଟକୁ ବିଭିନ୍ନ ପ୍ରସଙ୍ଗରେ କର୍ମଚାରୀଙ୍କ ସହ ଆଲୋଚନା କରିବା ଦରକାର ।

# ହ୍ୱାଟ୍ସଆପ୍‌ରେ ଏଆଇର ଉପଯୋଗ

ମାର୍କ ଜୁକରବର୍ଗଙ୍କ କମ୍ପାନି ମେଟା ବ୍ୟବହାରକାରୀଙ୍କୁ ଉନ୍ନତ ତଥା ଭିନ୍ନ ଅନୁଭୂତି ପ୍ରଦାନ କରିବାକୁ ଯାଇ ସବୁ ପ୍ଲାଟ୍‌ଫର୍ମରେ ଏଆଇକୁ ଯୋଡୁଛି । ଏବେ ଏହାକୁ ହ୍ୱାଟ୍ସଆପ୍ ସହ ଯୋଡ଼ା ଯାଇଛି । ଏବେ ଏଆଇ ଚାଟ୍‌ବଟ୍‌କୁ ବ୍ୟବହାର କରିବା ବ୍ୟବହାରକାରୀଙ୍କ ପାଇଁ ଅଧିକ ସହଜ ହୋଇଯାଇଛି । ତେବେ ହ୍ୱାଟ୍ସଆପ୍ ବିଟାର ନୂଆ ଅପ୍‌ଡେଟ୍‌କୁ ଯେଉଁମାନେ ବ୍ୟବହାର କରୁଛନ୍ତି, ଏହା ସେମାନଙ୍କ ପାଇଁ ଉପଲବ୍ଧ ଥିବା ବେଳେ ଖୁବ୍‌ଶୀଘ୍ର ଏହାକୁ ଅନ୍ୟ ବ୍ୟବହାରକାରୀଙ୍କ ପାଇଁ ଲାଗୁ କରାଯିବ । ମେଟା ଏଆଇକୁ ଉପଯୋଗ କରିବା ପାଇଁ ଆଣ୍ଡ୍ରଏଡ୍ ବା ଆଇଓଏସ୍ ସ୍ମାର୍ଟଫୋନ୍‌ରେ ହ୍ୱାଟ୍ସଆପ୍‌ର ନୂଆ ବିଟା ଭର୍ସନକୁ ଇନଷ୍ଟଲ କରିବାକୁ ହେବ । ଏହାପରେ ହ୍ୱାଟ୍ସଆପ୍‌ର ମୁଖ୍ୟ ସ୍କ୍ରିନ୍ ତଳେ ମେଟା ଏଆଇ ଆଇକନ୍ ଦୃଷ୍ଟିଗୋଚର ହେବ । ଏଥିରେ ସର୍ତ୍ତକୁ ସ୍ୱୀକାର କଲେ ମେଟା ଏଆଇ ସହିତ ନୂଆ ଚାଟ୍ ଇନ୍‌ବକ୍ସରେ ଦେଖିବାକୁ ମିଳିବ । ଏଥିରୁ ବ୍ୟବହାରକାରୀଙ୍କୁ ଚାଟ୍‌ବଟ୍‌ରୁ ଯେଉଁ ଉତ୍ତର ଦରକାର, ନିଜ ପ୍ରଶ୍ନକୁ ଲେଖିପାରିବେ । ମେଟା ଏଆଇ ଚାଟ୍‌ବଟ୍‌ର କାର୍ଯ୍ୟକ୍ଷମତା ଚାଟ୍‌ଜିପିଟି, ଜେମିନି, କ୍ଲାଉଡ୍ ଏବଂ ଅନ୍ୟ ଏଆଇ ଆସିଷ୍ଟାଣ୍ଟ ସେବା ସହିତ ସମାନ । ଏହା କୋଡ୍ ଲେଖିବାଠୁ ଆରମ୍ଭ କରି ବିଭିନ୍ନ ଭାଷାରେ ଟେକ୍ସଟ୍‌କୁ ଅନୁବାଦ କରିବାରେ ସକ୍ଷମ ।



**କଠିନ ପରିଶ୍ରମ କରୁଥିବା ବିଦ୍ୟାର୍ଥୀ ହିଁ ସମସ୍ତ ପ୍ରତିବନ୍ଧକକୁ ଭାଙ୍ଗି ନିଜ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବାକୁ ସକ୍ଷମ ହୋଇଥାନ୍ତି । ଯାହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଏସ୍. ନିର୍ମଳା । ବାଲ୍ୟ ବିବାହ ବିରୋଧରେ ସ୍ୱର ଉତ୍ତୋଳନ କରି ତଥା ନିଜ ପରିବାରର ଇଚ୍ଛା ବିରୋଧରେ ଯାଇ ସେ ନିଜ ଜୀବନରେ ଶିକ୍ଷାକୁ ପ୍ରାଥମିକତା ଦେଇଛନ୍ତି । ତାଙ୍କର ଇଚ୍ଛାଶକ୍ତି ଓ ସଂଘର୍ଷ ହିଁ ତାଙ୍କୁ ଦ୍ୱାଦଶ ପରୀକ୍ଷାରେ ସଫଳ କରାଇଛି । ଭବିଷ୍ୟତରେ ନିର୍ମଳା ଆଇପିଏସ୍ ହେବାର ଇଚ୍ଛା ରଖିଥିବା ବେଳେ ତାଙ୍କର ସଂଘର୍ଷ କାହାଣୀ ଏବେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି ।**



## ବାଲ୍ୟବିବାହକୁ ବିରୋଧ କରିଥିବା ଛାତ୍ରୀ

# ଯୁକ୍ତ ଦୁଇ ଟପ୍ପର

ଆନ୍ଧ୍ରପ୍ରଦେଶ କୁରନୁଲ୍ ଜିଲ୍ଲାର ଛାତ୍ରୀ ହେଉଛନ୍ତି ଏସ୍. ନିର୍ମଳା । ଯୁକ୍ତ ଦୁଇ ବୋର୍ଡ ପରୀକ୍ଷାରେ ସେ ୪୪୦ ନମ୍ବରରୁ ୪୨୧ ରଖି ରାଜ୍ୟରେ ଟପ୍ପର ହୋଇଛନ୍ତି । ନିର୍ମଳା ଏ ଯାଏଁ ପହଞ୍ଚିବା ପାଇଁ ଖୁବ୍ ସଂଘର୍ଷ କରିଥିବା କହିଛନ୍ତି । ଏହା ପୂର୍ବରୁ ଦଶମ ପରୀକ୍ଷାରେ ୬୦୦ରୁ ସେ ୫୩୭ ନମ୍ବର ରଖିଥିଲେ ।

ନିର୍ମଳା ଗରିବ ପରିବାରର ହୋଇଥିବା ବେଳେ ତାଙ୍କର ତିନି ଭଉଣୀ । ସେ ହେଉଛନ୍ତି ସବା ସାନ ଝିଅ । ତାଙ୍କ ବାପା ପଢ଼ା ଖର୍ଚ୍ଚ ଉଠାଇବାକୁ ସକ୍ଷମ ନ ଥିଲେ । ସେଥିପାଇଁ ସେ ଝିଅମାନଙ୍କ ବିବାହ ଶୀଘ୍ର ସାରି ଦେଉଥିଲେ । ତିନି ଝିଅଙ୍କ ବିବାହ ପରେ ସେ ନିର୍ମଳା ପାଇଁ ବରପାତ୍ର ଖୋଜି ବିବାହ ପ୍ରସ୍ତୁତି ଆରମ୍ଭ କରିଥିଲେ । ନିର୍ମଳା ବିବାହ ନୁହେଁ, ପଢ଼ିବାକୁ ଚାହୁଁଥିବା ବାପା ମାଆଙ୍କୁ କହିଥିଲେ, କିନ୍ତୁ ତା'କଥା ଘର ଲୋକ ଶୁଣି ନ ଥିଲେ ।

ଶେଷରେ ନିର୍ମଳା ଜିଲ୍ଲା ପ୍ରଶାସନ ପାଖରେ ନିଜ ବାଲ୍ୟ ବିବାହ ବିରୋଧରେ ଅଭିଯୋଗ କରିଥିଲେ । ଏହାପରେ ତାଙ୍କ ବାଲ୍ୟବିବାହକୁ ରୋକା ଯାଇଥିଲା । ତେବେ ତାଙ୍କ ପରିବାର ଲୋକ ପଢ଼ାଇବାକୁ ରାଜି ନ ହେବାରୁ ସେ ସ୍ଥାନୀୟ ବିଧାୟକଙ୍କ ସହାୟତା ଲୋଡ଼ିଥିଲେ ଏବଂ ବିଧାୟକ ମଧ୍ୟ ନିର୍ମଳାଙ୍କୁ ପଢ଼ିବା ପାଇଁ ସାହାଯ୍ୟ କରିଥିଲେ ।

ଶେଷରେ ନିର୍ମଳା ଯୁକ୍ତ ଦୁଇ ପରୀକ୍ଷାରେ ରାଜ୍ୟରେ ଟପ୍ପର ହେବା ସହ ଆଗକୁ ଆଇପିଏସ୍ ଅଧିକାରୀ ହେବା ଲକ୍ଷ୍ୟ ରଖିଛନ୍ତି । ଏହା ପରେ ସେ ବାଲ୍ୟ ବିବାହକୁ ରୋକିବା ଦିଗରେ କାର୍ଯ୍ୟ କରିବେ । ଏହାବାଦ୍ ତାଙ୍କ ଭଳି ଅନ୍ୟ ଝିଅ ମାନଙ୍କ ସ୍ୱପ୍ନ ପୂରଣ ଦିଗରେ ସେମାନଙ୍କୁ ସାହାଯ୍ୟ କରିବାକୁ ଇଚ୍ଛା ରଖିଥିବା ନିର୍ମଳା କହିଛନ୍ତି ।

ଫ୍ରେଞ୍ଚ୍ ଓପନ୍ ଟେନିସ୍

## ୫ ବର୍ଷରେ ମୁଖ୍ୟ ଡ୍ର’ରେ ସାମିଲ ହେବାରେ ନାଗଲ ପ୍ରଥମ ଭାରତୀୟ



**ପ୍ୟାରିସ୍,୧୭ ।୪(ଏଜେନ୍ସି):** ଆଗାମୀ ଫ୍ରେଞ୍ଚ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ଏଣ୍ଟ୍ରି ତାଲିକା ଘୋଷଣା କରାଯାଇଛି । କ୍ଲେ କୋର୍ଟରେ ଖେଳାଯାଉଥିବା ବର୍ଷର ଏହି ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟର ପାଇଁ ଫ୍ରେଞ୍ଚ୍ ଟେନିସ ଫେଡେରେସନ (ଏଫ୍ଏଫ୍ଟି) ବୁଧବାର ତାଲିକା ଘୋଷଣା କରିଛି । ଫ୍ରେଞ୍ଚ୍ ଓପନ୍ ଏଥର ମେ ୨୦ରୁ ଆରମ୍ଭ ହୋଇ ଜୁନ୍ ୯ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି । ପୁରୁଷ ବିଭାଗରେ ସର୍ବିଆର ନୋଭାକ ଜୋକୋଭିଚ୍ ଓ ମହିଳାରେ ପୋଲାଣ୍ଡର ଇଗା ସ୍ୱିଆଟେକ ଏହି ତାଲିକାରେ ସର୍ବାଗ୍ରେ ରହିଛନ୍ତି । ଭାରତ ଶ୍ରେଷ୍ଠ ଏକକ ତାରକା ସୁମିତ ନାଗଲ ଫ୍ରେଞ୍ଚ ଓପନ୍ ମୁଖ୍ୟ ଡ୍ର’ରେ ସିଧାସଳଖ ସାମିଲ ହୋଇଛନ୍ତି । ଏଟିପି ମାନ୍ୟତାରେ ସେ ୮୦ତମ ସ୍ଥାନରେ ରହିଥିବାରୁ ତାଙ୍କୁ ଏହି ସୁଯୋଗ ମିଳିଛି । ଗତ ୫ ବର୍ଷ ମଧ୍ୟରେ ସେ ପ୍ରଥମ ଭାରତୀୟ ଟେନିସ ଖେଳାଳି ଭାବେ ଏହି ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଡ୍ର’ରେ ସାମିଲ ହୋଇଛନ୍ତି । ପୂର୍ବରୁ ୨୦୧୯ ରେ ପ୍ରଜନେଶ ଗୁଣେଶ୍ୱରନ ମୁଖ୍ୟ ଡ୍ର’ରେ ସାମିଲ ହୋଇଥିଲେ ।

### ନାଦାଲଙ୍କ ପ୍ରତ୍ୟାବର୍ତ୍ତନ

ଚଳିତ ବାର୍ସିଲୋନ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଆଘାତ ସମସ୍ୟାରୁ ସଫଳ ପ୍ରତ୍ୟାବର୍ତ୍ତନ କରିଥିବା ସ୍ପେନ୍ ସୁପରଷ୍ଟାର ରାଫେଲ ନାଦାଲ ଫ୍ରେଞ୍ଚ୍ ଓପନ୍ ଏଣ୍ଟ୍ରି ତାଲିକାରେ ସ୍ଥାନ ପାଇଛନ୍ତି । କ୍ଲେ କୋର୍ଟର ରାଜା ଆଖ୍ୟା ପାଇଥିବା ନାଦାଲ ରେକର୍ଡ ୧୪ ଥର ଫ୍ରେଞ୍ଚ୍ ଓପନ୍ ଟାଇଟଲ ହାସଲ କରିଛନ୍ତି । ଏଥର ସେ ତାଙ୍କର ପୂର୍ବର ସଫଳତାକୁ ଦୋହରାଇବେ ବୋଲି ଆଶା କରାଯାଉଛି । ପାଖାପାଖି ୨ ବର୍ଷ ତଳେ ନାଦାଲ ଫ୍ରେଞ୍ଚ୍ ଓପନ୍ ଖେଳିଥିଲେ । ଏଣ୍ଟ୍ରି ତାଲିକାରେ ବ୍ରିଟେନ ଅଭିଜ୍ଞ ଖେଳାଳି ଆଣ୍ଡି ମୁରେ ସ୍ଥାନ ପାଇଥିବା ବେଳେ ଇମା ରାଡୁକାନୁଙ୍କୁ ସ୍ଥାନ ମିଳିବା ନିଶ୍ଚିତ ହୋଇନାହିଁ ।

ଟି-୨୦ ବିଶ୍ୱକପ୍

# ରୋହିତଙ୍କ ସହ ଓପନିଂ କରିପାରନ୍ତି କୋହଲି

ନୂଆଦିଲ୍ଲୀ,୧୭ ।୪(ଏଜେନ୍ସି)

ଆସନ୍ତା ଜୁନ୍ ମାସରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆୟୋଜନ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ପାଇଁ ଏବେଠାରୁ ବିଭିନ୍ନ ଦଳଗୁଡିକ ସେମାନଙ୍କର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଭାରତ ମଧ୍ୟ ଏଥିରେ ପଛରେ ପଡିନାହିଁ । ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଓପନିଂ କରିପାରନ୍ତି ବୋଲି କୁହାଯାଉଛି । ଗତ ସପ୍ତାହରେ ମୁମ୍ବଇରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବୈଠକ ବସିଥିଲା ଓ ଏ ସଂକ୍ରାନ୍ତରେ ଆଲୋଚନ ହୋଇଥିଲା । ଏହି ବୈଠକରେ ଅଧିନାୟକ ରୋହିତ ଶର୍ମା, ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ ଓ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ସାମିଲ ଥିଲେ । ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ରୋହିତଙ୍କ ସହିତ କୋହଲି ଇନିଂସ ଓପନ୍ କରିବା ନେଇ ଚର୍ଚ୍ଚା ହୋଇଥିଲା । ଏହା ପୂର୍ବରୁ କୋହଲି ମଧ୍ୟ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟଠାରୁ ଟି-୨୦ ବିଶ୍ୱକପ୍ ଖେଳିବା ନେଇ ସ୍ପଷ୍ଟିକରଣ ମାଗିଥିଲେ । ଟିମ୍ ମ୍ୟାନେଜମେଣ୍ଟ ମଧ୍ୟ କୋହଲିଙ୍କୁ ଇନିଂସ ଓପନ କରିବା ନେଇ ଅବଗତ କରାଇଛି ବୋଲି ଚର୍ଚ୍ଚା ହୋଇଛି ।

### କୋହଲିଙ୍କ ବିଶ୍ୱକପ୍ ଖେଳିବା ନେଇ ଆଶଙ୍କା ଥିଲା

କିଛିମାସ ତଳେ କୋହଲି ଟି-୨୦ ବିଶ୍ୱକପ୍ ଖେଳିବା ନେଇ ଅନିଶ୍ଚିତ ଥିଲା । କୋହଲି ଭାରତୀୟ ଦଳରେ ସ୍ଥାନ ପାଇବେ କି ନା ସେ ନେଇ ଆଶଙ୍କା ଥିଲା ଓ ଏ ନେଇ ମଧ୍ୟ ଆଲୋଚନା ଓ ପର୍ଯ୍ୟାଲୋଚନା ହେଉଥିଲା । ରିପୋର୍ଟ ଅନୁସାରେ ଗତ ବର୍ଷ ରୋହିତ, ଦ୍ରାବିଡ ଓ ଚୟନକର୍ତ୍ତାଙ୍କ ବୈଠକ ବସିଥିଲା ଓ ସେତେବେଳେ ବିଶ୍ୱକପ୍ ଦଳରେ କୋହଲିଙ୍କ ସ୍ଥାନ ନିଶ୍ଚିତ ନ ଥିଲା । କିନ୍ତୁ ଗତ କିଛି ମାସ ମଧ୍ୟରେ ସ୍ଥିତିରେ ବହୁତ କିଛ ପରିବର୍ତ୍ତନ ଆସିଛି ଓ କୋହଲି ବିଶ୍ୱକପ୍ ଖେଳିବା ନେଇ ସମ୍ଭାବନା ଉଜ୍ଜ୍ୱଳ ହୋଇଛି ।

### ୨ ବର୍ଷ ପରେ ଅନ୍ତର୍ଜାତୀୟ ଟି-୨୦କୁ ପ୍ରତ୍ୟାବର୍ତ୍ତନ କରିଥିଲେ

କୋହଲି ପାଖାପାଖି ଦୁଇ ବର୍ଷ ପରେ ଅନ୍ତର୍ଜାତୀୟ ଟି-୨୦କୁ ପ୍ରତ୍ୟାବର୍ତ୍ତନ କରିଥିଲେ । ୨୦୨୨ ଟି-୨୦ ବିଶ୍ୱକପ୍ ପରେ କୋହଲି ଓ ରୋହିତ ୨୦୨୩ ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ କୌଣସି ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳି ନଥିଲେ । ଗତ ଜାନୁଆରୀରେ ଅନୁଷ୍ଠିତ ଆଫ୍‌ଗାନିସ୍ତାନ ବିପକ୍ଷ ଘରୋଇ ସିରିଜ ପାଇଁ କୋହଲି ନିଜକୁ ଉପଲବ୍ଧ କରାଇଥଲେ । ସେ ଓ ରୋହିତ ଦୁଇ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ଟି-୨୦କୁ ଫର୍ମାଟକୁ ଫେରିଥିଲେ । କୋହଲି ଏହି ସିରିଜରେ ନିଜର ଫେବରାଇଟ୍ ୩ ନଂ ସ୍ଥାନରେ ବ୍ୟାଟିଂ କରିଥିଲେ । ଏହି ସିରିଜରେ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ରୋହିତଙ୍କ ସହ ଇନିଂସ ଓପନ୍ କରିଥିଲେ । କିନ୍ତୁ ଅଗାମୀ ବିଶ୍ୱକପ୍‌ରେ ଓପନିଂ ଯୋଡିରେ ପରିବର୍ତ୍ତନ ହେବାର ଯଥେଷ୍ଟ ସମ୍ଭାବନା ରହିଛି ।

### ଚଳିତ ଆଇପିଏଲରେ ଓପନିଂ କରୁଛନ୍ତି କୋହଲି

କୋହଲି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଗତ କେତୋଟି ସିଜନରେ ଇନିଂସ ଓପନ୍ କରୁଛନ୍ତି । ଚଳିତ ସଂସ୍କରଣରେ ସେ ଇନିଂସ ଓପନ୍ କରି ଗତ ୭ଟି ମ୍ୟାଚ୍‌ରେ ୧୪୭ ଷ୍ଟ୍ରାଇକ ରେଟ୍‌ରେ ୩୬୧ ରନ ସଂଗ୍ରହ କରି ଅରେଞ୍ଜ କ୍ୟାପ ହାସଲ କରିଛନ୍ତି । ଏଥିରେ ତାଙ୍କର ଗୋଟିଏ ଶତକ ମଧ୍ୟ ସାମିଲ ରହିଛି ।

### ଅନ୍ତର୍ଜାତୀୟ କ୍ରିକେଟରେ ମଧ୍ୟ ଓପନିଂ କରିଛନ୍ତି

କେବଳ ଆଇପିଏଲ ନୁହଁ ଅନ୍ତର୍ଜାତୀୟ କ୍ରିକେଟରେ ମଧ୍ୟ କୋହଲି ଇନିଂସ ଓପନ କରିଛନ୍ତି । ୨୦୦୮ ରେ କ୍ୟାରିଅର ଆରମ୍ଭରେ କୋହଲି ଶ୍ରୀଲଙ୍କା ବିପକ୍ଷରେ ଦିନିକିଆରେ ଓପନର ଭାବେ ବ୍ୟାଟିଂ କରିଥିଲେ । କିନ୍ତୁ କିଛି ସମୟ ପରେ ସେ ୩ ନଂ ବ୍ୟାଟିଂ କରିଥିଲେ । ଅନ୍ତର୍ଜାତୀୟ ଟି-୨୦ରେ ଓପନ୍ ଭାବେ କୋହଲି ଦୃଷ୍ଟାନ୍ତମୂଳକ ସଫଳତା ଅର୍ଜନ କରିଛନ୍ତି । ଓପନର ଭାବେ ସେ ୯ଟି ମ୍ୟାଚ୍‌ରେ ୪୦୦ ରନ ସଂଗ୍ରହ କରିଥିଲେ ।

ଅନ୍ତର୍ଜାତୀୟ ଟି-୨୦ରେ କୋହଲି ପ୍ରଥମ ପୋଜିସନରେ ୫ଟି ମ୍ୟାଚ୍ ଖେଳି ୧୩୮.୩୭ ଷ୍ଟ୍ରାଇକରେଟ୍‌ରେ ୧୧୯ ରନ ସଂଗ୍ରହ କରିଥିଲେ । ସେହିପରି ଦ୍ୱିତୀୟ ପୋଜିସନରେ ସେ ୪ଟି ମ୍ୟାଚ ଖେଳି ୧୭୩.୭୫ ଷ୍ଟ୍ରାଇକରେଟ୍‌ରେ ୧୨୮ ରନ ସଂଗ୍ରହ କରିଛନ୍ତି । ଏଥିରେ ଗୋଟିଏ ଶତକ ଓ ଦୁଇଟି ଅର୍ଦ୍ଧଶତକ ସାମିଲ ରହିଛି । କୋହଲି ଏପର୍ଯ୍ୟନ୍ତ ୧୧୭ଟି ଟି-୨୦ ମ୍ୟାଚ୍ ଖେଳି ୧୦୯ ଟି ପାଳିରେ ୫୧.୭୬ ହାରରେ ୪,୦୩୭ ରନ ସଂଗ୍ରହ କରିଛନ୍ତି । ଏଥିରେ ତାଙ୍କର ଗୋଟିଏ ଶତକ ଓ ୩୭ଟି ଅର୍ଦ୍ଧଶତକ ସାମିଲ ରହିଛି ।



## ବାରବାଟୀରେ ଏନ୍‌ସିଏ ୧୬ ବର୍ଷରୁ କମ୍ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର,୧୭ ।୪(ସମିସ):** କଟକର ବାରବାଟୀ ଷ୍ଟାଡିୟମରେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ସହଯୋଗରେ ଜାତୀୟ କ୍ରିକେଟ ଏକାଡେମୀ (ଏନସିଏ) ଏକ ୧୬ ବର୍ଷରୁ କମ୍ ବାଳକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଆୟୋଜନ କରିବ । ଏହି ଶିବିର ଆସନ୍ତା ୧୯ ତାରିଖରୁ ଆରମ୍ଭ ହୋଇ ୧୫ରେ ଶେଷ ହେବ । ବିଭିନ୍ନ ରାଜ୍ୟରୁ ମୋଟ ୨୫ଜଣ ପ୍ରତିଭାସମ୍ପର୍ଣ୍ଣ ଖେଳାଳି ଓ ୯ ଜଣ ସପୋର୍ଟ ଷ୍ଟାଫ୍ ଏଥିରେ ସାମିଲ ହେବେ । ଗୁରୁବାର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନେ କଟକରେ ପହଞ୍ଚିବେ ଓ ହୋଟେଲ ପ୍ରମୋଦରେ ଅବସ୍ଥାନ କରିବେ । ଭାରତର ୩ଟି ସ୍ଥାନରେ ଏହିପ୍ରଶିକ୍ଷଣ ଶିବିର ଆୟୋଜନ ହେବ । ମୁମ୍ବଇରେ ଆୟୋଜନ ହେବାକୁ ଥିବା ଶିବିରରେ ଓଡ଼ିଶାର ଅଭିନୀତ ପଟ୍ଟନାୟକ ଅଂଶଗ୍ରହଣ କରିବେ ।

ଏମ୍‌ବାପ୍ପେଙ୍କ ଡବଲ୍ ଗୋଲ୍

# ଚାମ୍ପିଅନ୍ସ ଲିଗ୍ ସେମିରେ ପିଏସ୍‌ଜି

ନୂଆଦିଲ୍ଲୀ,୧୭ ।୪(ଏଜେନ୍ସି)

ଫ୍ରେଞ୍ଚ୍ ଫୁଟବଲ ସୁପରଷ୍ଟାର କିଲିଆନ ଏମ୍‌ବାପ୍ପେଙ୍କ ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି) ଦଳ ୟୁନିୟନ ଅଫ୍ ୟୁରୋପିଆନ ଫୁଟବଲ ଆସୋସିଏସନ (ୟୁଇଏଫ୍ଏ) ଚାମ୍ପିଅନ୍ସ ଲିଗ୍ ସେମିଫାଇନାଲରେ ପ୍ରବେଶ କରିଛି । ପିଏସ୍‌ଜି ଦୁଇ ଲେଗ୍ ଅର୍ଥାତ୍ ପର୍ଯ୍ୟାୟ ବିଶିଷ୍ଟ କ୍ୱାର୍ଟର ଫାଇନାଲରେ ଅନ୍ୟତମ ଫେବରାଇଟ୍ ତଥା ହାଇପ୍ରୋଫାଇଲ କ୍ଲବ ବାର୍ସିଲୋନାକୁ ୬-୪ ଗୋଲ ଏଗ୍ରିଗେଟ୍‌ରେ ପରାସ୍ତ କରି ସେମି ଟିକଟ ହାସଲ କରିଛି ।

ସୋମବାର ଅନୁଷ୍ଠିତ ଦ୍ୱିତୀୟ ଲେଗ୍ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପିଏସ୍‌ଜି ୪-୧ ଗୋଲରେ ବାର୍ସିଲୋନକୁ ପରାସ୍ତ କରିଥିଲା । ଏମ୍‌ବାପ୍ପେ ୬୧ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଓ ୮୯ତମ ମିନଟ୍ ଫିଲ୍ଡ ଗୋଲ ଦେଇ ମୋଟ ଉପରେ ଦୁଇଟି ଗୋଲ ସ୍କୋର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ପିଏସ୍‌ଜି ତରଫରୁ ଅନ୍ୟମାନଙ୍କ ମଧ୍ୟରେ ଓଉସମେନ ଡେମ୍ବେଲେ ୪୦ ଓ ଭିଟିନା ୫୪ତମ ମିନିଟ୍‌ରେ ଗୋଲ ଦେଇଥିଲେ । ଅପରପକ୍ଷରେ ବାର୍ସିଲୋନ ପାଇଁ ଦ୍ୱାଦଶ ମିନିଟ୍‌ରେ ରାଫିନା ଗୋଲ ଦେଇ ଦଳକୁ ପ୍ରଥମେ ଅଗ୍ରଣୀ କରାଇଥିଲେ । ଗୋଟିଏ ଗୋଲ ପଛରେ ପଡିଥିଲେ ମଧ୍ୟ ପରେ ପିଏସ୍‌ଜି ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲା । ୪ଟି ଗୋଲ ଦେଇ ବାଜି ମାରିଥିଲା । ମ୍ୟାଚ୍ ସାରା ପିଏସ୍‌ଜି ପ୍ରଭାବ ବିସ୍ତାର କରି ଖେଳିଥିଲା । ବାର୍ସିଲୋନର

### ବାର୍ସିଲୋନା ନିରାଶ

ପ୍ରଦର୍ଶନ ମାମୁଲି ସାବ୍ୟସ୍ତ ହୋଇଥିଲା । ପୂର୍ବରୁ କ୍ୱାର୍ଟର ଫାଇନାଲର ପ୍ରଥମ ଲେଗ୍‌ରେ ବାର୍ସିଲୋନ ୩-୨ ଗୋଲରେ ପିଏସ୍‌ଜିକୁ ହରାଇଥିଲା । କିନ୍ତୁ ଦ୍ୱିତୀୟ ଲେଗ୍‌ରେ ବାର୍ସିଲୋନ ଏହି ସଫଳତାକୁ ବଜାୟ ରଖିପାରି ନଥିଲା । ପିଏସ୍‌ଜି ଏବେ ଦୁଇ ଲେଗ୍ ବିଶିଷ୍ଟ ସେମିରେ ବୋରୁସିଆ ଡର୍ଟମଣ୍ଡକୁ ଭେଟିବ । ଅନ୍ୟଏକ କ୍ୱାର୍ଟରରେ ବୋରୁସିଆ ଡର୍ଟମଣ୍ଡ ୪-୨ ଏଗ୍ରିଗେଟ୍‌ରେ ଆଟଲେଟିକୋ ମାଡ୍ରିଡ୍‌କୁ ପରାସ୍ତ କରି ସେମିକୁ ଉଠିଛି ।



କଳାହାଣ୍ଡି କପ୍ କ୍ରିକେଟ

## ସୁପର୍ ଲିଗ୍‌ରେ ଭଦ୍ରକ

**ଭୁବନେଶ୍ୱର, ୧୭।୪ (ସମିସ):** ନୟାଗଡ଼କୁ ୧୩୩ ରନ୍‌ରେ ପରାସ୍ତ କରି ଭଦ୍ରକ କଳାହାଣ୍ଡି କପ୍ ଆନ୍ତଃଜିଲ୍ଲା କ୍ରିକେଟ ପ୍ରତିଯୋଗିତାର ସୁପର ଲିଗ୍‌ରେ ପ୍ରବେଶ କରିଛି । ସୁପରଲିଗ୍‌ରେ ସ୍ଥାନ ପାଇବା ଲାଗି କ୍ୱାଲିଫାୟର -୧ ଅନୁଷ୍ଠିତ ହୋଇଥିଲା । ଏଥିରେ ଗ୍ରୁପ୍ ଏ’ ଓ ବି’ର ଦୁଇ ଶୀର୍ଷ ଦଳ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ଭଦ୍ରକ ଜିଲ୍ଲା ବିଜୟୀ ହୋଇଥିଲାବେଳେ ଆସନ୍ତାକାଲି ବା ଗୁରୁବାର ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍ ଖେଳାଯିବ । ଏଥିରେ ସୋମବାର ପରାଜିତ ଦଳ ନୟାଗଡ଼ ସହ ଗ୍ରୁପ୍ ଗୋଲ୍ଡ ବି’ ଟପ୍ପର ସମ୍ବଲପୁର ମଧ୍ୟରେ ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍‌ର ବିଜେତା ଦ୍ୱିତୀୟ ଦଳ ଭାବେ ସୁପର ଲିଗ୍ ଖେଳିବାକୁ ଉନ୍ନୀତ ହେବ । କଟକ ଟାଙ୍ଗୀସ୍ଥିତ ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭଦ୍ରକ ୩୧.୪ ଓଭରରେ ୨୩୬ ରନ୍ କରିଅଲଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ସାହିଲ ଖାନ୍ ସର୍ବାଧିକ ୭୨, ଅଂଶୁମାନ ମହାନ୍ତି ୫୦ ରନ୍ କରିଥିଲେ । ପ୍ରତିପକ୍ଷ ନୟାଗଡ଼ ଦଳର ସାଇ ଆଚାର୍ଯ୍ୟ ୩ଟି ଓ ସୌମ୍ୟ ଶ୍ରୀଚନ୍ଦନ ୨ଟି ୱିକେଟ ପାଇଥିଲେ । ଜବାବରେ ନୟାଗଡ଼ ୨୭ ଓଭରରେ ୧୦୩ ରନ୍ କରି ଅଲଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ନିହାର ପଟ୍ଟନାୟକ ୨୪ ଓ ଅଙ୍କିତ ଅର୍ଣ୍ଣବ ୧୬ ରନ୍ କରିଥିଲେ । ଭଦ୍ରକ ପକ୍ଷରୁ କିଶନ ମନୋହର ମହାନ୍ତି ୨୨ ରନ୍‌ରେ ୫ଟି ଓ ନିହାର ଭୂୟାଁ ୩୦ ରନ୍‌ରେ ୩ଟି ୱିକେଟ ପାଇଥିଲେ ।



ସାହିଲ ଖାନ୍



କିଶନ ମନୋହର ମହାନ୍ତି

# ବଟ୍ଲର ଓ ରାଜସ୍ଥାନର ଆଇପିଏଲ୍ ରେକର୍ଡ

କୋଲକାତା, ୧୭।୪(ଏଜେନ୍ସି)

ଘରୋଇ ଦଳ କୋଲକାତା ନାଇଟ୍ ରାଇଡର୍ସକୁ ୨ ୱିକେଟରେ ହରାଇ ରାଜସ୍ଥାନ ରୟାଲ୍ସ ବିଜୟୀ ହୋଇଛି । ଏହି ମ୍ୟାଚ୍‌ରେ କୋଲକାତା ପ୍ରଦତ୍ତ ୨୨୪ ରନ୍‌ର ବିଜୟ ଲକ୍ଷ୍ୟକୁ ରାଜସ୍ଥାନ ୮ ୱିକେଟ ହରାଇ ଶେଷ ଓଭରରେ ଜିତିନେଇଥିଲା । ଦଳର ବିଜୟରେ ହିରୋ ସାଜିଥିଲେ ଜୋଶ ବଟ୍ଲର । ଦଳ ଶେଷ ୩ ଓଭରରେ ୪୬ ରନ୍ ଆବଶ୍ୟକ କରୁଥିଲାବେଳେ ସେ ସମସ୍ତ ୧୮ ଟି ଯାକ ବଲ ଖେଳି ନିମ୍ନଭାଗର ବ୍ୟାଟରଙ୍କୁ ସୁରକ୍ଷିତ ରଖିବା ସହ ଦଳକୁ ଅବିଶ୍ୱସନୀୟ ବିଜୟ ପ୍ରଦାନ କରିଥିଲେ । ବଟ୍ଲର ୬୦ ବଲ୍ ଖେଳି ୧୦୯ ରନ୍‌ରେ ଅପରାଜିତ ରହିଥିଲେ । ରାଜସ୍ଥାନର ଏହି ନାଟକୀୟ ବିଜୟ ଫଳରେ ଏହି ମ୍ୟାଚରେ ଏକାଧିକ ରେକର୍ଡ ହୋଇଛି । ଆଇପିଏଲ୍‌ରେ ଏହି ଦଳ ସର୍ବାଧିକ ୨୨୪ ରନ୍‌ର ବିଜୟ ଲକ୍ଷ୍ୟକୁ ହାସଲ କରିବାରେ ନିଜ ରେକର୍ଡ ସହ ସମକକ୍ଷ ହୋଇଛି । ପୂର୍ବରୁ ଏହି ରେକର୍ଡ ମଧ୍ୟ ରାଜସ୍ଥାନ ନାମରେ ଥିଲା । ୨୦୨୦ ସଂସ୍କରଣ ଶାରଜାରେ ଅନୁଷ୍ଠିତ ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ମ୍ୟାଚ୍‌ରେ ରାଜସ୍ଥାନ ୨୨୪ ରନ୍ ଚେଜ୍ କରି ଏହି ରେକର୍ଡର ଅଧିକାରୀ ଥିଲା ।

ସେହିପରି ବ୍ୟକ୍ତିଗତ ଭାବେ ବଟ୍ଲର ଏଠାରେ ଚଳିତବର୍ଷ ଆଇପିଏଲ୍‌ରେ ଦ୍ୱିତୀୟ ଓ ମୋଟ ୭ମ ଶତକ ହାସଲ କରିଛନ୍ତି । କେବଳ ବିରାଟ କୋହଲି ତାଙ୍କଠାରୁ ଅଧିକ ୮ଟି ଶତକ ହାସଲ କରିଛନ୍ତି । ସେ ହାସଲ କରିଥିବା ସମସ୍ତ ଶତକରେ ଦଳ ବିଜୟୀ ହୋଇଛି । ସେ ମଧ୍ୟ ଦୁଇଟି ଟିମ୍ ମୁମ୍ବାଇ ଓ କୋଲକାତା ବିପକ୍ଷରେ ପ୍ରଥମ ଖେଳାଳି ଭାବେ ୨ଟି ଲେଖାଏଁ ଶତକ ହାସଲ କରିଛନ୍ତି ।

ଶେଷ ୬ ଓଭରରେ ରାଜସ୍ଥାନକୁ ମ୍ୟାଚ୍ ଜିତିବା ଲାଗି ୯୬ ରନ୍ ଆବଶ୍ୟକ ଥିଲା । ଏହାକୁ ଦଳ ହାସଲ କରି ଆଇପିଏଲ୍‌ର ଶେଷ ୬ ଓଭରରେ ସର୍ବାଧିକ ରନ୍ ଚେଜ୍ କରିବାର ରେକର୍ଡ କରିଛି । ପୂର୍ବରୁ ଏହି ରେକର୍ଡ ମଧ୍ୟ ରାଜସ୍ଥାନ ନାମରେ ଥିଲା ଓ ୨୦୨୦ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ଏହା ମିଳିଥିଲା । ସେହିପରି ୬ଷ୍ଠ ୱିକେଟର ପତନ ପରେ ଏହି ମ୍ୟାଚ୍‌ରେ ରାଜସ୍ଥାନ ୧୦୩ ରନ୍ ସଂଗ୍ରହ କରିଥିଲା । ଏହା ମଧ୍ୟ ଆଇପିଏଲ୍‌ରେ ଏକ ସର୍ବକାଳୀନ ରେକର୍ଡ । ପୂର୍ବରୁ ଏହି ରେକର୍ଡ ବେଙ୍ଗାଲୁରୁ ନାମରେ ଥିଲା । ୬ଷ୍ଠ ୱିକେଟ ପତନ ପରେ ବେଙ୍ଗାଲୁରୁ ୯୧ ରନ୍ କରି ଏହି ରେକର୍ଡର ଅଧିକାରୀ ହୋଇଥିଲା ।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ପକ୍ଷରୁ ସୁନୀଲ ନାରିନ୍ ଶତକ ହାସଲ କରିଥିଲେ । ସେ ୫୬ ବଲ୍‌ରେ ୧୦୯ ରନ୍ କରିଥିଲେ । ଏହା ପରେ ରାଜସ୍ଥାନ ପାଳିରେ ସେ ଗୋଟିଏ ୱିକେଟ ନେବା ସହ ଗୋଟିଏ କ୍ୟାଚ୍ ମଧ୍ୟ ଧରିଥିଲେ । ଏପରି ସଫଳତା ପାଇବାରେ ଅର୍ଥାତ୍ ଗୋଟିଏ ମ୍ୟାଚ୍‌ରେ ଶତକ ହାସଲ କରିବା, ୱିକେଟ ନେବା ଓ କ୍ୟାଚ୍ ନେବା ଆଇପିଏଲ ଇତିହାସରେ ପ୍ରଥମ ଘଟଣା ।



ଆଇଟିଟିଏଫ୍ ବିଶ୍ୱକପ୍

## ଗ୍ରୁପ୍ ପର୍ଯ୍ୟାୟରୁ ମନିକା, ଶ୍ରୀଜାଙ୍କ ବିଦାୟ



**ନୂଆଦିଲ୍ଲୀ,୧୭ ।୪(ଏଜେନ୍ସି):** ଚୀନ୍‌ର ମାକାଓଠାରେ ଚାଲିଥିବା ଅନ୍ତର୍ଜାତୀୟ ଟେବଲ ଟେନିସ ଫେଡେରେସନ (ଆଇଟିଟିଏଫ୍) ବିଶ୍ୱକପ୍‌ରେ ଭାରତର ଦୁଇ ମହିଳା ତାରକା ଖେଳାଳି ମନିକା ବାତ୍ରା ଓ ଶ୍ରୀଜା ଅକୁଳା ନକ୍ ଆଉଟ ପର୍ଯ୍ୟାୟକୁ ଉଠିବାରେ ବିଫଳ ହୋଇଛନ୍ତି । ଦୁଇ ଖେଳାଳି ଗ୍ରୁପ୍ ପର୍ଯ୍ୟାୟରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ପୁରୁଷ ଓ ମହିଳା ଏକକ ବର୍ଗରେ ୧୬ଟି ଲେଖାଏ ଗ୍ରୁପ୍ ସାମିଲ ରହିଛି । ପ୍ରତ୍ୟେକ ଗ୍ରୁପ୍‌ରେ ୪ଟି ଲେଖାଏ ମ୍ୟାଚ୍ ସାମିଲ ରହିଛି । ବିଜୟ ଓ ପରାଜୟର ଅନୁପାତକୁ ନେଇ ଅନ୍ତିମ ମାନ୍ୟତା ସ୍ଥିରିକୃତ ହୋଇଥାଏ । ପ୍ରତ୍ୟେକ ଗ୍ରୁପ୍‌ର ବିଜେତା ବା ବିଜୟିନୀ ହିଁ ନକ୍ ଆଉଟ ପର୍ଯ୍ୟାୟକୁ ଉନ୍ନତୀ ହୋଇଥାନ୍ତି । ବିଶ୍ୱର ୩୯ ନଂ ଖେଳାଳି ଶ୍ରୀଜା ତାଙ୍କ ଗ୍ରୁପ୍‌ରେ ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି । ସେ ଅଲିମ୍ପିକ୍ସ ଚାମ୍ପିଅନ ତଥା ବିଶ୍ୱର ୪ ନଂ ଖେଳାଳି ଚୀନ୍‌ର ଚେନ୍ ମେଙ୍ଗଙ୍କଠାରୁ ୩-୧ (୧୧-୪, ୧୧-୪, ୧୩-୧୫, ୧୧-୨)ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ପୂର୍ବରୁ ଶ୍ରୀଜା ତାଙ୍କ ପ୍ରଥମ ମ୍ୟାଚ୍‌ରେ ପୋଲାଣ୍ଡର ନାତାଲିଆ ବାଜୋରଙ୍କୁ ୪-୦ରେ ପରାସ୍ତ କରିଥିଲେ । ଅପରପକ୍ଷରେ ବିଶ୍ୱର ୩୭ ନଂ ଖେଳାଳି ମନିକା ଗ୍ରୁପ୍ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ରୋମାନିଆର ଆଦିନା ଡିଆକୋନୁଙ୍କୁ ୩-୧ରେ ପରାସ୍ତ କରିଥିଲେ ମଧ୍ୟ ଦ୍ୱିତୀୟ ମୁକାବିଲାରେ ବିଶ୍ୱର ୨ ନଂ ଖେଳାଳି ଚୀନ୍‌ର ୱାଙ୍ଗ ମାନୟୁଙ୍କଠାରୁ ୦-୪ (୧୧-୬, ୧୧-୪, ୧୧-୯, ୧୧-୪)ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି ।

### ଗୁଜରାଟ ୮୯ରେ ଅଲ୍ଆଉଟ୍; ପନ୍ତ ଶ୍ରେଷ୍ଠ ଖେଳାଳି

# ସହଜରେ ଜିତିଲା ଦିଲ୍ଲୀ କ୍ୟାପିଟାଲ୍ସ

ଅହମ୍ମଦାବାଦ୍, ୧୭।୪(ଏଜେନ୍ସି)

ବୋଲରଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ବୁଧବାର ଅନୁଷ୍ଠିତ ଆଇପିଏଲ୍‌ର ୩୨ତମ ଲିଗ୍ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୬ ୱିକେଟରେ ଆୟୋଜକ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଛି। ଏହା ଫଳରେ ଦିଲ୍ଲୀ ୭ମ ମ୍ୟାଚ୍‌ରୁ ତୃତୀୟ ବିଜୟ ହାସଲ କରିଥିଲାବେଳେ ଗୁଜରାଟ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ଚତୁର୍ଥ ପରାଜୟ ବରଣ କରିଛି। ପଏଣ୍ଟ ସାରଣୀରେ ଦିଲ୍ଲୀ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଥିଲାବେଳେ ଗୁଜରାଟ ୭ମ ସ୍ଥାନରେ ରହିଛି। ଏହି ମ୍ୟାଚ୍‌ରେ ଅପରାଜିତ ୧୬ ରନ୍ କରିବା ସହ ୨ଟି କ୍ୟାଚ୍ ଓ ଦୁଇ ଜଣଙ୍କୁ ଷ୍ଟମ୍ପିଂ କରିଥିବା ଦିଲ୍ଲୀ ଅଧିନାୟକ ପନ୍ତ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।


ମୁକେଶ କୁମାର- ୩/୧୪

### ୯ମ ଓଭରରେ ଖେଳ ଶେଷ

ଘରୋଇ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ବୁଧବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଗୁଜରାଟ ଟାଇଟାନ୍ସ ୧୭.୩ ଓଭରରେ ମାତ୍ର ୮୯ ରନ୍ କରିଥିଲା। ଏହି ପାଳିରେ ଦଳ ପକ୍ଷରୁ ୩ଜଣ ଖେଳାଳି ଦୁଇ ଅଙ୍କରେ ପହଞ୍ଚିଥିଲାବେଳେ ରଶିଦ୍ ଖାନ୍ ସର୍ବାଧିକ ୩୧ ରନ୍ କରିଥିଲେ। ଦିଲ୍ଲୀ ପକ୍ଷରୁ ପେସ୍ ବୋଲରମାନେ ୬ଟି ଓ ସ୍ପିନର ୩ଟି ୱିକେଟ ନେଇ ଗୁଜରାଟର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ମାତ୍ର ୮.୫ ଓଭରରେ ୪ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ଯୁବ ଓପନର ଜେକ୍ ଫ୍ରେଜର-ମ୍ୟାକ୍‌ଗୁର୍କ୍ ସର୍ବାଧିକ ୨୦ ଓ ଶାଇ ହୋପ୍ ୧୦ ବଲ୍‌ରେ ୧୯ ରନ୍ କରିଥିଲା। ଅଭିଷେକ ପୋରେଲ ୭ ବଲ୍‌ରେ ୧୫ ଓ ପୃଥ୍ୱୀ ଶ' ୭ ରନ୍ କରି ଆଉଟ ହୋଇଥିଲେ। ୬୭ ରନ୍‌ରେ ଦଳ ୪ଟି ୱିକେଟ ହରାଇବା ପରେ ଅଧିନାୟକ ଋଷଭ ପନ୍ତ ୧୧ ବଲ୍‌ରେ ୧୬ ଓ ସୁମିତ କୁମାର ୯ ରନ୍ କରିବା ସହ ଆଉ କୌଣସି କ୍ଷତି ହେବାକୁ ନ ଦେଇ ଦଳକୁ ୬ ୱିକେଟରେ ମ୍ୟାଚ୍ ଜିତାଇଥିଲେ। ଗୁଜରାଟ ପକ୍ଷରୁ ସିନିୟର ବୋଲର ସନ୍ଦୀପ ୱାରିୟର ୨ଟି, ସ୍ପେନସର ଜନସନ ଓ ରଶିଦ୍ ଖାନ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ।


ଇଶାନ୍ତ ଶର୍ମା- ୨/୮

### ଆଇପିଏଲ୍‌ରେ ଗୁଜରାଟର ସର୍ବନିମ୍ନ ସ୍କୋର

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବା ପରେ ଘରୋଇ ମାଟିରେ ଗୁଜରାଟ ଟାଇଟାନ୍ସ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦ୍ୱିତୀୟ ଓଭରରେ ଅଧିନାୟକ ଶୁବମାନ ଗିଲ୍ (୨) ଓ ଚତୁର୍ଥ ଓଭରରେ ରିଦ୍ଧିମାନ ଶାହ (୮) ଆଉଟ ହେବା ପରେ ଦଳର ଜଣଙ୍କ ପରେ ଜଣେ ବ୍ୟାଟର କେବଳ ପିଚ୍‌ରୁ ପାଭିଲିୟନ ଯିବା ଆସିବା କରିଥିଲେ। ଏଠାରେ ବଲ କିଛି ତଳୁଆ ରହିଥିଲା। କିନ୍ତୁ ଘରୋଇ ଦଳର ଅଧାରୁ ଅଧିକ ବ୍ୟାଟର ନିଜ ୱିକେଟ ଫିଙ୍ଗି ଦେଇଥିଲେ। ଦଳର ଅଭିଜ୍ଞ ହୁଅନ୍ତୁ କିମ୍ବା ଉଦୀୟମାନ ସମସ୍ତେ ସମାନ ଖେଳିଥିଲେ। ପ୍ରଥମ ସ୍ପେଲରେ ବୋଲିଂ କରିଥିବା ମୁକେଶ କୁମାର ଓ ଇଶାନ୍ତ ଶର୍ମାଙ୍କୁ ମୁକାବିଲା କରିବା ଗୁଜରାଟ ବ୍ୟାଟରଙ୍କ ଲାଗି କଷ୍ଟକର ହୋଇପଡ଼ିଥିଲା। ପ୍ରଥମେ ଗିଲ୍ ଓ ପରେ ଡେଭିଡ ମିଲର (୨)ଙ୍କୁ ଆଉଟ କରି ଭେଟେରାନ ପେସର ଇଶାନ୍ତ ପ୍ରତିପକ୍ଷ ଦଳକୁ ଶକ୍ତ ଝଟ୍‌କା ଦେଇଥିଲେ। ଏହି ସମୟରେ ସାଇ ସୁଦର୍ଶନ (୧୨) ରନ୍‌ଆଉଟ ଦଳ ଲାଗି ଅଧିକ ବିପଦ ଆଣିଥିଲା। ୯ମ ଓଭରରେ ଅଲରାଉଣ୍ଡର ଟ୍ରିଷ୍ଟାନ ଷ୍ଟବ୍ସ ବୋଲିଂ କରିବାକୁ ଆସି ଅଭିନବ ମନୋହର (୮) ଓ ଶାହରୁଖ ଖାନ୍ (୦)ଙ୍କୁ ଆଉଟ କରି ଗୁଜରାଟକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। ଶାହରୁଖଙ୍କୁ ଆଉଟ କରିବା ଲାଗି ୱାଇଡ୍ ବଲରେ ୱିକେଟରକ୍ଷକ ଋଷଭ ପନ୍ତ ଚମତ୍କାର ଷ୍ଟମ୍ପିଂ କରିଥିଲେ। ଘରୋଇ ଦଳ ପକ୍ଷରୁ କେହି ବେଶିସମୟ କ୍ରିଜ୍‌ରେ ଟିକ୍ଷି ପାରି ନଥିଲେ। ଏହି ପାଳିରେ ସେମାନେ ୧୭.୩ ଓଭର ଖେଳି ୮୯ ରନ୍‌ରେ ଅଲ୍ଆଉଟ ହୋଇଯାଇଥିଲେ। ଏଥିରେ ୩ଜଣ ଖେଳାଳି ଦୁଇ ଅଙ୍କରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ରଶିଦ୍ ଖାନ୍ ସର୍ବାଧିକ ୩୧, ସୁଦର୍ଶନ ୧୨ ଓ ରାହୁଲ ତେୱାତିଆ ୧୦ ରନ୍ କରିଥିଲେ। ଏହି ସ୍କୋର ଆଇପିଏଲ୍‌ରେ ଗୁଜରାଟ ଲାଗି ଥିଲା ସର୍ବନିମ୍ନ। ସେହିପରି ଦିଲ୍ଲୀ ବିପକ୍ଷରେ ମଧ୍ୟ ଏହା ସର୍ବନିମ୍ନ ସ୍କୋର। ଏଣୁ ନକରାତ୍ମକ ରେକର୍ଡ କରି ଗୁଜରାଟ ଅଲ୍ଆଉଟ ହୋଇଥିଲା।


ଟ୍ରିଷ୍ଟାନ ଷ୍ଟବ୍ସ- ୨/୧୧

### ପେସ୍‌ରଙ୍କୁ ୬, ସ୍ପିନରଙ୍କୁ ୩ ୱିକେଟ୍

ଗୁଜରାଟ ପାଳିରେ ପେସ୍ ବୋଲରମାନେ ବେଶ ପ୍ରଭାବ ବିସ୍ତାର କରିଥିଲେ। ଗିଲଙ୍କୁ ଆଉଟ କରି ମୁକେଶ ବିପର୍ଯ୍ୟୟର ଧାରା ଆରମ୍ଭ କରିଥିଲେ। ତାଙ୍କୁ ଏହି ପାଳିରେ ସର୍ବାଧିକ ୩ଟି ଓ ସିନିୟର ପେସ୍ ବୋଲର ଇଶାନ୍ତ ଶର୍ମାଙ୍କୁ ୨ଟି ଓ ବାମହାତୀ ଖଲୀଲ ଅହମ୍ମଦ୍‌ଙ୍କୁ ଗୋଟିଏ ୱିକେଟ ମିଳିଥିଲା। ଜଣେ ଖେଳାଳି ରନ୍ ଆଉଟ ହୋଇଥିଲାବେଳେ ଅଫ୍ ସ୍ପିନର ଟ୍ରିଷ୍ଟାନ ଷ୍ଟବ୍ସ ଗୋଟିଏ ଓଭରରେ ୨ଜଣ ଓ ବାମହାତୀ ଅକ୍ଷର ପଟେଲ ଗୋଟିଏ ୱିକେଟ ପାଇଥିଲେ।

**ଆଇପିଏଲ୍-୧୭**

**ଆଜିର ମ୍ୟାଚ୍**

**ପଞ୍ଜାବ- ମୁମ୍ବାଇ**

ସ୍ଥାନ- ମୋହଲି, ସମୟ- ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୭ | ୬ | ୧ | ୧୨ | +୦.୬୭୭ |
| କୋଲକାତା | ୬ | ୪ | ୨ | ୮ | +୧.୩୯୯ |
| ଚେନ୍ନାଇ | ୬ | ୪ | ୨ | ୮ | +୦.୭୨୬ |
| ହାଇଦ୍ରାବାଦ | ୬ | ୪ | ୨ | ୮ | +୦.୫୦୨ |
| ଲକ୍ଷ୍ନୌ | ୬ | ୩ | ୩ | ୬ | +୦.୦୩୮ |
| ଦିଲ୍ଲୀ | ୭ | ୩ | ୪ | ୬ | -୦.୦୭୪ |
| ଗୁଜରାଟ | ୭ | ୩ | ୪ | ୬ | -୧.୩୦୩ |
| ପଞ୍ଜାବ | ୬ | ୨ | ୪ | ୪ | -୦.୨୧୮ |
| ମୁମ୍ବାଇ | ୬ | ୨ | ୪ | ୪ | -୦.୨୩୪ |
| ବେଙ୍ଗାଲୁରୁ | ୭ | ୧ | ୬ | ୨ | -୧.୧୮୫ |

## କୋହଲି ୟୁପିଏସ୍‌ସି ମହିଳା ଟପ୍ପର ଅନନ୍ୟାଙ୍କ ପ୍ରେରଣା



ନୂଆଦିଲ୍ଲୀ,୧୭।୪(ଏଜେନ୍ସି): ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଦେଶର କୋଟିକୋଟି ଯୁବ କ୍ରିକେଟର ଓ କ୍ରୀଡ଼ାବିତଙ୍କ ଆଦର୍ଶ ବୋଲି ସମସ୍ତେ ଜାଣନ୍ତି। କିନ୍ତୁ ତାଙ୍କୁ ମେଧାବୀ ଛାତ୍ରଛାତ୍ରୀମାନେ ମଧ୍ୟ ପ୍ରେରଣା ଉତ୍ସ ମନେକରନ୍ତି, ଏକଥା ସମସ୍ତଙ୍କୁ ଜଣାନଥିବ। ମଙ୍ଗଳବାର ପ୍ରକାଶିତ ଭାରତୀୟ ପ୍ରଶାସନିକ ସେବା ଆୟୋଗ (ୟୁପିଏସ୍‌ସି) ପରୀକ୍ଷା ଫଳରେ ତୃତୀୟ ସ୍ଥାନ ଅଧିକାର କରିଥିବା ତେଲଙ୍ଗାନାର ଦୋନୁରୁ ଅନନ୍ୟା ରେଡ୍ଡୀ କୋହଲିଙ୍କୁ ନିଜର ଆଦର୍ଶ ଓ ପ୍ରେରଣାର ଉତ୍ସ ମାନନ୍ତି ବୋଲି କହିଛନ୍ତି। ଏକ ସାକ୍ଷାତକାର ଦେବା ଅବସରରେ ୨୨ ବର୍ଷୀୟା ଅନନ୍ୟା କୋହଲିଙ୍କଠାରୁ କଠିନ ପରିଶ୍ରମ, ଶୃଙ୍ଖଳା, ଅଧ୍ୟବସାୟର କଳା ଶିକ୍ଷା କରିଛନ୍ତି ବୋଲି କହିଛନ୍ତି। କୋହଲି ହେଉଛନ୍ତି ମୋର ପସନ୍ଦର ଖେଳାଳି। ତାଙ୍କଠାରେ ସହଜରେ ହାର ନମାନିବାର ଚରିତ୍ର ଦେଖିବାକୁ ମିଳିଥାଏ। ଏହା ମୋତେ ଆଗକୁ ବଢିବାରେ ସହାୟ ହୋଇଛି। ଅନନ୍ୟା ଜଣେ ମଧ୍ୟବିତ୍ତ ପରିବାରରୁ ଆସିଛନ୍ତି। ତାଙ୍କ ବାପା ଜଣେ କ୍ଷୁଦ୍ର ବ୍ୟବସାୟୀ ଓ ମା ଜଣେ ଘରୋଇ ମହିଳା। ୟୁପିଏସ୍‌ସି ପରୀକ୍ଷାରେ ଅନନ୍ୟା ମହିଳାଙ୍କ ମଧ୍ୟରେ ଟପ୍ପର ବିବେଚିତ ହୋଇଛନ୍ତି।

## ଆୟରଙ୍କ ଉପରେ ୧୨ ଲକ୍ଷ ଜରିମାନା

**କୋଲକାତା,୧୭।୪(ଏଜେନ୍ସି):** ମନ୍ଥର ବୋଲିଂ କାରଣରୁ କୋଲକାତା ନାଇଟ ରାଇଡର୍ସ (କେକେଆର) ଅଧିନାୟକ ଶ୍ରେୟସ ଆୟରଙ୍କ ଉପରେ ୧୨ ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ମଙ୍ଗଳବାର ସ୍ଥାନୀୟ ଇଡେନ ଗାର୍ଡେନ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ କୋଲକାତା ମନ୍ଥର ବୋଲିଂ କରିଥିଲା। ଫଳରେ ଆୟରଙ୍କ ଉପରେ ଜରିମାନ ଲାଗୁ କରାଯାଇଛି ବୋଲି ବୁଧବାର ଆଇପିଏଲ୍ ତରଫରୁ କୁହାଯାଇଛି। ଏହି ମ୍ୟାଚ୍‌ରେ କୋଲକାତା ଦୁଇ ୱିକେଟରେ ରାଜସ୍ଥାନଠାରୁ ଶେଷ ବଲରେ ଦୁଇ ୱିକେଟରେ ପରାସ୍ତ ହୋଇଥିଲା। ଚଳିତ ସଂସ୍କରଣରେ କୋଲକାତା ପ୍ରଥମଥର ପାଇଁ ମନ୍ଥର ବୋଲିଂ କରିଛି। ତେଣୁ ଆଇପିଏଲ ନିୟମ ଅନୁସାରେ କୋଲକାତାକୁ ସର୍ବନିମ୍ନ ଦଣ୍ଡ ପ୍ରଦାନ କରାଯାଇଛି ବୋଲି କୁହାଯାଇଛି। ସେହିପରି ରାଜସ୍ଥାନ ଅଧିନାୟକ ସଞ୍ଜୁ ସାମସନଙ୍କ ଉପରେ ମଧ୍ୟ ଧିମା ବୋଲିଂ କାରଣରୁ ୧୨ ଲକ୍ଷ ଟଙ୍କାର ଜରିମାନା ଧାର୍ଯ୍ୟ କରାଯାଇଥିଲା। ଗତ ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚ୍‌ରେ ରାଜସ୍ଥାନ ଧିମା ବୋଲିଂ କରିଥିଲା।

## ବେଙ୍ଗାଲୁରୁର ଟିକଟ ଦାମ୍ ସର୍ବାଧିକ

**ବେଙ୍ଗାଲୁରୁ, ୧୭।୪ (ଏଜେନ୍ସି):** ବିଶ୍ୱର ସବୁଠାରୁ ବ୍ୟୟବହୁଳ ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ଲିଗ୍ ଆଇପିଏଲ୍‌ର ସପ୍ତଦଶ ସଂସ୍କରଣ ଆଗେଇ ଚାଲିଛି। ଚଳିତ ସଂସ୍କରଣରେ ଏକାଧିକ ମ୍ୟାଚରେ ଦଳଗତ ସ୍କୋର ୨୦୦ ରନ ଟପିସାରିଛି। ଏପରିକି ସନରାଇଜର୍ସ ହାଇଦ୍ରାବାଦ୍ ଦୁଇ ଦୁଇଥର ଆଇପିଏଲ୍‌ରେ ସର୍ବାଧିକ ଦଳଗତ ସ୍କୋର କରିବାର ରେକର୍ଡ ଚଳିତ ସଂସ୍କରଣରେ ହୋଇଛି। ହାଇସ୍କୋରିଂ ମ୍ୟାଚ ସାଙ୍ଗକୁ ନିଜର ପ୍ରିୟ ଖେଳାଳିଙ୍କ ମ୍ୟାଚକୁ ଷ୍ଟାଡିୟମରେ ବସି ନିକଟରୁ ଉପଭୋଗ କରିବା ଲାଗି ପ୍ରଶଂସକଙ୍କ ମନରେ ନାହିଁ ନ ଥିବା ଉତ୍ସାହ ଦେଖିବାକୁ ମିଳିଛି। ଦର୍ଶକମାନେ ଯେକୌଣସି ମୂଲ୍ୟ ଦେଇ ଷ୍ଟାଡିୟମରେ ଖେଳ ଦେଖିବାକୁ ପଛଘୁଞ୍ଚା ଦେଉନାହାନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଟିକଟ୍ ଦରରୁ ଦେଖିବାକୁ ମିଳିଛି। ଘରୋଇ ଗ୍ରାଉଣ୍ଡରେ ବେଙ୍ଗାଲୁରୁର ପ୍ରଥମ ମ୍ୟାଚ୍ ଦେଖିବା ଲାଗି ଦର୍ଶକ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରିଛନ୍ତି। ଏମ୍ ଚିନ୍ନାସ୍ୱାମୀରେ ବେଙ୍ଗାଲୁରୁ ଖେଳିଥିବା ପ୍ରଥମ ମ୍ୟାଚରେ ଷ୍ଟାଡିୟମ୍‌ର ଶ୍ରେଷ୍ଠ ସିଟ୍ ହାତେଇବା ଲାଗି ଦର୍ଶକ ୫୨ ହଜାର ୯୩୮ ଟଙ୍କା ଖର୍ଚ୍ଚ କରିଛନ୍ତି। ସେହିଭଳି ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ଓ ଗୁଜରାଟ ଜାଏଣ୍ଟ୍ସ ଦଳର ସର୍ବନିମ୍ନ ଟିକଟ୍ ମୂଲ୍ୟ ୪୯୯ ଟଙ୍କା ରଖାଯାଇଛି। ଅର୍ଥାତ୍ ତାରକା ଖଚିତ ଦଳର ଟିକଟ୍‌ର ମୂଲ୍ୟ ବେଶ୍ ଉଚ୍ଚ ରହିଥିବା ଜଣାପଡ଼ିଛି। ପ୍ରକାଶଯୋଗ୍ୟ, ମ୍ୟାଚରେ ଟିକଟ୍ ମୂଲ୍ୟ ନିର୍ଦ୍ଧାରଣ କରିବା ଲାଗି ବିସିସିଆଇ ଫ୍ରାଞ୍ଚାଇଜମାନଙ୍କୁ ମୁକ୍ତ କରିଦେଇଛି। 'ସେମାନେ (ଫ୍ରାଞ୍ଚାଇଜ) ଟିକଟ୍ ମୂଲ୍ୟ ନିର୍ଦ୍ଧାରଣ କରନ୍ତି। ଆମେ ତାଙ୍କୁ ଭିତ୍ତିଭୂମି ଯୋଗାଇଦେଇଛୁ। ଟିକଟ୍ ମୂଲ୍ୟରେ ନିର୍ଦ୍ଧାରଣରେ ଆମେ ଜଡ଼ିତ ରହୁନାହୁଁ ବୋଲି ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ୍ ଆସୋସିଏସନ (ଡିଡିସିଏ) ସମ୍ପାଦକ ରଞ୍ଜନ ମାନଚାନ୍ଦ କହିଛନ୍ତି। ତେଣୁ ବେଙ୍ଗାଲୁରୁ ଭଳି ଦଳର ଯେହେତୁ ଏକ ବଡ଼ ପ୍ରଶଂସକ ରହିଛନ୍ତି ଏହାର ଟିକଟ୍ ମୂଲ୍ୟ ମଧ୍ୟ ବେଶ୍ ଉଚ୍ଚ ରଖାଯାଇଛି। ଘରୋଇ ଗ୍ରାଉଣ୍ଡରେ ବେଙ୍ଗାଲୁରୁ ଖେଳୁଥିବା ମ୍ୟାଚର ସର୍ବନିମ୍ନ ଟିକଟ୍ ମୂଲ୍ୟ ୨୩୦୦ ଟଙ୍କା ଓ ସର୍ବୋଚ୍ଚ ଟିକଟ୍ (କର୍ପୋରେଟ୍ ବକ୍ସ) ମୂଲ୍ୟ ୫୨,୯୩୮ ଟଙ୍କା ରଖାଯାଇଛି। ଦର୍ଶକମାନେ ମଧ୍ୟ ବିରାଟ କୋହଲି, ଫାଫ୍ ଡୁ ପ୍ଲେସି, ଗ୍ଲେନ ମ୍ୟାକ୍ସୱେଲ ଭଳି ତାରକା ଖେଳାଳିଙ୍କ ଖେଳ ଉପଭୋଗ କରିବା ଲାଗି ଏହି ମୂଲ୍ୟ ଦେବାକୁ ପଛାଉ ନାହାନ୍ତି। ସେହିଭଳି ଅନ୍ୟ ଦଳଗୁଡ଼ିକର ଘରୋଇ ମ୍ୟାଚ୍ ଟିକଟ୍ ଉପରେ ନଜର ପକାଇଲେ ଲକ୍ଷ୍ନୌ ଓ ଗୁଜରାଟ ଦଳର ସର୍ବନିମ୍ନ ଓ ସର୍ବାଧିକ ଟିକଟ୍ ମୂଲ୍ୟ ଯଥାକ୍ରମେ ୪୯୯ ଓ ୨୦ ହଜାର ଟଙ୍କା ରଖାଯାଇଛି। ଏହାବାଦ୍ ଚେନ୍ନାଇ ସୁପର୍ କିଙ୍ଗସର ସର୍ବନିମ୍ନ ଟିକଟ୍ ମୂଲ୍ୟ ୧୭୦୦ ଓ ସର୍ବୋଚ୍ଚ ୬୦୦୦ ଟଙ୍କା, ମୁମ୍ବାଇ ଇଣ୍ଡିଆନ୍ସର ଯଥାକ୍ରମେ ୯୯୦ ଓ ୧୮ ହଜାର, ଦିଲ୍ଲୀ କ୍ୟାପିଟାଲ୍ସର ୨ ହଜାର ଓ ସର୍ବୋଚ୍ଚ ମୂଲ୍ୟ ୫ ହଜାର ଟଙ୍କା ରହିଛି।

### ଘରୋଇ ଗ୍ରାଉଣ୍ଡରେ ଟିକଟ୍ ମୂଲ୍ୟ

| ଦଳ | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ବେଙ୍ଗାଲୁରୁ | ୨୩୦୦ | ୫୨,୯୩୮ |
| ଲକ୍ଷ୍ନୌ | ୪୯୯ | ୨୦,୦୦୦ |
| କୋଲକାତା | ୭୫୦ | ୨୮,୦୦୦ |
| ମୁମ୍ବାଇ | ୯୯୦ | ୧୮,୦୦୦ |
| ଗୁଜରାଟ | ୪୯୯ | ୨୦,୦୦୦ |
| ଚେନ୍ନାଇ | ୧୭୦୦ | ୬୦୦୦ |
| ଦିଲ୍ଲୀ | ୨୦୦୦ | ୫୦୦୦ |
| ରାଜସ୍ଥାନ | ୫୦୦ | ୨୦,୦୦୦ |
| ହାଇଦ୍ରାବାଦ୍ | ୭୫୦ | ୩୦,୦୦୦ |
| ପଞ୍ଜାବ | ୭୫୦ | ୯୦୦୦ |

## ବିଶ୍ୱର ୧୦୦ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ସାକ୍ଷୀ

**ନୂଆଦିଲ୍ଲୀ, ୧୭।୪ (ଏଜେନ୍ସି):** ଅଲିମ୍ପିକ୍ସ ପଦକ ବିଜୟିନୀ ତଥା ମହାନ କୁସ୍ତିଯୋଦ୍ଧା ସାକ୍ଷୀ ମଲିକଙ୍କୁ ଟାଇମ୍ସ ମାଗାଜିନ ପକ୍ଷରୁ ବର୍ଷ ୨୦୨୪ ଲାଗି ବିଶ୍ୱର ଶ୍ରେଷ୍ଠ-୧୦୦ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ସ୍ଥାନ ମିଳିଛି। ଦେଶର ଏକମାତ୍ର ମହିଳା କୁସ୍ତିଯୋଦ୍ଧା ଭାବେ ସାକ୍ଷୀ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ୨୦୧୬ ରିଓ ଅଲିମ୍ପିକ୍ସରେ ସାକ୍ଷୀ କାଂସ୍ୟ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଥିଲେ। ସାକ୍ଷୀ ଗତ କିଛି ମାସ ଧରି ଭାରତୀୟ କୁସ୍ତି ମହାସଂଘର ପୂର୍ବତନ ସଭାପତି ତଥା ବିଜେପି ସାଂସଦ ବ୍ରିଜଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ନିର୍ଯ୍ୟାତନା ଅଭିଯୋଗ ଆଣି ସଂଗ୍ରାମ ଜାରି ରଖିଛନ୍ତି। ଯେଉଁଥି ପାଇଁ ତାଙ୍କୁ ଟାଇମ୍ସ ମାଗାଜିନ ପକ୍ଷରୁ ବିଶ୍ୱର ଶ୍ରେଷ୍ଠ-୧୦୦ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ସ୍ଥାନ ମିଳିଛି। ଏଥିରେ ୩୧ ବର୍ଷୀୟା ସାକ୍ଷୀ ବେଶ ଖୁସି ଅନୁଭବ କରିଛନ୍ତି। ଟୁଇଟ୍ କରି ସାକ୍ଷୀ କହିଛନ୍ତି, 'ଟାଇମ୍ସ ମାଗାଜିନ ପକ୍ଷରୁ ୨୦୨୪ ଲାଗି ବିଶ୍ୱର ଶ୍ରେଷ୍ଠ-୧୦୦ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ସ୍ଥାନ ପାଇଥିବାରୁ ଗର୍ବ ଅନୁଭବ କରୁଛି। ଏହି ସଂଗ୍ରାମ କେବଳ ଭାରତର କୁସ୍ତିଯୋଦ୍ଧାଙ୍କ ପାଇଁ ନୁହେଁ ବଂର ଦେଶର ଝିଅମାନଙ୍କ ପାଇଁ।' ପ୍ରକାଶଯୋଗ୍ୟ, ସାକ୍ଷୀଙ୍କ ବ୍ୟତୀତ ଭିନେଶ ଫୋଗତ୍ ଓ ଟୋକିଓ ଅଲିମ୍ପିକ୍ସ କାଂସ୍ୟ ବିଜେତା ବଜରଙ୍ଗ ପୁନିଆ ମଧ୍ୟ ମଧ୍ୟ ବ୍ରିଜଭୂଷଣଙ୍କ ଗିରଫ ଦାବି କରି ଗତବର୍ଷ ଦିଲ୍ଲୀର ଜନ୍ତରମନ୍ତରରେ ଧାରଣାରେ ବସିଥିଲେ। ବ୍ରିଜଭୂଷଣ ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ନିର୍ଯ୍ୟାତନା ଦେଉଥିବା ସେମାନେ ଅଭିଯୋଗ କରିଥିଲେ। ଧାରଣାରୁ ଉଠିବା ଲାଗି ସେମାନଙ୍କ ଉପରେ ଚାରିଆଡୁ ଚାପ ମଧ୍ୟ ପ୍ରୟୋଗ ହୋଇଥିଲା।



## ସୁରେନ୍ଦ୍ର ଭାବେ ଓଡ଼ିଶା ରଣଜୀ ନୂଆ ପ୍ରଶିକ୍ଷକ



**ଭୁବନେଶ୍ୱର, ୧୭।୪ (ସମିସ):** ମହାରାଷ୍ଟ୍ରର ପୂର୍ବତନ ଖେଳାଳି ସୁରେନ୍ଦ୍ର ଭାବେ ଓଡ଼ିଶା ରଣଜୀ ଦଳର ମୁଖ୍ୟ ପ୍ରଶିକ୍ଷକ ଲାଗି ମନୋନୀତ ହୋଇଛନ୍ତି। ସେ ୨୦୨୪-୨୦୨୫ ସିଜନ ଲାଗି ଦାୟିତ୍ୱରେ ରହିବେ। ଗତବର୍ଷ ପଞ୍ଜାବର ଦିନେଶ ମୋଙ୍ଗିଆ ଏହି ଦାୟିତ୍ୱରେ ରହିଥିଲେ। କିନ୍ତୁ ଓଡ଼ିଶା ଦଳକୁ ବିଶେଷ ସଫଳତା ନ ମିଳିବା ଫଳରେ ତାଙ୍କୁ ଦାୟିତ୍ୱରୁ ହଟାଇଦିଆଯାଇଥିଲା। ଭାବେଙ୍କ ସହ ଅନ୍ୟ କନିଷ୍ଠ ଓ ମହିଳା ଦଳର ପ୍ରଶିକ୍ଷକ ମଧ୍ୟ ମନୋନୀତ କରାଯାଇଛି। କିନ୍ତୁ ଏମାନଙ୍କ ନାମ ପରେ ଘୋଷଣା କରାଯିବ ବୋଲି ଓଡ଼ିଶା କ୍ରିକେଟ ସଂଘ ପକ୍ଷରୁ ଏକ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ଏହାଛଡ଼ା ରାଜ୍ୟ କ୍ରିକେଟର ବିଭିନ୍ନ ଦଳଗୁଡ଼ିକୁ ଲାଗି ଚୟନ କମିଟି ମଧ୍ୟ ବଛାଯାଇଛି। ଅମିୟ ରାୟଙ୍କୁ ବରିଷ୍ଠ ଚୟନ କମିଟିର ଅଧ୍ୟକ୍ଷ ଦାୟିତ୍ୱ ମିଳିଥିଲାବେଳେ ସୌରଜିତ ମହାପାତ୍ର ଓ ସୁବିତ ବିଶ୍ୱାଳ ଏଥିରେ ସଦସ୍ୟ ରହିଛନ୍ତି। ନଟରାଜ ବେହେରାଙ୍କ ଅଧ୍ୟକ୍ଷତାରେ କନିଷ୍ଠ ଚୟନ କମିଟି ଗଠନ କରାଯାଇଛି। ନିରଞ୍ଜନ ବେହେରା ଓ ଶୁଭ୍ରଜିତ ସାହୁଙ୍କୁ ସଦସ୍ୟ ରଖାଯାଇଛି। ରଶ୍ମିତା ମହାନ୍ତିଙ୍କୁ ମହିଳା ଚୟନ କମିଟିର ଅଧ୍ୟକ୍ଷ ମନୋନୀତ କରାଯାଇଛି। ସସ୍ମିତା ପଟ୍ଟନାୟକ, ମଧୁସ୍ମିତା ମହାପାତ୍ର, ଗଙ୍ଗୋତ୍ରୀ ବେହେରା ଓ ଶୁଭ୍ରାଂଶୁବାଳା ଭୂୟାଁ ସଦସ୍ୟ ରହିଛନ୍ତି।

### ୧୯ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ

## ଭୁବନେଶ୍ୱର-ଏ, ଅନୁଗୋଳ, କୋରାପୁଟ ବିଜୟୀ

ଭୁବନେଶ୍ୱର,୧୭।୪(ସମିସ)

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବୁଧବାର କଟକର ବିଭିନ୍ନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର-ଏ, ଅନୁଗୋଳ ଓ କୋରାପୁଟ୍ ବିଜୟ ହାସଲ କରିଛନ୍ତି।

### ସନସାଇନ ଗ୍ରାଉଣ୍ଡ: ଝାରସୁଗୁଡ଼ା ହାରିଲା

ଟୁର୍ଣ୍ଣାମେଣ୍ଟର ୭ମ ମ୍ୟାଚ୍‌ରେ ଭୁବନେଶ୍ୱର-ଏ ୭ ୱିକେଟରେ ଝାରସୁଗୁଡାକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଅମାନ୍ତ୍ରଣ ପାଇଥିବା ଝାରସୁଗୁଡା ୩୪.୪ ଓଭରରେ ୧୪୦ ରନକରି ଅଲଆଉଟ ହୋଇଥିଲା। ଦଳ ତରଫରୁ ପିଏ କୁମାର ୪୬, କରନ ସୋନି ୩୭ ରନ କରିଥିବା ବେଳେ ବୋଲିଂରେ ଭୁବନେଶ୍ୱରର ସେକ ନକିବ ସରବେର ଓ ଅକ୍ଷତ କୁମାର ଜେନା ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଭୁବନେଶ୍ୱର ୨୨.୩ ଓଭରରେ ୩ ୱିକେଟ ହରାଇ ୧୪୧ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ତରଫରୁ ସୁଭାଶିଷ ମଲିକ ୮୧, ଆୟୁସ କୁମାର ଚାନ୍ଦ ୨୯ ରନ ସଂଗ୍ରହ କରିଥିବା ବେଳେ ଝାରସୁଗୁଡାର ସୁଜିତ ଠାକୁର ୩ ୱିକେଟ ନେଇଥିଲେ।


ଆଦର୍ଶ ଛାଟୋଇ


ରୋହିତ ପ୍ରଧାନ


ସୁଭାଶିଷ ମଲିକ

### ରେଭେନ୍ସା ଗ୍ରାଉଣ୍ଡ-୨: ସୋନପୁର ୭ ୱିକେଟରେ ପରାସ୍ତ

ଟୁର୍ଣ୍ଣାମେଣ୍ଟର ୮ମ ମ୍ୟାଚ୍‌ରେ ଅନୁଗୋଳ ୭ ୱିକେଟରେ ସୋନପୁରକୁ ପରାସ୍ତ କରିଛି। ଟସ୍ ଜିତି ସୋନପୁର ୩୫ ଓଭରରେ ୬ ୱିକେଟ ହରାଇ ୧୭୪ ରନ ସଂଗ୍ରହ କରିଥିଲା। ଦଳ ପାଇଁ ଅମ୍ଳାନ ପଟ୍ଟନାୟକ ୬୮, ଆଦିତ୍ୟ ଦୁବେ ୨୭ ରନ ସଂଗ୍ରହ କରିଥିବା ବେଳେ ଅନୁଗୋଳର ରୋହିତ ପ୍ରଧାନ ୩ ଓ ସୌମ୍ୟ ସିଂ ଗୋଟିଏ ୱିକେଟ ନେଇଥିଲେ। ଜବାବରେ ଅନୁଗୋଳ ୨୮.୩ ଓଭରରେ ୩ ୱିକେଟ ହରାଇ ୧୭୫ ରନକରି ବିଜୟୀ ହୋଇଛି। ଦଳର ପନକଳ ମୋକ୍ଷିତ ୫୨, ରୋହନ ସାହୁ ୩୦ ରନ ସଂଗ୍ରହ କରିଥିବା ବେଳେ ବୋଲିଂରେ ସୋନପୁରର ବରୁଣ ଦାସ ୨ ଓ ରାଜେଶ ସିଂ ଗୋଟିଏ ୱିକେଟ ନେଇଥିଲେ।

### ଅଡଶପୁର ଗ୍ରାଉଣ୍ଡ: ଜଗତସିଂହପୁର ୩ ୱିକେଟରେ ହାରିଲା

ଟୁର୍ଣ୍ଣାମେଣ୍ଟର ୯ମ ମ୍ୟାଚ୍‌ରେ କୋରାପୁଟ୍ ୩ ୱିକେଟରେ ଜଗତସିଂହପୁରକୁ ପରାସ୍ତ କରିଛି। ଟସ ହାରି ଜଗତସିଂହପୁର ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ୯ ୱିକେଟ ହରାଇ ୧୩୪ ରନ ସଂଗ୍ରହ କରିଥିଲା। ଦଳର ପ୍ରତୀକ ପୁହାଣ ୩୮, ରାମକୃଷ୍ଣ ଦାଶ ୨୮ ରନକରିଥିବା ବେଳେ କୋରାପୁଟର ଆଦର୍ଶ ଛାଟୋଇ ୩ ଓ ସନ୍ତୋଷ କିନାଙ୍ଗ ୨ ୱିକେଟ ନେଇଥିଲେ। ଜବାବରେ କୋରାପୁଟ୍ ୨୪ ଓଭରରେ ୭ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ତରଫରୁ ସଂଶ୍ରୟ ଶାହା ୪୦, ବିକାଶ ନାଏକ ୨୬ ରନ ସଂଗ୍ରହ କରିଥିବା ବେଳେ ପ୍ରତୀକ ପୁହାଣ ୩ ୱିକେଟ ନେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA